# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୮/୨୦୨୫ (୧୬ ପୃଷ୍ଠା) Bhubaneswar, Tuesday, November 18/2025 Page 16 ₹ 7.00

୫୧ଶ ଭାଗ ୩୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 352 ମୂଲ୍ୟ ₹୭/-







# କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପରଲୋକ



**ଭୁବନେଶ୍ୱର,୧୭।୧୧ (ବନ୍ଦନା ସେଠୀ)**

ଅଫେରା ରାଇଜରେ ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର। ଯୁବପିଢ଼ିଙ୍କ ମନରେ ରାଜ୍ କରୁଥିବା ହ୍ୟୁମାନଙ୍କର ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ୯ଟା ୮ରେ ପରଲୋକ ହୋଇଯାଇଛି। ତାଙ୍କୁ ୩୬ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମା, ସ୍ତ୍ରୀ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ହ୍ୟୁମାନ ସାଗର ଦୀର୍ଘଦିନ ଧରି କିଡ୍ନୀ ଏବଂ ଲିଭର ଜନିତ ରୋଗରେ ପୀଡିତ ଥିଲେ। ସେ ମଲ୍ଟି ଅର୍ଗାନ ଡିସ୍‌ଫଙ୍କଶନ୍ ସିଣ୍ଡ୍ରୋମ୍ (ଏମ୍‌ଓଡିଏସ୍) ଯଥା ଏନସେଫାଲୋପାଥି, ଆଘାତ, ଶ୍ୱାସକ୍ରିୟା ବିଫଳତା, ତୀବ୍ର ବୃକକ୍ ଆଘାତ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ, କୋଆଗୁଲାପାଥି ଭଳି ରୋଗରେ ପୀଡ଼ିତ ହୋଇ ☞ ପୃଷ୍ଠା–୨

ଅଧିକ ରିପୋର୍ଟ: ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ହାସିନାଙ୍କୁ ମୃତ୍ୟୁଦଣ୍ଡ**







**ବେରୋଜଗାରି ହାର ୫.୨%**

ଗତ ଅକ୍ଟୋବରରେ ଭାରତରେ ୧୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବେରୋଜଗାରୀ ହାର ୫.୨%ରେ ସ୍ଥିର ରହିଛି। ସେପ୍ଟେମ୍ବରରେ ମଧ୍ୟ ଏହି ହାର ୫.୨% ରହିଥିଲା। ଅଗଷ୍ଟରେ ଏହା ୫.୧% ଓ ଜୁଲାଇରେ ୫.୨ ଥିଲା ବୋଲି ପିରିୟଡିକ୍ ଲେବର ଫୋର୍ସ ସର୍ଭେ (ପିଏଲ୍‌ଏଫ୍‌ଏସ୍)ରୁ ଜଣାପଡ଼ିଛି। ଗ୍ରାମାଞ୍ଚଳରେ ବେରୋଜଗାରୀ ହାର ଅକ୍ଟୋବରରେ ୪.୪%କୁ ହ୍ରାସ ପାଇଥିବାବେଳେ ସହରାଞ୍ଚଳରେ ୬.୮%ରୁ ୭.୦%କୁ ବୃଦ୍ଧି ପାଇଛି।



## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ୪୪ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ୨୦୨୫ର ଓଡ଼ିଶା ମଞ୍ଚ ବୁଲି ଦେଖୁଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ । (ଫଟୋ- ଚମନ ଗୌତମ)

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବ

**ନୂଆଦିଲ୍ଲୀ,୧୭।୧୧(ପି.ଟି.)**

ଭାରତ ଓ ଆମେରିକା ମଧ୍ୟରେ ବହୁପ୍ରତୀକ୍ଷିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବାକୁ ଯାଉଛି। ଏହି ଡିଲ୍ ଭାରତୀୟ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲଗାଇଥିବା ୫୦ ପ୍ରତିଶତ ଟାରିଫ୍ ହ୍ରାସ କରିବାରେ ସହାୟକ ହେବ। ଏଥିସହିତ ଆମେରିକାର ବଜାର ପ୍ରବେଶ ସମସ୍ୟାର ସମାଧାନ ହେବ ବୋଲି ସୋମବାର ଜଣେ ସରକାରୀ ଅଧିକାରୀ କହିଛନ୍ତି। ଆମେରିକା ଭାରତରୁ ଆମଦାନୀ କରୁଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ଜବାବୀ ଶୁଳ୍କ ଲଗାଇବା ସହ ରୁଷିଆରୁ ତୈଳ କିଣା ଜାରି ରଖିଥିବାରୁ ଆଉ ୨୫% ଟାରିଫ ଲଗାଇଥିଲା। ବାଣିଜ୍ୟ ବୁଝାମଣାର ୨ଟି ଭାଗ ରହିଛି। ଗୋଟିଏ ଭାଗ ସମୟସାପେକ୍ଷ ହୋଇଥିବାବେଳେ ଅନ୍ୟ ଭାଗଟି ଏକ ପ୍ୟାକେଜ୍, ଯାହା ରେସିପ୍ରୋକାଲ ଟାରିଫ୍ ହଟାଇବାରେ ସହାୟକ ହେବ। ଏହି ପର୍ଯ୍ୟାୟ ବୁଝାମଣା ଚୂଡ଼ାନ୍ତର ନିକଟତର ହୋଇଥିବା ଅଧିକାରୀ ଜଣକ କହିଛନ୍ତି। ଉକ୍ତ ଡିଲ୍ ଆମେରିକା ଲଗାଇଥିବା ୨୫% ଦଣ୍ଡାତ୍ମକ ଟାରିଫ୍‌ର ସମାଧାନ କରିବ ବୋଲି ଆଶା କରାଯାଉଛି। ନହେଲେ ଚୁକ୍ତିନାମାର କୌଣସି ଅର୍ଥ ରହିବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି।

# ଆସାମରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ନିର୍ଦ୍ଦେଶ ଜାରି

**ନୂଆଦିଲ୍ଲୀ,୧୭।୧୧(ପି.ଟି.)**

ଆସାମରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ନିର୍ବାଚନ କମିଶନ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ସଂଶୋଧନ ପରେ ଆସନ୍ତା ବର୍ଷ ଫେବୃଆରୀ ୧୦ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସ୍ୱତନ୍ତ୍ର ସଂଶୋଧନ ପାଇଁ ଯୋଗ୍ୟତା ତାରିଖ ୨୦୨୬ ଜାନୁଆରୀ ୧ ରଖାଯାଇଛି। ଆସାମରେ ଏସ୍‌ଆଇଆର୍ (ସ୍ୱତନ୍ତ୍ର ସଘନ ସଂଶୋଧନ) ନ ହୋଇ ସ୍ୱତନ୍ତ୍ର ସାରାଂଶ ସଂଶୋଧନଠାରୁ ଉନ୍ନତ ପ୍ରକ୍ରିୟା ହେବ। କାରଣ ସେଠାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ନାଗରିକ ଯାଞ୍ଚ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଜାରି ରହିଛି। ତେଣୁ ଏସ୍‌ଆଇଆର୍ ବଦଳରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଆର୍) କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତିକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସ୍ୱାଗତ କରିବା ସହ ରାଜ୍ୟ ପୂର୍ଣ୍ଣ ସହଯୋଗ କରିବ ବୋଲି କହିଛନ୍ତି।

# ହମାସ୍ ଭଳି ଆକ୍ରମଣ ଯୋଜନା କରିଥିଲେ ଆତଙ୍କବାଦୀ

**ଦିଲ୍ଲୀ ବିସ୍ଫୋରଣ ମାମଲାରେ ଦ୍ୱିତୀୟ ଅଭିଯୁକ୍ତ ଗିରଫ**

**ପ୍ରଥମ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ଏନ୍‌ଆଇଏ**



ଅମିର ରଶିଦଙ୍କୁ କୋର୍ଟରେ ହାଜର କରାଯାଉଛି।

**ନୂଆଦିଲ୍ଲୀ,୧୭।୧୧**

ଦିଲ୍ଲୀ ଆତ୍ମଘାତୀ ବିସ୍ଫୋରଣରେ ସମ୍ପୃକ୍ତ ଆତଙ୍କବାଦୀମାନେ ଡ୍ରୋନ୍‌କୁ ଅସ୍ତ୍ର ଭାବେ ବ୍ୟବହାର କରି ହମାସ୍ ଭଳି ଆକ୍ରମଣ ପାଇଁ ଯୋଜନା କରିଥିଲେ। ଗତ ୧୦ ତାରିଖ ଲାଲ୍‌କିଲ୍ଲା ଆକ୍ରମଣ ପୂର୍ବରୁ ସେମାନେ ଡ୍ରୋନ୍‌କୁ ରକେଟରେ ପରିଣତ କରି ଏହାକୁ ବ୍ୟବହାର କରିଥାନ୍ତେ ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି। ୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ ପାଇଁ ଡ୍ରୋନ୍‌କୁ ମୁଖ୍ୟ ବିଧ୍ୱଂସକାରୀ ଅସ୍ତ୍ର ଭାବେ ବ୍ୟବହାର କରିଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ସୋମବାର ଦ୍ୱିତୀୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଏଭଳି ଯୋଜନା ପଦାକୁ ଆସିଛି। ଜସିର ବିଲାଲ ୱାନି ଓରଫ ଡାନିଶ୍ ନାମକ ସନ୍ଦିଗ୍ଧଙ୍କୁ ଶ୍ରୀନଗରରୁ ଗିରଫ କରାଯାଇଛି। ସେ ସୁଇସାଇଡ୍ ବମ୍ବର ଉମର ଉନ୍ ନବୀଙ୍କ ସହ ଏକାଠି କାମ କରୁଥିଲେ। ରବିବାର ଏନ୍‌ଆଇଏ ଦିଲ୍ଲୀରୁ ପ୍ରଥମ ସନ୍ଦିଗ୍ଧ ଅମିର ରଶିଦଙ୍କୁ ଗିରଫ କରିଥିଲା। ତାଙ୍କୁ ସୋମବାର ଅଦାଲତରେ ହାଜର କରିବା ପରେ ଏନ୍‌ଆଇଏ ୧୦ ଦିନ ପାଇଁ ହାଜତକୁ ନେଇଛି। ସୋମବାର ସକାଳ ୧୧ଟା ୩୦ ମିନିଟ୍ ସମୟରେ ଅମିରଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ପଟିଆଲା ହାଉସ୍ କୋର୍ଟ କମ୍ପ୍ଲେକ୍ସରେ ଥିବା ନୂଆଦିଲ୍ଲୀ ଡିଷ୍ଟ୍ରିକ୍ଟ ପ୍ରିନ୍ସିପାଲ ଆଣ୍ଡ୍ ସେସନ୍ସ ବିଚାରପତି ଅନୁଜ ବଜାଜ ଚନ୍ଦନଙ୍କ ଅଦାଲତରେ ହାଜର କରାଯାଇଥିଲା। କ୍ୟାମେରା ଆଗରେ ଶୁଣାଣି ଚାଲିଥିଲାବେଳେ ଗଣମାଧ୍ୟମ ଲୋକଙ୍କୁ କୋର୍ଟରେ ପଶିବା ପାଇଁ ଅନୁମତି ଦିଆଯାଇ ନ ଥିଲା। ଅଭିଯୁକ୍ତ ଅମିରଙ୍କୁ ଅଧିକ ଜେରା ପାଇଁ ରିମାଣ୍ଡରେ ନେବା ନିମନ୍ତେ ଏନ୍‌ଆଇଏ ନିବେଦନ କରିଥିଲା। ସୁଇସାଇଡ୍ ବମ୍ବର ଡା. ଉମର ଉନ୍ ନବୀ ଲାଲ୍‌କିଲ୍ଲା ଆତ୍ମଘାତୀ ଆକ୍ରମଣ କରିଥିବାବେଳେ ଅମିର ତାଙ୍କ ସହ ଷଡ଼ଯନ୍ତ୍ରରେ ସାମିଲ ଥିଲେ । ବିସ୍ଫୋରଣରେ ବ୍ୟବହୃତ କାର୍ କିଣିବାରେ ସହାୟତା ପାଇଁ ସେ ଦିଲ୍ଲୀ ଆସିଥିଲେ। ଏଥିରେ ଖଞ୍ଜାଯାଇଥିବା ବିସ୍ଫୋରକ ସାମଗ୍ରୀ ଫୁଟିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଉମର ଉକ୍ତ କାର୍ ଚଳାଉଥିଲେ, ଯାହାଙ୍କର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ସହ ସମ୍ପୃକ୍ତି ରହିଛି।

**ସାଉଦିରେ ବସ୍-ଟ୍ୟାଙ୍କର ଧକ୍କା**

# ଜଳିଗଲେ ୪୫ ଭାରତୀୟ ତୀର୍ଥଯାତ୍ରୀ

**ନୂଆଦିଲ୍ଲୀ/ହାଇଦ୍ରାବାଦ,୧୭।୧୧**



ଦୁର୍ଘଟଣା ପରେ ତୀର୍ଥଯାତ୍ରୀ ବସ୍‌ଟି ଜଳୁଛି।

ସାଉଦି ଆରବର ପବିତ୍ର ମଦିନା ସହରରେ ରବିବାର ବିଳମ୍ବିତ ରାତିରେ ଉମ୍ରାହ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ତୈଳବାହୀ ଟ୍ୟାଙ୍କରକୁ ଧକ୍କାଦେବାରୁ ୪୫ ଜଣ ଭାରତୀୟ ଜୀବନ୍ତ ଜଳିଯାଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ତେଲଙ୍ଗାନାରୁ ଯାଇଥିବା ତୀର୍ଥଯାତ୍ରୀ। ବସ୍‌ଟି ୪୬ ଭାରତୀୟ ଯାତ୍ରୀଙ୍କୁ ନେଇ ମକ୍କାରୁ ମଦିନା ଯାଉଥିଲା। ଦୁର୍ଘଟଣା ପରେ ବସ୍ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ମାତ୍ର ଜଣେ ଜୀବିତ ଅଛନ୍ତି। ମୃତକଙ୍କ ମଧ୍ୟରୁ ୨୦ ଜଣ ମହିଳା ହୋଇଥିବାବେଳେ ୧୧ ଜଣ ପିଲା। ସେମାନଙ୍କ ମଧ୍ୟରୁ ହାଇଦ୍ରାବାଦର ଗୋଟିଏ ପରିବାରର ୩ ପିଢ଼ିର ୧୮ ଜଣ ରହିଥିବା ସେମାନଙ୍କ ସମ୍ପର୍କୀୟ କହିଛନ୍ତି। ସେମାନେ ୮ ଦିନ ପୂର୍ବରୁ ତୀର୍ଥଯାତ୍ରାରେ ଯାଇ ଉମ୍ରାହ ପରେ ମକ୍କାରୁ ମଦିନା ଫେରୁଥିବାବେଳେ ରାତି ୧ଟା ୩୦ ମିନିଟ୍ ସମୟରେ ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରୁ ଉକ୍ତ ପରିବାରର ୯ ଜଣ ବୟସ୍କ ଓ ୯ ଜଣ ପିଲା ଥିବା ଜଣାପଡ଼ିଛି। ଦୁର୍ଘଟଣା ସମୟରେ ଅଧିକାଂଶ ଯାତ୍ରୀ ଶୋଇଥିବାରୁ ବସ୍‌ରୁ ବାହାରିପାରି ନ ଥିଲେ। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରଗୁଡ଼ିକୁ ସମବେଦନା ଜଣାଇଛନ୍ତି। ଏଥିସହିତ ସେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ରିୟାଧସ୍ଥିତ ଭାରତୀୟ ଦୂତାବାସ ଏବଂ ଜେଦ୍ଦାହରେ ଥିବା କନ୍‌ସୁଲେଟ୍ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେଉଛନ୍ତି। ଭାରତୀୟ ଅଧିକାରୀମାନେ ସାଉଦି କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରଖିଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଦୁଃଖପ୍ରକାଶ କରିଛନ୍ତି। ସେ ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ଦୁର୍ଘଟଣାର ସବିଶେଷ ତଥ୍ୟ ମାଗିଛନ୍ତି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ହାଇଦ୍ରାବାଦର ୨୪ ବର୍ଷୀୟ ମହମ୍ମଦ ଅବଦୁଲ ସୋଏବ୍ ବସ୍ ଡ୍ରାଇଭରଙ୍କ ପାଖରେ ବସିଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୧୮**

# ୨୦ରେ ବିହାରର ନୂଆ ସରକାରଙ୍କ ଶପଥ ଗ୍ରହଣ



ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କୁ ଭେଟୁଛନ୍ତି।

**ପାଟନା,୧୭।୧୧(ପି.ଟି.)**

ବିହାରର ନୂଆ ସରକାର ଆସନ୍ତା ୨୦ ତାରିଖରେ ଶପଥ ଗ୍ରହଣ କରିପାରନ୍ତି ବୋଲି ଆନୁଷ୍ଠାନିକ ସୂତ୍ରରୁ ଜଣାପଡ଼ିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଏନ୍‌ଡିଏର ବହୁ ଶୀର୍ଷ ନେତା ଯୋଗଦେବା ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୁଧବାର ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେଇପାରନ୍ତି। ଭାଜପା ରାଜ୍ୟ ସଭାପତି ଦିଲୀପ ଜୟସ୍ୱାଲ୍‌ଙ୍କ କହିବା ଅନୁଯାୟୀ, ମଙ୍ଗଳବାର ନବନିର୍ବାଚିତ ବିଧାୟକମାନଙ୍କ ବୈଠକରେ ବିଧାୟକ ଦଳ ନେତା ନିର୍ବାଚନ କରାଯିବ। ଶପଥ ଗ୍ରହଣ ପାଇଁ ପାଟନାରେ ଗାନ୍ଧୀ ମଇଦାନରେ ଜୋର୍‌ଦାର ପ୍ରସ୍ତୁତ ଜାରି ରହିଛି।

**ବିଧାନସଭା ଭଙ୍ଗ ପାଇଁ ସୁପାରିସ କଲେ ନୀତୀଶ**

ବିହାରର ବିଦାୟୀ ଏନ୍‌ଡିଏ ସରକାରର ପ୍ରଥମ କ୍ୟାବିନେଟ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏହାପରେ ନୀତୀଶ ରାଜଭବନ ଯାଇ ବିଧାନସଭା ଭଙ୍ଗ କରିବା ନିମନ୍ତେ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କୁ ସୁପାରିସ କରିଛନ୍ତି।

# ଫେବୃଆରୀ ୧ରୁ ଚାଇନାକୁ ପୁଣି ବିମାନସେବା ଆରମ୍ଭ କରିବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୧୭।୧୧**

ଚାଇନା ମୁଖ୍ୟ ଭୂଖଣ୍ଡକୁ ୬ ବର୍ଷ ହେଲା ଏୟାର ଇଣ୍ଡିଆର ବିମାନ ସେବା ବନ୍ଦ ଥିବାବେଳେ ଆସନ୍ତାବର୍ଷ ଫେବୃଆରୀ ୧ରୁ ପୁଣିଥରେ ଆରମ୍ଭ ହେବାକୁ ଯାଉଛି। ଦିଲ୍ଲୀ ଏବଂ ସାଂଘାଇ ମଧ୍ୟରେ ନିରବଚ୍ଛିନ୍ନ ବିମାନ ସେବା ଆରମ୍ଭ ହେବ ବୋଲି ଏୟାର ଇଣ୍ଡିଆ ସୋମବାର ଘୋଷଣା କରିଛି। ଆସନ୍ତାବର୍ଷରୁ ମୁମ୍ବାଇ ଏବଂ ସାଂଘାଇ ମଧ୍ୟରେ ବିମାନ ସେବା ଆରମ୍ଭ କରିବାକୁ ଯୋଜନା ରହିଛି। ୨୦୨୦ ପ୍ରଥମ ଭାଗରୁ ଏହି ସେବା ବନ୍ଦ ଥିଲା। ନିକଟରେ ଭାରତ ଓ ଚାଇନା ମଧ୍ୟରେ କୂଟନୈତିକ ଚୁକ୍ତିନାମା ପରେ ବିମାନସେବା ପୁନର୍ବାର ଆରମ୍ଭ ହେବାକୁ ଯାଉଛି।

# ଅଲ୍-ଫଲାହ ୟୁନିଭର୍ସିଟି ଅଧ୍ୟକ୍ଷଙ୍କୁ ପୋଲିସ ସମନ

**ଚଣ୍ଡିଗଡ଼,୧୭।୧୧**

ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ର ପଛର କେନ୍ଦ୍ର କୁହାଯାଉଥିବା ହରିୟାଣାର ଫରିଦାବାଦସ୍ଥିତ ଅଲ୍-ଫଲାହ ୟୁନିଭର୍ସିଟି ବିଭିନ୍ନ ତଦନ୍ତକାରୀ ସଂସ୍ଥାର ନଜରରେ ରହିଛି। ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ସମ୍ପର୍କରେ ତଦନ୍ତ ପାଇଁ ଦିଲ୍ଲୀ ପୋଲିସ ସୋମବାର ୟୁନିଭର୍ସିଟିର ଅଧ୍ୟକ୍ଷଙ୍କୁ ସମନ ଜାରି କରିଛି। ଏଥିସହିତ ବିଶ୍ୱବିଦ୍ୟାଳୟ ଚଳାଇଥିବା ଜାଲିଆତି ଓ ଠକେଇ ଅଭିଯୋଗରେ ୨ଟି ମାମଲା ରୁଜୁ ହୋଇଛି। ବିଶ୍ୱବିଦ୍ୟାଳୟ ପରଚାଳନା ଏବଂ ଏହାସହ ଜଡିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକଳାପ ଓ ଅସଙ୍ଗତି ସମ୍ପର୍କରେ ଅଧ୍ୟକ୍ଷ ଜାଭେଦ ଅହମଦ ସିଦ୍ଦିକିଙ୍କ ବୟାନ ଗୁରୁତ୍ୱପୂର୍ଣ୍ଣ ବୋଲି ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି। ଦିଲ୍ଲୀ ବିସ୍ଫୋରଣ ସହ ଜଡ଼ିତ ଅନେକ ସନ୍ଦିଗ୍ଧଙ୍କର ଅଲ୍-ଫଲାହ ୟୁନିଭର୍ସିଟି ସହ ସମ୍ପୃକ୍ତି ଥିବା ବିଶ୍ୱାସ କରାଯାଉଛି। ସେଥିପାଇଁ ତଦନ୍ତକାରୀମାନେ ଉକ୍ତ ଶିକ୍ଷାନୁଷ୍ଠାନର ରେକର୍ଡ, ଆର୍ଥିକ କାରବାର ଏବଂ ପ୍ରଶାସନିକ ମଞ୍ଜୁରୀଗୁଡ଼ିକୁ ଯାଞ୍ଚ କରୁଛନ୍ତି। ଉକ୍ତ ୟୁନିଭର୍ସିଟିରେ ବ୍ୟାପକ ଅନିୟମିତତା ହୋଇଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଶନ କାଉନ୍‌ସିଲ୍ (ଏନ୍‌ଏସି) ଅଭିଯୋଗ ଆଣିବା ପରେ ୨ଟି ମାମଲା ରୁଜୁ ହୋଇଛି। ୟୁନିଭର୍ସିଟି ଦ୍ୱାରା ମିଥ୍ୟା ସ୍ୱୀକୃତିପ୍ରାପ୍ତ ଦସ୍ତାବିଜ ଦାଖଲ କରାଯାଇଥିଲା। ଏହାର ସବିଶେଷ ତଦନ୍ତ ଜାରି ରହିଛି। ବିସ୍ଫୋରଣ ପଛରେ ବଡ଼ ଆପରାଧିକ ଷଡ଼ଯନ୍ତ୍ର ରହିଥିବା ନେଇ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ (ୟୁଏପିଏ) ଅନୁଯାୟୀ ଏତଲା ଦାଏର କରିଛି।

# ଆଜମ୍ ଖାନ୍‌ଙ୍କୁ ୭ ବର୍ଷ ଜେଲ

**ରାମପୁର,୧୭।୧୧(ପି.ଟି.)**



ପାନ୍ କାର୍ଡ ଜାଲିଆତି ମାମଲାରେ ଉତ୍ତରପ୍ରଦେଶର ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ବରିଷ୍ଠ ସମାଜବାଦୀ ପାର୍ଟି ନେତା ମହମ୍ମଦ ଆଜମ୍ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲା ଆଜମଙ୍କୁ ସୋମବାର ଦୋଷୀସାବ୍ୟସ୍ତ କରିବା ସହ ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ୨୦୧୯ରେ ଆଜମ୍ ଭିନ୍ନ ଜନ୍ମତାରିଖ ବ୍ୟବହାର କରି ୨ଟି ପାନ୍ କାର୍ଡ ହାସଲ କରିଥିଲେ। ଦସ୍ତାବିଜ୍ ପ୍ରମାଣ ଏବଂ ସାକ୍ଷୀଙ୍କ ବୟାନ ଆଧାରରେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ୍ ଶୋଭିତ୍ ବଂଶଲ ଉଭୟ ବାପପୁଅଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ ବୋଲି ସରକାରୀ ଓକିଲ ରାକେଶ ମୌର୍ଯ୍ୟ କହିଛନ୍ତି।

# ସେନା ନ ଥିବା ଦେଶ

ବିଶ୍ୱର ସୁରକ୍ଷା ପାଇଁ ଅଧିକାଂଶ ଲୋକ ସାମରିକ ଶକ୍ତି, ଅସ୍ତ୍ରଶସ୍ତ୍ର ଭଣ୍ଡାର ଏବଂ ସାମରିକ ପ୍ରସ୍ତୁତିବିଷୟରେ ଚିନ୍ତା କରନ୍ତି। ତଥାପି କେତେକ ଦେଶ ବର୍ଷ ବର୍ଷ ଧରି ବିନା ସେନାରେ ସୁରକ୍ଷିତ ଅଛନ୍ତି। ଏହି ଦେଶଗୁଡ଼ିକ ସେମାନଙ୍କର ପ୍ରତିରକ୍ଷା ପାଇଁ ସେନା ଉପରେ ନୁହେଁ ବରଂ କୂଟନୀତି, ଅନ୍ତର୍ଜାତୀୟ ମେଣ୍ଟ ଏବଂ ପୋଲିସ ବାହିନୀ ଉପରେ ନିର୍ଭର କରନ୍ତି। ଏଭଳି ଏକ ଦେଶ ହେଉଛି ମରିସସ୍ । ଭାରତ ମହାସାଗରରେ ଥିବା ଏହି ସୁନ୍ଦର ଦ୍ୱୀପରାଷ୍ଟ୍ରର କୌଣସି ସେନା ନାହିଁ। ଏଠାରେ ସୁରକ୍ଷା ପୋଲିସ ଏବଂ ଏକ ସ୍ୱତନ୍ତ୍ର ଅର୍ଦ୍ଧସାମରିକ ବାହିନୀ, ସ୍ପେଶାଲ ମୋବାଇଲ ଫୋର୍ସ ଦ୍ୱାରା ପରିଚାଳିତ ହୁଏ। ଆବଶ୍ୟକ ହେଲେ ଏହି ବାହିନୀ ଜାତୀୟ ପ୍ରତିରକ୍ଷାର ଦାୟିତ୍ୱ ମଧ୍ୟ ଗ୍ରହଣ କରେ। ମରିସସ୍ ଶାନ୍ତିପୂର୍ଣ୍ଣ କୂଟନୀତିରେ ବିଶ୍ୱାସକରେ। ଏହାର ଭୌଗୋଳିକ ସ୍ଥିତି ଏହାକୁ ସିଧାସଳଖ ସଂଘର୍ଷରୁ ଦୂରେଇ ରଖେ।

ଅନ୍ୟ ଏକ ଦେଶ ହେଉଛି ଆଇସ୍‌ଲାଣ୍ଡ। ଏହି ଦେଶ ୟୁରୋପର ଦ୍ୱିତୀୟ ବୃହତ୍ତମ ଦ୍ୱୀପ ଏବଂ ସୌନ୍ଦର୍ଯ୍ୟ ପାଇଁ ବିଶ୍ୱରେ ପ୍ରସିଦ୍ଧ। ୧୮୬୯ ପରଠାରୁ ଏହାର କୌଣସି ସାମରିକ ବାହିନୀ ନାହିଁ। ଆଇସ୍‌ଲାଣ୍ଡ 'ନାଟୋ'ର ସଦସ୍ୟ। କୌଣସି ବଡ଼ ବିପଦର ସମ୍ମୁଖୀନ ହେଲେ ଆମେରିକା, ନରୱେ ଏବଂ ଅନ୍ୟାନ୍ୟ ନାଟୋ ଦେଶ ଏହାକୁ ସୁରକ୍ଷା ଦିଅନ୍ତି। ଲିଚେନ୍‌ଷ୍ଟାଇନ୍ ଏକ ଛୋଟ କିନ୍ତୁ ଅତ୍ୟନ୍ତ ସୁରକ୍ଷିତ ଦେଶ।



ଏହି ୟୁରୋପୀୟ ଦେଶ ୧୮୬୮ରେ ଏହାର ସାମରିକ ବାହିନୀକୁ ବନ୍ଦ କରିଦେଇଥିଲା। ସେବେଠାରୁ ଦେଶ ଏକ ଶାନ୍ତିପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଛି ଏବଂ ସୁଇଜରଲାଣ୍ଡ ଓ ଅଷ୍ଟ୍ରିଆ ଭଳି ପଡ଼ୋଶୀ ଦେଶ ଉପରେ ନିର୍ଭର କରିଛି। ଏହାର ପୋଲିସ ଦୈନନ୍ଦିନ ସୁରକ୍ଷା ପରିଚାଳନା କରେ ଏବଂ ଆବଶ୍ୟକ ହେଲେ ସୁଇଜରଲାଣ୍ଡ ତୁରନ୍ତ ସହାୟତା ପ୍ରଦାନକରେ।

ଚତୁର୍ଥ ଦେଶ ହେଉଛି କୋଷ୍ଟାରିକା। ଏହା ୧୯୪୮ରେ ଏକ ଭୟଙ୍କର ଗୃହଯୁଦ୍ଧ ପରେ ଏହାର ସାମରିକ ବାହିନୀକୁ ସ୍ଥାୟୀ ଭାବରେ ବନ୍ଦ କରିଦେଇଥିଲା।

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୮/୨୦୨୫ | Bhubaneswar, Tuesday, November 18/2025 | ପୃଷ୍ଠା-୧




## ଅନିଲଙ୍କ ପ୍ରଥମ ଶତକ

କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ନାଗାଲାଣ୍ଡ ବିପକ୍ଷ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ଓଡ଼ିଶାର ଅନିଲ ପରିଡ଼ା।


୧୪ ୦୯


## ରାଜମୌଳିଙ୍କ ଫିଲ୍ମରେ ପ୍ରିୟଙ୍କା ଚୋପ୍ରା

ଏସ୍ଏସ୍ ରାଜମୌଳିଙ୍କ ଆଗାମୀ ଫିଲ୍ମ 'ବାରାଣସୀ'ରେ ପ୍ରଥମ ଥର ପାଇଁ ପ୍ରିୟଙ୍କା ଚୋପ୍ରା ଏବଂ ମହେଶ ବାବୁ ଏକାଠି ସ୍କ୍ରିନ୍ ଶେୟାର କରିବାର ଦେଖାଯିବେ।



# ଯଖପୁରା-ଜେନାପୁର ଷ୍ଟେଶନ ମଧ୍ୟରେ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

**କଳିଙ୍ଗନଗର,୧୭।୧୧(ଶୁଭାଶିଷ ରାଉତ)**

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳକୁ ମାଲ୍ ବୋଝେଇ ନିମନ୍ତେ ଆସୁଥିବାବେଳେ ଏକ ମାଲବାହୀ ଟ୍ରେନ୍ ସୋମବାର ରାତି ପ୍ରାୟ ୮ଟାରେ ଲାଇନ୍‌ଚ୍ୟୁତ ହୋଇଛି। ପୂର୍ବତଟ ରେଳପଥର ଯଖପୁରା-ଜେନାପୁର ମଧ୍ୟବର୍ତ୍ତୀ ରେଳଲାଇନ୍‌ରେ ଏହି ଘଟଣା ଘଟିଛି। ଗୋଟିଏ ୱାଗନ ଲାଇନଚ୍ୟୁତ ହୋଇଥିବାବେଳେ ୩ଟି ଲାଇନ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ୍ ଅଟକି ରହିଛି। ରିପୋର୍ଟ ପ୍ରସ୍ତୁତି ବେଳକୁ ବାଘୁଆପାଳ ଷ୍ଟେଶନ ନିକଟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଅଟକି ରହିଥିବାବେଳେ ବୈତରଣୀ ରୋଡ୍ ନିକଟରେ କରମଣ୍ଡଳ ଏକ୍ସପ୍ରେସ୍, ଦଶପଲ୍ଲା-ଭଦ୍ରକ ମେମୁ ବରୀ ଠେଙ୍ଗଡଠାରେ, ଭୁବନେଶ୍ୱର-ବାଲେଶ୍ୱର ମେମୁ ନ୍ୟୁ ଗଡ଼ମଧୁପୁର ଷ୍ଟେଶନରେ ଅଟକି ରହିଥିଲା। ୱାଗନ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ରେଳ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।



**ବରଗଡ଼ ଧନୁଯାତ୍ରା**

**କଂସ ଚୟନ** ଆସନ୍ତା ଡିସେମ୍ବର ୨୪ରୁ ଆରମ୍ଭ ହେବ ବରଗଡ଼ ଧନୁଯାତ୍ରା ମହୋତ୍ସବ। ଏଥିରେ କଂସ ଭୂମିକାରେ ଅଭିନୟ କରିବା ନିମନ୍ତେ ସୋମବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା କଳାକାରମାନେ। ଏହା ପୂର୍ବରୁ ୧୫ ଓ ୧୬ ତାରିଖରେ ଅନ୍ୟ କଳାକାରମାନଙ୍କ ଚୟନ ପ୍ରତିଯୋଗିତା ହୋଇଥିଲା। ମଙ୍ଗଳବାର ଚୟନ ହୋଇଥିବା କଳାକାରଙ୍କ ନାମ ଘୋଷଣା କରାଯିବ।

# ୧ରୁ ବସ୍ ଧର୍ମଘଟ

## ମୁଖ୍ୟମନ୍ତ୍ରୀଙ୍କୁ ବସ୍ ମାଲିକ ସଂଘର ସ୍ମାରକପତ୍ର

**ଭୁବନେଶ୍ୱର,୧୭।୧୧ (ରବିନାରାୟଣ ଜେନା)**

ରାଜ୍ୟ ପୋଲିସ ନିଜର କର୍ତ୍ତବ୍ୟ ଠିକଣା ଭାବେ ସମ୍ପାଦନା କରିପାରୁ ନ ଥିବାରୁ ଅପରାଧ ବଢ଼ୁଛି। ଏହି ପରିପ୍ରେକ୍ଷୀରେ ଯଦି ସରକାର ପୋଲିସକୁ ମୋଟର ଯାନ ଯାଞ୍ଚ ଦାୟିତ୍ୱ ପ୍ରଦାନ କରନ୍ତି ତେବେ ବସ୍ ଓ ମୋଟର ଯାନ ମାଲିକମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ସରକାର ତୁରନ୍ତ ଏହାର ସୁବିଚାର କରନ୍ତୁ। ପୋଲିସକୁ ତା' କାର୍ଯ୍ୟ କରିବାକୁ ଦିଆଯାଉ ଏବଂ ଏମ୍‌ଭିଆଇଙ୍କୁ ତାଙ୍କ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ଅଲ୍ ଓଡ଼ିଶା ମୋଟର ବସ୍ ଓନର୍ସ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ରରେ କୁହାଯାଇଛି। ଆସୋସିଏଶନର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଯଦି ରାଜ୍ୟ ସରକାର ତାଙ୍କ ନିଷ୍ପତ୍ତିରେ ଅଟଳ ରୁହନ୍ତି, ତେବେ ଡିସେମ୍ବର ପହିଲାରୁ ରାଜ୍ୟବ୍ୟାପୀ ବସ୍ ଧର୍ମଘଟ କରାଯିବ। ସୋମବାର ଦେବେନ୍ଦ୍ର ସାହୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି, ପୋଲିସ ଏହି ଯାଞ୍ଚ ଦାୟିତ୍ୱ ନେବାପାଇଁ ସରକାରୀସ୍ତରରେ ☞ପୃଷ୍ଠା-୨

# ଆମେରିକାରୁ ଏଲ୍‌ପିଜି ଆମଦାନୀ କରିବ ଭାରତ

ଭାରତ ୨୦୨୬ ମସିହାରୁ ଆମେରିକାଠାରୁ ପ୍ରାୟ ୨.୨ ଏମ୍‌ଟିପିଏ ଘରୋଇ ରନ୍ଧନ ଗ୍ୟାସ (ଏଲ୍‌ପିଜି) କିଣିବ। ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ସୋମବାର ସୂଚନା ଦେଇଛନ୍ତି । ଏହା ଭାରତର ବାର୍ଷିକ ଏଲ୍‌ପିଜି ଆମଦାନୀର ପ୍ରାୟ ୧୦% ହେବ। ତେବେ ଭାରତ ପ୍ରାୟ ୬୫% ଏଲ୍‌ପିଜି ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଯଥା- ୟୁଏଇ, କାତାର, ସାଉଦି ଆରବଠାରୁ ଆମଦାନୀ କରୁଛି। ମାତ୍ର ଏହି ଦେଶଗୁଡ଼ିକଠାରୁ ଆମେରିକାର ଏଲ୍‌ପିଜି ଶସ୍ତା ହେବ ବୋଲି କୁହାଯାଉଛି।




**ନୂଆଦିଲ୍ଲୀ,୧୭।୧୧**

ଆମେରିକା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପାଇଁ ଭାରତ ବୁଝାମଣା ଚଳାଇଥିବାବେଳେ ଭାରତୀୟ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଆସନ୍ତାବର୍ଷରୁ ସେଠାରୁ ବାର୍ଷିକ ୨.୨ ନିୟୁତ ଟନ୍ (ଏମ୍‌ଟିପିଏ) ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଆମଦାନୀ କରିବାକୁ ଯାଉଛନ୍ତି। ଏଥିପାଇଁ ଏକବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ସୋମବାର ସୂଚନା ଦେଇଛନ୍ତି। ଏହା ଭାରତର ବାର୍ଷିକ ଏଲପିଜି ଆମଦାନୀର ପ୍ରାୟ ୧୦% ହୋଇଥିବାବେଳେ ଭାରତୀୟ ବଜାର ପାଇଁ ଏହା ପ୍ରଥମ ସଂରଚିତ ଆମେରିକୀୟ ଏଲପିଜି ଚୁକ୍ତି। ମନ୍ତ୍ରୀ ଏହି ନିଷ୍ପତ୍ତିକୁ ଐତିହାସିକ ବୋଲି କହିଛନ୍ତି। ଏହି ଚୁକ୍ତି ଆମେରିକା ସହ ଭାରତର ବାଣିଜ୍ୟ ବଳକା କମାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ପୂର୍ବରୁ ୨୫ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଥିଲେ। ରୁଷିଆଠାରୁ ଭାରତ ତୈଳ କିଣି ଏହାକୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଣରେ ସହାୟତା କରୁଥିବା ଟ୍ରମ୍ପ ଅଭିଯୋଗ କରିବା ସହ ପୁଣି ୨୫% ଟାରିଫ କଷିଥିଲେ। ତେବେ ଭାରତ ରୁଷିଆରୁ ତୈଳ କିଣା ବନ୍ଦ କରିବ ବୋଲି ରାଜି ହୋଇଥିବା ଟ୍ରମ୍ପ ନିକଟରେ କହିଥିଲେ।

ଭାରତ ଏହାର ଏଲ୍‌ପିଜି ଆବଶ୍ୟକତାର ୬୫ ପ୍ରତିଶତ କାତାର, ୟୁଏଇ, ସାଉଦି ଆରବରୁ ଆମଦାନୀ କରିଥାଏ। ଆମେରିକାରୁ ଗ୍ୟାସ୍ କିଣିବା ପାଇଁ ଚୁକ୍ତିନାମା ହୋଇଥିବାରୁ ଭାରତର ଇନ୍ଧନ ଅବଶ୍ୟକତା ମେଣ୍ଟାଇବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ☞ପୃଷ୍ଠା-୨

# ରିଲାଏନ୍ସ ନାଁରେ ଗ୍ୟାସ୍ ଚୋରି ଅଭିଯୋଗ

**ମୁମ୍ବାଇ,୧୭।୧୧**

ରାଷ୍ଟ୍ରାୟତ୍ତ ତୈଳ ଉଦ୍ୟୋଗ ଅଏଲ୍ ଆଣ୍ଡ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି)ରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ (ଆର୍‌ଆଇଏଲ୍) ୧.୫୫ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରାକୃତିକ ଗ୍ୟାସ୍ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ଆର୍‌ଆଇଏଲ୍ ଏବଂ ଏହାର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବିରୋଧରେ ସିବିଆଇ ତଦନ୍ତ ପାଇଁ ଆବେଦନ ହୋଇଥିବାବେଳେ ବମ୍ବେ ହାଇକୋର୍ଟ ଏହା ଉପରେ ନୋଟିସ୍ ଜାରି କରିଛନ୍ତି।

ଜିତେନ୍ଦ୍ର ପି. ମାରୁ ଆର୍‌ଆଇଏଲ୍ ଏବଂ ଏହାର ନିର୍ଦ୍ଦେଶକମାନଙ୍କ ବିରୋଧରେ ସିବିଆଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିଥିଲେ। ଜଷ୍ଟିସ୍ ଏ.ଏସ୍. ଗଡକରୀ ଏବଂ ରଞ୍ଜିତ୍ ସିହ୍ନା ରାଜା ଭୋଁସଲେଙ୍କ ଖଣ୍ଡପୀଠ ସିବିଆଇ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ପିଟିଶନ୍‌ର ଶୁଣାଣି ମଙ୍ଗଳବାର ହେବାକୁ ଯାଉଛି। ଗ୍ୟାସ୍ ଚୋରି, ଅସାଧୁ ଦୁରୁପଯୋଗ ଏବଂ ବିଶ୍ୱାସ ଭଙ୍ଗ ଅଭିଯୋଗ ନେଇ ଆର୍‌ଆଇଏଲ୍ ଏବଂ ଏହାର ନିର୍ଦ୍ଦେଶକମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବା ପାଇଁ ପିଟିଶନ୍‌ରେ ନିବେଦନ କରାଯାଇଛି। ଏଥିସହିତ ଠିକାଦାରୀ, ନିବେଶ ରିପୋର୍ଟ ଏବଂ ଏ.ପି. ଶାହ କମିଟିର ତଦନ୍ତ ରିପୋର୍ଟରେ ସମସ୍ତ ଆନୁଷଙ୍ଗିକ ଦସ୍ତାବିଜ୍ ଜବତ କରିବାକୁ ପିଟିଶନର ନିବେଦନ କରିଛନ୍ତି। ☞ପୃଷ୍ଠା-୨

# ଶେଖ୍ ହାସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ

## ମାନବୀୟତା ବିରୋଧରେ ଅପରାଧ ପାଇଁ ଦୋଷୀସାବ୍ୟସ୍ତ କଲା ବାଂଲାଦେଶର ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲ

**ଢାକା,୧୭।୧୧**

ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶର ଅନ୍ତର୍ଜାତୀୟ କ୍ରାଇମ୍ସ ଟ୍ରିବ୍ୟୁନାଲ (ଆଇସିଟି) ସୋମବାର ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଅନେକ ମାସ ଧରି ତାଙ୍କ ବିରୋଧରେ ଚାଲିଥିବା ମାମଲାରେ ଅଦାଲତ ତାଙ୍କୁ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀସାବ୍ୟସ୍ତ କରିଛନ୍ତି। ୨୦୨୪ ଜୁଲାଇ-ଅଗଷ୍ଟରେ ହାସିନା ସରକାର ବିରୋଧରେ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ଜୋର୍‌ଦାର ଆନ୍ଦୋଳନ ଚାଲିଥିବାବେଳେ ଏହାକୁ କଠୋର ହସ୍ତରେ ଦମନ କରିବାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅନେକ ଦଶନ୍ଧି ମଧ୍ୟରେ ବାଂଲାଦେଶର ଜଣେ ପୂର୍ବତନ ନେତ୍ରୀଙ୍କ ବିରୋଧରେ ଏହା ସବୁଠୁ ନାଟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ। ଆସନ୍ତାବର୍ଷ ଫେବୃଆରୀରେ ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନ ହେବା ଆଶା କରାଯାଉଥିବାବେଳେ ଏହାର ମାତ୍ର ୩ ମାସ ପୂର୍ବରୁ ହାସିନାଙ୍କ ବିରୋଧରେ ଏଭଳି ରାୟ ଆସିଛି।

ହାସିନାଙ୍କ ଆୱାମୀ ଲିଗ୍ ପାର୍ଟିକୁ ନିର୍ବାଚନ ଲଢ଼ିବା ଉପରେ ପୂର୍ବରୁ ପ୍ରତିବନ୍ଧକ ଲଗାଯାଇଥିବାବେଳେ ସୋମବାରର ରାୟ ଭୋଟ ପୂର୍ବରୁ ସାନିଉତ୍ତେଜନା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ରାଜଧାନୀ ଢାକାରେ ଥିବା ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଯାହାକି ବାଂଲାଦେଶର ଯୁଦ୍ଧ ଅପରାଧ କୋର୍ଟ ସୋମବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାୟ ପ୍ରଦାନ କରିଛନ୍ତି। ୨୦୨୪ ଜୁଲାଇରୁ ଆରମ୍ଭ ହୋଇଥିବା ଜେନ୍ ଜି ଆନ୍ଦୋଳନ ଅଗଷ୍ଟରେ ତୀବ୍ର ରୂପ ଧାରଣ କରିବା ସହ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ବହୁସଂଖ୍ୟାରେ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା। ହାସିନା ☞ପୃଷ୍ଠା-୨



# ଶୀତରେ ଥରୁଛି ଓଡ଼ିଶା



କନ୍ଧମାଳ ଜିଲା ଜି. ଉଦୟଗିରିରେ ଲୋକେ ନିଆଁ ପୋଉଁଛନ୍ତି।

**ଭୁବନେଶ୍ୱର,୧୭।୧୧(ବନ୍ଦନା ସେଠୀ)**

ସମଗ୍ର ରାଜ୍ୟରେ ଏବେ ଶୀତର ପ୍ରକୋପ ଜାରି ରହିଥିବାବେଳେ ଭୁବନେଶ୍ୱରରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ରବିବାର ଭୁବନେଶ୍ୱରର ସର୍ବନିମ୍ନ ରାତି ତାପମାତ୍ରା ୧୨.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବାବେଳେ ଏହା ଗତ ୨୫ ବର୍ଷର ରେକର୍ଡ ଭାଙ୍ଗିଛି। ରବିବାର ରାତି ନଭେମ୍ବର ମାସର ସବୁଠାରୁ ଥଣ୍ଡା ରାତି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆଗାମୀ ୨୪ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିବ। ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଶୀତ ଲହରି ଆଲର୍ଟ ଜାରି ହୋଇଛି। ଖୋର୍ଦ୍ଧା, କନ୍ଧମାଳ, ଝାରସୁଗୁଡ଼ା, ☞ପୃଷ୍ଠା-୨

**ଭୁବନେଶ୍ୱରରେ ୨୫ ବର୍ଷରେ ସବୁଠୁ କମ୍ ତାପମାତ୍ରା ରେକର୍ଡ (ନଭେମ୍ବର)**

| ବର୍ଷ | ତାରିଖ | ତାପମାତ୍ରା |
|---|---|---|
| ୨୦୦୦ | ନଭେମ୍ବର ୧୭ | ୧୫.୧ ଡିଗ୍ରୀ |
| ୨୦୦୧ | ନଭେମ୍ବର ୨୭ | ୧୭.୮ ଡିଗ୍ରୀ |
| ୨୦୦୨ | ନଭେମ୍ବର ୩୦ | ୧୪.୩ ଡିଗ୍ରୀ |
| ୨୦୦୩ | ନଭେମ୍ବର ୧୫ | ୧୫.୧ ଡିଗ୍ରୀ |
| ୨୦୦୪ | ନଭେମ୍ବର ୫ | ୧୫.୧ ଡିଗ୍ରୀ |
| ୨୦୦୫ | ନଭେମ୍ବର ୧୬, ୨୭ | ୧୪.୯ ଡିଗ୍ରୀ |
| ୨୦୦୬ | ନଭେମ୍ବର ୨୦, ୨୧ | ୧୭ ଡିଗ୍ରୀ |
| ୨୦୦୭ | ନଭେମ୍ବର ୨୨ | ୧୫.୧ ଡିଗ୍ରୀ |
| ୨୦୦୮ | ନଭେମ୍ବର ୨୬ | ୧୫.୧ ଡିଗ୍ରୀ |
| ୨୦୦୯ | ନଭେମ୍ବର ୨୯ | ୧୩.୫ ଡିଗ୍ରୀ |
| ୨୦୧୦ | ନଭେମ୍ବର ୬ | ୧୯.୫ ଡିଗ୍ରୀ |
| ୨୦୧୧ | ନଭେମ୍ବର ୧୭ | ୧୬.୯ ଡିଗ୍ରୀ |
| ୨୦୧୨ | ନଭେମ୍ବର ୧୪ | ୧୫.୩ ଡିଗ୍ରୀ |
| ୨୦୧୩ | ନଭେମ୍ବର ୧୪ | ୧୫.୩ ଡିଗ୍ରୀ |
| ୨୦୧୪ | ନଭେମ୍ବର ୨୬ | ୧୪.୧ ଡିଗ୍ରୀ |
| ୨୦୧୫ | ନଭେମ୍ବର ୨୧ | ୧୭.୪ ଡିଗ୍ରୀ |
| ୨୦୧୬ | ନଭେମ୍ବର ୨୩ | ୧୪.୭ ଡିଗ୍ରୀ |
| ୨୦୧୭ | ନଭେମ୍ବର ୨୬ | ୧୩.୭ ଡିଗ୍ରୀ |
| ୨୦୧୮ | ନଭେମ୍ବର ୨୫ | ୧୩.୬ ଡିଗ୍ରୀ |
| ୨୦୧୯ | ନଭେମ୍ବର ୨୦ | ୧୬.୯ ଡିଗ୍ରୀ |
| ୨୦୨୦ | ନଭେମ୍ବର ୨୪, ୨୫, ୩୦ | ୧୬ ଡିଗ୍ରୀ |
| ୨୦୨୧ | ନଭେମ୍ବର ୨୯ | ୧୫ ଡିଗ୍ରୀ |
| ୨୦୨୨ | ନଭେମ୍ବର ୨୭, ୨୮ | ୧୪ ଡିଗ୍ରୀ |
| ୨୦୨୩ | ନଭେମ୍ବର ୨୬ | ୧୭.୮ ଡିଗ୍ରୀ |
| ୨୦୨୪ | ନଭେମ୍ବର ୨୬ | ୧୫.୨ ଡିଗ୍ରୀ |
| ୨୦୨୫ | ନଭେମ୍ବର ୧୬ | ୧୨.୯ ଡିଗ୍ରୀ |

# ମାଟିରେ ମିଶିଲା ସନ୍ଦିଗ୍ଧ ବାଂଲାଦେଶୀଙ୍କ ଘର

## ଅନୁପ୍ରବେଶ ପ୍ରମାଣ ପରେ କଠୋର କାର୍ଯ୍ୟାନୁଷ୍ଠାନ

**ଜଗତ୍‌ସିଂହପୁର,୧୭।୧୧ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଧନିପୁର ନିକଟ ବେହେରାମପୁରସ୍ଥିତ ଏକ ନିରୋଳା ସ୍ଥାନରେ ସନ୍ଦେହଜନକ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀ ଥିବା ନେଇ ରବିବାର ରାତିରେ ସୂଚନା ମିଳିଥିଲା। ଏହି ଆଧାରରେ ଜଗତ୍‌ସିଂହପୁର ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଉକ୍ତ ବସ୍ତିରେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଛି। ଏଥିରେ ଅତିରିକ୍ତ ଏସ୍‌ପି ଓ ୨ ଜଣ କନଷ୍ଟେବଲ ଆହତ ହୋଇଛନ୍ତି। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆବଶ୍ୟକ ସଂଖ୍ୟକ ପୋଲିସ ଓ ଫୋର୍ସ ପହଞ୍ଚି ଉକ୍ତ ସ୍ଥାନକୁ ସିଲ୍ କରିବା ସହ ଗଣ୍ଡଗୋଳରେ ନେତୃତ୍ୱ ନେଇଥିବା ୨ ଜଣ ମହିଳାଙ୍କୁ ଗିରଫ କରିଛି। ଏଥିସହ ଅନ୍ୟ ୩ ଜଣଙ୍କୁ ଉଠାଇ ଆଣି ପଚରାଉଚୁରା କରୁଛି। ଅଭିଯୁକ୍ତମାନେ ହେଲେ ଘର ମାଲିକ ତଥା ଜଗତ୍‌ସିଂହପୁର ☞ପୃଷ୍ଠା-୨



ବେହେରାମପୁରସ୍ଥିତ ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ରହୁଥିବା ଘରଗୁଡ଼ିକୁ ବୁଲଡୋଜର ସାହାଯ୍ୟରେ ଭଙ୍ଗାଯାଉଛି।

## ବିଶ୍ୱହିନ୍ଦୁ ପରିଷଦର ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ ଡାକରା

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର): କେନ୍ଦୁଝର ଜିଲା ସଦର ଥାନା ଅଞ୍ଚଳରେ ଜଣେ ୮ ବର୍ଷର ଦିବ୍ୟାଙ୍ଗ ଜନଜାତି ନାବାଳିକାଙ୍କୁ ଶନିବାର ବଳାତ୍କାର ହୋଇଥିଲା। ଘଟଣାରେ ପୋଲିସ ଅଭିଯୁକ୍ତ ଆସିଫ୍ ଅନବର ଖାନ୍ ନାମକ ଯୁବକଙ୍କୁ ଗିରଫ କରିଛି। ପୀଡ଼ିତା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କେନ୍ଦୁଝରରେ ମଙ୍ଗଳବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏ ସମ୍ପର୍କରେ କେନ୍ଦୁଝର ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- କଳିଙ୍ଗା ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: କାକଟପୁରପଡ଼ିଆ ଶ୍ରୀ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀ, ସ୍ଥାନ: କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଦଳିତ୍ ଅତ୍ୟାଚାର ଏବଂ ନାରୀନିର୍ଯାତନା ବିରୋଧରେ ସିପିଆଇ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଚିର ସବୁଜ ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୧୫।

**ଖୋର୍ଦ୍ଧା**
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୁମାରବସ୍ତ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସମବାୟ ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ୍, ସମୟ: ପୂର୍ବାହ୍ନ ୧୧ଟା।

**ପୁରୀ**
- ସ୍ୱାଧୀ ବିବେକ ଶିବାନୀଙ୍କ ଦ୍ୱାରା ଆଧାତ୍ମିକ ଆଲୋଚନା କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ବିଲି ରାଜଯୋଗ ରିଟ୍ରିଟ ସେଣ୍ଟର, ଷ୍ଟର୍ଲିଙ୍ଗ ହୋଟେଲ୍, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ଜିଲାସ୍ତରୀୟ ସମବାୟ ସପ୍ତାହ ସମାରୋହ, ସ୍ଥାନ: ଭେରିୟା ପାରାଡାଇଜ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: କୁଠିଆ ରାଇଜୀ ହାଇସ୍କୁଲ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ପାଚିକା ସଂଘର ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଅସୁରାଲି ଷ୍ଟ୍ରକ୍ଚର ପଡ଼ିଆ, ଧାମନଗର, ସମୟ: ସକାଳ ୮ଟା ୩୦।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ବାରବାଟିଆ ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାପୀଠ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଶାରଦା ବିଦ୍ୟାମନ୍ଦିର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- କାଳିକେଶ୍ୱର ଠାକୁରଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଭଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରଗଡ଼ା, ରାଧାନଗର ପାଖରା, ଝାଡ଼ଗିତ୍ରିଆ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ, ସ୍ଥାନ: କେନ୍ଦୁଝର, ସମୟ: ସକାଳ ୬ଟା।

**ମୟୂରଭଞ୍ଜ**
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଏବଂ ପଦଯାତ୍ରା, ସ୍ଥାନ: ଉଦଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୮ଟା।
- ଥିଏଟର ଫେଷ୍ଟିଭାଲରେ ନାଟକ 'ଟିଁ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ଆସିକା ବ୍ଲକସ୍ତରୀୟ ବାଲବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ହରିହର ହାଇସ୍କୁଲ ଆସିକା, ସମୟ: ସକାଳ ୮ଟା।
- ସମବାୟ ସପ୍ତାହ ଓ ଆନ୍ତର୍ଜାତିକ ସମବାୟ ବର୍ଷ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ସମବାୟ ବିଭାଗ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ତାଲୁକା ଛକ ଆସିକା, ସମୟ: ସକାଳ ୮ଟା।

**କନ୍ଧମାଳ**
- ସାପ୍ତାହିକ ହାଟର ଶୁଭାରମ୍ଭ, ସ୍ଥାନ: ସିମାନବାଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କ.ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ଏକତା ପଦଯାତ୍ରା, ସ୍ଥାନ: ମାଳପୁର ବାଉପାଲ, କାମାକ୍ଷାନଗର, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ମୁଖ୍ୟ ଷ୍ଟାଡ଼ିୟମ, ସମୟ: ଅପରାହ୍ନ ସାଢେ ୨ଟା।

**ଅନୁଗୋଳ**
- ସାଂସଦ କ୍ରୀଡ଼ା ଉତ୍ସବ, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିଅମ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ପୋକ୍ସ ଆକ୍ଟ ସଚେତନତା ସଭା, ସ୍ଥାନ: ଆଠମଲ୍ଲିକ ପିଏମଶ୍ରୀ ମହେନ୍ଦ୍ର ଉଚ୍ଚବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।

**ଜଗତ୍‌ସିଂହପୁର**
- ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ମେଳା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- କାଳିକେଶ୍ୱର ପୂଜା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାବନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ରାଜସ୍ୱ ସମ୍ପର୍କିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ବିଶ୍ୱ ହିନ୍ଦୁ ପରିଷଦ ଯୁବ ସଙ୍ଗଠନ ବଜରଙ୍ଗ ଦଳ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ ପାଇଁ ରନ ଫର୍ ଓଡ଼ିଶା କାର୍ଯ୍ୟକ୍ରମ ଓ ଗଣଦୌଡ଼, ସ୍ଥାନ: କୁଆଖିଆ ବଜାର, ସମୟ: ସକାଳ ୮ଟା ୩୦।
- ଗିରିପଡ଼ା ପୁଲ ଖରସ୍ରୋତା ନଦୀ ଉପରମୁକ୍ତ ମୁହାଣରେ ସ୍ଲୁଇସ୍ ଗେଟ୍ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ, ସ୍ଥାନ: ରସଲପୁର ବ୍ଲକ ଅନ୍ତର୍ଗତ ଗିରିପଡ଼ା ଜଗନ୍ନାଥ ମଠ ନିକଟରେ, ସମୟ: ପୂର୍ବାହ୍ନ ୧୧ଟା୩୦।

**ନୟାଗଡ଼**
- ଦେବ ଦୀପାବଳି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଲକ୍ଷ୍ମୀ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ସର୍ବଭାରତୀୟ ସମବାୟ ସପ୍ତାହ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ଚଇତି ସାଂସ୍କୃତିକ ଉତ୍ସବ ଉଦ୍ଦୀପନା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ଅପରାହ୍ନ ୩ଟା ୩୦।

**ନବରଙ୍ଗପୁର**
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ପାପଡାହାଣ୍ଡି ସହୀଦ ମିନାର, ସମୟ: ସକାଳ ୭ଟା।
- ବ୍ଲକ କାର୍ଯ୍ୟାଳୟ ସମୀକ୍ଷା ବୈଠକ, ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଆୟାପ୍ପା ଦୀକ୍ଷିତଙ୍କ ଇରିମୁଡ଼ି ବିଧି, ସ୍ଥାନ: ସର୍ବେଶ୍ୱର ମନ୍ଦିର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଶ୍ରୀଅରବିନ୍ଦ ଶିକ୍ଷା ନିକେତନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

**ସମ୍ବଲପୁର**
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ପଶ୍ଚିମାଞ୍ଚଳରେ ଏକତା, ସଦ୍ଭାବ ଓ ସମାଧାନ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଅର୍ଚ୍ଚପାଲି ନିକଟସ୍ଥ ଉତ୍କଳିକା ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଏବିଭିପି ଓ ତାଳିଚେର୍ ବ୍ଲକ ପକ୍ଷରୁ ବାନ୍ଧକଳା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବାରଗଡ଼ରେ ସାଏ ବୈଷ୍ଣବିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁବ ମାରାଥନ ସଫଳତା ପ୍ରସ୍ତୁତି ବୈଠକ, ସ୍ଥାନ: ସୁବର୍ଣ୍ଣ ଜୟନ୍ତୀ ସେମିନାର ହଲ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନରେ ପୁସ୍ତକ ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ଅପରାହ୍ନ ୫ଟା ୩୦।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ ର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅର୍ଚ୍ଚପାଲି ପିଏଚ୍‌ଡି ପଡ଼ିଆ, ସମୟ : ରାତି ୭ଟା।

**ବଲାଙ୍ଗୀର**
- ବଲାଙ୍ଗୀର ପଶ୍ଚିମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବଲାଙ୍ଗୀର ପଶ୍ଚିମ ସ୍କୁଲ ପଡ଼ିଆ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ତମାଲ ହାଇସ୍କୁଲ ଖେଳପଡ଼ିଆ, ପାଟଣାଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- କେନ୍ଦ୍ରୀୟ ଇସ୍ପାତ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ଆର୍‌ଏସ୍‌ପି, ସମୟ: ପୂର୍ବାହ୍ନ ୧୧ଟା।
- ସୋମନାଥ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ସାମୂହିକ ରୁଦ୍ର ପୂଜା, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୦ତମ ନାଟ୍ୟ ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲା ସ୍ତରୀୟ ସମବାୟ ସପ୍ତାହ ସମାରୋହ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରଗଡ଼ ଜିଲା ବଡ଼ଗାଁ ନର୍ସିଂ କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ମିନିଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।

**ବରଗଡ଼**
- ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗରିଆଚିଁକ୍ରା, ଅତାବିରା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କ୍ୟାରିୟର ପରାମର୍ଶ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ନାମ ଘୋଷଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: କେସିଙ୍ଗା ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ୪୦।

**ବୌଦ୍ଧ**
- ପଞ୍ଚମ ରାଜ୍ୟସ୍ତରୀୟ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଭୈରବୀ ମନ୍ଦିର ପୁରୁଣାକଟକ, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୨ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ଅମରପାଲି କ୍ରିକେଟ କପର ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୁରୁଣା ଥାନା ପଡ଼ିଆ ତରବୋଡ଼, ସମୟ: ସନ୍ଧ୍ୟା ୬ଟା ୩୦।
- ଫୁଟ୍‌ବଲ ମହାକୁମ୍ଭ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଆହା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୫ଟା।

**ପ୍ରଥମ ପୃଷ୍ଠାରୁ...**

## କଣ୍ଠଶିଳ୍ପୀ ହ୍ୟୁମାନ...

ନଭେମ୍ବର ୧୧ରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ନଭେମ୍ବର ୧୪ ତାରିଖ ଅପରାହ୍ନ ୧ଟା ୧୦ ବେଳକୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଜରୁରିକାଳୀନ ବିଭାଗରେ ପ୍ରାରମ୍ଭିକ ସ୍ଥିରତା ପରେ ତାଙ୍କୁ ଇଣ୍ଟେନ୍ସିଭିଷ୍ଟ ଏବଂ ଇସିଏମ୍‌ଓ ସ୍ପେଶାଲିଷ୍ଟ ଡା. ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାବେଳେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ବିଶେଷଜ୍ଞ ଡାକ୍ତରଙ୍କ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତାଙ୍କର ଚିକିତ୍ସା କରାଯାଇଥିଲେ ହେଁ ତାଙ୍କ ଶରୀର କୌଣସି ରେସ୍‌ପନ୍ସ କରି ନ ଥିଲା। ଶେଷରେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ବିଫଳ ହୋଇଥିବା ହ୍ୟୁମାନଙ୍କୁ ଚିକିତ୍ସା କରୁଥିବା ଡା. ବେହେରା ସୂଚନା ଦେଇଛନ୍ତି।

## ୧ରୁ ବସ୍ ଧର୍ମଘଟ...

ନିଷ୍ପତ୍ତି ହୋଇଛି। ଏହାକୁ ଖୁବ୍‌ଶୀଘ୍ର ଲାଗୁ କରାଯିବାକୁ ରହିଛି। ତେବେ ନିକଟରେ ମାର୍ଶାଘାଇରେ ଏଭଳି ଏକ ଘଟଣା ଯୋଗୁ ଆଇଆଇସିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଇତିମଧ୍ୟରେ ୫୦୦ ବସ୍ ମାଲିକଙ୍କ ନିକଟକୁ ଇ-ଚାଲାଣ ଆସିଲାଣି। ଏହାଦ୍ୱାରା ବସ୍ ମାଲିକମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏନେଇ ନଭେମ୍ବର ୨୫ରେ ସଂଘର ସାଧାରଣ ବୋର୍ଡ ବୈଠକ ଅନୁଷ୍ଠିତ ହେବ। ଦେବେନ୍ଦ୍ର କହିଛନ୍ତି, ମୋଟର ଯାନ ଆଇନ-୧୯୮୮ ଅନୁଯାୟୀ ମୋଟରସାଇକେଲ ଚଳାଇବା ବେଳେ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ତିନିଜଣ ବସିଯିବା କଥା ନୁହେଁ, ମଦ୍ୟପାନ କରିବା କଥା ନୁହେଁ। ଆଇନର ଅନୁପାଳନ ହେଲେ ଦୁର୍ଘଟଣା କମିପାରିବ। ମାତ୍ର ଏହାକୁ ଗୁରୁତ୍ୱ ନ ଦେଇ ପୋଲିସକୁ ଅତିରିକ୍ତ କ୍ଷମତା ପ୍ରଦାନ କରିବା ଦ୍ୱାରା ବସ୍‌ମାଲିକମାନେ ଅଧିକ କ୍ଷତିଗ୍ରସ୍ତ ହେବେ। ସରକାର ସଂଘର ପ୍ରସ୍ତାବକୁ ସହୃଦୟତାର ସହ ବିଚାର କରନ୍ତୁ ବୋଲି ଦେବେନ୍ଦ୍ର କହିଛନ୍ତି।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଦୋଷେ ମରଣ ଯା'ର**
**କି କରିବେ ବ୍ରହ୍ମା ଶଙ୍କର ତା'ର।**

ଭଲ ମନ୍ଦକୁ ବିଚାର କରି କାମ କରିବା ଉଚିତ। ଅନେକ ବ୍ୟକ୍ତି ତାହା ବିଚାର କରିପାରନ୍ତି ନାହିଁ। ସେମାନେ ଏପରି କାମ କରିବସନ୍ତି, ଯାହା ତାଙ୍କର କ୍ଷତି ପହଞ୍ଚାଇଥାଏ। ଏପରି ନିର୍ବୋଧ ବ୍ୟକ୍ତିଙ୍କର ଦୁଃଖ ସହିବା ହିଁ ସାର ହୋଇଥାଏ। ନିଜ ଦୋଷରୁ ଦଣ୍ଡ ପାଉଥିବା ବ୍ୟକ୍ତିଙ୍କୁ ଭଗବାନ ମଧ୍ୟ ସାହା ହୁଅନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆପେ ବଞ୍ଚିଲେ ବାପର ନାଁ।**

ନିଜେ ବଞ୍ଚି ରହିଲେ ବାପ ଅଜାଙ୍କର ନାଁ ରହିଥାଏ। କିଛି ବ୍ୟକ୍ତି କେବଳ ନିଜର କଥା ହିଁ ଭାବିଥାନ୍ତି। ନିଜେ କିପରି ସୁଖ ସୁବିଧାରେ ରହିବେ, ଚଳିବେ ସେନେଇ ଚେଷ୍ଟା ଚଳେଇଥାନ୍ତି। ପର ଥିଲେ କେତେ ନ ଥିଲେ କେତେ ସେଥିରେ ତାଙ୍କର କିଛି ପରବାୟ ନ ଥାଏ। ସ୍ୱାର୍ଥପର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମାଟିରେ ମିଶିଲା...

ଥାନା ଧନିପୁର ଗ୍ରାମର ସିକନ୍ଦର ଆଲାମ ଓରଫ ସେଇକୋ, ଏହି ଗାଁର ଅବଦୁଲ ମୋତାଲିଫ ଖାନ ଓରଫ ଟିକି, ଅବଦୁଲ ଜବାର ଖାନଙ୍କ ଝିଅ ବଦ୍ରୁନିଷା, କୃଷ୍ଣାନନ୍ଦପୁର ଥାନା ପାଇକକୂଳ ଗ୍ରାମର ପରଭିନ୍ ବିବି (୩୪) ଓ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ତ୍ୟୋଣ୍ଡାକୁରା ଆଉଜଙ୍ଗ ଗ୍ରାମର ମିର୍ଜା ସାଜୁଦ୍ଦିନ ବେଗଙ୍କ ସ୍ତ୍ରୀ ସାୱନ ଆଜମି (୩୯)। ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ସହ ୫ ଖଣ୍ଡା ଓ ୭ଟି ଧାରୁଆ ଅସ୍ତ୍ର ଜବତ କରାଯାଇଛି। ତେବେ ୩୦ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ଖସିଯିବାକୁ ସମର୍ଥ ହୋଇଛନ୍ତି। ସେମାନଙ୍କୁ ଗିରଫ ପାଇଁ ପୃଥକ୍ ଦଳ ଗଠନ କରାଯାଇଛି।

ଅପରପକ୍ଷେ ସୋମବାର ଜିଲାପାଳ, ଏସ୍‌ପି, ଉପଜିଲାପାଳ, ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓ ଆଦିଙ୍କ ଉପସ୍ଥିତିରେ ସରକାରୀ ଜମିରେ ହୋଇଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ୧୦ଟି ଆଜବେଷ୍ଟସ ଗୃହକୁ ବୋଲଡୋଜର ଜରିଆରେ ଭାଙ୍ଗି ଦିଆଯାଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ଓ ମ୍ୟାନ୍‌ମାର ବାସିନ୍ଦାଙ୍କୁ ଚିହ୍ନଟ କରାଯାଉଛି। ଏନେଇ ଜଗତ୍‌ସିଂହପୁର ପୋଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ଅପରେଶନ ଚାଲିଛି। ଭାରତ ସରକାର ଦେଶ ବାହାର ବିଶେଷକରି ବାଂଲାଦେଶ ଓ ମ୍ୟାନ୍‌ମାରରୁ ବେଆଇନ ଭାବେ ଆସି ଆମ ଦେଶରେ ରହୁଥିବା ଲୋକଙ୍କୁ ସେମାନଙ୍କ ଦେଶକୁ ପଠାଇବା ପାଇଁ ବ୍ୟବସ୍ଥା

## ଆମେରିକାରୁ ଏଲ୍‌ପିଜି...

ରହିବ। ଅନ୍ୟ ଦେଶରୁ କିଣାଯାଉଥିବା ଏଲ୍‌ପିଜି ତୁଳନାରେ ଏହା ଶସ୍ତା ହେବ ବୋଲି କୁହାଯାଉଛି। ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ)ର ଅଧିକାରୀମାନଙ୍କ ଏକ ଟିମ୍ ଜୁଲାଇ ୨୧ରୁ ୨୪ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯାଇ ସେଠାର ପ୍ରମୁଖ ଉତ୍ପାଦକମାନଙ୍କ ସହିତ ଆଲୋଚନା କରିଥିଲେ। ଏଲପିଜି କ୍ରୟର ମାନଦଣ୍ଡ ଭାବରେ ମାଉଣ୍ଟ ବେଲଭିଉ ଉପରେ ଆଧାରିତ ଏହି ଆଲୋଚନା ପରେ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ପିଏସ୍‌ୟୁ ତୈଳ କମ୍ପାନୀଗୁଡ଼ିକ ସାରା ଦେଶରେ ସର୍ବନିମ୍ନ ଦରରେ ଏଲପିଜି ଯୋଗାଣ ସୁନିଶ୍ଚିତ କରିଛନ୍ତି। ଗତବର୍ଷ ବିଶ୍ୱ ଏଲପିଜି ମୂଲ୍ୟ ୬୦%ରୁ ଅଧିକ ବୃଦ୍ଧି ପାଇଥିଲା। ପ୍ରକୃତ ମୂଲ୍ୟ ୧୧୦୦ ଟଙ୍କା ଅତିକ୍ରମ କରିବା ସତ୍ତ୍ୱେ ଉଜ୍ଜ୍ୱଳା ହିତାଧିକାରୀ ପ୍ରାୟ ୫୦୦ରୁ ୫୫୦ ଟଙ୍କା ସବସିଡି ମୂଲ୍ୟରେ ସିଲିଣ୍ଡର ପାଉଛନ୍ତି। ଭାରତ ସରକାର ଏହି ଭାରକୁ ବହନ କରି ପୂର୍ବବର୍ଷରେ ପରିବାରଗୁଡ଼ିକୁ ବୃଦ୍ଧି ପାଉଥିବା ଆନ୍ତର୍ଜାତୀୟ ଏଲପିଜି ମୂଲ୍ୟର ପ୍ରଭାବରୁ ରକ୍ଷା କରିବା ପାଇଁ ୪୦,୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା ପୁରୀ କହିଛନ୍ତି।

## ରିଲାଏନ୍ସ ନାଁରେ...

ପିଟିଶନ୍ ଅନୁଯାୟୀ, ଆର୍‌ଆଇଏଲ୍ ୨୦୦୪ରୁ ୨୦୧୩-୧୪ ମଧ୍ୟରେ ବଡ଼ ଧରଣର ସଂଗଠିତ ଜାଲିଆତିରେ ସମ୍ପୃକ୍ତ ଥିଲା। ରିଲାଏନ୍ସ ଏହାର ଗଭୀର ସମୁଦ୍ର କୂପରୁ ଡ୍ରିଲ୍ କରିବା ସହ ନିକଟବର୍ତ୍ତୀ କ୍ରିଷ୍ଣା ଗୋଦାବରୀ ବେସିନ୍‌ରେ ଥିବା ଓଏନ୍‌ଜିସି ୱେଲ୍‌ରୁ ମଧ୍ୟ ସମାନ୍ତରାଳ ଡ୍ରିଲିଂ କରି ବେଆଇନ ଭାବେ ପ୍ରାକୃତିକ ଗ୍ୟାସ୍‌କୁ ଉତ୍ତୋଳନ କରିନେଇଥିଲା। ୨୦୧୩ରେ ଓଏନ୍‌ଜିସି ଅଧିକାରୀମାନେ ଏହା ଜାଣିବା ପରେ ସରକାରଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷରେ ବ୍ଲକ୍‌ଗୁଡ଼ିକ ମଧ୍ୟରେ ଗ୍ୟାସ୍ ସ୍ୱତଃ ସ୍ଥାନାନ୍ତର ହେଉଥିବା ଆର୍‌ଆଇଏଲ୍ କହିଥିଲା।

# ସାତପୁରା ବସ୍ତିରେ ୭ ବଖରା ଭଙ୍ଗାଗଲା, ୧୫ ଅଟକ

**ଆଧାର, ଭୋଟର ପରିଚୟପତ୍ର, ଜମି ପଟ୍ଟା ସବୁ ନକଲି**

ଜଗତ୍‌ସିଂହପୁର,୧୭।୧୧(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୋଲିସ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିଷୟରେ ବିଶେଷ ସୂତ୍ରରୁ ଖବର ପାଇ ବେହେରାମପୁର ପରେ ନିକଟବର୍ତ୍ତୀ ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟ ପାଖ ସାତପୁରା ବସ୍ତିରେ ଚଢ଼ାଉ କରିଥିଲା। ସେଠାରେ ଯାହା ଦେଖିଲା ତାହା ପ୍ରତ୍ୟେକଙ୍କୁ ବିସ୍ମିତ କରିବ ନିଶ୍ଚିତ। କାରଣ ଏହି ଜମି ସରକାରୀ ଜଳାଶୟ କିସମର ହୋଇଥିବାବେଳେ ସେଠାରେ ୨୦/୨୨ଟି ଘର ରହିଛି। ଲୋକମାନଙ୍କ ସୁବିଧା ପାଇଁ ବିଦ୍ୟୁତ୍ ଓ ରାସ୍ତା ଆଦି ହୋଇଛି। ଏହି ବେଆଇନ ଦଖଲ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୬/୭ଟି ଘର ଭାଙ୍ଗି ଦିଆଯାଇଛି। ବଡ଼ କଥା ହେଲା ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ନିକଟରୁ ନକଲି ଆଧାର କାର୍ଡ, ଭୋଟର ପରିଚୟପତ୍ର, ଜମି ପଟ୍ଟା ଆଦି ମିଳିଛି। ଏଭଳି ନକଲି କାଗଜପତ୍ର ସେମାନେ କାହିଁକି କରିଥିଲେ ଏବଂ କିଏ ଏଗୁଡ଼ିକ କରିବାରେ ସହାୟତା କରିଥିଲେ ତାହା ତଦନ୍ତ ପରିସରକୁ ଆସିଛି। ତେବେ ବସ୍ତିରେ ଥିବା ପାଖାପାଖି ୧୫ ଜଣଙ୍କୁ ପୋଲିସ ଉଠାଇ ନେଇ ପଚରାଉଚୁରା ଜାରି ରଖିଛି। ତଦନ୍ତ ପରେ ଅନେକ ରହସ୍ୟ ଉପରୁ ପରଦା ହଟିବ ବୋଲି କେନ୍ଦ୍ରାଞ୍ଚଳ ଡିଆଇଜି କହିଛନ୍ତି। ବେହେରାମପୁର ଓ ସାତପୁରା ବସ୍ତିରେ ଚଢାଉ ସମୟରେ ଜିଲାପାଳ, ଏସ୍‌ପି, ଅତିରିକ୍ତ ଏସ୍‌ପି ଓ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଉପଜିଲାପାଳ କହିଛନ୍ତି ଉଭୟ ସରକାରୀ ଜମିରେ ଏତେ ବର୍ଷ ଧରି କିପରି ଜବରଦଖଲ ହୋଇଥିଲା ତା' ଉପରେ ଆର୍‌ଆଇଙ୍କଠାରୁ କୈଫିୟତ ତଲବ ହେବ। ସନ୍ତୋଷଜନକ ଉତ୍ତର ନ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

କରୁଛନ୍ତି। ଏହି ଅନୁଯାୟୀ ପ୍ରଥମେ ସେମାନଙ୍କୁ ଚିହ୍ନଟ ଓ ପରେ ଭୋଟର ତାଲିକାରୁ ନାଁ କଟାଯିବ। ଏହାପରେ ସେମାନଙ୍କୁ ନିଜ ଦେଶକୁ ପଠାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

ଖବରଦାତା ସମ୍ମିଳନୀରେ ଜିଲାପାଳ ଜେ. ସୋନାଲ ଯୋଗଦେଇ କହିଛନ୍ତି, ବହୁତ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ଆସିଛନ୍ତି। ଏବେ ସେମାନଙ୍କ ମଧ୍ୟରୁ କେଉଁମାନେ ବେଆଇନ ଭାବେ ଆସିଛନ୍ତି ତାହା ଚିହ୍ନଟ କରିବାକୁ ପଡ଼ିବ, ଯଦି ବେଆଇନ ଭାବେ ଆସିଥିବେ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ବେହେରାମପୁର ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ପଶ୍ଚିମବଙ୍ଗର ବାସିନ୍ଦା ବୋଲି କାଗଜପତ୍ର ଦେଖାଉଛନ୍ତି। ଏହା ଠିକ୍ କି ଭୁଲ୍ ଜାଣିବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି କରାଯିବ। ଯେହେତୁ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ଚାଲିଛି, ଏହା ଜାଣିବା ଜରୁରୀ। ଏସ୍‌ପି ଅଙ୍କିତ ବର୍ମା କହିଛନ୍ତି, ଅଭିଯୁକ୍ତମାନେ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ନ ପାରିଲେ କାର୍ଯ୍ୟାନୁଷ୍ଠାନ ହେବ। ମୁଖ୍ୟ ଅଭିଯୁକ୍ତ ତଥା ଘର ମାଲିକ ସିକନ୍ଦର ଫେରାର ଅଛନ୍ତି। ସେ ବେଆଇନ ଭାବେ ବାଂଲାଦେଶ ଓ ଅନ୍ୟ ଦେଶର ଲୋକଙ୍କୁ ଆଣି ଉକ୍ତ ସ୍ଥାନରେ ରଖିବା ସହ ବେଆଇନ କାମରେ ନିୟୋଜିତ କରୁଥିବା ତଦନ୍ତରୁ ଜଣାଯାଇଛି। ତାଙ୍କୁ ଗିରଫ ପରେ ଅନେକ କିଛି ସ୍ପଷ୍ଟ ହୋଇଯିବ।

## ଶେଖ୍ ହାସିନାଙ୍କୁ...

ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଭାରତ ପଳାଇଆସିଥିଲେ। ସୋମବାର ତାଙ୍କ ଅନୁପସ୍ଥିତିରେ ଟ୍ରିବ୍ୟୁନାଲ ରାୟ ଶୁଣାଇଛନ୍ତି। ମୃତ୍ୟୁ ଦଣ୍ଡାଦେଶ ଘୋଷଣା ପରେ କୋର୍ଟ ପରିସରରେ ଉତ୍ସାହ ଦେଖାଦେଇଥିଲା। ତେବେ ହାସିନା ଉକ୍ତ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିପାରିବେ। ଆୱାମୀ ଲିଗ୍‌ର ଯୋଗଦାନରେ ଯଦି ଗଣତାନ୍ତ୍ରିକ ଭାବେ ନିର୍ବାଚିତ ସରକାର କ୍ଷମତାକୁ ନ ଆସନ୍ତି, ତେବେ ସେ ରାୟ ବିରୋଧରେ ଅପିଲ୍ କରିବେ ନାହିଁ ବୋଲି ହାସିନାଙ୍କ ପୁଅ ତଥା ଉପଦେଷ୍ଟା ସାଜୀବ ୱାଜେଦ୍ କହିଛନ୍ତି।

ରାୟ ପ୍ରକାଶ ପରେ ୭୮ ବର୍ଷୀୟ ହାସିନା ତାଙ୍କର ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି, ବିନା ଗଣତାନ୍ତ୍ରିକ ଜନାଦେଶରେ ଏକ ଅଣନିର୍ବାଚିତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ଅନୁଚିତ ଓ ବେଇମାନ ଢଙ୍ଗରେ ଚାଲିଥିବା ଟ୍ରିବ୍ୟୁନାଲ ଏଭଳି ରାୟ ଦେଇଛନ୍ତି। ରାଜନୀତି ଦ୍ୱାରା ଅନୁପ୍ରାଣିତ ଏହି ରାୟ ଅନ୍ତରୀଣ ସରକାର ଭିତରେ ଚରମପନ୍ଥୀ ତତ୍ତ୍ୱ ତାଙ୍କ ବିରୋଧରେ ଓ ଆୱାମୀ ଲିଗ୍ ବିରୋଧରେ ନିର୍ଲଜ ଓ ମରଣାନ୍ତକ ଉଦ୍ଦେଶ୍ୟକୁ ପ୍ରକାଶ କରୁଛି ବୋଲି ହାସିନା କହିଛନ୍ତି।

କେବଳ ହାସିନା ନୁହନ୍ତି, ତାଙ୍କ ଘନିଷ୍ଠ ଭାବେ ଜଣାଶୁଣା ପୂର୍ବତନ ଗୃହମନ୍ତ୍ରୀ ଅସାଦୁଜମାନ ଖାନ୍ କମଲଙ୍କୁ ମଧ୍ୟ ଟ୍ରିବ୍ୟୁନାଲ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଗତବର୍ଷର ଛାତ୍ର ଆନ୍ଦୋଳନ ବେଳେ ମାନବୀୟତା ବିରୋଧରେ ଅପରାଧ ପାଇଁ କମଲଙ୍କୁ ଟ୍ରିବ୍ୟୁନାଲ ଦୋଷୀସାବ୍ୟସ୍ତ କରିଥିଲେ। ଏଥିସହିତ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଅଦାଲତ କହିଛନ୍ତି। କମଲ ଭାରତରେ ରହିଥିବା ବିଶ୍ୱାସ କରାଯାଉଥିବାବେଳେ ତାଙ୍କ ଅନୁପସ୍ଥିତିରେ ରାୟ ଶୁଣାଣି ହୋଇଥିଲା। ସେହିପରି ପୂର୍ବତନ ପୋଲିସ ଆଇଜି ଚୌଧୁରୀ ଅବଦୁଲ୍ଲା ଅଲ୍-ମାମୁନ୍, ଯିଏ କି ପରେ ସାକ୍ଷୀ ହୋଇଥିଲେ, ତାଙ୍କୁ ଉକ୍ତ ମାମଲାରେ ୫ ବର୍ଷ ଜେଲଦଣ୍ଡ ହୋଇଛି।

## ଶୀତରେ ଥରୁଛି...

ସୁନ୍ଦରଗଡ଼ର କିଛି ଅଞ୍ଚଳରେ ଶୀତ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଗତ ୨୪ ଘଣ୍ଟାରେ ୫ସହରର ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ ତଳେ ରହିଥିଲା। କନ୍ଧମାଳର ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫.୪ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ, ସେମିଲିଗୁଡ଼ାରେ ୬.୧, ଦାରିଙ୍ଗବାଡ଼ିରେ ୭, ଫୁଲବାଣୀରେ ୮ ଏବଂ ଖାରସୁଗୁଡ଼ାରେ ୯.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ, ଅନୁଗୋଳରେ ୧୦.୨, ଟିଟିଲାଗଡ଼ରେ ୧୦.୨, କୋରାପୁଟରେ ୧୦.୮, କେନ୍ଦୁଝର, କିରେଇ, ଭବାନୀପାଟଣାରେ ୧୧, ନବରଙ୍ଗପୁରରେ ୧୧.୫, ସୁନ୍ଦରଗଡ଼ରେ ୧୧.୮ ଏବଂ କଟକରେ ୧୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜିର ଗ୍ରହ ସ୍ଥିତି କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରକୁ ସରସ ସୁନ୍ଦର କରିବ। ଆକସ୍ମିକ ଭାବେ ଜଣେ ବନ୍ଧୁ ଆସିବେ, କିନ୍ତୁ ଫେରିବା ସମୟକୁ ମନଦୁଃଖକରି ବହୁ ଅନୁରୋଧପୂର୍ଣ୍ଣ କଥା କହି ବିଦାୟ ନେଇପାରନ୍ତି। ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ**
ବନ୍ଧୁଙ୍କ ଆହ୍ୱାନକ୍ରମେ ଆଜି ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହେବା ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ।

**ମିଥୁନ**
ଆଜି କହିବାକୁ ଇଚ୍ଛା ଥିଲେ ମଧ୍ୟ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ପିତୃବର୍ଗରେ ଶ୍ରଦ୍ଧାଭାଜନ ହେବେ ଏବଂ ସାମୟିକ ଆଶ୍ୱସ୍ତି ଲାଭ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ବୃତ୍ତି, ବାଣିଜ୍ୟ, କର୍ମକ୍ଷେତ୍ର ଏବଂ ଆନୁଷ୍ଠାନିକ କାମ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବନାହିଁ।

**କର୍କଟ**
ବିଭିନ୍ନ ସମସ୍ୟା ମଧ୍ୟରେ ପରିବାରର କୌଣସି ବ୍ୟକ୍ତିଙ୍କ ମନରେ ଆଜି ଆଗଭଳି ସରସତା ରହିବ ନାହିଁ। ଦୀର୍ଘଦିନ ପରେ ଆଜି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ବନ୍ଧୁଙ୍କ ସବୁକଥାକୁ ନିର୍ବିବାଦରେ ଗ୍ରହଣ କରିବାକୁ ବାଧ୍ୟହେବେ। ନୂତନ କାମଟିରେ ସମ୍ପର୍କୀୟଙ୍କ ଅବଦାନ ବିଶେଷଭାବେ ରହିବ।

**ସିଂହ**
କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ ଯୋଜନା କରିପାରନ୍ତି। ସହକର୍ମୀଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ୍ଚ ଘଟିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସମସ୍ୟାର ସରଳ ସମାଧାନ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। ଈର୍ଷାପରାୟଣବଶତଃ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଦୀର୍ଘଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ଆଜି ସକ୍ଷମ ହୋଇପାରନ୍ତି।

**ତୁଳା**
ବିଭିନ୍ନ ଅସୁବିଧା ଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ମୂଲ୍ୟବାନ୍ ଜିନିଷ କିଣିବାକୁ ମୋଟା ଅଙ୍କର ଅର୍ଥର ଆବଶ୍ୟକତାର ପଡ଼ିବ। ଆଜି କର୍ମକ୍ଷେତ୍ରରେ, ସଭାସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚିତ୍ରା ନକ୍ଷତ୍ର ଯେତେ ଭଲକାମ କଲେ ସୁଦ୍ଧା ଆଶାନୁଯାୟୀ ଆଦର, ସମ୍ମାନ ପାଇପାରିବେ ନାହିଁ।

**ବିଛା**
ଅତୀତ ଘଟଣା ମନକୁ ଆଲୋଡ଼ିତ କରିବ। ବନ୍ଧୁମିଳନଜନିତ ହସଖୁସିର ଖୋରାକ ଜ୍ୟେଷ୍ଠା ନକ୍ଷତ୍ର ପାଇପାରନ୍ତି। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ୍ୟହେବେ। ଜାଣିଶୁଣି ମଧ୍ୟ ସବୁ କଥାରେ ନୀରବ ରହିବାକୁ ପଡ଼ିପାରେ। ଭଲ ସମ୍ପର୍କ ଥିବା ବ୍ୟକ୍ତି ଜଣକ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇରହିବେ।

**ଧନୁ**
ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଅତିରଞ୍ଜିତ କରିବା କ୍ଷତିର କାରଣ ହେବ। ବନ୍ଧୁଙ୍କ ଘରୋଇ କାମରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡ଼ିବ। ପରିବାରର ବରାଦାନୁସାରେ ଅଳଙ୍କାର, ଔଷଧ ଓ ସୌଖୀନ ଦ୍ରବ୍ୟ କ୍ରୟକରିବେ। ଦିନଟିରେ ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭାସମିତିରୁ ମନ ଖୁସି ରହିବ।

**ମକର**
ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ। ପ୍ରତ୍ୟେକ କାମ ଓ କଥାକୁ ସରଳତାର ସହ ଗ୍ରହଣକଲେ ଉପକୃତ ହେବେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟରେ ଉନ୍ନତି କରିବେ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହିବା ଦ୍ୱାରା ଯାହା ଇଚ୍ଛା ତାହା କହି ପକାଇବା ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ**
ସମ୍ପର୍କୀୟ ଯେତେ ସମସ୍ୟା ସୃଷ୍ଟିକଲେ ମଧ୍ୟ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ପଡ଼ୋଶୀଙ୍କ ସହାୟତାରେ ବହୁ ଦିନ ହେଲା ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣିହୋଇଯିବେ। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ନଭେମ୍ବର ୧୮ ତାରିଖ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୦୦ ଗତେ, ଘ. ୦୬।୪୪ ମଧ୍ୟେ, ଘ.୦୮।୪୬ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।




# ଖେଳୁଥିବା ବେଳେ ପୋଖରୀରେ ପଡ଼ି ୨ ଶିଶୁ ମୃତ

**ତିହିଡ଼ି,୧୭।୧୧(ସଞ୍ଜିତ ବଳ):** ଖେଳୁଥିବା ବେଳେ ପୋଖରୀରେ ପଡ଼ି ଚାଲିଗଲା ୨ ଶିଶୁଙ୍କ ଜୀବନ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତର ଜାଫରାବାଦ ଗ୍ରାମରେ ସୋମବାର ଅପରାହ୍ଣରେ ଏଭଳି ଘଟଣା ଘଟିଛି। ମୃତ ୨ ଶିଶୁ ହେଲେ ଉକ୍ତ ଗ୍ରାମର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ(୩) ଏବଂ ବାଲେଶ୍ୱର ଜିଲା ସିମୁଳିଆ ଥାନା ଫୁଲଗ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ(୪)। ସୂଚନା ଅନୁଯାୟୀ, ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗ୍ରାମର ବନ୍ଧୁଘରକୁ ଆସିଥିଲେ। ଅପରାହ୍ଣ ୧ଟା ବେଳେ ହିମାଂଶୁ ଏବଂ ଅନନ୍ତ ସାଙ୍ଗ ହୋଇ ଘର ପାଖରେ ଖେଳୁଥିବା ସମୟରେ ସେମାନେ ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ସେମାନଙ୍କୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ।




# ଆଧ୍ୟାତ୍ମିକ ଜୀବନଶୈଳୀ ନିରାଡ଼ମ୍ବର ହେବାକୁ ପ୍ରେରଣା ଦିଏ: ମୁଖ୍ୟମନ୍ତ୍ରୀ

## ବ୍ରହ୍ମାକୁମାରୀ ଅନୁଷ୍ଠାନର 'ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କଲେ ମୋହନ

**ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)**



ଭୁବନେଶ୍ୱର ବ୍ରହ୍ମାକୁମାରୀ ଅନୁଷ୍ଠାନର ସୋମବାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂ, ବ୍ରହ୍ମାକୁମାରୀ ଭଉଣୀ ଶିବାନୀ, ଡକ୍ଟର ବନାରସୀ ଭାଇ ଓ ଅନ୍ୟମାନେ।

ଭୁବନେଶ୍ୱର ବ୍ରହ୍ମାକୁମାରୀ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅନୁଷ୍ଠାନର 'ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ରହ୍ମାକୁମାରୀ ଅନୁଷ୍ଠାନର ୫୦ ବର୍ଷର ଯାତ୍ରା କେବଳ ସମୟର ଯାତ୍ରା ନହେଁ, ଏହା ମାନବତାର ଜାଗରଣ, ଆଧ୍ୟାତ୍ମିକ ଉନ୍ନତି ଏବଂ ଦିବ୍ୟ ସେବାର ଯାତ୍ରା। ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦିଏ। ଏହାଦ୍ୱାରା ଆମେ ପ୍ରକୃତିର ସମ୍ପଦକୁ ବିଚାରଯୋଗ୍ୟ ବ୍ୟବହାର କରିଥାଉ। ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ ଏବଂ ଏହି ଶିକ୍ଷା ବ୍ରହ୍ମାକୁମାରୀ ସିଷ୍ଟର ଶିବାନୀ, ଜଣେ ଆଧ୍ୟାତ୍ମିକ ଶିକ୍ଷକ ଭାବେ ସାରା ବିଶ୍ୱକୁ ଶିଖାଇ ଆସୁଛନ୍ତି। ତାଙ୍କର ତ୍ୟାଗ ଓ ସେବା ମନୋବୃତ୍ତି ପାଇଁ ସେ ଆଜି ଦେଶର ଆଧ୍ୟାତ୍ମିକ ଜଗତରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବ୍ରହ୍ମାକୁମାରୀ ଅନୁଷ୍ଠାନ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଏବଂ ଇମୋଶନ ୱେଲବିଙ୍ଗ ବିଷୟକୁ ଗୁରୁତ୍ୱର ସହ ନେଇ ଲକ୍ଷ ଲକ୍ଷ ଲୋକଙ୍କ ଡିପ୍ରେସନ, ଆଡିକ୍ସନ ଏବଂ ଅନ୍ୟ ବ୍ୟକ୍ତିଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରୁଛନ୍ତି। ନାରୀ ସଶକ୍ତୀକରଣ ଓ ସାମାଜିକ ମୂଲ୍ୟବୋଧ ଉପରେ ମଧ୍ୟ କାମ କରୁଛନ୍ତି। ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହଠାରୁ ଆରମ୍ଭ କରି ଆଗାମୀ ଦିନଗୁଡ଼ିକରେ ଏହି ଅନୁଷ୍ଠାନ ଏକ ବିଶ୍ୱ ଆନ୍ଦୋଳନର ରୂପନେଉ, ମାଉଣ୍ଟଆବୁରୁ ନ୍ୟୁୟର୍କ ଏବଂ ନାଇରୋବିଠାରୁ ଆରମ୍ଭ କରି ଲଣ୍ଡନ ପର୍ଯ୍ୟନ୍ତ ବିଶ୍ୱ ଶାନ୍ତିର ବାର୍ତ୍ତା ପହଞ୍ଚାଉ। ବର୍ତ୍ତମାନ ଯେଉଁଭଳି ବ୍ରହ୍ମାକୁମାରୀ ଅନୁଷ୍ଠାନ ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା ଅଭିଯାନ ଆରମ୍ଭ କରିଛି, ସେହିଭଳି ଆମେ ମଧ୍ୟ ଲକ୍ଷ୍ୟ ରଖିଛୁ ୨୦୩୬ ସୁଦ୍ଧା ଆମ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା ଭାବେ ଗଢିତୋଳିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବ୍ରହ୍ମାକୁମାରୀ ଅନୁଷ୍ଠାନ ସମାଜକୁ ସଜାଡ଼ିବାର ଓ ମଣିଷକୁ ସୁଧାରିବାର କାର୍ଯ୍ୟ କରୁଛି। ୫୦ ବର୍ଷ ଧରି ଏହି ଅନୁଷ୍ଠାନ ଆମ ସମସ୍ତଙ୍କୁ ଶାନ୍ତି ଏବଂ ମୈତ୍ରୀର ମାର୍ଗ ଦେଖାଉଛି। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବ୍ରହ୍ମାକୁମାରୀ ସିଷ୍ଟର ଶିବାନୀ, ଡକ୍ଟର ବନାରସୀ ଭାଇ, ଶକ୍ତିରାଜ ଭାଇ, ବ୍ରହ୍ମାକୁମାରୀ, ଭୁବନେଶ୍ୱର ଶାଖାରୁ ଗୀତା ଦିଦି ପ୍ରମୁଖ ମଞ୍ଚାସୀନ ଥିଲେ।

# ବଜେଟ ଛୁଇଁବ ୫୦୦ ବିଲିୟନ ଡଲାର

## ସରକାରଙ୍କ ଭିଜନ-୨୦୩୬

**ଭୁବନେଶ୍ୱର,୧୭।୧୧ (ରବିନାରାୟଣ ଜେନା)**

ରାଜ୍ୟବାସୀଙ୍କୁ ଭାଜପା ସରକାର ଦେଇଥିବା ପ୍ରତିଶ୍ରୁତି କିଭଳି ପୂରଣ ହେବ ଏବଂ ଓଡ଼ିଶା ବିକାଶର ଶୀର୍ଷକୁ ଛୁଇଁବ ତାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ରାଜ୍ୟର ରାଜସ୍ୱ ବୃଦ୍ଧି କରିବା ଏବଂ ଏହାକୁ ଜନହିତକର କାର୍ଯ୍ୟକ୍ରମରେ ବିନିଯୋଗ କରିବା ପାଇଁ ଅର୍ଥ ବିଭାଗ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଅର୍ଥ ବିଭାଗର ରଣନୀତି ଆଧାରରେ ଆସନ୍ତା ୨୦୩୬ ବେଳକୁ ଓଡ଼ିଶା ଯେତେବେଳେ ବିକାଶର ଶୀର୍ଷ ଛୁଇଁବ, ସେତେବେଳେ ଏହାର ବଜେଟ ଆକାର ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ଏବେଠାରୁ ବଜେଟ ପ୍ରସ୍ତୁତ କରିବା ଲାଗି ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ କୁହାଯାଇଛି।

ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ନଭେମ୍ବର ୧୧ରେ ସବୁ ବିଭାଗକୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ସମସ୍ତ ବିଭାଗ ଡିସେମ୍ବର ୨୦ ସୁଦ୍ଧା ବଜେଟ ପ୍ରସ୍ତାବମାନ ଦେବେ। ଡିସେମ୍ବର ୨୧ ତାରିଖରୁ ୨୦୨୬ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ପ୍ରଶାସନିକ ବିଭାଗ ସହିତ ବଜେଟ ପ୍ରସ୍ତାବ ସଂକ୍ରାନ୍ତରେ ପ୍ରାକ୍ ପରାମର୍ଶ ବୈଠକ ଅନୁଷ୍ଠିତ ହେବ। ଯଦି କୌଣସି ବିଭାଗର ବଜେଟ ପ୍ରସ୍ତାବରେ ସଂଶୋଧନ ଆବଶ୍ୟକ ହେଲା ତାହା ୩ ଫେବୃଆରୀ ସୁଦ୍ଧା ଶେଷ ହେବା ଆବଶ୍ୟକ। ଫେବୃଆରୀ ୬ ତାରିଖରେ ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ ଆୟୁକ୍ତ ସବୁ ବିଭାଗର ସଚିବଙ୍କ ସହିତ ବଜେଟ ସଂକ୍ରାନ୍ତରେ ଆଲୋଚନା କରି ସୁଚିନ୍ତିତ ପରାମର୍ଶ ଦେବେ। ଫେବୃଆରୀ ୭ରୁ ୧୦ ତାରିଖ ମଧ୍ୟରେ ମନ୍ତ୍ରୀ ପରିଷଦରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି ବଜେଟ ପ୍ରସ୍ତାବକୁ ପ୍ରଥମେ ଅନୁମୋଦନ ମିଳିବା ଆବଶ୍ୟକ। ଦ୍ୱିତୀୟ ସପ୍ତାହରେ ବଜେଟ ଦସ୍ତାବିଜ୍ ପ୍ରସ୍ତୁତ ହେବାକୁ ରହିଥିବାବେଳେ ତୃତୀୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ବଜେଟ ଉପସ୍ଥାପନ କରିବେ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକବର୍ଷ ଲାଗି ବଜେଟ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି।

ସେ ଦର୍ଶାଇଛନ୍ତି, ରାଜ୍ୟରେ ଏବେ ଯେଉଁ ପରିମାଣର ଟିକସ ଆଦାୟ କରାଯାଉଛି ବା ରାଜସ୍ୱ ଆୟ ସ୍ଥିତି ଯାହା ରହିଛି ତାହା ଆସନ୍ତା ୨୦୨୬-୨୭ ଆର୍ଥିକବର୍ଷରେ ପ୍ରାୟ ୧୦ ପ୍ରତିଶତ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ବିଭାଗଗୁଡ଼ିକ ସେମାନଙ୍କୁ ପ୍ରସ୍ତାବ ଦେବା ଆବଶ୍ୟକ। ତେବେ ବଜେଟ ଆକଳନ ପ୍ରସ୍ତୁତି ସମୟରେ ଓଡ଼ିଶା ବଜେଟ ନିୟମାବଳୀର ଅଧ୍ୟାୟ-୩ରେ ଥିବା ସାଧାରଣ ନିର୍ଦ୍ଦେଶନାମା ଓ ଅତିରିକ୍ତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ହେବ।

ସେହିପରି ବର୍ତ୍ତମାନ ଓଡ଼ିଶା ସରକାରଙ୍କ ବଜେଟ ଆକାର ଯାହା ରହିଛି, ୨୦୪୭ ବେଳକୁ ଏହା ପ୍ରାୟ ୧୫ଗୁଣ ବଢ଼ିଯିବ। ସେତେବେଳକୁ ରାଜ୍ୟରେ ପ୍ରାୟ ୧କୋଟିରୁ ଅଧିକ ନୂତନ କର୍ମ ନିଯୁକ୍ତି ସୃଷ୍ଟି ହୋଇ ସାରିଥିବ। ଏହାସହିତ ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ସୁନିଶ୍ଚିତ ହେବା ସହିତ ସବୁଜ ଶକ୍ତି, ପର୍ଯ୍ୟଟନ, ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇ ଉଭା ହେବ।

ଅନ୍ୟପକ୍ଷରେ ଓଡ଼ିଶା ବିତ୍ତୀୟ ଉତ୍ତରଦାୟିତ୍ୱ ଏବଂ ବଜେଟ ପରିଚାଳନା ଅଧିନିୟମ (ଏଫ୍।ଆର୍।ବି।ଏମ୍)-୨୦୦୫ ଅନୁଯାୟୀ ରାଜସ୍ୱ ବଳକା ବଜାୟ ରଖିବା ଏବଂ ବିତ୍ତୀୟ ନିଅଣ୍ଟକୁ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୩% ମଧ୍ୟରେ ସୀମିତ ରଖିବାକୁ ପଡ଼ିବ। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସ ଅନୁଯାୟୀ, ୨୦୨୬-୨୭ରେ ଜିଏସ୍‌ଡିପିର ୦.୫% ଅତିରିକ୍ତ ବାର୍ଷିକ ଋଣ ସରକାର କରିପାରିବେ। ତେଣୁ ପୁଞ୍ଜି ଖର୍ଚ୍ଚର ଆବଶ୍ୟକତା ପୂରଣ ନିମନ୍ତେ ଯୁକ୍ତିଯୁକ୍ତ ରାଜସ୍ୱ ବ୍ୟୟ ଉପରେ ପ୍ରାଥମିକତା ଦେବା ସହିତ ଅଧିକ ରାଜସ୍ୱ ବଳକା ବଜାୟ ରଖିବା ଲାଗି ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି।




# ଖୁବ୍‌ଶୀଘ୍ର ଆସିବ ନୂଆ ସମବାୟ ନୀତି: ମନ୍ତ୍ରୀ

## ତୃଣମୂଳସ୍ତରରେ ସମସ୍ତ ଆବଶ୍ୟକତାକୁ ପୂରଣ କରିବ


ଲୋକସେବା ଭବନରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟ ଅଧିକାରୀଙ୍କ ସହ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

**ଭୁବନେଶ୍ୱର,୧୭।୧୧ (ରବିନାରାୟଣ ଜେନା)**

ରାଜ୍ୟରେ ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ଆଧୁନିକୀକରଣ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫ ଅଣାଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି।

ସୋମବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଓଡ଼ିଶା ରାଜ୍ୟ ଚିଠା ସମବାୟ ନୀତି ୨୦୨୫ ଉପରେ ଆଲୋଚନାଚକ୍ର ଓ ମତାମତ ଗ୍ରହଣ କାର୍ଯ୍ୟକ୍ରମରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ସମବାୟ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିବ। ସମବାୟ ଅନୁଷ୍ଠାନଗୁଡ଼ିକ ଆତ୍ମ ନିର୍ଭରଶୀଳ ହେବ। ତୃଣମୂଳସ୍ତରରେ ସମବାୟ ଅନୁଷ୍ଠାନ ଲୋକଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦେବ। ସେ କହିଥିଲେ, ଜାତୀୟ ସମବାୟ ନୀତି ପ୍ରକାଶ ପାଇ ସାରିଥିବା ବେଳେ ସମବାୟ ସଂସ୍କାର ଆଧାରରେ ଓଡ଼ିଶା ରାଜ୍ୟ ସମବାୟ ନୀତି ଅଣାଯିବ।

ଏହି ଅବସରରେ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ନୂଆ ନୀତି ପ୍ରଣୟନ ହେଲେ ସମବାୟ ସଂସ୍ଥାଗୁଡ଼ିକ ଦୀର୍ଘସ୍ଥାୟୀ ହେବା ସହିତ ଆତ୍ମନିର୍ଭର, ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ, ନାଗରିକ-କୈନ୍ଦ୍ରିକ ଓ ତୃଣମୂଳସ୍ତରରେ ସମସ୍ତ ଆବଶ୍ୟକତାକୁ ପୂରଣ କରିବ। ଏଥିପାଇଁ ୱାନ୍ ଷ୍ଟପ୍ ଶପ୍ ଅନୁଷ୍ଠାନରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସମବାୟ ଅନୁଷ୍ଠାନକୁ ଆର୍ଥିକ ଭାବେ ଆତ୍ମନିର୍ଭର କରିବା ସହ ଏହି ନୀତି ଓଡ଼ିଶାର ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ ଓ ଡିଜିଟାଲ୍ ଭାବେ ସଶକ୍ତ କରିବ। ଫଳରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ସହ ରାଜ୍ୟ ସରକାରଙ୍କ ଆତ୍ମନିର୍ଭର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ।

କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ଗୁହା ପୁନମ ତାପସ କୁମାର ଯୋଗଦେଇ କୃଷି, ମତ୍ସ୍ୟ, ଦୁଗ୍ଧ, ଆବାସ, ବିପଣନ, ହସ୍ତଶିଳ୍ପ, ବୟନ, ରେଶମ ଚାଷ ଆଦି କ୍ଷେତ୍ରରେ ସମବାୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଓସାମା ବୋର୍ଡର ସାଧାରଣ ପରିଚାଳକ ଧରିତ୍ରୀ ମିଶ୍ର, ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।

# ହାସିନାଙ୍କୁ ମୃତ୍ୟୁଦଣ୍ଡ

ବାଂଲାଦେଶରେ ଆଭ୍ୟନ୍ତରୀଣ ଯୁଦ୍ଧଜନିତ ଅପରାଧକୁ ତଦନ୍ତ କରିବା ଲାଗି ୨୦୦୯ରେ ଗଠିତ ଇଣ୍ଟରନ୍ୟାଶନାଲ କ୍ରାଇମ୍ସ ଟ୍ରିବ୍ୟୁନାଲ (ଆଇସିଟି) ୧୭ ନଭେମ୍ବରରେ ନିର୍ବାସିତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଛି। ଗତବର୍ଷ ଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା ଆନ୍ଦୋଳନକୁ ଦମନ କରିବା ଲାଗି ସେ ଦେଇଥିବା ନିର୍ଦ୍ଦେଶ ଆଧାରରେ ତାଙ୍କ ବିରୋଧରେ ଅପରାଧ ମାମଲା ଚାଲିଥିଲା ବୋଲି କୁହାଯାଉଛି। ରାୟ ପ୍ରକାଶ ପାଇବା ପରେ ହାସିନା ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ସେ କହିଛନ୍ତି, ୨୦୨୪ରେ ଯେଉଁ ଛାତ୍ର ଆନ୍ଦୋଳନ କରାଯାଇଥିଲା ତାହା କଦାପି ପୂର୍ବକଳ୍ପିତ ନ ଥିଲା। ସେହି ବିକ୍ଷୋଭ ଯୋଗୁ ତାଙ୍କ ସରକାରର ପତନ ଘଟିଥିଲା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ବାଂଲାଦେଶ ମୁକ୍ତି ସଂଗ୍ରାମରେ ଭାଗ ନେଇଥିବା ମୁକ୍ତି ଯୋଦ୍ଧାଙ୍କ ବଂଶଧରମାନଙ୍କୁ ଦିଆଯାଉଥିବା ସଂରକ୍ଷଣକୁ ରଦ୍ଦ କରିବା ନେଇ ଛାତ୍ର ସମାଜ ସେତେବେଳେ ରାସ୍ତାକୁ ଓହ୍ଲାଇଥିଲା। ସେହି ଆନ୍ଦୋଳନକୁ ଦମନ କରିବା ଲାଗି ହାସିନା ସରକାରଙ୍କ ପୋଲିସ ଅତ୍ୟାଚାରରେ ୨୩୦ ଜଣ ଲୋକଙ୍କ ପ୍ରାଣହାନି ଘଟିଥିବା ଅଭିଯୋଗ ହୋଇଥିଲା। ସ୍ଥିତି ପ୍ରଶମିତ କରିବା ଲାଗି ସୁପ୍ରିମକୋର୍ଟ ଉକ୍ତ ସଂରକ୍ଷଣକୁ ଉଚ୍ଛେଦ କରିବା ଓ ତାହାକୁ ସରକାର ଗ୍ରହଣ କରିଦେଇଥିଲେ ମଧ୍ୟ ବିକ୍ଷୋଭ ଥମି ନ ଥିଲା। କାରଣ ପରବର୍ତ୍ତୀ ସମୟରେ ସେହି ଆନ୍ଦୋଳନକୁ ଇସ୍‌ଲାମିକ ଗୋଷ୍ଠୀ ଅପହରଣ କରି ନେଇ ହିଂସାକାଣ୍ଡ ଜାରି ରଖିଥିଲେ। ଏହାର ପରିଣତି ଆହୁରି ଭୟଙ୍କର ହୋଇଥିଲା ଯେତେବେଳେ ବିକ୍ଷୋଭକାରୀମାନେ ୫ ଅଗଷ୍ଟ ୨୦୨୪ରେ ହାସିନାଙ୍କ ବାସଭବନକୁ ଧସେଇ ପଶି ଛାରଖାର କରିଥିଲେ। ସ୍ଥିତି ଅଶାନ୍ତ ହେଉଥିବା ଦେଖି ହାସିନା ବାଂଲାଦେଶ ରାଜଧାନୀ ଢାକା ଛାଡ଼ି ସେହି ଦିନ ଭାରତକୁ ପଳାଇଥିଲେ। ଉଲ୍ଲେଖ କରାଯାଇପାରେ ଯେ ହାସିନା ପ୍ରଥମେ ୧୯୯୬ରୁ ୨୦୦୧ ଏବଂ ପରେ ୨୦୦୯ରୁ ୨୦୨୪ ଯାଏ ବାଂଲାଦେଶ ପ୍ରଧାନମନ୍ତ୍ରୀ ରହି ଦୀର୍ଘକାଳ ଶାସନ କରିଥିଲେ।

ହାସିନାଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପରେ ତାହା ଭାରତ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏବେ ସେ ଭାରତରେ ଆଶ୍ରିତ ଅଛନ୍ତି। ବାସ୍ତବରେ ହାସିନା ଯଦି ଭୁଲ କାର୍ଯ୍ୟ କରିଥିବେ ସେ ଦଣ୍ଡିତ ହେବା ଦରକାର। କିନ୍ତୁ ଯଦି ରାଜନୈତିକ ପରିବେଶ ସହିତ ନ୍ୟାୟିକ ରାୟ ବଦଳିଯାଏ, ତାହା ଆଇନର ଶାସନ ଉପରେ ଲୋକଙ୍କ ବିଶ୍ୱାସକୁ ଦୁର୍ବଳ କରିଦିଏ। ଏକଦା ବାଂଲାଦେଶ ମୁକ୍ତି ସଂଗ୍ରାମରେ ହାସିନାଙ୍କ ପିତା ଶେଖ୍ ମୁଜିବୁର ରହେମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ହେଲେ ହାସିନା ସରକାରଙ୍କ ବିରୋଧରେ ଯେଉଁଭଳି ଭାବେ ହିଂସାତ୍ମକ ଆନ୍ଦୋଳନ ଦେଖାଦେଲା ସେଥିରେ ମୁଜିବୁରଙ୍କ ପ୍ରତିମୂର୍ତ୍ତିକୁ ସର୍ବସମ୍ମୁଖରେ ଭାଙ୍ଗି ଦିଆଯାଇଥିଲା। ସେଥିରୁ ଆନ୍ଦୋଳନକାରୀଙ୍କ କ୍ରୋଧର ଉତ୍ତାପ ମାପି ହୋଇଯାଇଥିଲା। ହାସିନାଙ୍କୁ ଦୋଷୀ ସାବ୍ୟସ୍ତ କରାଯିବାର କିଛି ଘଣ୍ଟା ପରେ ବାଂଲାଦେଶର ଅନ୍ତରୀଣ ସରକାର ଔପଚାରିକ ଭାବେ ତାଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ଭାରତକୁ ଅନୁରୋଧ କରିଛନ୍ତି। ପୂର୍ବରୁ ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶ କହି ଆସୁଥିଲେ ମଧ୍ୟ କୌଣସି ଔପଚାରିକ ନୋଟିସ ଦେଇ ନ ଥିଲା। ଚଳିତ ବର୍ଷ ଏପ୍ରିଲରେ ବ୍ୟାଙ୍କକ୍‌ଠାରେ ହୋଇଥିବା ବିମ୍ସଷ୍ଟେକ୍ ସମ୍ମିଳନୀ ପୃଷ୍ଠଭୂମିରେ ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭେଟ ହୋଇଥିଲେ। ଭାରତରେ ରହି ବାଂଲାଦେଶକୁ ସମାଲୋଚନା କରିବାରୁ ହାସିନା କ୍ଷାନ୍ତ ରହିବା ଉଚିତ ବୋଲି ୟୁନୁସ ସୂଚନା ଦେଇଥିଲେ। କିନ୍ତୁ ଏବେ ହାସିନା ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ରାୟ ଦିଆଯାଇଥିବାରୁ ବାଂଲାଦେଶ ତାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ଉପରେ ଚାପ ପକାଇଛି।

ଗଣତାନ୍ତ୍ରିକ ନେତାମାନେ ଯେତେବେଳେ ଏକଚ୍ଛତ୍ରବାଦୀ ହୋଇ ନିଜ ଦେଶର ନାଗରିକଙ୍କ ଉପରେ ଅତ୍ୟାଚାର କରନ୍ତି, ସେତେବେଳେ ସମସ୍ୟା ଜନ୍ମ ନିଏ। ଭୋଟ ମାଧ୍ୟମରେ ଜିତିଆସୁଥିବା ନେତାଙ୍କର ବହୁକାଳ ପର୍ଯ୍ୟନ୍ତ ଅଧିକ ସମର୍ଥକ ଓ ଦଳୀୟ କର୍ମୀ ଦେଶବ୍ୟାପୀ ଖେଦିଯାଇଥାନ୍ତି। ପରବର୍ତ୍ତୀ ସମୟରେ ଯେତେବେଳେ ସାଧାରଣ ଲୋକଙ୍କର ଅସନ୍ତୋଷ ବୃଦ୍ଧି ପାଏ ସେତେବେଳେ ପ୍ରଥମେ ସମର୍ଥକ ଖସିଯାଆନ୍ତି। ତା'ପର ପର୍ଯ୍ୟାୟରେ ଦଳୀୟ କର୍ମୀଙ୍କ ସଂଖ୍ୟା ହ୍ରାସ ପାଇବାକୁ ଲାଗେ। ଯେତେ ସୁଦୃଢ଼ ଦିଶୁଥିଲେ ମଧ୍ୟ ସମୟ ପଡ଼ିଲେ ଗରମ ପାଣିରୁ ବାଷ୍ପ ଉଭାନ ହୋଇଯିବା ଭଳି ଅଧିକାଂଶ ଦଳୀୟ କର୍ମୀ ମଧ୍ୟ ମଞ୍ଚରୁ ଉଭାନ ହୋଇଯାଆନ୍ତି। ସେତେବେଳେ ଆଭ୍ୟନ୍ତରୀଣ ଅସନ୍ତୋଷ ଯେଉଁ ପରିମାଣରେ ବଢ଼େ ବାଂଲାଦେଶରେ ନିକଟ ଅତୀତରେ ହାସିନାଙ୍କ ଘଟଣାରୁ ବୁଝାପଡୁଛି। ଯଦି ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି ନ ହୁଏ ତେବେ ଇରାକ୍‌ରେ ବାହ୍ୟ ଶତ୍ରୁ ପ୍ରବେଶ କରି ସଦ୍ଦାମ ହୁସେନଙ୍କୁ ଫାଶୀ ଦେଲାଭଳି ପରିସ୍ଥିତି ସୃଷ୍ଟି ହୁଏ। ଆଜିର ପୃଥିବୀରେ ସବୁ ଗଣତାନ୍ତ୍ରିକ ପଦ୍ଧତିରେ ଜିତି କ୍ଷମତାକୁ ଆସିଥିବା ନେତାମାନେ ବୁଝିବା ଦରକାର ଯେ ତାଙ୍କ ନିଜ ଉପରେ ଏବଂ ତାଙ୍କର ନିକଟତମ ମୁଷ୍ଟିମେୟ ସହଯୋଗୀଙ୍କ ଉପରେ ପ୍ରତ୍ୟେକ ଦିନ ବିପଦର ପରିମାଣ ବୃଦ୍ଧି ପାଉଛି। ଜନସାଧାରଣ ବି ବୁଝିବା ଦରକାର ଯେ ହାସିନାଙ୍କ ଭଳି ଏକଚ୍ଛତ୍ରବାଦୀ ନେତୃତ୍ୱକୁ ଦୀର୍ଘବର୍ଷ କ୍ଷମତାରେ ରଖିଥିବା ହେତୁ ଆଜି ସେହି ଦେଶ ତଳିତଳାନ୍ତ ହୋଇପଡ଼ିଛି। ବାଂଲାଦେଶ ଏବଂ ଇରାକରୁ ଶିକ୍ଷା ନେଇ ସବୁ ଗଣତାନ୍ତ୍ରିକ ନେତାମାନେ ସଜାଗ ହେବା ଦରକାର।

# ବିହାର: ଏନଡିଏ ପାଇଁ ଆହ୍ୱାନ



ସୌଭାଗ୍ୟ ସୁନ୍ଦରରାୟ

ବିହାରରେ କ୍ଷମତାସୀନ ଏନ୍‌ଡିଏ ରେକର୍ଡ଼ ବିଜୟ ଲାଭ କରିଛି। ନିର୍ବାଚନରେ ଆର୍‌ଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ରାଜନୈତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏନ୍‌ଡିଏ ସରକାର ଗଠନ କରିବା ସ୍ପଷ୍ଟ ହୋଇଛି। ଏବେ ନୂଆ ସରକାର ଆଗରେ ଦୁଇଟି ସମସ୍ୟା। ଗୋଟିଏ ଇସ୍ତାହାର ପ୍ରତିଶ୍ରୁତି ପାଳନ ଓ ଅନ୍ୟଟି ରାଜନୈତିକ ଟଣାଓଟରା। ନିର୍ବାଚନ ପୂର୍ବରୁ ନୀତୀଶ କୁମାର ସରକାରୀ ଭାବେ ରାଜ୍ୟର ବିକାଶ ମିତ୍ରଙ୍କୁ ୨୫ ହଜାର ଲେଖାଁଏ ଟଙ୍କା ପ୍ରଦାନ, ରାଜ୍ୟବାସୀଙ୍କୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ୩୦ ହଜାର ଶିକ୍ଷା ସେବକଙ୍କୁ ୧୦ ହଜାର ଲେଖାଁଏ ପ୍ରୋତ୍ସାହନ ରାଶି, ବରିଷ୍ଠ ନାଗରିକଙ୍କ ପେନ୍‌ସନ ରାଶି ବୃଦ୍ଧି, ଶିକ୍ଷିତ ବେକାରଙ୍କ ପାଇଁ ୧୦୦୦ ଟଙ୍କା ଭତ୍ତା, ରାଜ୍ୟର ୧୬ ଲକ୍ଷ ନିର୍ମାଣ ଶ୍ରମିକଙ୍କ ପାଇଁ ୫୦୦୦ ଟଙ୍କା ପୋଷାକ ଭତ୍ତା ପ୍ରଦାନ କରିବା ନିମନ୍ତେ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାରେ ପ୍ରାୟ ୭୫ ଲକ୍ଷ ମହିଳାଙ୍କୁ ପ୍ରଥମ କିସ୍ତି ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଏହା ବିତରଣ କରିଥିଲେ। ପରବର୍ତ୍ତୀ ସମୟରେ ସମୀକ୍ଷା କରାଯାଇ ମହିଳାମାନଙ୍କୁ ୨ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ କୁହାଯାଇଥିଲା। ଅର୍ଥାତ୍ ନିର୍ବାଚନ ପୂର୍ବରୁ ସମସ୍ତ ବର୍ଗଙ୍କୁ ଖୁସି କରିବାକୁ ନୀତୀଶ ଉଦ୍ୟମ କରିଥିଲେ।

ପ୍ରଥମେ ମହାଗଠବନ୍ଧନ ଓ ପରେ ଏନ୍‌ଡିଏର ଇସ୍ତାହାର ପ୍ରକାଶ ପାଇଲା। ଏନ୍‌ଡିଏ ନିଜ ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ ୧ କୋଟି ନିଯୁକ୍ତି ସୁବିଧା ଯୋଗାଣ ସହ ୧ କୋଟି ଲକ୍ଷପତି ଦିଦି ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦେଇଛି। ୧ କୋଟି ନିଯୁକ୍ତି ସୁବିଧା ମଧ୍ୟରେ ସରକାରୀ ଓ ବେସରକାରୀ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏଥିସହ ଗରିବ ଶ୍ରେଣୀର ପିଲାଙ୍କ ପାଇଁ ପ୍ରଥମରୁ ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ, ଘରପିଛା ୧୨୫ ୟୁନିଟ୍ ମାଗଣା ବିଦ୍ୟୁତ୍ ଓ ବିଭିନ୍ନ ବର୍ଗର ଯୁବକଙ୍କ ପାଇଁ ଋଣ ସୁବିଧା ବିଷୟ ଘୋଷଣା କରିଛି। ବିହାରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଶିକ୍ଷା ଛାଡୁଥିବା ପିଲାଙ୍କ ସଂଖ୍ୟା ୨୫.୯%। ନବମରୁ ଦ୍ୱାଦଶ ମଧ୍ୟରେ ଶିକ୍ଷା ଛାଡୁଥିବା ପିଲାଙ୍କ ସଂଖ୍ୟା ୨୦.୯%, ଯେତେବେଳେ କି ଜାତୀୟ ହାର ଯଥାକ୍ରମେ ୫.୨% ଓ ୧୦.୯%। ଏହା ବିହାର ଶିକ୍ଷା କ୍ଷେତ୍ରରେ ଏକ ଉଦ୍‌ବେଗଜନକ ବିଷୟ। ଏଣୁ ଇସ୍ତାହାରରେ ଏ ବିଷୟକୁ ଦୃଷ୍ଟିରେ ରଖାଯାଇଥିଲା। ଏନ୍‌ଡିଏ ୨୫ ଦଫା ଇସ୍ତାହାର ମୁଖ୍ୟତଃ ଶିକ୍ଷା, ଯୁବ ଓ ମହିଳା କୈନ୍ଦ୍ରିକ ରହିଥିବା ଅନୁଭବ କରାଯାଉଛି।

ସଂପ୍ରତି ବିହାର ମୁଖ୍ୟମନ୍ତ୍ରୀ ଥିବା ନୀତୀଶ କୁମାର ୨୦ ବର୍ଷ ଶାସନ କ୍ଷମତାରେ ରହିଲେଣି। ଦୁଇ ମେଣ୍ଟର ଇସ୍ତାହାର ଉନ୍ମୋଚନ ଅବସରରେ ବିହାର ସ୍ଥିତି ଲକ୍ଷ୍ୟ କରିବାର କଥା। ସରକାରୀ ତଥ୍ୟ ଅନୁଯାୟୀ ଭାରତର ମୁଣ୍ଡପିଛା ଆୟ ବର୍ତ୍ତମାନ ୧.୮୯ ଲକ୍ଷ ଟଙ୍କା ଥିବାବେଳେ ବିହାରର ମୁଣ୍ଡପିଛା ଆୟ ମାତ୍ର ୬୦,୦୦୦ ଟଙ୍କା। ବିହାରରେ ସହରୀକରଣ ଅନୁନ୍ନତ ଅବସ୍ଥାରେ ରହିଛି। ୨୦୦୧ ମସିହାରେ ଦେଶର ସହରୀକରଣ ୨୭.୯% ଥିବା ସମୟରେ ବିହାରର ସହରୀକରଣ ୧୦.୫% ଥିଲା। ୨୦୨୫ରେ ଦେଶର ସହରୀକରଣ ୮% ବୃଦ୍ଧି ପାଇ ୩୫.୭%ରେ ପହଞ୍ଚିଥିବାବେଳେ ବିହାର ସହରୀକରଣରେ ମାତ୍ର ୨% ବୃଦ୍ଧି ଘଟି ୧୨.୪% ହୋଇଛି। ବିହାରରେ ବିଗତ ୨୦ ବର୍ଷ ମଧ୍ୟରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇ ନ ପାରିବା ଫଳରେ ରାଜ୍ୟ ଅର୍ଥନୀତିକୁ ଉତ୍ପାଦନଶୀଳ ଉଦ୍ୟୋଗର ଅବଦାନ ଦୁଇ ଦଶନ୍ଧି ପୂର୍ବରୁ ଯାହା ଥିଲା ଏବେ ମଧ୍ୟ ତାହା ଅଛି। ଏହା ୫ରୁ ୬% ମଧ୍ୟରେ ରହିଛି। ଯୁବ ନିଯୁକ୍ତି କ୍ଷେତ୍ରରେ ବିହାର ଦେଶରେ ନବମ ସ୍ଥାନରେ ରହିଛି। ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଥିବା ମାତ୍ର ୧୬.୭% ଯୁବକଙ୍କୁ ରାଜ୍ୟରେ କାମଧନ୍ଦା ଯୋଗାଣ ସମ୍ଭବ ହୋଇପାରୁଛି। ଏହି କାରଣରୁ ବହୁ ଯୁବକ ପ୍ରବାସୀ ଶ୍ରମିକରେ ପରିଣତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶିଳ୍ପ ପ୍ରତିଷ୍ଠା, ଭିତ୍ତିଭୂମି ଓ ଦକ୍ଷତା ବିକାଶକୁ ଏନ୍‌ଡିଏ ନିଜ ଇସ୍ତାହାରରେ ସ୍ଥାନ ଦେଇଛି। ଏଥିପାଇଁ ୧ ଲକ୍ଷ କୋଟି ଟଙ୍କାର ବିହାର ଶିଳ୍ପ ବିକାଶ ମିଶନ ପାଇଁ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି।



୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ବିହାରର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୨୨% ଆକଳନ କରାଯାଇଛି। ଏହି ସମୟ ପାଇଁ ରାଜ୍ୟର ଜିଡିପି ୧୧ ଲକ୍ଷ କୋଟି ଆକଳନ କରାଯାଇଛି। ଭିତ୍ତିଭୂମି ଓ ଅନ୍ୟାନ୍ୟ କ୍ଷେତ୍ରରେ ବଜେଟର ୧୪% ବ୍ୟୟବରାଦ ରଖାଯାଇଛି। ମୁଣ୍ଡପିଛା ଆୟ ୧୧% ବଢ଼ିବ ବୋଲି କୁହାଯାଇଛି। ଏହାର ଅର୍ଥ ହେଲା ବିହାର ଏବେ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ। ଦେଖିବାକୁ ଗଲେ ଏହା ଏକ ଆକଳନ। ୨୦୨୬ ବଜେଟ ଉପସ୍ଥାନ ସମୟରେ ପ୍ରକୃତ ସ୍ଥିତି ଜଣାପଡ଼ିବ।

ଆର୍ଥିକ ଦୃଷ୍ଟିରୁ ଦେଖିଲେ ବିହାର ଏକ ଦୁର୍ବଳ ରାଜ୍ୟ। କ୍ୟାଗର ୨୦୧୩–୨୦୨୩ ରିପୋର୍ଟରେ ଏହା ଦର୍ଶାଯାଇଛି। ରାଜ୍ୟର ମୋଟ ବଜେଟ ପରିମାଣର ୩୫ରୁ ୭୦ ଶତାଂଶ କର୍ମଚାରୀଙ୍କ ଦରମା, ପେନ୍‌ସନ ଓ ସୁଧ ପରିଶୋଧରେ ବ୍ୟୟ ହୋଇଥାଏ। ମୋଟ ଘରୋଇ ଉତ୍ପାଦରେ ଦେଶରେ ବିହାର ୧୫ତମ ସ୍ଥାନରେ ରହିଛି। ବିହାରର ଆର୍ଥିକ ନିଅଣ୍ଟ ୯%କୁ ଛୁଇଁବାକୁ ବସିଲାଣି। ଆର୍ଥିକ ଦାୟିତ୍ୱବୋଧ ଓ ବଜେଟ ପରିଚାଳନା ନିୟମାବଳୀ ଅନୁଯାୟୀ ଏହା ୪%ରେ ସୀମିତ ରହିବା ଆବଶ୍ୟକ। ରାଜ୍ୟର ରାଜସ୍ୱ ନିଅଣ୍ଟ ୨୦୨୨–୨୩ରେ ୧୧୨୮କୋଟି ଟଙ୍କା ଥିଲା। ନିଜସ୍ୱ ଟିକସ ଏବଂ ଅଣଟିକସ ରାଜସ୍ୱ ପରିମାଣ ମୋଟ ରାଜସ୍ୱର ୩୭% ହୋଇଥିବାବେଳେ ଅନୁଦାନ ଓ ବିଭିନ୍ନ ସୂତ୍ରରୁ ରାଜ୍ୟ ପ୍ରାପ୍ୟ ବାବଦକୁ କେନ୍ଦ୍ର ୬୩% ପ୍ରଦାନ କରିଥାଏ। ବିହାରର ଉତ୍ପାଦିକା, ସଞ୍ଚୟ ଓ ଆୟ ବହୁତ କମ୍। ତେବେ ଭୋଟର ଆକୃଷ୍ଟ ନିମନ୍ତେ ନିର୍ବାଚନୀ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଛି, ସେଥିନିମନ୍ତେ ପାଣ୍ଠି କିପରି ଯୋଗାଡ଼ ହୋଇପାରିବ ତାହା ଏକ ପ୍ରଶ୍ନବାଚୀ।

ନିର୍ବାଚନ ସମୟରେ ପ୍ରଚାର ଓ ପ୍ରସାରରେ ଅତି ସକ୍ରିୟ ରହିଥିଲା ଭାଜପା। କାରଣ ନୀତୀଶଙ୍କ ସହାୟତାରେ ନିଜସ୍ୱ ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ଭାଜପା ଉଦ୍ୟମ କରିଥିଲା। ଏଥିରେ ସଫଳ ମଧ୍ୟ ହୋଇଛି। ଏହିକାରଣରୁ ଏନ୍‌ଡିଏର ନିର୍ବାଚନୀ ଇସ୍ତାହାର ମୁଖ୍ୟତଃ ଭାଜପାର ବୋଲି କୁହାଯାଇପାରେ। 'ବିକଶିତ ବିହାର' ନାମରେ ଏନ୍‌ଡିଏର ନିର୍ବାଚନୀ ଇସ୍ତାହାରରେ ୭ଟି ଏକ୍ସପ୍ରେସ ସଡ଼କ, ୧୦ଟି ଶିଳ୍ପ ପାର୍କ, ୫୦ ଲକ୍ଷ ନୂତନ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ରାଜ୍ୟ ଅର୍ଥନୀତି ଦୁର୍ବଳ ଥିବା ଅବସ୍ଥାରେ ସଡ଼କ ଓ ଶିଳ୍ପ ପାର୍କ ପାଇଁ ରାଜ୍ୟ ଅର୍ଥ ଯୋଗାଇବା ସମ୍ଭବ ନୁହେଁ। ଏଣୁ ଏହି ଇସ୍ତାହାର ପାଇଁ କେନ୍ଦ୍ର ଅର୍ଥ ଯୋଗାଇଲେ ପ୍ରକଳ୍ପ ହୋଇପାରିବ। କେନ୍ଦ୍ର ଯେ ଏଥିରେ ଟାଳଟୁଳ ନୀତି ଅବଲମ୍ବନ ନ କରିବ ତାହା କହିହେଉ ନାହିଁ। କାରଣ ଏଥିରେ ରାଜନୈତିକ ଦିଗଟି ରହିବ।

ରାଜନୈତିକ ସମସ୍ୟାଟି ହେଉଛି ଏନ୍‌ଡିଏର ସହଯୋଗୀ ଭାବେ ଭାଜପା ଅଧିକ ଆସନ ଲାଭ କରୁଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇପାରୁ ନାହିଁ। ଚଳିତ ଥର ଉଭୟ ଦଳ ସମାନ ସଂଖ୍ୟକ ୧୦୧ଟି ଆସନରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଭାଜପା ୮୯ଟି ଆସନରେ ବିଜୟୀ ହୋଇଥିବାବେଳେ ଜେଡି(ୟୁ) ୮୫ ଆସନରେ ବିଜୟୀ ହୋଇଛି। ଏଲ୍‌ଜେପି ୧୯, ହିନ୍ଦୁସ୍ତାନ ଆମ୍ ମୋର୍ଚ୍ଚା ୫ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଭାଜପା ନୀତୀଶଙ୍କ ହାତ ଛାଡ଼ିପାରିବ ନାହିଁ। କାରଣ ନୀତୀଶଙ୍କ ସହାୟତାରେ ରାଜ୍ୟରେ ଭାଜପାର କଳେବର ବୃଦ୍ଧି ପାଇଛି। ଏବେ ଭାଜପାର ରାଜ୍ୟରେ ଦୁଇ ଉପ–ମୁଖ୍ୟମନ୍ତ୍ରୀ ଅଛନ୍ତି ଓ ଗୃହ ବିଭାଗ ମୁଖ୍ୟମନ୍ତ୍ରୀ ରଖିଛନ୍ତି। ଭାଜପା ନିକଟରେ ଅର୍ଥ ବିଭାଗ ରହିଛି। ଚଳିତଥର ନୂଆ କରି ଉପ–ମୁଖ୍ୟମନ୍ତ୍ରୀ ପଦ ଏଲ୍‌ଜେପି ମଧ୍ୟ ଦାବି କରିପାରେ। କାରଣ ମେଣ୍ଟର ଏହା ତୃତୀୟ ବୃହତ୍ତମ ଦଳ। ଭାଜପାର ଆସନ ସଂଖ୍ୟା ଅଧିକ ଥିବାରୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟ ଦାବି କରିପାରେ। ଏଣୁ କହିବାକୁ ଗଲେ ଏନ୍‌ଡିଏର ସଂଖ୍ୟା ବଢ଼ିଛି, ସମସ୍ୟା ବି ବଢ଼ିଛି।

ମୋ: ୯୪୩୭୨୨୯୨୩୩

# କଟକ ସହରବାସୀଙ୍କୁ ଦୁଇପଦ



ବିଜୟ କୁମାର ପୃଷ୍ଟି

ଇଏ ହେଉଛି ଆମ ହଜାର ବର୍ଷର ସହର କଟକ। କେବଳ ଭାରତ ନୁହେଁ, ଭାରତ ବାହାରେ କଟକ ସହରକୁ ଅନେକ ଜାଣନ୍ତି। ଏହି ଐତିହାସିକ ସହରର ଦୁଇ ପଟେ ମହାନଦୀ ଓ କାଠଯୋଡ଼ି। କଟକ ମାଟିରେ ଅନେକ କାଳଜୟୀ, କୃତୀ ପୁରୁଷ, ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିବା ବ୍ୟକ୍ତିତ୍ୱଙ୍କର ଅଭାବ ନାହିଁ। ବିଶ୍ୱର ବିରଳ ଏହି ସହରର ନିଆରାପଣ ହେଉଛି ସବୁ ଧର୍ମର ସମନ୍ୱୟ। ଜଣେ ସକାଳୁ ଉଠିଲେ ଏ ସହରକୁ ଟିକିଏ ବୁଲି ଆସିଲେ ବେଶ୍ ଭଲ ଭାବରେ ସେ ବୁଝିପାରିବ। ମନେପଡୁଛି ପ୍ରତିଥଯଶା ବ୍ୟଙ୍ଗହାସ୍ୟ ଶିରୋମଣି ଫତୁରାନନ୍ଦ ଏକଦା କହିଥିଲେ, କଟକ ସହରରେ ଆଲାରାମ ଘଡ଼ିର ଆବଶ୍ୟକତା ନାହିଁ। ଏଠି ଭୋରୁ ଭୋରୁ ଆଲାରାମ ସ୍ୱତଃ ବାଜି ଉଠେ। କଟକର ବାଉନ ବଜାର ତେପନ ଗଳି ଭିତରେ କେଉଁଠି 'ରାମ ରାମ ହରେ ହରେ ତ କେଉଁ ଗଳିରେ ଆଲ୍ଲା ହୋ ଆକବର'। କହିବାକୁଗଲେ ଆଲାରାମ କଟକିଆଙ୍କ ନିଦ ଯେପରି ଭାଙ୍ଗି ଦେଇଥାଏ, ତା'ପରେ ସହର ଆରମ୍ଭ ହୁଏ ଛକମୁଣ୍ଡର ଚା'ଖଟିର ଆସରରୁ। ଏଠି ଚା'ଖଟିଟି ଖାଲି ଚା'ପିଇବା ଲୋକଙ୍କର ମେଳଣ ଜାଗା ନୁହେଁ, ଡିଙ୍କିଶାଳରୁ ଢେଙ୍କାନାଳ କିମ୍ବଦନ୍ତୀ ବିଜୁବାବୁଙ୍କଠାରୁ ମୋହନ ମାଝୀ, ସେ ଟ୍ରମ୍ପ୍ ହୁଅନ୍ତୁ ବା ୟୁକ୍ରେନ୍ ଯୁଦ୍ଧ କେଉଁ ପ୍ରସଙ୍ଗ ମଧ୍ୟ ବାଦ୍‌ପଡ଼େନା। ଏ ସବୁ ଭିତରେ ପୁରୁଣାକାଳିଆର ରେଡିଓରେ ସେହି ମୋଟା ଗଳାର ସମ୍ବାଦର ଶବ୍ଦଗୁଡ଼ିକ କାନ ଗହ୍ୱରରେ ପଡ଼ିଥାଏ। ଓଡ଼ିଆଯାକର ତମାମ ଦୈନିକ ଖବରକାଗଜ ଭୋରୁ ଭୋରୁ ପହଞ୍ଚିଯାଏ। ତେବେ ଅଦ୍ଭୁତ କଥା ହେଉଛି, ଖବରକାଗଜରେ କିଏ ଆତ୍ମହତ୍ୟା କରିଛି ତ କେଉଁଠି ବ୍ରହ୍ମକମଳ ଫୁଟିଛି, ଏସବୁ ପ୍ରକାଶ ପାଇବା ପୂର୍ବରୁ କିନ୍ତୁ ଚା'ଖଟିର ସମ୍ବାଦ ଆସରରେ ଆଗେ ପଡ଼ିଯାଏ।

ଏହି ବିଚିତ୍ର ସହରର ଜୀବନଚକ୍ର ଏକ ସ୍ୱାଭାବିକ ପ୍ରବାହମାନ ଧାରା ପରି ଚାଲିଥାଏ। ଓଡ଼ିଆ ଭାଇଟି ବରା ପିଆଜି ଗୁଲୁଗୁଲା ପ୍ରସ୍ତୁତ କଲାବେଳକୁ ମୁସ୍‌ଲିମ ଭାଇଟି ତା' ନୀତି ବେଉସା ଭିତରେ ଖାସି କାଟିବାରେ ଲାଗିଗଲାଣି। ଦିନ ତମାମ ସମସ୍ତେ ନିଜ ନିଜ ବେପାର ବଣିଜକୁ ନେଇ ବ୍ୟସ୍ତ ଥାଆନ୍ତି। ପୁଣି ମୁହଁ ସଞ୍ଜ ହେଲାବେଳେ ଆସର ଜମେ ଚା'ଖଟିର। ଇଏ ହେଉଛି କଟକ ସହର, ଭାଇଚାରାର, ଅତୁଟ ଭାଇ ବନ୍ଧନର ସହର। ଏଠି ଓଡ଼ିଆ ହେଉ କି ବଙ୍ଗାଳୀ, ମୁସଲମାନ ହେଉ କି ଖ୍ରୀଷ୍ଟିଆନ୍, ପଞ୍ଜାବୀ ହେଉ ବା ଯେ କେହି ସମସ୍ତେ ଏଠି ଭାଇ ଭାଇ। ଇଏ ହେଉଛି କଟକର ଆରାଧ୍ୟ ଦେବୀ ମା' କଟକଚଣ୍ଡୀ ଓ ଗଡ଼ଚଣ୍ଡୀଙ୍କ ପରମ କୃପା। ବାଟ ଭୁଲି ଖାଲି ପେଟରେ କଟକରେ ଦୁଆର ଘାଟ ଖୋଜି ବୁଲୁଥିବା ଲୋକଟିକୁ କଟକିଆ ଖାଲି ପେଟରେ ଛାଡ଼ି ନଥା'ନ୍ତି। ଆପଣ ଜଣେ ଜଣେ ରିକ୍ସାବାଲାଙ୍କୁ ଦେଖିବେ କହିବାକୁଗଲେ ଦିହରେ ପଳାଏ ମାଉଁଶ ନଥିବ, କିନ୍ତୁ କି ଖରା କି ବର୍ଷା ଯାତ୍ରୀଙ୍କୁ ନେଇ ନିରାପଦରେ ପହଞ୍ଚାଇ ଦେଇଥାଏ। ମନେପଡୁଛି ଓଡ଼ିଶୀ ସଂଗୀତର ସୁରମଣି ବାଳକୃଷ୍ଣ ଦାସଙ୍କ କଥା। ଆକାଶବାଣୀ ଥିଲା ତାଙ୍କ କର୍ମସ୍ଥଳୀ। ସେଇଠି ଯେଉଁ ରିକ୍ସାବାଲାଟି ବି ଡାକ ଛାଡ଼ି ଛାଡ଼ି ଯାଏ, ଏପରି ବିରାଟ ବପୁବାଲା ଲୋକଙ୍କୁ ବି ସେ ତା' ରିକ୍ସାରେ ନେଇପାରେ। କଟକ ଭିତରେ ଅନେକ କଥା ରହିଛି ଲେଖି ବସିଲେ ତ ଗ୍ରନ୍ଥ ହେବ।



କଟକ ସହର ସତରେ ବଡ଼ ବିଚିତ୍ର ସହର। ଏ ଶବ୍ଦଟିକୁ ଦେଖନ୍ତୁ। ଏହାର ଦୁଇ ପଟେ 'କ'। ପୁରୁଣା ଐତିହାସିକ ଘଟଣା ପ୍ରବାହ ଏହି ସହରରେ ଅନେକ ଘଟଣ, ଅଘଟଣ ଘଟିଛି। ସେ ସବୁର ସମାଧାନ ବି ହୋଇଛି। ବଡ଼ କଥା ହେଲା କଟକରେ ଭାଇଚାରା ଆଉ ସାହି ମୁରବିଙ୍କ ସମ୍ମାନର ଗୁରୁତ୍ୱ ଯଥେଷ୍ଟ। ତଥାପି ଦଶହରା ମେଢ଼ ବେଳେ ବଗୁଲିଆମାନଙ୍କ ଉତ୍ତେଜନା ସୃଷ୍ଟିକାରୀ ଘଟଣା ସହରବାସୀଙ୍କୁ କିଛି କ୍ଷଣ ପାଇଁ ମନସ୍ତାପ ଭିତରକୁ ଠେଲି ଦେଇଥିଲା। ଯଦିଓ ପ୍ରଶାସନଠାରୁ ସାହି ମୁରବି ସମସ୍ତେ ତ୍ୱରିତ ଭାବେ ହାତରେ ହାତ ମିଶାଇ ଏକାଠି ହୋଇ ବସିଲେ ଆଉ ଘଟଣାକୁ ତୁଟାଇଦେଲେ। ଇଏ ପରା ଭାଇଚାରାର ସହର। ଏଠି ଜଣେ ଭଡ଼ାଟିଆ ଯେଉଁ ସାହିର ହୋଇ ଥାଆନ୍ତୁନା କାହିଁକି ଅନ୍ୟ କୌଣସି ସାହିର କୌଣସି ଜଣେ ତାଙ୍କୁ ଅସମ୍ମାନ କଲେ ଏହା ଭଡାଟିଆଙ୍କ ପାଇଁ ଯେତେବଡ଼ ସ୍ୱାଭିମାନର ପ୍ରସଙ୍ଗ ହୋଇନଥାଏ ସେ ସାହି ବାସିନ୍ଦାଙ୍କ ପାଇଁ ଏହା ସମ୍ମାନର ପ୍ରସଙ୍ଗ ହୋଇଥାଏ। କଟକରେ ଶାନ୍ତି କମିଟି ରହିଛି, ସବୁ ସାହିର ମୁରବିମାନେ ଏକାଠି ହୋଇ ଏହାର ସମାଧାନ କରିଆସିଛନ୍ତି। ତେବେ ସୋସିଆଲ ମିଡିଆ ବା ଗୁଜବକୁ ଆଦୌ ବିଶ୍ୱାସ କରିବା କଥା ନୁହେଁ। ସହରରେ ଶାନ୍ତି ଜାରି ରହିବା ଦାୟିତ୍ୱ ଆମ ସମସ୍ତଙ୍କର। ଯଦିଓ ଷଷ୍ଠ ଦଶନ୍ଧିରେ କଟକ ସହରରେ ଦଙ୍ଗା କଥା ଶୁଣାଯାଏ, କିନ୍ତୁ କଟକ ହେଉଛି ଏପରି ଏକ ଭିନ୍ନ ସହର ; ଯେଉଁଠି ସାମ୍ପ୍ରଦାୟିକତା ନଥାଏ। ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦାର ଗ୍ରହଣୀୟତା ଏଠି ସମସ୍ତଙ୍କ ପାଇଁ ବଡ଼। ଇଏ ହେଉଛି ସେହି ସହର, ଯେଉଁଠି କହିବାକୁଗଲେ ଜଣେ ହିନ୍ଦୁ ଅକ୍ଷୟ ମହାନ୍ତି, ଜଣେ ମୁସଲମାନ ସିକନ୍ଦର ଆଲାମ ଆଉ ଜଣେ ଖ୍ରୀଷ୍ଟିଆନ୍ ପ୍ରଣବ ପଟ୍ଟନାୟକ, ଏମିତି ଏକ ସମୟ ଥିଲା ଓଡ଼ିଆ ସଂଗୀତ ଜଗତରେ ସେମାନେ ଛାଇ ହୋଇଯାଇଥିଲେ। ହଜାର ବର୍ଷର କଟକ ସହରର ଜଣେ ଖାଣ୍ଟି କଟକିଆ ଭାବେ ପାରସ୍ପରିକ ସମ୍ପର୍କକୁ ନଷ୍ଟ ନ କରି ଏପରି ଭାଇଚାରା ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ଏହା ଆମ ସମସ୍ତଙ୍କର ଦାୟିତ୍ୱ, ଏହାକୁ ଭୁଲିଯିବା ଅନୁଚିତ।

ମୋ: ୯୮୬୧୪୬୪୯୩୨

## ଏଇ ଭାରତରେ

ମହାରାଷ୍ଟ୍ର ସତାରା ଜିଲାରେ ରୋହିଣୀ ପାଟିଲ ଜୈବିକ ମହୁ ଉତ୍ପାଦନ କରି ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ରୋହିଣୀ ରହୁଛନ୍ତି ସୁଲେୱାଡ଼ି ଗାଁରେ। ଖବରକାଗଜରେ ମହୁଚାଷ ସମ୍ପର୍କରେ ଏକ ବିଜ୍ଞାପନ ଦେଖିବା ପରେ ସେ ଏହି ଚାଷ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ ତାଙ୍କ ଗହଣା ବନ୍ଧକ ରଖି ୧.୫ ଲକ୍ଷ ଟଙ୍କା ଋଣ କରିଥିଲେ ଏବଂ ସେହି ଟଙ୍କାରେ ୩୫ଟି ମହୁବାକ୍ସ ଆଣି ଚାଷ ଆରମ୍ଭ କରିଥିଲେ। ଏବେ ସେ ୧୦୦ରୁ ଊର୍ଦ୍ଧ୍ୱ ମହୁବାକ୍ସ ବସାଇଛନ୍ତି। ବର୍ଷକୁ ସେଥିରୁ ମୋଟ୍ ୯୦୦ କିଲୋଗ୍ରାମ ମହୁ ସଂଗ୍ରହ କରୁଛନ୍ତି। କେବଳ ଏତିକି ନୁହେଁ, ସେ ମଧ୍ୟ ଗାଁର ୩୫ ମହିଳାଙ୍କୁ ଏକାଠିକରି ମହାବଳେଶ୍ୱର ପ୍ରଶିକ୍ଷଣ ସଂସ୍ଥା ଦ୍ୱାରା ସେମାନଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରିଛନ୍ତି। ସୁଲେୱାଡ଼ିରେ ଏହି ସଂସ୍ଥା ଏ ସମ୍ପର୍କରେ କର୍ମଶାଳା ଆୟୋଜନ କରିବା ପରଠାରୁ ମହିଳାମାନେ ମହୁଚାଷ ପ୍ରତି ଆଗ୍ରହୀ ହୋଇଛନ୍ତି। ରୋହିଣୀଙ୍କ ଏହି ସଫଳତା ଅତ୍ୟନ୍ତ ପ୍ରେରଣାଦାୟକ ଓ ମହୁଚାଷ ପାଇଁ ସେ ମହିଳାଙ୍କୁ ପଥ ଦେଖାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୮ ନଭେମ୍ବର ୧୯୭୬

- ପାର୍ଲାମେଣ୍ଟର ଦୁଇଟିଯାକ ଗୃହରେ ଗୃହୀତ ହୋଇସାରିଥିବା ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ରାଜସ୍ଥାନ ଓ ହରିଆନା ବିଧାନସଭା ଅନୁମୋଦନ କରିଛି।
- ଭାରତ ଓ ବୁଲଗେରିଆ ମଧ୍ୟରେ ବାଣିଜ୍ୟ କାରବାର ଦୁଇଗୁଣ ବୃଦ୍ଧି କରିବା ଲକ୍ଷ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।

## ସୁ–ଡୋ–କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 4 | | | 1 | 9 | |
| | 5 | | | | 1 | 8 | | |
| 9 | | | 2 | | | | | |
| 4 | 1 | | | | | | 8 | |
| | | 2 | 9 | | | 7 | | |
| | | | 3 | | | | 2 | |
| 7 | 8 | | | 4 | | 5 | | |
| | | | | | 7 | | | |
| | | | | 3 | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 7 | 9 | 2 | 3 | 1 | 8 |
| 9 | 3 | 7 | 1 | 5 | 8 | 6 | 2 | 4 |
| 8 | 1 | 2 | 3 | 6 | 4 | 9 | 5 | 7 |
| 5 | 4 | 3 | 6 | 1 | 9 | 7 | 8 | 2 |
| 6 | 2 | 8 | 4 | 7 | 3 | 5 | 9 | 1 |
| 1 | 7 | 9 | 8 | 2 | 5 | 4 | 3 | 6 |
| 2 | 8 | 4 | 9 | 3 | 7 | 1 | 6 | 5 |
| 3 | 5 | 6 | 2 | 4 | 1 | 8 | 7 | 9 |
| 7 | 9 | 1 | 5 | 8 | 6 | 2 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଇଏ କି ପ୍ରକାର ରାଜନୀତି

ମହାଶୟ,

ଏବେ ଅନେକ ଦୁର୍ନୀତିଖୋର ନେତା 'ବର୍ଷା ଯୁଆଡ଼େ ଛତା ସେହି ଆଡ଼େ' ରାଜନୀତି କରୁଛନ୍ତି। ଏହାକୁ ଦେଖି ରାଜ୍ୟର ମତଦାତା ଆଶ୍ଚର୍ଯ୍ୟ ହେଉଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ପରସ୍ପରର ଚରିତ୍ର ସଂହାର କରୁଥିବା ନେତାମାନେ ଯୋଜନା ଅର୍ଥ ଲୁଟିଖାଇବା ପାଇଁ ବିରୋଧୀ ଦଳର ଭୂମିକାକୁ ଭୁଲି ନେପଥ୍ୟ କୋଳା କୋଳି ହେଉଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନୀତି ଓ ନୈତିକତା ପରିଲକ୍ଷିତ ହେଉନାହିଁ। କ୍ଷମତାପାଗଳ ନିର୍ବାଚିତ ଲୋକ ପ୍ରତିନିଧି ଓ ଅନ୍ୟାନ୍ୟ ନେତାମାନେ ସବୁ ଯୋଜନା ଅର୍ଥର ବାଟମାରଣା କରାଇ କଳାଧନ ସଂଗ୍ରହ କରିବାରେ ବ୍ୟସ୍ତ ରହୁଛନ୍ତି। ଏଥିପାଇଁ ବହୁ ବିରୋଧୀ ଦଳର ନେତା ଶାସକ ଦଳକୁ ଲମ୍ଫ ପ୍ରଦାନ କରୁଛନ୍ତି। ସିବିଆଇ, ଭିଜିଲାନ୍ସ ଓ ଇଡି ଅଧିକାରୀମାନେ ଦୁର୍ନୀତି, ଭ୍ରଷ୍ଟାଚାର ଓ କଳାଧନ ଉପରେ ସେଭଳି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ବାଳିଆ ଖାଇ ଚାଲିଛି, କିନ୍ତୁ କେରାଣ୍ଡି ଭିଜିଲାନ୍ସ ହାତରେ ଧରାପଡୁଛି। ଏଥିପାଇଁ ଦେଶ ଓ ରାଜ୍ୟଗୁଡ଼ିକର ବିକାଶ ହୋଇପାରିଲା ନାହିଁ। କ୍ଷମତା ରାଜନୀତି ବର୍ତ୍ତମାନ ସର୍ବାଧିକ ଲାଭଜନକ ପାରିବାରିକ ବ୍ୟବସାୟରେ ପରିଣତ ହୋଇଛି। ଗୋଟିଏ ପରିବାରର ଏକାଧିକ ସଦସ୍ୟ ବାରମ୍ବାର ସାଂସଦ ଓ ବିଧାୟକ ହେଉଛନ୍ତି। ଦେଶର ମତଦାତାଙ୍କୁ ମଦ, ମାଂସ, ନଗଦ ଅର୍ଥ ଓ ମିଛ ସତ ପ୍ରତିଶ୍ରୁତି ଦିଆଯାଇ ଭୋଟ କ୍ରୟ କରାଯାଉଛି।

–ରାଇ ଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ମୋର କଳପନା ମାନସୀ ରାଣୀ !
ପ୍ରଭାତେ ନିତି ଯେହୁ ଫୁଟାଅ ବାଣୀ
ନିଶାର ନୀରବତା ତୁଟାଇ କହ କଥା
ଅନ୍ଧାର ଆଲୋକର ମିଳନ ଆଣି
ପ୍ରଭାତେ ନିତି ଯେହୁ ଫୁଟାଅ ବାଣୀ ।
–(ପ୍ରଭାତ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୨ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବେ ୭୭୫ ବରିଷ୍ଠ ନାଗରିକ

ବ୍ରହ୍ମପୁର,୧୭।୧୧
(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ରେଳ ଷ୍ଟେଶନରୁ ମଧ୍ୟପ୍ରଦେଶର ଓଁକାରେଶ୍ୱର ଓ ଉଜ୍ଜୟିନୀସ୍ଥିତ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ ସୋମବାର ଯାତ୍ରା ଆରମ୍ଭ କରିଛି। ରେଳ ଷ୍ଟେଶନର ୪ନଂ. ପ୍ଲାଟଫର୍ମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଏହି ଟ୍ରେନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଗତ ସେପ୍ଟେମ୍ବର ୧୯ ତାରିଖରେ ବରିଷ୍ଠ ନାଗରିକମାନେ ଅଯୋଧ୍ୟା ଓ ବାରାଣସୀ ଯାତ୍ରା କରିଥିଲେ। ଚଳିତବର୍ଷ ରାଜ୍ୟରେ ୮ ହଜାର ବରିଷ୍ଠ ନାଗରିକ ୧୦ଟି ପର୍ଯ୍ୟାୟରେ ତୀର୍ଥଯାତ୍ରା କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟ ସରକାର, ପର୍ଯ୍ୟଟନ ବିଭାଗ ଓ ଆଇଆରସିଟିସି ସହଯୋଗରେ ରାଜ୍ୟର ବିଭିନ୍ନ ଜିଲାର ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରାର ସୁଯୋଗ ପାଇଛନ୍ତି। ତୀର୍ଥଯାତ୍ରା ସମୟରେ ଜିଲା ପ୍ରଶାସନର ସହଯୋଗକୁ

## ତୀର୍ଥଯାତ୍ରା ଟ୍ରେନ୍ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନକୁ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରୁଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ତୀର୍ଥଯାତ୍ରୀମାନେ ଏସକର୍ଟଙ୍କୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ତୀର୍ଥଯାତ୍ରା ଟ୍ରେନରେ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲାର ୭୭୫ଜଣ ବରିଷ୍ଠ ନାଗରିକଙ୍କ ସହ ୩୫ ଜଣ ଏସକର୍ଟ ଯାତ୍ରା କରିଛନ୍ତି। ସେମାନେ ଆସନ୍ତା ୨୨ ତାରିଖରେ ବ୍ରହ୍ମପୁର ପ୍ରତ୍ୟାବର୍ତ୍ତନ କରିବେ। ଏହି ଅବସରରେ ୬ ଜଣ ବରିଷ୍ଠ ନାଗରିକ ଯାତ୍ରୀଙ୍କୁ ଯାତ୍ରା କିଟ ପ୍ରଦାନ କରାଯାଇଥିଲା। ୪ ନଂ. ପ୍ଲାଟଫର୍ମରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କେ. ଅନିଲ କୁମାର, କୃଷ୍ଣଚନ୍ଦ୍ର ନାୟକ, ପ୍ରତାପ ଚନ୍ଦ୍ର ନାୟକ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷ ବବିତା ପାତ୍ର, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣ ବିବେକ ଏମ୍, ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିରକେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଡ. ରୁଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥି ହାଁସଦା ଓ ବ୍ରହ୍ମପୁର ଷ୍ଟେସନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସପ୍ତାହରେ ୩ଦିନ ଚାଲିବ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍

ଭୁବନେଶ୍ୱର/କେସିଙ୍ଗା,୧୭।୧୧
(ଅନୁରାଧା ମହାରଣା/ ଜ୍ଞାନେଶ୍ୱର ସାହୁ)



ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରେନ୍ ନମ୍ବର ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ସଂଖ୍ୟା ବୃଦ୍ଧି କରିବାକୁ ଭାରତୀୟ ରେଳପଥ ନିଷ୍ପତ୍ତି ନେଇଛି। ଏହି ଟ୍ରେନ୍ ନିୟମିତ ଭାବେ ସପ୍ତାହକୁ ଗୋଟିଏ ଦିନ ଚାଲୁଥିବାବେଳେ ବର୍ତ୍ତମାନ ଏହା ୩ ଦିନ ଚଳାଚଳ କରିବ। ୧୯୦୨୧ ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍, ଯାହା ପୂର୍ବରୁ କେବଳ ରବିବାର ଚାଲୁଥିଲା, ତାହା ନଭେମ୍ବର ୧୯ଠାରୁ ସପ୍ତାହରେ ତିନି ଦିନ ଅର୍ଥାତ୍ ରବିବାର, ବୁଧବାର ଏବଂ ଶୁକ୍ରବାର ଚାଲିବ। ସେହିପରି ୧୯୦୨୨ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍, ଯାହା ପୂର୍ବରୁ କେବଳ ସୋମବାର ଚଳାଚଳ କରୁଥିଲା, ତାହା ନଭେମ୍ବର ୨୦ରୁ ସପ୍ତାହରେ ୩ ଦିନ ଅର୍ଥାତ୍ ସୋମବାର, ଗୁରୁବାର ଏବଂ ଶନିବାର ଚଳାଚଳ କରିବ। ବର୍ତ୍ତମାନର ଅମୃତ ଭାରତ ଏକ୍ସପ୍ରେସ୍‌ର ସମୟ, ରହଣି ସ୍ଥାନ କିମ୍ବା କୋଚ ଗଠନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏ ସମ୍ପର୍କରେ ଜାରି କରାଯାଇଥିବା ସମସ୍ତ ପୂର୍ବ ନିର୍ଦ୍ଦେଶ ଅପରିବର୍ତ୍ତିତ ରହିଛି।

# ଧାନ କାଟିବାକୁ ଆସିଥିବା ୧୦ ମାଙ୍କଡ଼ିଆ ଆଦିବାସୀ ଶିଶୁଶ୍ରମିକ ଉଦ୍ଧାର

ମହାକାଳପଡ଼ା,୧୭।୧୧
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଅଞ୍ଚଳରେ ଧାନକଟା ଆରମ୍ଭ ହୋଇଛି। ଧାନ କାଟିବା ପାଇଁ ଲୋକ ଅଭାବ ଯୋଗୁ ବାହାର ଜିଲା ଶ୍ରମିକଙ୍କୁ ନିୟୋଜିତ କରୁଛନ୍ତି। ଏହାର ସୁଯୋଗ ନେଇ କେତେଜଣ ଦଲାଲ ବାହାର ଜିଲାର ଶିଶୁ ଶ୍ରମିକଙ୍କୁ ଏହି ଥାନା ଅଞ୍ଚଳକୁ ସୋମବାର ପୂର୍ବାହ୍ନରେ ନେଇ ଆସୁଥିଲେ। ଖବର ପାଇ ମହାକାଳପଡ଼ା ପୋଲିସ ଟିମ୍ ଲୁଣାନଦୀ ବନ୍ଧରୁ ୧୦ଜଣ ଶିଶୁ ଶ୍ରମିକଙ୍କୁ ଏକ ଅଟୋରୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏମାନେ ବାଲେଶ୍ୱର ଜିଲା ଖଇରା ଥାନା ଓଉପଦା ଅଞ୍ଚଳର ବୋଲି କହିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏମାନେ ଆଦିବାସୀ ସମ୍ପ୍ରଦାୟ ସାନ୍ତାଳୀ ମାଙ୍କଡ଼ିଆ ଜନଜାତି ବୋଲି କୁହାଯାଉଛି। ଦାରିଦ୍ର୍ୟ ଯୋଗୁ ମଜୁରି ଲାଗି ଧାନ କଟା, ଚାଷ ବେଉଷଣ ଆଦି କାର୍ଯ୍ୟରେ ୨ ବର୍ଷ ହେବ ଆସୁଛନ୍ତି ବୋଲି ଶିଶୁ ଶ୍ରମିକମାନେ କହିଛନ୍ତି। ଦୈନିକ ଖାଇ ପିଇ ୩୫୦ ଟଙ୍କା ମିଳିଥାଏ ପରିବାରର ଦାରିଦ୍ର୍ୟ ଯୋଗୁ ମା' ବାପାଙ୍କ ସମ୍ମତି ଓ ନିଜ ଇଚ୍ଛାରେ ମୂଲ ଲାଗିବା ପାଇଁ ଆସୁଛନ୍ତି ବୋଲି କହିଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ପୁଅ ୧୮ ବର୍ଷର ଥିବା ବେଳେ ଅନ୍ୟ ୮ ଜଣ ନାବାଳିକା। ସମସ୍ତ ଶିଶୁ ଶ୍ରମିକଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି।

# ଓଡ଼ିଶା ଆଇନଜୀବୀ ପରିଷଦର ନୂତନ ସଦସ୍ୟ କମ୍ବୁପାଣି ପାଢ଼ୀ

କଟକ,୧୭।୧୧(କାର୍ତ୍ତିକ ସାହୁ)

ଓଡ଼ିଶା ଆଇନଜୀବୀ ପରିଷଦର ନୂତନ ସଦସ୍ୟ ଭାବେ ଆଇନଜୀବୀ କମ୍ବୁପାଣି ପାଢ଼ୀ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନୂତନ ସଦସ୍ୟ ପାଢ଼ୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।



ସୂଚନାନୁସାରେ, ପରିଷଦର ସଦସ୍ୟ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ମୃତ୍ୟୁ ପରେ ଖାଲିଥିବା ପଦ ପୂରଣ ପାଇଁ ଗତ ଅକ୍ଟୋବର ୨୨ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିସହ ଏହି ପଦ ନିମନ୍ତେ ୨ ଜଣ ପ୍ରାର୍ଥୀ ହୋଇଥିଲେ। ପ୍ରାର୍ଥୀଦ୍ୱୟ ହେଲେ ଟିଟିଲାଗଡ଼ର ଆଇନଜୀବୀ କମ୍ବୁପାଣି ପାଢ଼ୀ ଓ କଟକର ଆଇନଜୀବୀ ଆଭାସ ମହାନ୍ତି। ବିଜ୍ଞପ୍ତି ଅନୁସାରେ ଆବଶ୍ୟକୀୟ ପ୍ରକ୍ରିୟା କରାଯାଇ ନଭେମ୍ବର ୧୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ବୁପାଣି ପାଢ଼ୀଙ୍କୁ ପରିଷଦର ୨୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୬ ଜଣଙ୍କ ସମର୍ଥନ ପ୍ରାପ୍ତ ହୋଇଥିଲା। ଫଳରେ ପ୍ରତିଦ୍ୱନ୍ଦ୍ୱୀ ଆଭାସ ମହାନ୍ତିଙ୍କୁ ହରାଇ କମ୍ବୁପାଣି ପାଢ଼ୀ ନୂତନ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆରଏମ୍/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୪୦, ତାରିଖ: ୧୭।୧୧।୨୦୨୫ । କାର୍ଯ୍ୟର ନାମ: ଇଏଲ୍‌ଏସ୍‌ଏସ୍/ଟାଟାନଗର ଷ୍ଟୋର ଡିପୋର ଭିତ୍ତିଭୂମି ଉନ୍ନୟନ ପାଇଁ ଇଞ୍ଜିନିୟରିଂ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୧,୩୮,୯୬,୩୧୨.୯୧ । ଇଏମ୍‌ଡି: ₹୨,୧୯,୫୦୦ । ଖୋଲାଯିବା ତାରିଖ: ତା୧୦।୧୨।୨୦୨୫ରିଖ । କ୍ର.ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୪୧, ତାରିଖ: ୧୭।୧୧।୨୦୨୫ । କାର୍ଯ୍ୟର ନାମ: ଚକ୍ରଧରପୁର ମଣ୍ଡଳ ଅଧୀନରେ ଡିଜିଏସ୍‌ଡି/ଟାଟାନଗର (ଫେଜ୍-II)ଠାରେ ଭିତ୍ତିଭୂମି ଉନ୍ନୟନ । ଟେଣ୍ଡର ମୂଲ୍ୟ: ₹୧,୧୬,୮୬,୯୨୨.୬୩ । ଇଏମ୍‌ଡି: ₹୨,୦୮,୪୦୦ । ଖୋଲାଯିବା ତାରିଖ: ତା୦୫।୧୨।୨୦୨୫ରିଖ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ (କ୍ର.ସଂ. ୧ ଓ ୨ ପାଇଁ) । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-845)

## OFFICE OF THE TREASURY OFFICER, DISTRICT TREASURY, BALASORE
## FINANCE DEPARTMENT, GOVT. OF ODISHA

At-Collectorate Campus, Dist.-Balasore, PIN-756001

No.2128/Try — Date : 15.11.2025

### Tender Call Notice

**No.S-15** : Sealed quotations/tenders are invited from interested reputed Travel Agencies/ Tour Operators or private individuals for providing 01 No. of AC Petrol driven Vehicle having sitting capacity not more than 5 (Five) including driver, which shall conform to the Terms and conditions petrol vehicle (Appendix-A) for official use in Treasury Office, Balasore on monthly rent basis. The vehicles will be engaged form the date of signing of Agreement. The types of vehicles required are as detailed below.

| SL No. | Type of Vehicle | No. of Vehicle required | Maximum Hire Charges per Month (Excluding Fuel cost & GST) | Minimum Average Mileage in KMs per Litre |
|---|---|---|---|---|
| 1 | Tiago / Bolt / Celerio | 1 (One) | Rs.24000/- | 17 (Seventeen) |

The application form of Tender containing General Bid information & Terms and conditions for Hiring of Vehicle may be obtained from Treasury Office, Balasore on payment of non-refundable amount Rs.1000/-(Rupees One Thousand Only) in form of Demand Draft in favour of Treasury Office, Balasore drawn on any scheduled commercial Bank & Payable at Balasore on any working day within **Dt.01.12.2025** between 10.00 A.M to 5.30 P.M. The tender completed in all respect should reach the undersigned on or before **Dt.01.12.2025** by 5.30 P.M by Speed Post/ Registered Post/ Courier only.

The Authority reserves the right to reject any or all bids and terminate the tender process without assigning any reason thereof.

OIPR- Sd./- Treasury Officer, Balasore

## GOVERNMENT OF ODISHA
## OFFICE OF THE EXECUTIVE ENGINEER (AGRIL.)
## SOIL CONSERVATION NORTHERN ZONE, AT/PO-BURLA, SAMBALPUR-768017

No.L-107

Notice No. - 375 — Email : eenzsc.sambalpur@gmail.com — Dt.12.11.2025

**NATIONAL COMPETITIVE BIDDING THROUGH e-Procurement**
**Identification No. 02/DSC&WD / NZ / 2025-26 Dt.12.11.2025**

01. Nature of Work : ERM and Construction of Non-Residential Buildings
02. Nos. of work : 13 Nos.
03. Tendered amount in Rs : Rs.8,42,618 to 52,71,036
04. Period of Completion : 120 to 210 days
05. Date & Time of availability of bid document in the portal : From 10.00 Hrs. of 19.11.2025 to 17.30 Hrs. of 25.11.2025
06. Last date/time of receipt of original documents in the tender box at the office of the undersigned : Before 17.30 Hrs. of 29.11.2025
07. Date & Time of opening of bids : 11.00 Hrs. of 02.12.2025 onwards
08. Name and Address of the officer inviting bid : Executive Engineer (Agril.), Soil Conservation, Northern Zone, Sambalpur, At/Po-Burla, Near Planetarium Chowk, Pin-768017

Further details can be seen from the website www.tendersodisha.gov.in

OIPR- Sd./- Executive Engineer (Agril.) Soil Conservation, NZ, Sambalpur

## कार्यपालक अभियंता का कार्यालय, लघु सिंचाई प्रमण्डल,चाईबासा

अल्पकालीन ई०–निविदा आमंत्रण सूचना संख्या–WRD /MID/CHAIBASA/ F2-06/2025-26

1.कार्य का नाम :–

| ग्रुप संख्या | योजना का नाम | जिला | प्रखण्ड | प्राक्कलित राशि (लाख में) | परिमाण विपत्र का मूल्य (रूपये में) | अग्रधन की राशि (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | चिसीमाई नाला पर चेकडैम निर्माण। | पश्चिमी सिंहभूम। | तांतनगर | 80.652 | 10,000.00 | 162000.00 | 11 माह |
| 2. | अंगिया चिमटा नाला पर चेकडैम निर्माण। | पश्चिमी सिंहभूम। | मंझारी | 89.652 | 10,000.00 | 180000.00 | 11 माह |
| 3. | लोर गाड़ा नाला पर चेकडैम निर्माण। | पश्चिमी सिंहभूम। | मंझारी | 45.442 | 5,000.00 | 91000.00 | 11 माह |
| 4. | लमझारी नाला पर चेकडैम निर्माण। | पश्चिमी सिंहभूम। | मंझारी | 57.447 | 10,000.00 | 115000.00 | 11 माह |
| 5. | लुपुंगहातु नाला पर चेकडैम निर्माण। | पश्चिमी सिंहभूम। | मंझारी | 65.445 | 10,000.00 | 131000.00 | 11 माह |
| 6. | गोलेडाकुर नाला पर एकल चेकडैम निर्माण। | पश्चिमी सिंहभूम। | हाटगम्हरिया | 92.174 | 10,000.00 | 185000.00 | 11 माह |
| 7. | बेलमा नाला पर चेकडैम निर्माण। | पश्चिमी सिंहभूम। | मंझगांव | 102.664 | 10,000.00 | 206000.00 | 11 माह |
| 8. | ग्राम डकरासेरेंग के सुरनिया गारा नाला पर चेकडैम निर्माण। | पश्चिमी सिंहभूम। | टोन्टो | 111.964 | 10,000.00 | 224000.00 | 11 माह |
| 9. | गोबरी नाला पर चेकडैम निर्माण। | पश्चिमी सिंहभूम। | चक्रधरपुर | 71.475 | 10,000.00 | 143000.00 | 11 माह |
| 10 | बेहराबिंदा नाला पर श्रृंखलाबद्ध चेकडैम निर्माण। | पश्चिमी सिंहभूम। | सोनुवा | 126.010 | 10,000.00 | 252500.00 | 11 माह |
| 11. | झिलिगगदु नाला पर एकल चेकडैम निर्माण। | पश्चिमी सिंहभूम। | मनोहरपुर | 87.645 | 10,000.00 | 176000.00 | 11 माह |
| 12. | इचाहातु नाला पर एकल चेकडैम निर्माण। | पश्चिमी सिंहभूम। | गोयलकेरा | 82.988 | 10,000.00 | 166000.00 | 11 माह |

नोट :– केवल ई०–निविदा(Online Mode) ही स्वीकार होगा।
2. विस्तृत जानकारी के लिए वेबसाईट WWW.jharkhandtenders.gov.in पर देखें।
3. बेवसाईट पर निविदा प्रकाशन की तिथि एवं समय :– 03.12.2025 के 11:00 बजे पूर्वाहन् से।
4. ई०–निविदा में भाग लेने की अंतिम तिथि एवं समय :–09.12.2025 अपराह्न 03:00 बजे तक।
5. ई०–निविदा खोलने की तिथि एवं समय :– 10.12.2025 को 04:00 बजे अपराह्न ।
6. परिमाण विपत्र का मूल्य एवं अग्रधन की राशि सूचना प्रौद्योगिकी एवं ई–गवर्नेंस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120, दिनांक 03.10.2023 के अनुरूप (Online) प्राप्त की जायेगी।
7. निविदा आमंत्रित करनेवाले पदाधिकारी का नाम, पता , दूरभाष सं0 एवं ई0मेल आई डी0– कार्यपालक अभियंता , लघु सिंचाई प्रमण्डल, चाईबासा/9572468424 ई0मेल & eemidchaibasa@gmail.com, eemidchai-cemr-jhr@nic.in
8. निविदा के B.O.Q की राशि घट–बढ़ सकती है तदानुसार B.O.Q के मूल्य एवं अग्रधन की राशि में बदलाव होगा ।
9.प्राक्कलित राशि का 10 प्रतिशत से अधीक के दर से निविदित ¼Quoted rate is more than 10% below the schedule rate½ के परिपेक्ष में पथ निर्माण विभाग झारखण्ड रॉची के पत्रांक 2146(S) दिनांक 09.09.2020 के शर्तावली के अनुसार अतिरिक्त जमानत की राशि एकरारनामा करने के समय जमा करना अनिवार्य होगा ।
10. बिना कारण बताये किसी भी समय निविदा को रद्द करने का अधिकारी अधोहस्ताक्षरी को सुरक्षित रहेगा।
11. निविदा शुल्क एवं अग्रधन की राशि का ई०–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाबदेही सम्वेदक की होगी।

ह०/–कार्यपालक अभियंता
लघु सिंचाई प्रमण्डल, चाईबासा

PR 366214 (West Singhbhum)25-26*D

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, SUNABEDA

No.O-1467

e-mail : eerw_sunabeda@yahoo.co.in

**e- Procurement Notice for Road works**
**Identification No. Online Tender / 06/RWD-SBD/2025-26**

Letter No. : 4504 / — Date : 14.11.2025

01. Name of the work : Road works Semiliguda, Nandapur, Pattangi, Laxmipur, Bandhugaon, Lamtaput block
02. Total Number of works : 16 Nos. works
03. Estimated Cost : 14.00 to 50.00 lakhs
04. Class of Contractor : "B", "C" & "D" Class
05. Period of Completion : 02 months
06. Other Details

| Procurement Officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/06/ RWD-SBD/2025-26 | 17.11.2025 at 11.00 A.M. | 01.12.2025 upto 5.00 P.M. |

Further details can be seen from the website : www.tendersorissa.gov.in

OIPR- Sd./- Superintending Engineer, Rural Works Division, Sunabeda

## WORKS DEPARTMENT
## OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION

No.B-696

e-mail : eerbrairangpur@yahoo.co.in

Government of Odisha "e" Procurement Notice

**Bid Identification No. SE 35 OF 2025-26**

1. Nature of work : **Building Work**
2. Number of works : **3 (Three) Nos.**
3. Amount put to Tender : **Rs.74,72,273.00 to 76,75,490.00**
4. Class of Contractor : **B Class**
5. Date & Time of availability of bid document in the portal : **Dt.19.11.2025 at 10.00 AM**
6. Last Date / Time of receipt of bid in the portal : **Dt.25.11.2025 up to 04.00 PM**
7. Date of opening of bid : **Dt.26.11.2025 at 11.00 AM**
8. Name & address of the Office inviting bid : **Superintending Engineer, Rairangpur (R&B) Division**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http// tendersodisha.gov.in"**. All future corrigendum will be available on ONLINE mode only.

Sd./- 12.11.2025
Superintending Engineer
Rairangpur (R&B) Division

OIPR-

## OFFICE OF THE MUNICIPAL COUNCIL, JATNI

No.6207 / dtd 15.11.2025

**1ST CORRIGENDUM NOTICE**

**No.C-1496** : Under unavoidable circumstances the availability of tender invited vide e-Procurement Notice No. EO/JMC/085/2025-26 of Jatni Municipality is hereby rescheduled as below.

| Procurement Officer | Bid Identification Number with Tender ID | Availability of Tender on line for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Officer, Jatni Municipality | EO/JMC/085/2025-26 2025_ORULB_119743_1 | 18.10.2025 | 26.11.2025 | 27.11.2025 |

All other terms and conditions are remain unchanged.

OIPR- Sd./- Executive Officer Jatni Municipality

## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – RDD/SD/CHAIBASA/18/2024-25
(4th Call) (MMGSY)

1. कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम (चाईबासा) जिला के सदर प्रखण्ड अन्तर्गत गाईसुटी पंचायत के ग्राम कांकी से गिंडीमुडी जाने वाली रास्ते में रोरो नदी पर पुल निर्माण। | 43078800.00 | 862000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 21.11.2025
3. ई–निविदा प्राप्ति की तिथि एवं समय–दिनांक 21.11.2025 से दिनांक 01.12.2025 को अपराह्न 5:00 बजे तक
4. ई–निविदा खोलने का स्थान–कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.03.12.2025 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति / दावा दर्ज कराये अन्यथा अवधि बीतने के पश्चात् कोई भी आपत्ति / दावा मान्य नहीं होगा।
11.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
12. किसी भी समय बिना सूचना के निविदा रद्द एवं किसी भी प्रकार का संशोधन करने का अधिकार अधोहस्ताक्षरी को सुरक्षित रहेगा एवं इस पर किसी प्रकार का दावा एवं आपत्ति मान्य नहीं होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।

PR.NO.366172 West Singhbhum(25-26):D

## PM SHRI SCHOOL JAWAHAR NAVODAYA VIDYALAYA, PALJHAR, BOUDH (ODISHA)

(MINISTRY OF EDUCATION, DEPARTMENT OF SCHOOL EDUCATION & LITERACY, GOVT. OF INDIA)

Dated: 17.11.2025

### WALK-IN-INTERVIEW

A walk-in interview will be held on **24th November 2025, Time 10.30 A.M. to 01.30 P.M.** at PM SHRI School Jawahar Navodaya Vidyalaya, Paljhar, Dist-Boudh (Odisha). Candidates will be called for a personal interview for a position (on a contract basis). This interview is for the following post only.

| Sl. No. | Post | No. of Post | Essential Qualification/Certificate | Remuneration |
|---|---|---|---|---|
| 01 | PGT Physics | 01 | Integrated Post Graduate Course from NCTE recognized institution, in the concerned subject with at least 50% marks in aggregate including B.Ed. component. OR Master Degree from a recognized institution with at least 50% marks in aggregate in the relevant subject. AND B.Ed. Degree from NCTE recognized institution with at least 50% marks OR Three years integrated B. Ed-M. Ed from NCTE recognized institution with at least 50% marks. OR Four years integrated Degree with at least 50% marks from NCTE recognized institution including B.Ed. component. | Rs.35750/- |
| 02 | TGT Music | 01 | Bachelor's Degree in Music/ Performing Arts from a recognized institution with at least 50% marks in concerned subject and also in aggregate, provided that Music subject in all the years of Degree as a main subject. AND Bachelor's Degree in Education from NCTE recognized institution with at least 50% marks. | Rs.34125/- |
| 03 | Care Taker | 01 | Class X passed and working experience in residential school or big office set up. | Minimum wages unskilled category as per Govt. Rule |
| 04 | Lab. Attendant | 01 | 10th Class pass with a certificate/ Diploma in Laboratory Technique OR 12th Class with Science stream from a recognized Board / University. | |

(I) The maximum age limit is 50 Years. (II) The engagement is purely on a temporary basis. No TA/DA is payable for attending the walk-in interview. (III) Original Document with one set of photocopies of documents must bring for document verification viz. Passport Photo, Aadhaar/PAN Card, Education Qualification, Experience Certificate etc.
(II) Further inquiries, kindly contact -Contact No-9621270889

Sd./- Principal
PM Shri School JNV Boudh, Odisha

## Repco Home Finance — ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍

**କର୍ପୋରେଟ୍ କାର୍ଯ୍ୟାଳୟ:** ଆଲେକଜାଣ୍ଡର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

### ଇ-ନିଲାମ ବିଜ୍ଞପ୍ତି

**ସିକ୍ୟୁରିଟାଇଜେଶନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପ୍‌କୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ନିମ୍ନଲିଖିତ ଶାଖାରୁ** ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଓ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୧୯.୧୨.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟ୍‌ର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୮.୧୨.୨୦୨୫, ଅପରାହ୍ନ ୪.୦୦ ଘଟିକା**

**ଭୁବନେଶ୍ୱର ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪ ୭୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ସୁରେଶ ଚନ୍ଦ୍ର ବାରିକ,** ପିତା: ଶ୍ରୀ କରୁଣାକର ବାରିକ, **ସହ-ଋଣଗ୍ରହୀତା I: ଶ୍ରୀ ରମେଶ ଚନ୍ଦ୍ର ବାରିକ,** ପିତା: ଶ୍ରୀ କରୁଣାକର ବାରିକ, **ସହ-ଋଣଗ୍ରହୀତା II: ଶ୍ରୀମତୀ ବାସନ୍ତୀ ବାରିକ,** ସ୍ୱାମୀ: ଶ୍ରୀ ସୁରେଶ ଚନ୍ଦ୍ର ବାରିକ; ଡିମାଣ୍ଡ ନୋଟିସ ତାରିଖ: **୧୨.୦୧.୨୦୨୩;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୧୧୦୦୦୪୪୬)** ହେଉଛି **ତା୧୧.୦୧.୨୦୨୩ରିଖ ସୁଦ୍ଧା ₹୩୦,୮୧,୬୩୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୭.୦୭.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୯.୧୦.୨୦୨୫ରିଖ ସୁଦ୍ଧା ₹୪୭,୨୯,୭୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଖୋର୍ଦ୍ଧା: ମୌଜା: ଦଳେଇପୁଟ, ଖାତା** ନଂ. ୬୦୭, ପ୍ଲଟ୍ ନଂ.୫୩୪, ରକବା: ଏ.୦.୦୮୫ ଡିସିମିଲ । ପ୍ଲଟ୍ ନଂ. ୫୩୭, ରକବା: ଏ.୦.୦୨୦ ଡିସିମିଲ, କ୍ରୟ ରକବା: ଏ.୦.୧୦୫ ଡିସିମିଲ । ଜମିର କିସମ: ଘରବାରି, ଚଉହଦୀ: ପୂର୍ବ: କୃଷ୍ଣ ଚନ୍ଦ୍ର ବାରିକ, ଦକ୍ଷିଣ: ରାମଚନ୍ଦ୍ର ବାରିକ, ପଶ୍ଚିମ: ରାସ୍ତା, ଉତ୍ତର: ପ୍ରଭାକର ବାରିକ ।

| ସଂରକ୍ଷିତ ମୂଲ୍ୟ | ₹୪୮,୦୭,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୮୦,୭୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୫୦,୦୦୦/- |
|---|---|---|---|---|---|

**ଇ-ନିଲାମର ତାରିଖ ଓ ସମୟ: ୩୦.୧୨.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟ୍‌ର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୨୯.୧୨.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କଟକ ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪ ୭୬୯୯୮**

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ବଳରାମ ବାରିକ,** ପିତା: ଶ୍ରୀ ନବଘନ ବାରିକ, **ସହ-ଋଣଗ୍ରହୀତା I: ଶ୍ରୀ କାଳନ୍ଦୀ ବାରିକ,** ପିତା: ଶ୍ରୀ ନବଘନ ବାରିକ, **ସହ-ଋଣଗ୍ରହୀତା II: ଶ୍ରୀମତୀ ପ୍ରିୟଙ୍କା ବାରିକ,** ସ୍ୱାମୀ: ଶ୍ରୀ ବଳରାମ ବାରିକ, **ସହ-ଋଣଗ୍ରହୀତା III: ଶ୍ରୀମତୀ ରୋଜି ବାରିକ,** ସ୍ୱାମୀ: ଶ୍ରୀ କାଳନ୍ଦୀ ବାରିକ, **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିୟ ରଞ୍ଜନ ସ୍ୱାଇଁ,** ପିତା: ଶ୍ରୀ ଅଜୟ ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୦୯.୧୧.୨୦୨୧;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୬୦୦୦୦୧୮୦)** ହେଉଛି **ତା୦୯.୧୧.୨୦୨୧ରିଖ ସୁଦ୍ଧା ₹୭,୪୧,୮୧୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୧.୦୪.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୩.୧୧.୨୦୨୫ରିଖ ସୁଦ୍ଧା ₹୧୩,୧୨,୯୨୨/-।**
**ସମ୍ପତ୍ତିର ବର୍ଣ୍ଣନା: ଦଫା:୧, ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ହରିଅନ୍ତା,** ରେକର୍ଡ ଅଫ୍ ରାଇଟ୍ ନଂ.: ୩୩୦, ପ୍ଲଟ୍ ନଂ.୧୦୯୩, ରକବା: ଏ.୦.୦୨୦ ଡିସିମିଲ, ଜମିର କିସମ ହେଉଛି ହୋମ୍‌ଷ୍ଟିଡ୍/ଘରବାରି ଯାହା ମ୍ୟୁଟେଶନ୍ କେସ୍ ନଂ.୬୪୭୬/୨୦୧୩ ଜରିଆରେ ମ୍ୟୁଟେଟେଡ୍ ହୋଇଛି । ଚଉହଦୀ: ଉତ୍ତର: ପ୍ରଭାକର ନାୟକ, ଦକ୍ଷିଣ: ଦେବ ସାହୁ ଏବଂ ରାସ୍ତା, ପୂର୍ବ: ମାଧବ ବାରିକ, ପଶ୍ଚିମ: ଧରଣୀଧର ନାୟକ ।
**ଦଫା:୨: ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ହରିଅନ୍ତା,** ରେକର୍ଡ ଅଫ୍ ରାଇଟ୍ ନଂ.: ୫୯୭/୬୪୩, ପ୍ଲଟ୍ ନଂ.: ୧୦୯୫/୨୨୬୭, ରକବା: ଏ.୦.୦୧୦ ଡିସିମିଲ, ଜମିର କିସମ ହେଉଛି ହୋମଷ୍ଟିଡ୍/ଘରବାରି (ଘର) ଯାହା ମ୍ୟୁଟେଶନ କେସ୍ ନଂ.: ୭୬୧୪/୨୦୧୩ ଜରିଆରେ ମ୍ୟୁଟେଟ୍ ହୋଇଛି । ଚଉହଦୀ: ଉତ୍ତର: ବିକ୍ରେତା, ଦେବାଶିଷ ନାୟକ, ଦକ୍ଷିଣ: କାଳନ୍ଦୀ ବାରିକ, ପୂର୍ବ: ଲୋକନାଥ ବାରିକ, ପଶ୍ଚିମ: ଧରଣୀଧର ନାୟକ ।

| ସଂରକ୍ଷିତ ମୂଲ୍ୟ | ₹୧୧,୨୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୧୨,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୧୦,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨ ୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ ।

ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ସମ୍ପୃକ୍ତ ଶାଖାଗୁଡ଼ିକର ଶାଖା ମୁଖ୍ୟ, ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ଙ୍କ ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି ।

ତାରିଖ: ୦୩।୧୧।୨୦୨୫/୧୭।୧୧।୨୦୨୫ **ପ୍ରାଧିକୃତ ଅଧିକାରୀ, ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**

# ଷ୍ଟେଶନରେ ଟିକେଟ୍ ନ ମିଳିବାରୁ ଯାତ୍ରୀଙ୍କ ହୋହଲ୍ଲା

ନିରାକାରପୁର,୧୭।୧୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳଷ୍ଟେଶନରେ ରବିବାର ରାତି ପ୍ରାୟ ୧୨ଟାରୁ ସୋମବାର ସକାଳ ସାଢ଼େ ୭ଟା ପର୍ଯ୍ୟନ୍ତ ସଫ୍ଟୱେର ସମସ୍ୟା ଯୋଗୁ ଟିକେଟ୍ ନ ମିଳିବାରୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି କେତେଜଣ ଯାତ୍ରୀ ଷ୍ଟେଶନ ପରିଚାଳକଙ୍କ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିଥିଲେ। ଉକ୍ତ ସମୟରେ ଦାୟିତ୍ୱରେ ଥିବା ଷ୍ଟେଶନ ପରିଚାଳକ ବିଶ୍ୱନାଥ ରଥ ଯାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ତେବେ ଯାତ୍ରୀଙ୍କ ସୁବିଧା ନିମନ୍ତେ ଖୋର୍ଦ୍ଧାରୋଡ୍ ବାଣିଜ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଏଭଳି ସମସ୍ୟା ଉପୁଜିଥିବା ନେଇ ଷ୍ଟେଶନ ପରିଚାଳକ ରଥ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ନିରାକାରପୁର ଠାରୁ ଖୋର୍ଦ୍ଧାରୋଡ୍ ପର୍ଯ୍ୟନ୍ତ ବିନା ଟିକେଟରେ ଯାତ୍ରା ପାଇଁ ଯାତ୍ରୀମାନଙ୍କୁ ଅନୁମତି ଦେଇଥିଲେ। ପରେ ଯାତ୍ରୀମାନେ ଇଷ୍ଟକୋଷ୍ଟ ଏବଂ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଯାତ୍ରା କରିଥିଲେ। ସେହିପରି ଭୁବନେଶ୍ୱରରୁ ଅପ୍‌ଲାଇନ୍‌ରେ ଆସୁଥିବା ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ଯିବାକୁ ଥିବା ଦୈନିକ ଯାତ୍ରୀଙ୍କ ନିମନ୍ତେ ବାଲୁଗାଁ ପର୍ଯ୍ୟନ୍ତ ବିନା ଟିକେଟରେ ଯିବାର ମଧ୍ୟ ବ୍ୟବସ୍ଥା


ଟିକେଟ ପାଇଁ ଯାତ୍ରୀମାନେ କାଉଣ୍ଟର ଆଗରେ ଧାଡ଼ିରେ ଅପେକ୍ଷା କରିଛନ୍ତି।

## ବିନା ଟିକେଟରେ କଲେ ଯାତ୍ରା

କରାଯାଇଥିଲା। ତେବେ ଟିକେଟ ନ ମିଳିବାରୁ ଯାତ୍ରୀ ବୁଲୁ ବେହେରା, ବିଭୂତି ଭୂଷଣ ରାୟ, ସୁକାନ୍ତ ପଟ୍ଟନାୟକ, ଚତୁର୍ଭୁଜ ରଣସିଂହ, ସତ୍ୟଭାମା ସାହୁଙ୍କ ସମେତ ବହୁ ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଷ୍ଟେଶନ ପରିଚାଳିକା ସାଗରିକା ପାତ୍ର କହିଛନ୍ତି, ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ନିରାକାରପୁର ଷ୍ଟେଶନଠାରୁ ଯାତ୍ରୀମାନେ ବିନା ଟିକେଟରେ ଉତ୍ତରରେ ଜଟଣୀ ଏବଂ ଦକ୍ଷିଣରେ ବାଲୁଗାଁ ପର୍ଯ୍ୟନ୍ତ ଯିବା ପାଇଁ କୁହାଯାଇଛି। ଯଦି କୌଣସି ଯାତ୍ରୀ ଦୂରସ୍ଥାନକୁ ଯିବେ ସେମାନେ ଜଟଣୀ ଏବଂ ବାଲୁଗାଁରେ ଟିକେଟ କାଟି ଯିବେ ବୋଲି କୁହାଯାଇଥିବା ପାତ୍ର କହିଛନ୍ତି।

# ୫୮ ଅଭିଯୋଗ ଶୁଣିଲେ ଜିଲାପାଳ


ଶିବିରରେ ଜିଲାପାଳ ଅମ୍ରିତ ରତୁରାଜ, ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୫୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୫୧ ଏବଂ ଗ୍ରାମୀଣ ସମସ୍ୟା ୭ଟି ଅଭିଯୋଗ ରହିଥିଲା। ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଜିଲାପାଳ ଅମ୍ରିତ୍ ରତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଉପସ୍ଥିତ ଥିଲେ। ଶିବିରରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ, ଭାରପ୍ରାପ୍ତ ବିଡିଓ ରୁମାନା ଯାଫ୍ରି, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱର କଅଁର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାଂଶୁ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗଦେଇଥିଲେ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

କୃଷ୍ଣପ୍ରସାଦ,୧୭।୧୧
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ତହସିଲ ପଡ଼ିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୁରୀ ଏମ୍‌ପି ଡା.ସମ୍ବିତ୍ ପାତ୍ର ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଉଦ୍‌ଘାଟନ କରିଥିଲେ। ସହଜ ଉପାୟରେ ଅଳ୍ପ ଖର୍ଚ୍ଚରେ, ସରକାରୀ ପ୍ରୋତ୍ସାହନରେ କିଭଳି ଉନ୍ନତ ଧରଣର ଚାଷ କରାଯିବ ସେନେଇ ମେଳା ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯାଉଛି ବୋଲି ଏମ୍‌ପି ପାତ୍ର କହିଛନ୍ତି। ମେଳାରେ ଚିଲିକା ମଇଁଷି କ୍ଷୀର, ଦହି, ଛେନା ଆଦି ସାମଗ୍ରୀ, ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିଭଳି ଚିଲିକାରେ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଚାଷର ପଦ୍ଧତିକୁ ରଖାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ସଫଳ ଚାଷୀଙ୍କୁ ସରକାରୀ ସହାୟତା ରାଶିର ଚେକ୍ ବଣ୍ଟନ କରାଯାଇଛି। ବିଡିଓ, ତହସିଲଦାର, କୃଷି ବିଭାଗ କର୍ମଚାରୀ, ବିଧାୟକଙ୍କ ପ୍ରତିନିଧି, ସାଂସଦଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ବାଲୁଗାଁ ନିକଟ ବଡ଼କୁଳସ୍ଥିତ ଓଡି ଆର୍ଟ ସେଣ୍ଟରରେ ଚାଲିଥିବା ୧୧ତମ ଚିଲିକା ଶେଲ୍‌ଡକ୍ ଅନ୍ତର୍ଜାତୀୟ ଲୋକ ସଂସ୍କୃତି ଉତ୍ସବର ତୃତୀୟ ସନ୍ଧ୍ୟାରେ ସୋମବାର ଶ୍ରୀଲଙ୍କା କାଣ୍ଡିଆନ ନୃତ୍ୟ ପରିବେଷଣ କରାଯାଉଛି। **(ଫଟୋ: ସଂଗ୍ରାମ ପାଇକରାୟ)**

# ୩୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଝିଙ୍କିଝାରୀ ପିଚୁ ପ୍ଲାଣ୍ଟ ସମ୍ମୁଖ ପଡ଼ିଆରେ ପୋଲିସ ଚଢ଼ାଉ କରି ଦୁଇଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନନ୍ଦପୁର ଗ୍ରାମର ମନୋଜ ମାନ୍‌ସିଂ ଓରଫ ମନୁଆ(୪୦) ଏବଂ ତାଙ୍କ ଭାଇ ସୁନୀଲ ମାନ୍‌ସିଂ ଓରଫ ଢେଗା (୩୧)। ସେମାନଙ୍କ ନିକଟରୁ ୩୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ସୂଚନା ମୁତାବକ, ଝିଙ୍କିଝାରୀ ପିଚୁ ପ୍ଲାଣ୍ଟ ସମ୍ମୁଖ ପଡ଼ିଆରେ ଦୁଇଜଣ ବ୍ରାଉନ୍‌ସୁଗାର ବେପାରୀ ଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ନେତୃତ୍ୱରେ ଏଏସ୍‌ଆଇ ମନୋଜ କୁମାର ବେହେରା, ଏଏସ୍‌ଆଇ ମଞ୍ଜିତ ଏକ୍କା, କନ୍‌ଷ୍ଟେବଲ ସୁଶାନ୍ତ ସୁନ୍ଦରାୟ, ଓଆର୍‌ପିଏଫ୍ ମନୋଜ କୁମାର ପ୍ରଧାନ ଏବଂ କନ୍‌ଷ୍ଟେବଲ ଇମଲେନ ଜାଙ୍କଜୋ ପ୍ରମୁଖ ପୂର୍ବାହ୍ନ ୧୧ଟାରେ ଉକ୍ତ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ୩୨ ଗ୍ରାମ୍ ୩୦ ମିଲିଗ୍ରାମ୍ ବ୍ରାଉନ୍‌ସୁଗାର, ୨୫ ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ୍ ଏବଂ ଏକ ବାଇକ୍ (ଓଡି ୦୨ ଡିଏଚ୍ ୯୫୮୦) ଜବତ କରିଥିଲେ। ଏନେଇ ଥାନାରେ ଏସ୍‌ଆଇ ବେହେରାଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୩୪୪/୨୫) ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭାରତ-ଶ୍ରୀଲଙ୍କା ଯୁବ ବିନିମୟ କାର୍ଯ୍ୟକ୍ରମ



ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶା ଏବଂ କମନ୍‌ୱେଲ୍‌ଥ ଯୁଥ୍ କାଉନସିଲର ମିଳିତ ସହଯୋଗରେ ଗତ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଯୁବ ବିନିମୟ କାର୍ଯ୍ୟକ୍ରମ କଲମ୍ବୋରେ ଅନୁଷ୍ଠିତ ହୋଇଯାଇଛି। ଭାରତର ବିଭିନ୍ନ ରାଜ୍ୟରୁ ୨୩ଜଣ ଶ୍ରୀଲଙ୍କା ଗସ୍ତ କରି ବିକଶିତ ଭାରତର ସଙ୍କଳ୍ପକୁ ଆହୁରି ମଜଭୁତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଓ ଶ୍ରୀଲଙ୍କାର ପୌରାଣିକ ସମ୍ପର୍କ ରାମାୟଣ ଓ ସଂସ୍କୃତି ସମ୍ପର୍କକୁ ମନେପକେଇବା ପାଇଁ ଅଶୋକ ବନ, ହନୁମାନ ଓ ମାତା ସୀତାଙ୍କ ପୀଠ ଇତିହାସସ୍ଥଳୀକୁ ଯିବା ସହିତ ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ଓ କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଉନ୍ନତି ପାଇଁ ଯୁବକମାନଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ପୂର୍ବତନ ନିର୍ଦ୍ଦେଶକ ସତ୍ୟ ପ୍ରକାଶ ପଟ୍ଟନାୟକ, ପ୍ରୋଜେକ୍ଟ ପଏଣ୍ଟ ଅଧ୍ୟକ୍ଷ ଡ.ସଂଗ୍ରାମ କେଶରୀ ସାମନ୍ତରାୟ ଓଡ଼ିଶା ଏବଂ ଭାରତବର୍ଷର ସଂସ୍କୃତି, ପରମ୍ପରା ତଥା ଐତିହାସିକ କୀର୍ତ୍ତିରାଜି ସମ୍ପର୍କରେ ମତ ରଖିଥିଲେ। ଭାରତବର୍ଷର ଅର୍ଥନୀତି, ଯୁବନୀତି, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଯୁବବନ୍ଧୁମାନେ କଥା ରଖିଥିଲେ। କମନ୍‌ୱେଲ୍‌ଥ କାଉନ୍‌ସିଲର ଉପାଧ୍ୟକ୍ଷ ଗୁରଦିତ୍ ସିଂ ବୋରା ବିଭିନ୍ନ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ। ପ୍ରୋଜେକ୍ଟ ପଏଣ୍ଟର ଏଭଳି କାର୍ଯ୍ୟକ୍ରମକୁ ଶ୍ରୀଲଙ୍କା ପୂର୍ବତନ ରାଷ୍ଟ୍ରପତି ଏବଂ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ପ୍ରଶଂସା କରିଛନ୍ତି। ଭାରତ-ଶ୍ରୀଲଙ୍କା ନିଆରା ସମ୍ପର୍କ ସହିତ ଯୁବ ବ୍ୟାପାର କାର୍ଯ୍ୟକ୍ରମ କରିବା ଏକ ନିଆରା ପ୍ରୟାସ ବୋଲି ଅନୁଷ୍ଠାନର ଉପଦେଷ୍ଟା ଶୁଭ୍ର ରଥ କହିଛନ୍ତି। ଶ୍ରୀଲଙ୍କା ଓ ଭାରତର ଯୁବ ବନ୍ଧୁମାନେ କେଣ୍ଡିଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ନୃତ୍ୟ ପରିବେଷଣ କରି ନିଜ ଗୌରବମୟ ସଂସ୍କୃତିର ପରିଚୟ ଦେଇଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

ବେଗୁନିଆ,୧୭।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର-କଣ୍ଟାମଳିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ବିଜ୍ଞାନ ମେଳା ଗତ ୧୧ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ମୋଟ ୨୬ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୨ଟି ପ୍ରକଳ୍ପ ମଣ୍ଡଳସ୍ତରକୁ ମନୋନୀତ ହୋଇଛି। ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା ଏବଂ ପୋଡ଼ାଡିହ କ୍ଲଷ୍ଟରର ସିଆର୍‌ସିସି ଦଶରଥ ପ୍ରଧାନ ବିଚାରକଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ, ବୀଣାପାଣି ଦେଇ, ଶିକ୍ଷକ ତ୍ରିନାଥ ପରିଡ଼ା, ରାଧାଶ୍ୟାମ ପଣ୍ଡା, ରମେଶ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ପଙ୍କଜ ପାଳଙ୍କ ଉପନ୍ୟାସ ଅନ୍ୟ ଭାଷାରେ ପ୍ରକାଶ କରାଯାଉ’

## ‘ପଙ୍କଜ ସାମ୍ରାଜ୍ୟ’ ଶୀର୍ଷକ ଆଲୋଚନାଚକ୍ର

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ପ୍ରଖ୍ୟାତ କଥାଶିଳ୍ପୀ ପଙ୍କଜ ପାଳଙ୍କ କଥା ସାହିତ୍ୟକୁ ନେଇ ‘ପଙ୍କଜ ସାମ୍ରାଜ୍ୟ’ ଶୀର୍ଷକ ଆଲୋଚନାଚକ୍ର ଗତ ରବିବାର ସ୍ଥାନୀୟ ଜୟୀ ରାଜଗୁରୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦର ସଭାପତି ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକ ପଙ୍କଜ ପାଳ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଧୀରେନ୍ଦ୍ର ନନ୍ଦ କଥାକାର ପଙ୍କଜ ପାଳଙ୍କ କଥା ସାମ୍ରାଜ୍ୟର ରାଜ୍ୟସ୍ତରୀୟ ଆଲୋଚନାଚକ୍ରର ପ୍ରାସଙ୍ଗିକତା ଉପସ୍ଥାପନ କରିଥିଲେ। ପରେ ବିଶିଷ୍ଟ କବି ଓ କଥାକାର ଅରୁଣ କୁମାର ସାହୁଙ୍କ ପରିଚାଳନାରେ ‘ପଙ୍କଜ ସାମ୍ରାଜ୍ୟ’ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆଲୋଚକ ଭାବେ ଗାଳ୍ପିକ ଅଜୟ ସ୍ୱାଇଁ ଯୋଗଦେଇ ପଙ୍କଜ ପାଳଙ୍କ ଗଳ୍ପ ଓ ଉପନ୍ୟାସ ଦେଶର ଅନ୍ୟ ଭାଷାରେ ପ୍ରକାଶିତ କରିବା ପାଇଁ ଅନୁବାଦକଙ୍କୁ ଆହ୍ୱାନ କରିଥିଲେ। ଅତିଥିଭାବେ ବିଶିଷ୍ଟ କଥାକାର ରାଜବର୍ଦ୍ଧନ ଧଳ ମହାପାତ୍ର, ପ୍ରକାଶକ ବନୋଜ ତ୍ରିପାଠୀ, ଗାଳ୍ପିକ ଆଭାସ କୁମାର ବରାଳ, ଗାଳ୍ପିକ ପରେଶ କୁମାର ପଟ୍ଟନାୟକ, ସାହିତ୍ୟିକା ଶ୍ୱେତପଦ୍ମାସିନୀ ମହାନ୍ତି, ସମୀକ୍ଷକ ହିମାଂଶୁ ପରିଡ଼ା, ଚଳଚ୍ଚିତ୍ର ସଂଳାପ ଲେଖକ ରଜନୀ ରଞ୍ଜନ, କଥାକାର ତପନ କୁମାର ମହାପାତ୍ର, ଔପନ୍ୟାସିକ ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପଙ୍କଜ ପାଳଙ୍କ ଗଳ୍ପର ନିଆରାଶୈଳୀ, ଗ୍ରାମ୍ୟ ଜୀବନର ଘଟଣାବଳୀ, ସାମାଜିକ ଅସହିଷ୍ଣୁତା ଓ ଅନ୍ୟାୟର ପ୍ରତିବାଦ, ଶାଣିତ ସ୍ୱର, ପାତ୍ରୋପଯୋଗୀ ଭାଷାର ପ୍ରୟୋଗ, ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରର ମୌଳିକ ସମସ୍ୟା କିପରି ତାଙ୍କ ଗପ ସାମ୍ରାଜ୍ୟକୁ ଆଦୃତ କରିପାରିଛି, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କଥାକାର ପଙ୍କଜ ପାଳ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ବୋଲି ମତପ୍ରକାଶ ପାଇଥିଲା। ସାହିତ୍ୟ ସଂସଦର ସଦସ୍ୟା ସସ୍ମିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷାବିତ୍ ଓ ଲେଖକ ସତ୍ୟବାଦୀ ବଳିୟାରସିଂହଙ୍କ ପରିଚାଳନାରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ଜୟଶ୍ରୀ ପଟ୍ଟନାୟକ ଏବଂ ସୌଦାମିନୀ ବେହେରା ସଂଯୋଜନା କରିଥିଲେ। କବି ଓ କବୟିତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ ବଂଶୀଧର ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଇତିଶ୍ରୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଉଛି।

# ୨୨ରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଖୋର୍ଦ୍ଧା କପ୍

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଯୁବ ବ୍ୟାଡମିଣ୍ଟନ ଅସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୨୨ ଓ ୨୩ ତାରିଖରେ ୯ମ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା କପ୍ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ପୁରସ୍କାର ରାଶି ୬୦ହଜାର ଟଙ୍କା ଘୋଷଣା କରାଯାଇଛି। ରାଜ୍ୟର ଯୁବ କ୍ରୀଡା ପ୍ରତିଭାଙ୍କୁ ଉତ୍ସାହିତ କରିବା ଏହାର ଲକ୍ଷ୍ୟ ରହିଛି। ଓଡ଼ିଶାର ବିଭିନ୍ନ ଜିଲାର ପ୍ରତିଭାଶାଳୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଯୋଗଦେବେ। ଏହି ଟୁର୍ଣ୍ଣାମେଣ୍ଟ ନୂତନ ପ୍ରତିଭା, ଉଦୀୟମାନ ଖେଳାଳିଙ୍କୁ ସୁଯୋଗ ସୃଷ୍ଟି କରିବା ସହିତ ରାଜ୍ୟର କ୍ରୀଡ଼ା ପରିବେଶକୁ ଉତ୍ସାହିତ କରିବ ବୋଲି ସଂଘର ସମ୍ପାଦକ ରାଜେଶ ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।



ଖୋର୍ଦ୍ଧା ଜିଲା ଯୁବ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଉଛି।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଆଇଆର୍‌ବି, କାଇପଦର ବିଜୟୀ

ଖୋର୍ଦ୍ଧା,୧୭।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଦୁଇଟି ମ୍ୟାଚ୍‌ରେ ଆଇଆର୍‌ବି ଏବଂ କାଇପଦର ଟିମ୍ ବିଜୟୀ ହୋଇଛନ୍ତି।

ପ୍ରଥମ ମ୍ୟାଚ୍ ଆଇଆର୍‌ବି ଏବଂ ପାଇକତିଗିରିଆ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆଇଆର୍‌ବି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୪ ଉଇକେଟ ବିନିମୟରେ ୧୯୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଶୀଳ ପ୍ରଧାନ ୧୨୧ରନ କରିଥିଲେ। ଜବାବରେ ପାଇକତିଗିରିଆ ଟିମ୍ ୧୫ଓଭରରେ ୮ଉଇକେଟ ବିନିମୟରେ ୧୩୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସୋମନାଥ ପଲେଇ ୩୨ରନ କରିଥିଲେ। ଆଇଆର୍‌ବି ଟିମ୍‌ର ଧର୍ମେନ୍ଦ୍ର ପ୍ରଧାନ ୩ଟି ଉଇକେଟ ନେଇଥିଲେ। ଅତିଥି ଅବନୀକାନ୍ତ ସାମନ୍ତରାୟଙ୍କଠାରୁ ଶ୍ରେଷ୍ଠ ଖେଳାଳିଭାବେ ସୁଶୀଳ ପ୍ରଧାନ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କାଇପଦର ଏବଂ ବୈଦେଶ୍ୱର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। କାଇପଦର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୭ଉଇକେଟ ବିନିମୟରେ ୧୪୫ରନ ସଂଗ୍ରହ କରିଥିଲା। ଜବାବରେ ବୈଦେଶ୍ୱର ଟିମ୍ ୧୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଶ୍ରେଷ୍ଠ ଖେଳାଳିଭାବେ କାଇପଦର ଟିମର କୁଲଦୀପ ପାଇକରାୟଙ୍କୁ ଅତିଥି ଦିବ୍ୟସିଂହ ପାତ୍ର, ଭ୍ରମରବର ସାମନ୍ତରାୟ ଏବଂ ପ୍ରତାପ ମହାପାତ୍ର ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଟାଙ୍ଗିଆପଡ଼ା ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ ଉଦ୍‌ଘାଟନ କରିଥିଲେ। ସାନୁଜ ବିଶ୍ୱାଳ, ବି.ବି.ରାଉତରାୟ, ଶୋଭାକର ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ବିଶ୍ୱବିହାରୀ ସ୍ୱାଇଁ ଏବଂ ପ୍ରକାଶ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଚୁଆ ଓ ଅମୀୟ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। କାଜଲ ବଳିୟାରସିଂ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଏବଂ ଅରିଶଳ, ଦ୍ୱିତୀୟ ମ୍ୟାଚ୍ ଭାଲିଆବାଡ଼ି ଏବଂ ଶୁଆଙ୍ଗ ମଧ୍ୟରେ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା ସୂଚନା ଦେଇଛନ୍ତି।



ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# 'ଲୋକେ ଖୁସିରେ ରହିବା ହିଁ ଦେଶର ପ୍ରକୃତ ବିକାଶ'

## ଉତ୍କଳ କେଶରୀଙ୍କ ୧୨୫ତମ ଜୟନ୍ତୀ, ଜାତୀୟ ମାନବ ସମ୍ବଳ ସମ୍ମିଳନୀ

ଭୁବନେଶ୍ୱର,୧୭। ୧୧ (ସୌମ୍ୟରଞ୍ଜନ ରାଉତ)

କେବଳ ବଡ଼ କୋଠାବାଡ଼ି ଓ ପ୍ରଶସ୍ତ ରାସ୍ତାଘାଟ ହୋଇଗଲେ ତାକୁ ବିକାଶ କୁହାଯିବ ନାହିଁ। ସବୁ ଘରେ ଲୋକେ ଖୁସିରେ ରହିଲେ ତାହା ହିଁ ଗୋଟିଏ ରାଜ୍ୟ ଓ ଦେଶର ପ୍ରକୃତ ବିକାଶ। ମାନବ ସମ୍ବଳ ହିଁ ସବୁଠୁ ଶ୍ରେଷ୍ଠ ସମ୍ବଳ। ଲୋକଙ୍କୁ ନେଇ ବିକାଶ କରିବା ଓଡ଼ିଶାରେ ଖୁସିର ଇଣ୍ଡେକ୍ସ ବଢ଼ିବା ଆବଶ୍ୟକ। ଲୋକେ ଖୁସି ରହିଲେ ବିକଶିତ ଓଡ଼ିଶା ଗଠନର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ ଏବଂ ଏହା ବିକଶିତ ଭାରତ ପ୍ରତି ଅବଦାନ ରଖିବ। ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଓ ଜାତୀୟ ମାନବ ସମ୍ବଳ ସମ୍ମିଳନୀରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

କଳିଙ୍ଗ ଭାରତୀ ଫାଉଣ୍ଡେଶନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ସୋମବାର ଫାଉଣ୍ଡେଶନ୍‌ର ଜାତୀୟ ଅଧ୍ୟକ୍ଷ ଇଂ. ଅକ୍ଷୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅନିଲ କୁମାର ସାମଲ, ଜିନ୍ଦଲ୍ ଷ୍ଟିଲ୍‌ର ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ କୁମାର ହୋତା, ବେଦାନ୍ତ ଆଲୁମିନିୟମ୍ ଆଣ୍ଡ ପାୱାରର ପୂର୍ବତନ ସିଏଚ୍‌ଆରଓ ସଞ୍ଜୟ ପଟ୍ଟନାୟକ, ଟାଟା ଷ୍ଟିଲର ପୂର୍ବତନ ସିଏଚ୍‌ଆର୍‌ଓ ଡ. ପାର୍ଥସାରଥି ମିଶ୍ର ଏବଂ ଅମିତ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିନ୍ଦଲ୍ ଷ୍ଟିଲ୍‌ର ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ୍ ହେଡ୍ ହୋତା କହିଥିଲେ ଓଡ଼ିଶାର ଟେକ୍ନୋକ୍ରାଟ୍ ଏବଂ ବୈଜ୍ଞାନିକମାନେ ଦେଶ ବିଦେଶରେ କାର୍ଯ୍ୟ କରି ଖ୍ୟାତି ଅର୍ଜନ କରୁଛନ୍ତି। ସେମାନଙ୍କୁ ଓଡ଼ିଶାରେ କାମ କରିବାକୁ ସୁଯୋଗ ସୃଷ୍ଟି କରାଯାଉ। ଏହାଦ୍ୱାରା ଆମେ ଜ୍ଞାନକୌଶଳରେ ଆତ୍ମନିର୍ଭର ହୋଇପାରିବା। ବିକାଶ କ୍ଷେତ୍ରରେ ଅଧିକ ଗ୍ରୀନ୍ ଟେକ୍ନୋଲୋଜି ବ୍ୟବହାର ଉପରେ ହୋତା ମତ ରଖିଥିଲେ। ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଅକ୍ଷୟ ଓଡ଼ିଶାର କଳା, ସଂସ୍କୃତିକୁ ଜାତୀୟ ସ୍ତରରେ ପ୍ରଚାର ପ୍ରସାର କରିବା ଫାଉଣ୍ଡେଶନର ଲକ୍ଷ୍ୟ ବୋଲି କହିଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ୨୫ରୁ ଅଧିକ ବକ୍ତା ଓ ୩୦୦ରୁ ଅଧିକ ପ୍ରତିନିଧି ଯୋଗଦେଇ ଏଆଇ ଯୁଗରେ ମାନବ ସମ୍ବଳ ଓ ଏହାର ବିଭିନ୍ନ ଦିଗ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ବେଦାନ୍ତ କୋଲ୍ ମାଇନ୍ସ, ଆଲୁମିନିୟମ୍ ଆଣ୍ଡ ପାୱାର, ଓଡ଼ିଶାକୁ ଶ୍ରେଷ୍ଠ ସିଏସ୍‌ଆର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଓଡ଼ିଶାର କଳା, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚିତ କରାଯାଇଥିଲା। ସମ୍ମିଳନୀରେ ହରେକୃଷ୍ଣ ମହତାବଙ୍କ ଉପରେ ଫଟୋ ପ୍ରଦର୍ଶନୀ ଓ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ କୁମାର ମିଶ୍ର, ମନୋଜ ପାଣିଗ୍ରାହୀ, ବିଜୟ କୁମାର ସାମଲ, ମନୋରଞ୍ଜନ ରଥଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।



ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ଏଥର ଜିଲ୍ଲାୱାରି ହେବ କିସ୍ ଅଭିଭାବକ ସମ୍ମିଳନୀ



ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

କିସ୍ ଛାତ୍ରୀଛାତ୍ର-ଅଭିଭାବକ ସମ୍ମିଳନୀ ଆୟୋଜନ ନେଇ ସୋମବାର କିସ୍ ପରିସରରେ କିସ୍ ଅଭିଭାବକ ସଂଘର ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ଜନଜାତି ଅଭିଭାବକ ପ୍ରତିନିଧି ଓ କିସ୍ ଅଭିଭାବକ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ କିସ୍‌ରେ ହେଉଥିବା ମେଗା ଅଭିଭାବକ ସମ୍ମିଳନୀ କିସ୍‌ରେ ନ କରି ପ୍ରତ୍ୟେକ ଜିଲାରେ କରିବା ପାଇଁ ଅଭିଭାବକମାନେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅନୁରୋଧ କରିଥିଲେ। ସେମାନଙ୍କ ପ୍ରସ୍ତାବରେ ସାମନ୍ତ ସମ୍ମତି ପ୍ରକାଶ କରିବା ସହ ଜିଲାୱାରୀ ଅଭିଭାବକ ସମ୍ମିଳନୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବରୁ କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ମୟୂରଭଞ୍ଜରେ କିସ୍‌ର ଶାଖା ଚାଲୁଥିବାବେଳେ ଖୁବ୍‌ଶୀଘ୍ର କେନ୍ଦୁଝର ଜିଲାରେ ଶାଖା ଖୋଲିବାକୁ ଯାଉଥିବା ଜାଣି ସେମାନେ ଆନନ୍ଦ ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ ସଭା ସଦସ୍ୟ ତଥା ଜନଜାତି ନେତା ନିରଞ୍ଜନ ବିଶି, କିସ୍ ଅଭିଭାବକ ସଂଘର ସମ୍ପାଦକ ଲମ୍ବୋଦର ସିଂହ, ସଭାପତି ରାମ ଶବର, ସଦସ୍ୟ ପରମାନନ୍ଦ ମାଝୀ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦେହ ଦଲାଲ ସୁନୀଲଙ୍କ ସହଯୋଗୀ ଅମିତ ଗିରଫ

■ ଦେହ ବ୍ୟବସାୟ ଛାଡ଼ି ଚୋରି କରୁଥିଲେ
■ ଫେସ ଡିଟେକ୍ସନ ଆପ ଦ୍ୱାରା ଅଭିଯୁକ୍ତର କେଳେଙ୍କାରି ଧରାପଡ଼ିଲା

ଭୁବନେଶ୍ୱର, ୧୭।୧୧(ତ୍ରିନାଥ ମହାନ୍ତି)

ପ୍ରଥମେ ଚୋରି କରୁଥିଲେ, ପରେ ଯୁବତୀ ଓ ମହିଳାଙ୍କୁ ଚାଲାଣର ଦଲାଲ ସାଜି ସୁନୀଲ ମେହେରଙ୍କ ଅତି ଘନିଷ୍ଠ ସହଯୋଗୀ ପାଲଟି ସେକ୍ସ ର୍ୟାକେଟ ଚଳାଇଲେ। ପୋଲିସ ସୁନିଲଙ୍କୁ ଗିରଫ କରିବା ପରେ ସେ ଫେରାର ହୋଇଗଲେ। ପରେ ପୁଣି ଭୁବନେଶ୍ୱର ଆସି ଷ୍ଟେଶନରେ ଚୋରି ପାଇଁ ବୁଲୁଥିବାବେଳେ ଅମିତ୍‌ଙ୍କୁ ଜିଆର୍‌ପି ପୋଲିସ ଗିରଫ କରିଛି। ରାଜଧାନୀର କ୍ୟାପିଟାଲ, ଖାରବେଳନଗର, ଜିଆର୍‌ପି, ମଞ୍ଚେଶ୍ୱର, ନୟାପଲ୍ଲୀ ଥାନାରେ ଅମିତଙ୍କ ନାମରେ ୧୩ଟି ମାମଲା ରହିଛି। ରେଳ ଷ୍ଟେଶନରେ ସକ୍ରିୟ ରହି ଯାତ୍ରୀଙ୍କ ଠାରୁ ଲୁଟ୍‌ପାଟ କରୁଥିଲେ। ସୋମବାର ସକାଳୁ ଜିଆରପି ପାଟ୍ରୋଲିଂ କରୁଥିବା ବେଳେ ଅମିତଙ୍କ ହାବଭାବ ଦେଖି ସନ୍ଦେହ ହୋଇଥିଲା। ତାଙ୍କୁ ଯାଞ୍ଚ କରିବା ପରେ ୪ଟି ଫୋନ୍ ମିଳିଥିଲା। ଫେସ ଡିଟେକ୍ସନ ଆପ ସହାୟତାରେ ଅମିତଙ୍କୁ ଯାଞ୍ଚ କରିବାରୁ ଆପରାଧିକ ତାଲିକାର ଗୁମର ଖୋଲିଥିଲା ବୋଲି ଜିଆରପି ଥାନା ଅଧିକାରୀ ଅଶୋକ ଗୋଚ୍ଛାୟତ କହିଛନ୍ତି।

# ଜନ୍ମଦିନ ପାର୍ଟିରୁ ନିଖୋଜ ଯୁବକ କଟକ ମେଡିକାଲରୁ ମିଳିଲେ

ଭୁବନେଶ୍ୱର,୧୭।୧୧(ତ୍ରିନାଥ ମହାନ୍ତି)

ବାର୍ଥ ଡେ ପାର୍ଟିରୁ ନିଖୋଜ ଯୁବକ ସତ୍ୟଜିତ ଦାସ ଦୀର୍ଘ ୧୫ଦିନ ପରେ ମେଡିକାଲରୁ ଉଦ୍ଧାର ହୋଇଛନ୍ତି। ରାଜଧାନୀରୁ ନିଖୋଜ ଯୁବକ ସତ୍ୟଜିତଙ୍କୁ କଟକ ଏସ୍‌ସିବି ମେଡିକାଲ୍‌ରେ ଚିକିତ୍ସିତ ଅବସ୍ଥାରେ ପରିବାର ଲୋକ ପାଇଛନ୍ତି। କ୍ଷତାକ୍ତ ଅବସ୍ଥାରେ ସତ୍ୟଜିତ୍ ଚିକିତ୍ସିତ ହେଉଛନ୍ତି। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଏବେ ଭର୍ତ୍ତି କରିଛନ୍ତି। ଗତ ୧ ତାରିଖ ଦିନ ସତ୍ୟଜିତ ସାଙ୍ଗମାନଙ୍କ ସହ ଭରତପୁର ଅଞ୍ଚଳରେ ଜନ୍ମଦିନ ପାଳିବାକୁ ଆସିଥିଲେ। ଜନ୍ମଦିନ ପାଳନ ପରେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ସତ୍ୟଜିତଙ୍କ ନିଖୋଜ ସମ୍ପର୍କରେ ଭରତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏନେଇ ଅଭିଯୋଗ ପାଇବା ପରେ ତଦନ୍ତକୁ ବ୍ୟାପକ କରିଥିଲା।

# ବିର୍ଲା ଫର୍ଟିଲିଟି ଆଣ୍ଡ୍ ଆଇଭିଏଫ୍‌ର ତୃତୀୟ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ବିର୍ଲା ଫର୍ଟିଲିଟି ଆଣ୍ଡ୍ ଆଇଭିଏଫ୍‌ର ସଦସ୍ୟା ସଦସ୍ୟମାନେ।

ଭୁବନେଶ୍ୱର,୧୭।୧୧(ଅନୁରାଧା ମହାରଣା)

ବିର୍ଲା ଫର୍ଟିଲିଟି ଆଣ୍ଡ୍ ଆଇଭିଏଫ୍ ଭୁବନେଶ୍ୱର ଶାଖାର ତୃତୀୟ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସେଣ୍ଟର ହେଡ୍ ଡା. ଲିପ୍‌ସା ମିଶ୍ର ବିର୍ଲା ଫର୍ଟିଲିଟି ଆଣ୍ଡ୍ ଆଇଭିଏଫ୍‌ର ସଫଳତା ଯାତ୍ରା ଉପରେ ଆଲୋକପାତ କରିବା ସହ ଗର୍ଭଧାରଣରେ ଉପୁଜିଥିବା ସମସ୍ୟା ଓ ନିରାକରଣ ସମ୍ପର୍କରେ ମତ ରଖିଥିଲେ। ସେ କହିଥିଲେ, ୩୫ ବର୍ଷ ବୟସ ପରେ ମହିଳାଙ୍କଠାରେ ଗର୍ଭଧାରଣର ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ୪୦ ବର୍ଷ ବୟସ ପରେ ସମସ୍ୟା ବଢ଼ିଥାଏ। ତେବେ ବିଭିନ୍ନ ରୋଗ ଏବଂ ଅସନ୍ତୁଳିତ ଜୀବନଶୈଳୀ ମଧ୍ୟ ଏଥିରେ ପ୍ରଭାବ ପକାଇଥାଏ। ମାତ୍ର ସେମାନଙ୍କୁ ପ୍ରାକୃତିକ ଉପାୟରେ ଗର୍ଭଧାରଣ ପାଇଁ ପ୍ରଥମେ ପ୍ରୋତ୍ସାହିତ କରାଯାଇଥାଏ। ମାତ୍ର ତାହା ସମ୍ଭବ ନ ହେଲେ ଆଇଭିଏଫ୍ ଓ ସେରୋଗେସି ଭଳି ପ୍ରକ୍ରିୟାରେ ମାତୃତ୍ୱ ଲାଭ କରିବା ନେଇ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥାଏ। ସାରା ଓଡ଼ିଶାରୁ ଆଇଭିଏଫ୍ ପାଇଁ ଆସୁଥିବା ଦମ୍ପତିଙ୍କ ମଧ୍ୟରୁ ୬୦ରୁ ୭୦% ଦମ୍ପତି ଏଥିରେ ସଫଳ ହୋଇଥା'ନ୍ତି। ଆଇଭିଏଫ୍ ପ୍ରତି ଲୋକଙ୍କ ଅନ୍ଧବିଶ୍ୱାସ ଓ ଲଜ୍ଜାବୋଧ ଦୂର କରିବାକୁ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଥିବା ଡା. ମିଶ୍ର କହିଛନ୍ତି। ଏହି ସେଣ୍ଟର ସେରୋଗେସି ପାଇଁ ଓଡ଼ିଶାର ପ୍ରଥମ ପଞ୍ଜୀକୃତ ଅନୁଷ୍ଠାନ ବୋଲି ସେ ସୂଚନା ଦେଇଛନ୍ତି। ଟ୍ରାନ୍ସଭାଜାଇନାଲ ସ୍କାନ ଭଳି ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗରେ ସମସ୍ୟା ଚିହ୍ନଟ ସହଜ ହେଉଛି। ଗର୍ଭଧାରଣ ପାଇଁ ଦମ୍ପତିଙ୍କ ମଧ୍ୟରୁ ପୁରୁଷ ନା ମହିଳାଙ୍କଠାରେ ସମସ୍ୟା ରହିଛି, ତାହା ଜଣାପଡ଼ିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇଥାଏ। ଏହି କାର୍ଯ୍ୟକ୍ରମରେ ଡା. ରଶ୍ମି ସାହୁ ଏବଂ ଡା. ରୋହିଣୀ ନାୟକ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

# ଜାନୁଆରୀ ୨୩ରୁ ଖଣ୍ଡଗିରି କୁମ୍ଭମେଳା

## ଅନ୍ଧବିଶ୍ୱାସ, ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବନାହିଁ: ବାବା ପଞ୍ଚଦେବ

ଭୁବନେଶ୍ୱର,୧୭।୧୧(ସୌମ୍ୟରଞ୍ଜନ ରାଉତ)

ଖଣ୍ଡଗିରି ସାଧୁସନ୍ଥ କୁମ୍ଭମେଳା-୨୦୨୬ ଆଗାମୀ ଜାନୁଆରୀ ୨୩ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ସହ ୧୪୪ ଜଣ ସାଧୁସନ୍ଥଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। କୁମ୍ଭମେଳାରେ ଭାରତର ବିଭିନ୍ନ ପ୍ରାନ୍ତରୁ ୧ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେବେ। ମାଘ ପୂର୍ଣ୍ଣିମାରେ ରବି ପୁଷ୍ୟା ଯୋଗ ପଡୁଥିବାରୁ ଏହା ଏକ ମହାନ ଯୋଗ। ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର ସୁବର୍ଣ୍ଣ ଜୟନ୍ତୀ ତଥା କଳି ପ୍ରବେଶ ୫୧୨୬ ବର୍ଷ ପୂର୍ତ୍ତି ପାଳନ କରାଯିବ। ସୋମବାର ପରିଷଦର ଅଧ୍ୟକ୍ଷ ବାବା ପଞ୍ଚଦେବ ଖଣ୍ଡଗିରିସ୍ଥିତ ପାଦୁକା ଆଶ୍ରମରେ କୁମ୍ଭମେଳା ପ୍ରସ୍ତୁତି ବୈଠକରେ ଏହି ସୂଚନା ଦେଇଛନ୍ତି। ସନାତନ ବୈଦିକ ଧର୍ମ ସଂସ୍କୃତି ଓ ରୀତିନୀତି ସାଧୁସନ୍ଥମାନେ ପାଳନ କରିବେ। କୌଣସି ଗୁଣିଗାରେଡ଼ି, ଝଡ଼ାଫୁଙ୍କାରେ ରୋଗ ପ୍ରଭୃତି ଭଲ ହେବା ଆଦି ଅନ୍ଧବିଶ୍ୱାସ ଏବଂ ଅପସଂସ୍କୃତିକୁ କୁମ୍ଭମେଳାରେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବାବା କହିଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ଜୟନ୍ତୀ ପାଳନ କରାଯାଇଥିଲା। ପାଦୁକାଶ୍ରମ ମଠରେ ବାବା ଉଦ୍ଧବ ଦାସଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳନ କରାଯିବା ସହ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଆଞ୍ଚଳିକ ସଂକୀର୍ତ୍ତନ ସଂଘ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ସେହିପରି ଖଣ୍ଡଗିରିରେ ଯୋଗଦେଇଥିବା ସାଧୁସନ୍ଥଙ୍କ ପକ୍ଷରୁ ସାଧୁ ସମ୍ମିଳନୀ ହୋଇଥିଲା। ଏଥିରେ ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, ବାବୁ ପ୍ରଧାନ, ପରିଷଦର ସଂଯୋଜକ ଚନ୍ଦନ ଦାସ, ଆଲୋକ ଦାସ, ବାବା କୃଷ୍ଣ ଦାସ, ବାବା ବାବୁଲି ଦାସ, ବାବା ଭାସ୍କର ଦାସ, ବାବା କଲ୍ୟାଣୀ ଦାସ, ବାବା ଶୁକ ଦାସ, ମହନ୍ତ ପୂର୍ଣ୍ଣାନନ୍ଦ ଦାସ, ପାଦୁକା ଆଶ୍ରମର ମଠାଧୀଶ ବାବା ନବ କିଶୋର ଦାସ ଓ ପାଦୁକା ଆଶ୍ରମର ଶ୍ରଦ୍ଧାଳୁବୃନ୍ଦ ଯୋଗଦେଇଥିଲେ।

# ଶିଶୁ କଣ୍ଠଶିଳ୍ପୀ ଦିବ୍ୟେନ୍ଦୁ ମହାପାତ୍ରଙ୍କୁ 'ପିଲାଙ୍କ ଅକ୍ଷୟ ସମ୍ମାନ'


ପିକକ୍ ଶିଶୁମେଳାରେ ସୋମବାର ଶିଶୁ କଣ୍ଠଶିଳ୍ପୀ ଦିବ୍ୟେନ୍ଦୁ ମହାପାତ୍ରଙ୍କୁ 'ପିଲାଙ୍କ ଅକ୍ଷୟ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଉଛି।

## ପିକକ୍ ଶିଶୁମେଳାର ଚତୁର୍ଥ ସନ୍ଧ୍ୟା

ଭୁବନେଶ୍ୱର,୧୭।୧୧(ସୁଚିସ୍ମିତା ସାହୁ)

ପିକକ ଶିଶୁମେଳାର ଚତୁର୍ଥ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଗୀତରେ ଦର୍ଶକମାନେ ଝୁମିଥିଲେ। ପିଲାମାନେ ଅକ୍ଷୟ ମହାନ୍ତିଙ୍କ ବିଭିନ୍ନ ସଙ୍ଗୀତ ପରିବେଷଣ କରିଥିଲେ। ପିକକ ଏବଂ ରୋଟାରି କ୍ଲବ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଦ୍ଧିସ୍ନା ବିନ୍ଧାଣି, ଦିବ୍ୟେନ୍ଦୁ ମହାପାତ୍ର, ଦିଗ୍ନା ଦିବ୍ୟାଂଶୀ ସାହୁ, ଆରାଧ୍ୟା ଦାସ, କୀର୍ତ୍ତିଚନ୍ଦ୍ର ସ୍ୱାଇଁ, ଗାର୍ଗୀ ପ୍ରିୟଦର୍ଶିନୀ, ଶ୍ରୀହାଁଶିଷ ମହାରଣା, ସାଇସୁଧା, ଦିବ୍ୟାଂଶୀ ରାଉତ ସଙ୍ଗୀତ ଗାନ କରିଥିଲେ। ବାଦ୍ୟଯନ୍ତ୍ରରେ ଶରତ କୁମାର ପାଣି, ଶ୍ରୀମା ଭୋଇ, କିଶୋର ଓ ଆଲୋକ ସହଯୋଗ କରିଥିଲେ।

ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, କଣ୍ଠଶିଳ୍ପୀ ବିଭୁ ଦାସ, ଲକ୍ଷ୍ମୀକାନ୍ତ ପାଳିତ, ବନ୍ଦିତା ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ଶିଶୁ କଣ୍ଠଶିଳ୍ପୀ ଦିବ୍ୟେନ୍ଦୁ ମହାପାତ୍ରଙ୍କୁ 'ପିଲାଙ୍କ ଅକ୍ଷୟ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଥିଲା। ପିକକ ଅଧ୍ୟକ୍ଷା ଡ. ମୀନାକ୍ଷୀ ପଣ୍ଡା, ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପିକକର ରତ୍ନା ଦାଶ, ପୂଜା ପଣ୍ଡା, ଶାନ୍ତିଲତା ସାହୁ, ସୁମିତ୍ରା ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଏବଂ ଆରୁଶି ଅଦ୍ରିକା ଓ ହର୍ଷାଳି ତୋରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନୀ ଅନ୍ୟମାନଙ୍କ ପାଇଁ ପ୍ରେରଣା: ରାଜ୍ୟପାଳ

## ୯୨ତମ ଜନ୍ମ ବାର୍ଷିକୀ ପାଳିତ

ଭୁବନେଶ୍ୱର,୧୭।୧୧(ସୌମ୍ୟରଞ୍ଜନ ରାଉତ)



ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଏବଂ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନୀ, ସେବା ଓ ମୂଲ୍ୟବୋଧ ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ସୋମବାର ସୂଚନାଭବନରେ ଆୟୋଜିତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୨ତମ ଜନ୍ମ ବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିବା ସହିତ ସ୍ୱର୍ଗତ ବକ୍ସିପାତ୍ରଙ୍କ ଜୀବନୀ, ମୂଲ୍ୟବୋଧ, ସାହସ, ନମ୍ରତା ଏବଂ ଜନସେବାରେ ଅଟଳ ସମର୍ପଣରୁ ପ୍ରେରଣା ନେବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ କହିଥିଲେ, ସାହସର ସହିତ ସତ୍ୟ କହିବା, ଆଶା ନକରି ସେବା କରିବା ଏବଂ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ କାମ କରିବା ହେବ ସ୍ୱର୍ଗତ ବକ୍ସିପାତ୍ରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବକ୍ସିପାତ୍ରଙ୍କୁ ଓଡ଼ିଶାର ଜଣେ ସାହସୀ, ଉତ୍ସାହୀ, ନୀତିବାଦୀ ଏବଂ ଲୋକକେନ୍ଦ୍ରିକ ନେତା ଭାବରେ ବର୍ଣ୍ଣନା କରି ତାଙ୍କର ଜୀବନ ଗଣତନ୍ତ୍ରକୁ ସୁଦୃଢ଼ କରିବା, ଅଧିକାର ରକ୍ଷା କରିବା ଏବଂ ଦୁର୍ବଳ ଲୋକଙ୍କ ଉତ୍ଥାନ କରାଇବା ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଏବଂ ସ୍ମୃତି କମିଟିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ସୁପ୍ରିମକୋର୍ଟର ଖ୍ୟାତନାମା ଆଇନଜ୍ଞ ଦୁଷ୍ୟନ୍ତ ଡାଭେ ଏବଂ ସୁପରିଚିତ ଲେଖକ ଦାଶ ବେନହୁର୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଲୋକନୀତିର ଏକ ସ୍ୱତନ୍ତ୍ର ସଂସ୍କରଣ ଏବଂ ସ୍ୱର୍ଗତଃ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଉପରେ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସ୍ମୃତି କମିଟିର ସାଧାରଣ ସମ୍ପାଦକ ଲୋପାମୁଦ୍ରା ବକ୍ସିପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଫଟୋରେ ଖବର


ରବୀନ୍ଦ୍ରମଣ୍ଡପରେ ସୋମବାର ଆୟୋଜିତ ଅକ୍ଷୟ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।


କ୍ୟାପିଟାଲ ଥାନା ପରିସରରେ ରେଡ଼କ୍ରସ୍ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।


ଭଞ୍ଜକଳା ମଣ୍ଡପରେ ଶତାବ୍ଦୀର କଳାକାର ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟକ 'ବାଞ୍ଛାର ବଗିଚା'ର ଏକ ଦୃଶ୍ୟ।

## ବରାଳ ମହୋତ୍ସବ ଉଦ୍‌ଘାଟିତ

କଟକ ସଦର,୧୭।୧୧ (ସୁଶାନ୍ତ କୁମାର ଜେନା)

୪୨ମୌଜା ଅନ୍ତର୍ଗତ କୂଳ ସରିଚୂଆଁ ଗ୍ରାମ ପଞ୍ଚାୟତସ୍ଥିତ ବରାଳ ଗ୍ରାମର ମା' ନାରାୟଣୀ କାଳୀ ପୂଜା କମିଟି ଆନୁକୂଲ୍ୟରେ ୭ମ ବାର୍ଷିକ ବରାଳ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ୪୨ମୌଜା ଥାନା ଅଧିକାରୀ ବିଳାସ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟିରେ ସଭାପତି ଜଗଦୀଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୂଳ ସରିଚୂଆଁ ପଞ୍ଚାୟତ ସରପଞ୍ଚ ବନମାଳୀ ବିହାରୀ, ସମିତି ସଭ୍ୟ ଦିଲ୍ଲୀପ ବିହାରୀ, କାଳୀପୂଜା କମିଟିରେ ସଭାପତି ବିଶ୍ୱ ରଞ୍ଜନ ଜେନା, ପ୍ରକାଶ ଚନ୍ଦ୍ର ଚୌଧୁରୀ, ଆନନ୍ଦ ବେଉରା, ଭାସ୍କର ବେଉରା, ଗଣେଶ କୁମାର ବେହେରା, ଆନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ସୋମବାର ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀ।

କଟକ,୧୭।୧୧ (କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୬ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୬୩ଟି ବ୍ୟକ୍ତିଗତ ଓ ୩ଗୋଟି ସାମୂହିକ ଅଭିଯୋଗ ରହିଥିଲା। ୬ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ଶୁଣାଣି ଶିବିରରେ ପଦକ୍ଷେପ ନିଆଯାଇଥିଲା। ଏହି ଶୁଣାଣି ଅବସରରେ ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୨ଟି ଆବେଦନ ଗ୍ରହଣ କରାଯାଇଥିଲା। କଟକ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ, ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଜୀକୃତ ଅଭିଯୋଗଗୁଡ଼ିକର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର(ଅଭିଯୋଗ ଶୁଣାଣି) ସୌମ୍ୟା ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଆସନ୍ତା ସୋମବାର ୨୪ତାରିଖରେ ସଦର ବ୍ଲକ୍‌ରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

### ନାବାଳିକା ବଳାତ୍କାର ମାମଲା

କଟକ,୧୭।୧୧ (କାର୍ତ୍ତିକ ସାହୁ)

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଜଣେ ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ସୋମବାର କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅଭିଯୁକ୍ତ ହେଲେ ନିଶ୍ଚିନ୍ତକୋଇଲି ଥାନା ବାହାବଲପୁର ଅଞ୍ଚଳର ମୁନା ସିଂହ। ଜରିମାନା ଅନାଦାୟେ ଅତିରିକ୍ତ ୨ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ନାବାଳିକା ଜଣକ ବାହାରେ ଖେଳୁଥିବା ବେଳେ ଅଭିଯୁକ୍ତ ଘର ଭିତରକୁ ଡାକି ନେଇ ବଳାତ୍କାର କରିବାରୁ ସେ ପାଟି କରିଥିଲେ। ନାବାଳିକାଙ୍କ ପିଉସୀ ତୁରନ୍ତ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କଠାରୁ ସମସ୍ତ ଘଟଣା ଶୁଣିବା ପରେ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ପରେ ତଦନ୍ତ କରିଥିଲା। ପୋଲିସ ୨୦୨୫ ଜୁଲାଇ ୪ରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ମାମଲାର ବିଚାର ଚାଲିଥିଲା।

## ମୃତ୍ୟୁ ପରେ ଶରୀର ଦାନ କରି ଅମର ହେଲେ ସାନନ୍ଦ

### ଏସ୍‌ସିବି ଆନାଟୋମି ବିଭାଗକୁ ଦାନ କଲେ ପରିବାର ଲୋକ

କଟକ,୧୭।୧୧ (ଶିଲ୍ପା ପ୍ରିୟଦର୍ଶିନୀ)

ମୃତ୍ୟୁ ପରେ ମେଡିକାଲ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଶରୀର ଦାନ କରି ଅମର ହୋଇଛନ୍ତି କଟକ ଦେଉଳ ସାହି ଅଞ୍ଚଳର ସାନନ୍ଦ ସେଠୀ। ଗତ କିଛିଦିନ ହେବ ମସ୍ତିଷ୍କାଘାତ(ବ୍ରେନ୍ ଷ୍ଟ୍ରୋକ୍)ରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବାବେଳେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ସୋମବାର ସାନନ୍ଦଙ୍କ ଶରୀରକୁ ବାସଭବନରୁ ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇ ଏସ୍‌ସିବି ମେଡିକାଲ୍‌ର ଆନାଟୋମି ବିଭାଗକୁ ଦାନ କରାଯାଇଥିଲା। ତାଙ୍କ ମୃତ୍ୟୁର ଖବର ପାଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମେୟର ସୁବାସ ସିଂ, ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ପ୍ରମୁଖ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସୂଚନାଥାଉକି, ଆଜିକୁ ୧୦ ବର୍ଷ ପୂର୍ବେ ଏସ୍‌ସିବିର ଆନାଟୋମି ବିଭାଗକୁ ମେଡିକାଲ ଛାତ୍ରୀଛାତ୍ରଙ୍କ ପଢ଼ା ନିମନ୍ତେ ଶରୀର ଦାନ କରିବେ ବୋଲି ସାନନ୍ଦ ପଞ୍ଜୀକରଣ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ସାନନ୍ଦ କମ୍ୟୁନିଷ୍ଟ ଦଳ ସହ ଜଡ଼ିତ ଥିବାବେଳେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ଏନେଇ ସାନନ୍ଦଙ୍କ ଭାଣିଜୀ ସୁଜାତା ସେଠୀ କହିଛନ୍ତି, ମାମୁ ସର୍ବଦା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇ ଆସୁଥିଲେ। ନିଜେ ଶରୀର ଦାନ କରିବା ପାଇଁ ପଞ୍ଜୀକରଣ କରିବା ସହ ପରିବାର ଲୋକ ଓ ଅନ୍ୟ ଲୋକଙ୍କୁ ଶରୀର ଓ ଅଙ୍ଗଦାନ କରିବାକୁ ସର୍ବଦା ପ୍ରୋତ୍ସାହିତ କରି ଆସୁଥିଲେ। ମୃତ୍ୟୁ ପରେ ଏଭଳି ନିଆରା କାର୍ଯ୍ୟ କରି ସେ ଅମର ହୋଇଛନ୍ତି ବୋଲି ସୁଜାତା କହିଛନ୍ତି। ସେହିପରି ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା କହିଛନ୍ତି, ଏହା ଏକ ମହତ କାର୍ଯ୍ୟ। ଏହା ବହୁ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଏକ ପ୍ରମୁଖ ଭୂମିକା ବହନ କରିବ। ମୃତ୍ୟୁ ପରେ ଏପରି ଶରୀର ଦାନ କରି ଯେଉଁ ଉଦାହରଣ କରିଛନ୍ତି ତାହାକୁ ଆଜିର ଯୁବପିଢ଼ି ଆପଣାଇବା ଆବଶ୍ୟକ ବୋଲି ଗିରିବାଳା କହିଛନ୍ତି।

## ଭଦ୍ରକ, ବାରିପଦାର ୪ ଲୁଟେରା ଗିରଫ

### ସ୍କୁଟି ଡିକି ଭାଙ୍ଗି ୧୦ଲକ୍ଷ ଲୁଟ ଘଟଣା

■ନଗଦ ୮ଲକ୍ଷ ଓ ୨ବାଇକ୍ ଜବତ

ମଙ୍ଗୁଳି-ଜଗତପୁର,୧୭।୧୧ (ମାନସ ସାମଲ)

ସ୍କୁଟି ଡିକି ଭାଙ୍ଗି ୧୦ଲକ୍ଷ ଟଙ୍କା ଲୁଟ ଘଟଣାରେ ୪ ଲୁଟେରାଙ୍କୁ କଟକ ଜିଲା ଟାଙ୍ଗୀ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଶାସନ ଗ୍ରାମର ଅଶୋକ ଦାସ, ଧାମନଗର ଥାନା ଅଧୀନ ମୁସ୍ତାଫାପୁର ଗ୍ରାମର ଦେବେନ୍ଦ୍ର ଦାସ, ଯାଜପୁର ରୋଡ ଥାନା ଅଧୀନ ମୁଣ୍ଡମାଳ ଗ୍ରାମ ପାତ୍ରସାହିର ମନୋଜ ଦାସ ଓ ରାଜେଶ ଦାସ। ପୋଲିସ ସେମାନଙ୍କଠାରୁ ଲୁଟ୍ ୧୦ଲକ୍ଷ ଟଙ୍କାରୁ ନଗଦ ୮ଲକ୍ଷ ଟଙ୍କା ଓ ୨ଟି ବାଇକ୍ ଜବତ କରିଛି। ଟାଙ୍ଗୀ ଥାନା ଅଧୀନ କୋରକୋର୍ ଗ୍ରାମର ରବିନାରାୟଣ ତ୍ରିପାଠୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୩୭୫/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ଟାଙ୍ଗୀ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ସାହୁ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଟାଙ୍ଗୀ ଥାନା ଅଧିକାରୀ ବିକାଶ ସେଠୀ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଗତ ୨୯ ତାରିଖ ଅପରାହ୍ନରେ ଟାଙ୍ଗୀ ଥାନା ଅଧୀନ ରବିନାରାୟଣ ଟାଙ୍ଗୀସ୍ଥିତ ତ୍ରିସ୍ୱ ଛକ ନିକଟ ଏକ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ପରେ ସେ ଆସି ଘର ସମ୍ମୁଖରେ ସ୍କୁଟିକୁ ଛିଡ଼ା କରିଥିଲେ। ଏହି ସମୟରେ ରବିନାରାୟଣଙ୍କ ମୋବାଇଲକୁ ଏକ ଫୋନ୍ କଲ ଆସିଥିଲା। ସେ ମୋବାଇଲରେ କଥାହୋଇ ଅନ୍ୟମନସ୍କରେ ଡିକିରୁ ଟଙ୍କା ବାହାର ନ କରି ଘର ଭିତରକୁ ଚାଲି ଯାଇଥିଲେ। ହଠାତ୍ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ସ୍କୁଟି ଡିକି ଭାଙ୍ଗି ୧୦ ଲକ୍ଷଟଙ୍କା ନେଇ ଫେରାର ହୋଇଯାଇଥିଲେ। ରବିନାରାୟଣ ଏସମ୍ପର୍କରେ ଟାଙ୍ଗୀ ଥାନାକୁ ଖବର ଦେବାପରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ସେଠୀ ଅଞ୍ଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ୍ ଆଧାରରେ ପାତ୍ର ସାହିର ରାଜେଶ ଦାସ ନାମକ ଯୁବକଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ପରେ ରାଜେଶଙ୍କୁ ଗିରଫ କରି ପଚରାଉଚୁରା କରିବା ପରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଭଦ୍ରକ ଓ ବାରିପଦାରୁ ଗିରଫ କରାଯାଇଛି।

## ୩୮ ବାଇକ୍, ୪ ଚାରିଚକିଆ ଯାନ ଜବତ: ୨ ଅଟକ

### ବାଇକ୍ ବନ୍ଧକ ରଖି ଋଣ କାରବାର ଘଟଣା

କଟକ ସଦର,୧୭।୧୧ (ସୁଶାନ୍ତ କୁମାର ଜେନା)



ବିରିଡ଼ି ଥାନା ପରିସରରେ ରଖାଯାଇଥିବା ଜବତ ବାଇକ୍।

କନ୍ଦରପୁର ନିକଟସ୍ଥ ସରସୁଦା ଗ୍ରାମରେ ବାଇକ୍ ଓ ୪ ଚକିଆ ଯାନ ବନ୍ଧକ ରଖି ଋଣ ପ୍ରଦାନ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗ ପାଇବା ପରେ ବିରିଡ଼ି ଥାନା ପୋଲିସ ରବିବାର ରାତିରେ ଅଭିଯୁକ୍ତଙ୍କ ଘର ଉପରେ ଚଢ଼ାଉ କରିବା ସହିତ ବିଭିନ୍ନ ସ୍ଥାନରେ ରଖାଯାଇଥିବା ୩୮ ବାଇକ୍ ଓ ୪ଟି ଚାରିଚକିଆ ଯାନକୁ ଜବତ କରି ଥାନାକୁ ଆଣିଥିଲା। ଏହି ଋଣ କାରବାର ଘଟଣାର ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ସାନଭାଇଙ୍କୁ ବିରିଡ଼ି ଥାନାଧିକାରୀ ସୁଜାତା ବେହେରା ଅଟକ ରଖି ପଚରାଉଚରା ଚଳାଇଛନ୍ତି। ଏହି ସୁଧ କାରବାରରେ ବିଦେଶରେ ରହୁଥିବା କିଛି ବ୍ୟକ୍ତିଙ୍କ ଅର୍ଥ ଲାଗିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। କାରଣ ଜଣେ ଗରିବ ଲୋକ କିପରି ସୁଧ କାରବାର କରୁଥିଲେ,ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବନ୍ଧକ ବାଇକ୍ ସଂଖ୍ୟା ଅଧିକ ଥିଲେ ସୁଦ୍ଧା ଚଢ଼ାଉବେଳେ ସ୍ଥାନୀୟ ଲୋକମାନେ ଅନ୍ୟ ସ୍ଥାନରେ ଲୁଚେଇ ରଖିଥିବା କଥା ପୋଲିସକୁ ଜଣାଇଥିଲେ। ଏହି କାରବାର ଦୀର୍ଘ ବର୍ଷ ହେବ ଚାଲୁଥିଲେ ସୁଦ୍ଧା ରାଜନୈତିକ ପୃଷ୍ଠପୋଷକତା ଯୋଗୁ କୌଣସି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ହୋଇପାରି ନ ଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅଟକ ବ୍ୟକ୍ତିମାନଙ୍କୁ ମୁକୁଳାଇବା ପାଇଁ କିଛି ଲୋକ ସୋମବାର ବିରିଡ଼ି ଥାନା ପରିସରରେ ଥିବା ଏକ ମନ୍ଦିରରେ ଡେରା ପକାଇଥିବା ଦେଖାଯାଇଥିଲା। ଚଢ଼ାଉବେଳେ ପୋଲିସ କିଛି ଦସ୍ତଖତ ଥାଇ ଅଲେଖା ଷ୍ଟାମ୍ପ ପେପର, ସୁନାଗହଣା ମଧ୍ୟ ଜବତ କରିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ଅଧିକ ତଥ୍ୟ ଦେବା ପାଇଁ ପୋଲିସ ମନା କରିଛି।

## ରାସ୍ତା କାର୍ଯ୍ୟର ସମୀକ୍ଷା କଲେ ବାରବାଟୀ ବିଧାୟିକା



କଟକ,୧୭।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସିଡିଏ ସେକ୍ଟର-୧୧ସ୍ଥିତ ବିଭିନ୍ନ ନୂତନ ନିର୍ମାଣ ପିଚୁରାସ୍ତା କାର୍ଯ୍ୟର ସୋମବାର ସମୀକ୍ଷା କରିଛନ୍ତି। ଏହି ରାସ୍ତାଗୁଡିକ ନିର୍ମାଣ ପାଇଁ ବହୁ ଦିନରୁ ସ୍ଥାନୀୟ ଜନସାଧାରଣଙ୍କ ଦାବି ହୋଇ ଆସୁଥିବାବେଳେ ବିଧାୟିକାଙ୍କ ନିର୍ଦ୍ଦେଶକ୍ରମେ ଆରଆଣ୍ଡବି ବିଭାଗ ଦ୍ୱାରା ଏହି କାର୍ଯ୍ୟ କରାଯାଇଥିଲା। ବିଧାୟିକା ସୋଫିଆ କାମର ମାନ ବିଷୟରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସମୀକ୍ଷା ସମୟରେ ଆରଆଣ୍ଡବି ଅଧିକାରୀ ଇଂ. ପ୍ରଫୁଲ୍ଲ କୁମାର ବେହେରା, ଇଂ. ଯସ୍ମିନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଆଇପିଏଫ୍ ସ୍କୁଲର କ୍ରୀଡ଼ା ସଫଳତା



ଚୌଦ୍ୱାର,୧୭।୧୧ (ଆଶୁତୋଷ ଦାସ)

ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳପଡ଼ିଆରେ ୨ଦିନ ଧରି ଆୟୋଜିତ ଅଷ୍ଟମ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଥ୍‌ଲେଟିକ ମିଟ୍‌ରେ ସ୍ଥାନୀୟ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍) ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଏହି କ୍ରୀଡ଼ା ମହୋତ୍ସବରେ ୧୧୨ଟି ସ୍କୁଲ ଭାଗ ନେଇଥିବାବେଳେ ବିଆଇପିଏଫ୍ ସ୍କୁଲର ଛାତ୍ରୀଛାତ୍ରମାନେ ୧୯ ଟ୍ରଫି ହାସଲ କରିବା ସହିତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ପରିଚାଳନା ମଣ୍ଡଳୀ ସ୍କୁଲର କ୍ରୀଡ଼ା ଶିକ୍ଷକ ପ୍ରଣବ ସରକାରଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଶିକ୍ଷାକ୍ଷେତ୍ରରେ ଚୌଦ୍ୱାର-କଟକ ଅଞ୍ଚଳରେ ବିଆଇପିଏଫ୍ ସ୍କୁଲ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ବେଶ ଆଦୃତ ଲାଭ କରିଛି। ଏହି ବିଦ୍ୟାଳୟରେ କ୍ରୀଡ଼ା ଏବଂ ସୃଜନଶୀଳତା ଉପରେ ପ୍ରାଧାନ୍ୟ ଦିଆଯାଉଛି, ଯାହା ପିଲାମାନଙ୍କ ଶାରୀରିକ ସୁସ୍ଥତା ସହିତ ମାନସିକ ବିକାଶର ଅଭିବୃଦ୍ଧି କରିବାରେ ବେଶ୍ ସହାୟକ ହୋଇପାରିଛି।

## ଗର୍ଭାଶୟ କର୍କଟ ଟିକାକରଣ ଶିବିର

କଟକ,୧୭।୧୧ (ଶିଳ୍ପା ପ୍ରିୟଦର୍ଶିନୀ)




ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଏକ ସ୍ୱତନ୍ତ୍ର ଗର୍ଭାଶୟ କର୍କଟ ଟିକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଓଜିଆଇଏନ ଇଣ୍ଡିଆନ ସାମିଲ ହୋଇଥିଲା। ଗର୍ଭାଶୟ କର୍କଟକୁ ଦୂର କରିବା ପାଇଁ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା। କର୍କଟ କେନ୍ଦ୍ରର ଡିନ୍ ଡା. ରେଖା ଦାସ, ଡା. ଅଶୋକ ପାଢ଼ୀ, ଡା. ଭାଗ୍ୟଲକ୍ଷ୍ମୀ ନାୟକ, ସ୍ତ୍ରୀ ରୋଗ ଅଙ୍କୋଲୋଜି ବିଭାଗର ମୁଖ୍ୟ ଡା. ଜନ୍ମେଜୟ ମହାପାତ୍ର ଯୋଗ ଦେଇଥିଲେ। ପ୍ରତ୍ୟେକ ଝିଅ ଓ ମହିଳାମାନଙ୍କୁ ଟୀକାକରଣ କରିବା ସହ ଏହାର ନିରାକରଣ ଦିଗରେ ଗୁରୁତ୍ୱ ଦେବା ଜରୁରୀ ବୋଲି ସଚେତନ କରାଯାଇଥିଲା। ଏହି ଶିବିରରେ କିଶୋରୀ, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କଟକ ସଦର,୧୭।୧୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସନାତନୀ ସେନାର ରାଜ୍ୟ ସଭାପତି ସମୀର କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ସାଧୁ ଜେନା, ସମ୍ପାଦକ ରାଧାକୃଷ୍ଣ ସ୍ୱାଇଁ, ହୃଷୀକେଶ ଜେନା, ସନ୍ତୋଷ କୁମାର ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଳୀ, ପ୍ରଭାତ ମଲ୍ଲିକ, ଗୌରାଙ୍ଗ ଚରଣ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ପ୍ରଧାନ ଓ ସନାତନ ନାୟକ ଖେଳ ପରିଚାଳନା କରୁଥିବାବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

## ଇଗ୍‌ନିକ୍ସ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କଟକ,୧୭।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ବାର୍ଷିକ ଉତ୍ସବ ଇଗ୍‌ନିକ୍ସ-୨୦୨୫ ସୋମବାର ମେଡିକାଲର ନୂତନ ଅଡିଟୋରିୟମ ପରିସରରେ ଉଦଘାଟିତ ହୋଇଯାଇଛି। ୩ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ, ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୟୁଜି ଛାତ୍ର ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମେଡିକାଲ କଲେଜର ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ଉପାଧ୍ୟକ୍ଷ ଡା. ଭୁବନ ମୋହାନ ଦାସ, କୋଷାଧ୍ୟକ୍ଷ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ।

## ସରିଲା ବିଶ୍ୱନାହାକାଣୀ କାର୍ତ୍ତିକେଶ୍ୱର ଯାତ୍ରା, ସାମିଲ ହେଲେ ୯ଗାଁର ମେଢ଼

ମଙ୍ଗୁଳି-ଜଗତପୁର,୧୭।୧୧ (ମାନସ ସାମଲ)



ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ହାଟ ପଡ଼ିଆରେ ୨ଦିନ ଧରି ଚାଲିଥିବା ୫୫ତମ କାର୍ତ୍ତିକେଶ୍ୱର ଯାତ୍ରା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧୀନ ଗରୁଡ଼ଗାଁ ଥାନପତିଙ୍କ ସମେତ ବିଶ୍ୱନାହାକାଣୀ ବଜାର, ସପନପୁର, ବାଆଁନ୍ଦା, ଆଞ୍ଜୁଆ, ହଳଦୀବସନ୍ତ, ତୁଳସୀପୁର, କମଙ୍ଗ ଓ କାଞ୍ଚିଆ ମୋଟ ୯ଗ୍ରାମର ମେଢ଼ ରବିବାର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରିଥିଲା। ବିଶ୍ୱନାହାକା ହାଟ ପଡ଼ିଆରେ ମେଢ଼ଗୁଡ଼ିକ ଏକତ୍ରିତ ହୋଇଥିଲେ। ଅପରାହ୍ନରେ ଯାତ୍ରା କମିଟିଠାରୁ ଛନ୍ଦା ଭୋଗ ଓ ସମ୍ବର୍ଦ୍ଧନା ଦେବାପରେ ମେଢ଼ଗୁଡ଼ିକ କ୍ରମାନ୍ୱୟରେ ଶୋଭାଯାତ୍ରାରେ ନିଆଯାଇ ନିକଟସ୍ଥ ପୋଖରୀରେ ବିସର୍ଜନ କରାଯାଇଥିଲା। ଏହି ଅବସରରେ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଦିଗ୍‌ବିଜୟଯାତ୍ରା ପରିଚାଳନା କମିଟି ସଭାପତି ତଥା ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ତଥା ପରିଚାଳକ ସୁବୋଧ କୁମାର ସାମଲ, ବିଶ୍ୱାଳି ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ବେହେରା, ଓସିଏଲ୍‌ର ମାନବ ସମ୍ବଳ ବିଭାଗର ମୁଖ୍ୟ ସୁଧୀର ରଞ୍ଜନ ମହାନ୍ତି,ସିଏସ୍‌ଆର ମୁଖ୍ୟ କବିତା ସାହୁ, କମିଟିର ପରିଚାଳକ ଚିତ୍ତରଞ୍ଜନ ବେହେରା, ବରିଷ୍ଠ ମୁରବି ମଧୁସୂଦନ ବେହେରା, ସମ୍ପାଦକ ଅର୍ଜୁନ ଚରଣ ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱନାହାକାଣୀ ଯାତ୍ରା ଅଞ୍ଚଳର ଗରିମା ବଢ଼ାଇବା ସହ ପ୍ରସିଦ୍ଧି ଲାଭ କରିଥିବାରୁ ଆୟୋଜକ ପରିଚାଳନା କମିଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ଟାଙ୍ଗୀ ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ୮ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଥିଲା।

## ମେୟରର ଭୋକ ବିକଳରେ ତାଟିଆ କାମୁଡୁଛନ୍ତି: ଶ୍ରୀତମ

କଟକ,୧୭।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ ବାଲିଯାତ୍ରା କଳଙ୍କିତ ଅଧ୍ୟାୟ ସୃଷ୍ଟି କରିବା ଓ ସିଏମ୍‌ସିକୁ ଅଣଦେଖା କରିବା ସହ କାର୍ଯ୍ୟକ୍ରମରେ ମେୟରଙ୍କୁ ଡକା ନ ଯିବା ଭଳି ବିଭିନ୍ନ ପ୍ରସଙ୍ଗରେ ଜିଲାପାଳଙ୍କ କାର୍ଯ୍ୟକଳାପକୁ ନେଇ ମେୟର ସୁବାସ ସିଂ ରବିବାର ପ୍ରଶ୍ନ ଉଠାଇବା ସହ କଡ଼ା ସମାଲୋଚନା କରିଥିଲେ। ମେୟରଙ୍କ ଏଭଳି ମନ୍ତବ୍ୟ ଉପରେ ଭାଜପା ନେତା ତଥା ଅଭିନେତା ଶ୍ରୀତମ ଦାସ ପ୍ରତିକ୍ରିୟା ରଖିଛନ୍ତି। ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀତମ କହିଛନ୍ତି ଯେ, ମେୟର ଭୋକ ବିକଳରେ ଏବେ ତାଟିଆ କାମୁଡୁଛନ୍ତି। ବାଲିଯାତ୍ରା ସମୟରେ ମେୟର କଟକରେ ଉପସ୍ଥିତ ନ ରହି ନୂଆପଡ଼ାରେ ଥିଲେ। ଜଣେ ଲୋକପ୍ରତିନିଧି ଭାବେ ମେୟରଙ୍କ ଦାୟିତ୍ୱ ଥିଲା ବାଲିଯାତ୍ରାକୁ ପରିଚାଳନା କିମ୍ବା ତା'ର କାର୍ଯ୍ୟ ସମ୍ପର୍କରେ ତଦାରଖ କରିବା। ହେଲେ ସେ ବାଲିଯାତ୍ରାକୁ ଅଣଦେଖା କରି ଉପନିର୍ବାଚନରେ ବ୍ୟସ୍ତ ରହିଲେ। ନିମନ୍ତ୍ରଣ ପତ୍ରରେ ମେୟରଙ୍କ ନାମ ଥିବା ସହ ତାଙ୍କୁ ଜିଲାପାଳ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିଥିଲେ ଏବଂ ମେୟର ନୂଆପଡାରେ ଦାୟିତ୍ୱରେ ଥିବାର ଜଣାଇଥିଲେ। ଗତ ଦୁଇବର୍ଷ ହେଲା ବାଲିଯାତ୍ରାରେ ମେୟରଙ୍କ ନେତୃତ୍ୱରେ ବହୁ ଦୁର୍ନୀତି ହୋଇଥିଲା। ଏଥର ଗଳାବାଟ ଓ ପଇସା ମାରିବା ବାଟ ବନ୍ଦ ହେବାରୁ ମେୟର ନୂଆପଡ଼ା ପଳାଇଥିଲେ। ଚଳିତଥର ଦୁର୍ନୀତିକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ବାଲିଯାତ୍ରାର କାର୍ଯ୍ୟକୁ ଗୁରୁତ୍ୱ ଦେଇ ସମସ୍ତ କାର୍ଯ୍ୟକୁ ଟେଣ୍ଡର ଅନୁଯାୟୀ କରିବାକୁ ସ୍ଥିର କରିଥିଲେ। ଉପର ପଡିଆରେ ବାଲିଯାତ୍ରା ନ କରିବା ଘଟଣା ବହୁ ପୂର୍ବରୁ ଆରମ୍ଭ ହୋଇ ଆସିଲାଣି। ଚଳିତଥର ବାଲିଯାତ୍ରା ଉପରପଡ଼ିଆରେ କରିବା ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ଗୁରୁତ୍ୱ ଦେଇଥିଲେ। ହେଲେ ବ୍ୟବସାୟୀ ସଂଘ ଭଲ ବ୍ୟବସାୟ ହେଉ ନ ଥିବା ଏବଂ ତଳପଡ଼ିଆରେ ବାଲିଯାତ୍ରା କରିବାକୁ ଲିଖିତ ଆକାରରେ ଦେବାରୁ କିଛି ବ୍ୟବସାୟୀଙ୍କୁ ସେଠାରେ ରଖାଯାଇ ଅନ୍ୟମାନଙ୍କୁ ତଳପଡିଆକୁ ପଠାଯାଇଥିଲା। ଉପରପଡ଼ିଆରେ ବାଲିଯାତ୍ରା କରିବାକୁ ମେୟର ଯଦି ଗୁରୁତ୍ୱ ଦେଉଥିଲେ ତେବେ କାହିଁକି କଟକ ଛାଡ଼ି ଯାଉଥିଲେ। ଜିଲାପାଳ ସମସ୍ତଙ୍କ ମତ ନେଇ କାର୍ଯ୍ୟ କରିଛନ୍ତି। ଅନ୍ୟପଟେ ଦିନକରେ ବଲିଉଡ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ଆୟୋଜନ କରିବା ଘଟଣାରେ ଶ୍ରୀତମ କହିଛନ୍ତି ଯେ, ଜିଲାପାଳ ଶ୍ରେୟାଙ୍କ କାର୍ଯ୍ୟକ୍ରମ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଅନୁମତି ମାଗିଥିବେ। ହୁଏତ ପରେ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମତି ଦେଇଥିବେ ଯାହାଦ୍ୱାରା ବାଲିଯାତ୍ରାର ଗୋଟିଏ ଦିନ ଅବଧି ବଢ଼ାଗଲା। ମୁଖ୍ୟମନ୍ତ୍ରୀଙ୍କ ଅନୁମତି ନିଆ ନ ଯାଇ ଦିନେ ବାଲିଯାତ୍ରାକୁ ବୃଦ୍ଧି କରାଗଲା ବୋଲି ଯେଉଁ ପ୍ରଚାର କରାଯାଉଛି, ଏହା ଏକ ଅପରାଧ। ଏହାକୁ ବିରୋଧ କରାଯିବ। ଭାଜପା ସରକାର ସମୟରେ ସମସ୍ତ କାର୍ଯ୍ୟ ସ୍ୱଚ୍ଛ ଓ ଶୃଙ୍ଖଳିତ ହୋଇ ଆସୁଅଛି ବୋଲି ଶ୍ରୀତମ କହିଛନ୍ତି। ଅନ୍ୟପଟେ ଏସମ୍ପର୍କରେ ମେୟର ସୁବାସ ସିଂଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୭।୧୧।୨୦୨୫

| ୬,୭୩,୧୬୭ ଟଙ୍କା | |
|---|---|
| ସୁନା | ୧.୩୦୦ ଗ୍ରାମ୍ |
| ରୁପା | ୧୧.୩୦୦ ଗ୍ରାମ୍ |

# ୨୨ରେ ସିଂହଦ୍ୱାର ସମ୍ମୁଖ ଏମାରମଠ ଚକଡ଼ାରେ ପ୍ରତିବାଦ

## ପୁରୀ ବାସୀଙ୍କ ସହଜ ମନ୍ଦିର ଦର୍ଶନ ପ୍ରସଙ୍ଗ

**ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି)**

ପୁରୀବାସୀଙ୍କ ଶ୍ରୀଜଗନ୍ନାଥ ଦର୍ଶନ କିଭଳି ସୁଗମ ହେବ, ତାହାକୁ ନେଇ ଗଠନ ହୋଇଥିବା ଷ୍ଟିୟରିଂ କମିଟି ବୈଠକ ବଡ଼ଦାଣ୍ଡର ସାଲବେଗ ପୀଠରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଷ୍ଟିୟରିଂ କମିଟି ଅନେକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି ଯେ, ୪ ଦୁଆର ବାଟରେ ପୁରୀବାସୀ ପ୍ରବେଶ କରି ଗୋଟିଏ ଦୁଆର ଯଥା ଘଣ୍ଟି ଦୁଆର, ଗାରଦ ଦୁଆର, ମୁଦଲି ଦ୍ୱାର ବାଟରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉ। ୨୨ ତାରିଖରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏମାରମଠ ଚକଡ଼ାରେ ସମସ୍ତ ପୁରୀବାସୀ ସମୂହ ଦୀପଦାନ କରିବା ସହ ପ୍ଲାକାର୍ଡ ଧରି ନୀରବ ପ୍ରତିବାଦ କରି ସରକାରଙ୍କ ନିକଟରେ ଦାବି ଉପସ୍ଥାନ କରିବେ।

ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ପୁରୀବାସୀଙ୍କ ଦର୍ଶନ ସୁବିଧା ଉପରେ ଆଲୋକପାତ ଓ ଦାବି ଉପସ୍ଥାପନ ପାଇଁ ବୈଠକରେ ସମୟ ମଗାଯାଇଛି। ଆଗାମୀ ଦିନରେ ପୁରୀର ସମସ୍ତ ସାହି, ବସ୍ତିରେ ଦସ୍ତଖତ ଅଭିଯାନ କରାଯିବ। ବିଭିନ୍ନ ୱାର୍ଡସ୍ତରରେ ସଚେତନତା ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି କରାଯାଇଛି। ପୁରୀବାସୀ କେଉଁ ଆବହମାନ କାଳରୁ ଶ୍ରୀଜଗନ୍ନାଥଙ୍କୁ ନିଜ ଘରର ଦେବତା ଭାବେ ବା ପୁରୀବାସୀ ତାଙ୍କ ଘରର ଦିଅଁ ବୋଲି ସମ୍ବୋଧନ ଗ୍ରହଣ କରିଥାନ୍ତି। ଗତବର୍ଷଗୁଡ଼ିକରେ ବିନା ଦ୍ୱିଧାରେ ମହାପ୍ରଭୁଙ୍କ ଦର୍ଶନ ପ୍ରାପ୍ତ ହୋଇ ଆସୁଥିଲୁ ଏବଂ ଆବଶ୍ୟକ ସମୟରେ ମହାପ୍ରସାଦ ନିମନ୍ତେ ବିନା ବାଧାରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରସାଦ ଆଣିପାରୁଥିଲୁ। କିନ୍ତୁ ବର୍ତ୍ତମାନ ସମୟରେ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଅଧିକରୁ ଅଧିକ ସଂଖ୍ୟକ ଭକ୍ତ ଆସୁଛନ୍ତି ଓ ସେମାନଙ୍କ ଦର୍ଶନ ଆଗ୍ରହକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଶୃଙ୍ଖଳିତ ଦର୍ଶନ ନିମିତ୍ତ ବିଭିନ୍ନ ବ୍ୟବସ୍ଥାବଳୀ ଆପଣାଇଛନ୍ତି, ଯଦ୍ୱାରା ପୁରୀବାସୀଙ୍କ ସୁଲଭ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ବାଧା ଉପୁଜିଛି। ପୁରୀର ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୃତ୍ରିମ ପ୍ରାଚୀର ସୃଷ୍ଟି କରାଯାଇଛି, ଯାହା ଭକ୍ତଙ୍କ ମନରେ ଆଘାତ ସୃଷ୍ଟି କରିଛି। ଶ୍ରୀମନ୍ଦିର ଓ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏ ଦିଗ ପ୍ରତି ଭ୍ରୁକ୍ଷେପ ମଧ୍ୟ କରୁନାହାନ୍ତି। ପୁରୀବାସୀ ବିଶେଷକରି ବୟସାଧିକ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ନ କରିବା ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ କରନ୍ତି ନାହିଁ। ତେଣୁ ଏ ପ୍ରକାର ପରିସ୍ଥିତିରେ ଗୁରୁତ୍ୱ ଉପଲବ୍ଧ କରି ପୁରୀବାସୀଙ୍କ ନିମନ୍ତେ ବିଶେଷ ବ୍ୟବସ୍ଥା ଯଥା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ସମସ୍ତ ବ୍ୟାରିକେଡ୍ ମଧ୍ୟରୁ ଗୋଟିଏ ବ୍ୟାରିକେଡ୍ ଲାଇନ ପୁରୀବାସୀଙ୍କ ପାଇଁ ଉର୍ଦ୍ଧିଷ୍ଟ କରାଯାଉ, ଶ୍ରୀମନ୍ଦିରର ଅନ୍ୟ ୩ ଦ୍ୱାର (ଉତ୍ତର, ପଶ୍ଚିମ, ଦକ୍ଷିଣ) ଦେଇ ପୁରୀବାସୀଙ୍କୁ ପ୍ରବେଶ ସୁଯୋଗ ଦିଆଯାଉ। ପୁରୀ ସହରର ବରିଷ୍ଠ ନାଗରିକଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଉପଲବ୍ଧ କରାଯାଉ ବୋଲି ମତପ୍ରକାଶ ପାଇଛି।



ବୈଠକରେ ଉପସ୍ଥିତ ପୁରୀ ବାସିନ୍ଦାମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



କୀର୍ତ୍ତନ ଗୁରୁ ଭ୍ରମର ବର ବେହେରାଙ୍କ ଜୟନ୍ତୀ ଅବସରରେ କୀର୍ତ୍ତନ ମଣ୍ଡଳୀ ଶ୍ରୀମନ୍ଦିର ପରିକ୍ରମା କରୁଛନ୍ତି ।

**ସଂକ୍ଷେପରେ**

## ଜାଲରେ ପଡ଼ିଲା ୪ କୁଇଣ୍ଟାଲ ଶାଙ୍କୁଚ

**କାକଟପୁର/ଅସ୍ତରଙ୍ଗ, ୧୭।୧୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ନିକଟ ଦେବୀ ନଦୀରେ ବିରଳ ପ୍ରଜାତିର ଏକ ଶାଙ୍କୁଚ ଜାଲରେ ପଡ଼ିଛି। କାଳିଆକଣ ଗ୍ରାମର ମତ୍ସ୍ୟଜୀବୀ ମାଛ ଧରୁଥିବା ବେଳେ ପ୍ରାୟ ୪ କୁଇଣ୍ଟାଲ ଓଜନର ଏହି ଶାଙ୍କୁଚ ଜାଲରେ ପଡ଼ିଥିବା ଜଣାଯାଇଛି। ସୋମବାର ପୂର୍ବାହ୍ନରେ ଅସ୍ତରଙ୍ଗ ବ୍ଲକ କାଳିଆକଣ ଗ୍ରାମର କେଉଟେଶ ମତ୍ସ୍ୟଜୀବୀ ଟାପା ସାହାଯ୍ୟରେ ଦେବୀ ନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ଜାଲରେ ବିରଳ ପ୍ରଜାତିର ଶାଙ୍କୁଚଟି ଲାଗି ଯାଇଥିଲା। କିନ୍ତୁ ଟାପା ସାହାଯ୍ୟରେ ଶାଙ୍କୁଚଟି କାଳିଆକଣ ଦେବୀନଦୀ କୂଳକୁ ଆସିବା ପରେ ପ୍ରାୟ ୪କୁଇଣ୍ଟାଲ ଓଜନର ଏହି ଶାଙ୍କୁଚର ଲମ୍ବ ୧୫ ଫୁଟ୍ ଓ ଚଉଡ଼ା ୯ଫୁଟ ହେବ ବୋଲି ଜଣାଯାଇଛି। ଏ ସମ୍ପର୍କରେ ଖବର ପ୍ରକାଶିତ ହେବା ପରେ ଶାଙ୍କୁଚକୁ ଦେଖିବା ଲାଗି ଲୋକଙ୍କ ସୁଅ ଛୁଟିଥିଲା। ଯାହା ପରିବେଶବିତ୍‌ଙ୍କ ମତ ଉଭୟ ମଧୁର ଓ ଲୁଣି ଜଳରେ ଶାଙ୍କୁଚ ରହୁଥିବା ସୂଚନା ଦେଇଛନ୍ତି।

## ଅଣଓଡ଼ିଆ ସନ୍ଦିଗ୍ଧଙ୍କୁ ଥାନାକୁ ନେଲା ପୋଲିସ

**ଅସ୍ତରଙ୍ଗ,୧୭।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ଥାନା ପୋଲିସ ଦ୍ୱାରା ନଗର ପଞ୍ଚାୟତ ଦକ୍ଷିଣପନ୍ତାଳ ଗ୍ରାମର ରମେଶ ପଲାଉରୀ ଦୋକାନ ନିକଟରୁ ଜଣେ ସନ୍ଦିଗ୍ଧ ଅଣଓଡ଼ିଆଙ୍କୁ ପୋଲିସ ଧରିଛି। ନିଜକୁ ମାନସିକ ବିକୃତ ପରିଚୟ ଦେଇ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଦିଲ୍ଲୀ ବିସ୍ଫୋରଣ ପରେ ଆତଙ୍କବାଦୀ ଆକ୍ରମଣ ସମସ୍ତଙ୍କୁ ପ୍ରଭାବିତ କରିଛି। ଆଉ ଏହି ବ୍ୟକ୍ତି ବିଶେଷ ଚଲାବୁଲା ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢ଼ିଥିବାରୁ ସ୍ଥାନୀୟ ଲୋକେ ଅସ୍ତରଙ୍ଗ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅସ୍ତରଙ୍ଗ ଥାନା ଏଏସଆଇଙ୍କ ସମେତ ଅନ୍ୟ କର୍ମଚାରୀ ପହଞ୍ଚି ଅଣଓଡ଼ିଆ ବ୍ୟକ୍ତିଙ୍କୁ ଯାଞ୍ଚ କରିବା ସହ ଉକ୍ତ ସ୍ଥାନରୁ ଅସ୍ତରଙ୍ଗ ଥାନାକୁ ଆଣିଥିଲେ। ପୋଲିସ ତରଫରୁ ବ୍ୟକ୍ତିଟି ମାନସିକ ବିକୃତ ହୋଇଥିବାରୁ ତାଙ୍କୁ ନିମାପଡ଼ା ସେବା ଆଶ୍ରମକୁ ପଠାଯାଇଥିବା ଜଣାପଡ଼ିଛି।

# ରେଲ୍‌ୱେ ଓଭରବ୍ରିଜ୍ ପାଇଁ ଜମି ଅଧିଗ୍ରହଣ, ପୁନର୍ବାସ, ଥଇଥାନ ନିମନ୍ତେ ମାର୍ଗଦର୍ଶିକା ଜାରି

**ସାକ୍ଷୀଗୋପାଳ,୧୭।୧୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ଖୋର୍ଦ୍ଧା-ପୁରୀ ମୁଖ୍ୟ ରାସ୍ତାର ସାକ୍ଷୀଗୋପାଳ ଅଳଗୁମ ରାସ୍ତାରେ ପ୍ରସ୍ତାବିତ ରେଲ୍‌ୱେ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ କରିବା ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତିରେ ଏହି ଓଭରବ୍ରିଜ ନିର୍ମାଣ ପାଇଁ ଜୟପୁର ଏବଂ ସତ୍ୟବାଦୀ ଓରଫ ପେଣ୍ଠପଡ଼ା ଓରଫ ଗୋପାଳପୁରପାଟଣା ମୌଜାର ଚିହ୍ନଟ ହୋଇଥିବା ଜମିରେ ପୁନର୍ବାସ ଓ ଥଇଥାନ ଯୋଜନା ପାଇଁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଉକ୍ତ ମାର୍ଗଦର୍ଶିକାରେ ଏହି ପ୍ରକଳ୍ପ ନିମନ୍ତେ ୨୦୨୬ରେ ବିସ୍ଥାପିତ ହେଉଥିବା କ୍ଷତିଗ୍ରସ୍ତମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ (ଆର୍ ଏବଂ ଆର) ସ୍କିମ୍ ଆଇନ ଅନୁଯାୟୀ ସ୍ଥିର କରାଯାଇଛି। ପ୍ରକଳ୍ପରେ ସମୁଦାୟ (ଏ.୩ .୮ ୩୫୫) ଦେବୋତ୍ତର ଓ ଘରୋଇ ଜମି ଅଧିଗ୍ରହଣ କରାଯିବ। ଏଥିପାଇଁ ବ୍ୟକ୍ତିଗତ ଜମି ଉପରେ ସମ୍ପୂର୍ଣ୍ଣ ବିସ୍ଥାପିତ ହେଉଥିବା ପ୍ରତି ପରିବାର ପାଇଁ ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ ପ୍ରସ୍ତୁତ କରାଯାଇଛି। ଗୃହ ଜମି ପାଇଁ ରାଶି ୧ଲକ୍ଷ ୪ହଜାର ୧୫୫ ଟଙ୍କା ରହିଛି। ଥଇଥାନ ଗୃହ ନିର୍ମାଣ ପାଇଁ ୩ଲକ୍ଷ ୩୯ହଜାର ୩୮୩ଟଙ୍କାର ଅର୍ଥରାଶି ରହିଛି। ସେହିପରି ଏକକାଳୀନ ଥଇଥାନ ପାଇଁ ଅର୍ଥ ରାଶିର ପରିମାଣ ୧ଲକ୍ଷ ୧୩ହଜାର ୧୨୮ ଟଙ୍କା ରହିଛି। ବ୍ୟକ୍ତିଗତ ଜମି ଉପରେ ଆଂଶିକ ବିସ୍ଥାପିତ ହେଉଥିବା ପ୍ରତି ପରିବାର ପୁନର୍ବାସ ଏବଂ ଥଇଥାନ ନିମନ୍ତେ ଏକକାଳୀନ ପ୍ୟାକେଜ ହେଉଛି ୧ଲକ୍ଷ ୪ହଜାର ୧୫୫ ଟଙ୍କା ରହିଛି। ବ୍ୟକ୍ତିଗତ, ସରକାରୀ, ମଠ ଓ ଦେବୋତ୍ତର ଜମି ଉପରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ପୁନର୍ବାସ ଏବଂ ଥଇଥାନ ଲାଗି ପ୍ରସ୍ତୁତ ପ୍ୟାକେଜ୍‌ରେ ଚଟାଣ କ୍ଷେତ୍ର ୧୦୦ ବର୍ଗଫୁଟକୁ ୧ଲକ୍ଷ ୨୫ହଜାର ଟଙ୍କା ପ୍ରଦାନ କରାଯିବ। ଚଟାଣ କ୍ଷେତ୍ର ୧୦୦ରୁ ୨୦୦ ବର୍ଗ ଫୁଟକୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ବେସରକାରୀ, ସରକାରୀ ଓ ଦେବୋତ୍ତର, ମଠ ଜମିରେ ବେଆଇନ ଭାବେ ଗୃହ ନିର୍ମାଣ କରି ବାସ କରୁଥିବା ପରିବାର ସମ୍ପୂର୍ଣ୍ଣ /ଆଂଶିକ ବିସ୍ଥାପିତ ପାଇଁ ମଧ୍ୟ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଭିନ୍ନ ଭିନ୍ନ ପ୍ୟାକେଜ ପ୍ରସ୍ତୁତ କରାଯାଇଛି। ଉକ୍ତ ମାର୍ଗଦର୍ଶିକା ଅନୁଯାୟୀ, ଯଦି ପ୍ରଭାବିତ ଜମିର କୌଣସି ସ୍ୱତ୍ୱାଧିକାରୀ ଓ ଜମି ମାଲିକଙ୍କ ପୁନର୍ବାସ ଓ ଥଇଥାନ ସମ୍ପର୍କିତ କୌଣସି ଆପତ୍ତି ରହିଥାଏ ତେବେ ମାର୍ଗଦର୍ଶିକା ପ୍ରକାଶନର ୧୫ ଦିନ ମଧ୍ୟରେ ଭୂ-ଅର୍ଜନ ଅଧିକାରୀ ତଥା ଉପଜିଲାପାଳ ପୁରୀ ଏବଂ ପୁନର୍ବାସ ଓ ଥଇଥାନ ଅଧିକାରୀଙ୍କୁ ଜଣାଇବାକୁ ମାର୍ଗଦର୍ଶିକାରେ ସୂଚନା ଦିଆଯାଇଛି।

# ଆନ୍ତଃକଲେଜ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୧୭।୧୧(ଭରତ ରାଉତ)**

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡ଼ିଆରେ ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃକଲେଜ ଭଲିବଲ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ, ଦୀପ ଅର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଅଧକ୍ଷ ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ନିଜ ଦକ୍ଷତା ପ୍ରତିପାଦନ କରିବାକୁ ଉତ୍ସାହିତ କରିଥିଲେ। ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି, ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ, ଅଧ୍ୟାପକ ପ୍ରକାଶ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଶୁଭ୍ରଦୀପ୍ତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ୨୧ଟି କଲେଜ ଭାଗ ନେଇଥିବା ବେଳେ ପ୍ରଥମ ଉଦ୍‌ଘାଟନୀ ମ୍ୟାଚ୍‌ରେ ଦୟାବିହାର କଲେଜ ଏବଂ ପିପିଲି କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଘୁନାଥ ପରିଡ଼ା ପ୍ରତିଯୋଗିତାର ସମସ୍ତ କାର୍ଯ୍ୟ ପ୍ରତ୍ୟକ୍ଷ ଭାବେ ସଫଳତାର ସହ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଶ୍ରୀ ଶଙ୍କରାନନ୍ଦମଠରେ ୱେବ୍‌ସାଇଟ୍ ଲୋକାର୍ପିତ

**ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀକ୍ଷେତ୍ରର ଐତିହ୍ୟପୂର୍ଣ୍ଣ ପ୍ରାଚୀନ ତଥା ସାଂସ୍କୃତିକ ସଂହତିର କେନ୍ଦ୍ର ଶ୍ରୀଶଙ୍କରାନନ୍ଦ ମଠର ୱେବ୍‌ସାଇଟ୍ ଲୋକାର୍ପିତ ହୋଇଯାଇଛି। ମଠ ପରିସରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦାନ କରି ୱେବ୍‌ସାଇଟ୍‌କୁ ଲୋକାର୍ପିତ କରି କହିଥିଲେ ଯେ, ଭାରତର ୪ଧାମ ମଧ୍ୟରୁ ଶ୍ରୀଜଗନ୍ନାଥ ଧାମର ଏକ ପ୍ରାଚୀନ ମଠରେ ଉତ୍କର୍ଷ ସମସ୍ତେ ଅବଗତ ହୋଇପାରିବେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲେଇ ଏବଂ ମଟ ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ଶତପଥୀ ଉପସ୍ଥିତ ଥିଲେ। ୮ଶହ ବର୍ଷ ଧରି ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସେବାରେ ମଠ କିପରି ସମର୍ପିତ ଥିଲା, ତାହା ଜାତୀୟସ୍ତରରେ ସମସ୍ତେ ଜାଣିପାରିବେ। ଏହି ଅବସରରେ ମଠର ନାଟ ମନ୍ଦିରରେ ଏକ ମାନସ ମନ୍ଥନ ପରିବେଶ ଟ୍ରଷ୍ଟବୋର୍ଡର ସଭାପତି ଡାକ୍ତର ଦୁର୍ଗା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଓକିଲ ଉମାବଲ୍ଲଭ ମହାପାତ୍ର, ସାମାଜିକ କର୍ମୀ ଶିବ ସୁନ୍ଦର ମିଶ୍ର, ଦେଉଳ ପୁରୋହିତ ତଥା ଓଡ଼ିଶା ଐତିହ୍ୟ ପରିଷଦର ଆଧାରପୁରୁଷ ଡ. ସିଦ୍ଧେଶ୍ୱର ମହାପାତ୍ର, ମହୀପ୍ରକାଶ ମଠର ସ୍ୱାମୀ ଶୁଭାନନ୍ଦ ମହାରାଜ, ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିଆରସିଂହ ପ୍ରମୁଖ ମତ ଦେଇଥିଲେ ଯେ, କେବଳ ମଠ ପାଇଁ ଆଜି ଐତିହାସିକ ଦିନ ନୁହେଁ। କାରଣ ବହୁ ଅନାଲୋଚିତ ସାଂସ୍କୃତିକ ଇତିହାସ ଏହାଦ୍ୱାରା ବିଶ୍ୱବାସୀ ଜାଣିପାରିବେ। ଏହି ଅବସରରେ ଶ୍ରୀଲୋକନାଥଙ୍କ ସେବକ ଓ ଟ୍ରଷ୍ଟବୋର୍ଡର ସଭ୍ୟ ଅଶୋକ କୁମାର ମିଶ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମିହିର କୁମାର ମିଶ୍ର , ସଦାଶିବ ସାହୁ , ଓ ଆଦିତ୍ୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ୱେବସାଇଡ ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ନେଇଥିଲେ ଟ୍ରଷ୍ଟ ବୋର୍ଡସଦସ୍ୟ ଶୁଭ୍ର ପ୍ରକାଶ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁ ଯାମିନୀକାନ୍ତ ମିଶ୍ରଙ୍କ ଶିଷଶିଷ୍ୟା ମାନେ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିଲେ।

## ଗୋଡ଼ିହିଅ ଗଣ୍ଡଗୋଳ ଘଟଣାରେ ୨ ମହିଳାଙ୍କୁ ଜେଲ୍

**ଯୋଗେଶ୍ୱରପୁର,୧୭।୧୧(ରଶ୍ମିରଞ୍ଜନ ସାହୁ)**

ପୂର୍ବ ବିବାଦକୁ କେନ୍ଦ୍ରକରି ଗୋଡ଼ିହିଅ ଗ୍ରାମରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ଥିବା ୨ ମହିଳାଙ୍କୁ ନୟାହାଟ ଫାଣ୍ଡି ପୋଲିସ ସୋମବାର କୋର୍ଟଚାଲାଣ କରିଛନ୍ତି। ସୂଚନାଯୋଗ୍ୟ, ଶୋରଭା ପଞ୍ଚାୟତର ଗୋଡ଼ିହିଅ ଗ୍ରାମର ଝୁମି ବେହେରାଙ୍କୁ ପୂର୍ବବିବାଦକୁ ନେଇ ସେହି ଗ୍ରାମର ୪ଜଣ ପୁରୁଷ ଓ ୨ଜଣ ସ୍ତ୍ରୀ ଲୋକ ଗାଁ ଦାଣ୍ଡରେ ଘୋଷାରି ମାଡ଼ମାରି ଆହତ କରିଥିଲେ। ଏନେଇ ଗୋପ ଥାନା କେସ୍ ନମ୍ବର ୩୮୮/୨୫ରେ ମକଦ୍ଦମା ରୁଜୁ ହୋଇଥିଲା। ସୋମବାର ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଗୋଡ଼ିହିଅ ଗ୍ରାମକୁ ଯାଇ ପବିତ୍ର ବେହେରାଙ୍କ ପତ୍ନୀ ସସ୍ମିତା ବେହେରା(୪୫), ସଚିତ୍ର ବେହେରାଙ୍କ ପତ୍ନୀ କାମିନୀ ବେହେରା (୪୦)ଙ୍କୁ ମହିଳା ପୋଲିସଙ୍କ ଦ୍ୱାରା ଗିରଫ କରି କୋର୍ଟଚାଲାଣ କରିଥିଲେ। ସେଠାରେ ଜାମିନ ନାମଞ୍ଜୁର ହେବାରୁ ନିମାପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଚାଚା ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି)**

ସ୍ଥାନୀୟ ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ତଥା ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଶିକ୍ଷା ବିକାଶ ସମିତିଙ୍କ ପୁରୀ ଜିଲା ସହ ପ୍ରମୁଖ ଦୀନବନ୍ଧୁ ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଆଗେଇ ନେଇଥିଲେ। ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚାଚା ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଓ ତାଙ୍କର ଦେଶଭକ୍ତି, ଶିଶୁ ବାତ୍ସଲ୍ୟରେ ନିଜକୁ ଗଢ଼ିତୋଳିବା ନିମନ୍ତେ ଶିଶୁମାନଙ୍କୁ ତ୍ରିପାଠୀ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ଦାସ ଧନ୍ୟବାଦ ଦେଇଥିଲେ।

# ୫ଦଫା ଦାବିରେ କୋଣାର୍କ ସୁରକ୍ଷା ସମିତି, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପ୍ରତୀକ ଧାରଣା



କୋଣାର୍କ ସୁରକ୍ଷା ସମିତି ଓ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ ଧାରଣା ଦେଇଛନ୍ତି ।

**କୋଣାର୍କ,୧୭।୧୧(ଜ୍ୟୋତିରାଜ ମହାନ୍ତି)**

୫ଦଫା ଦାବି ନେଇ ସୋମବାର ପୂର୍ବାହ୍ନରେ କୋଣାର୍କ ସୁରକ୍ଷା ସମିତି ଓ ବିଶ୍ୱ ହିନ୍ଦୁ ପରିଷଦ ମିଳିତ ଆନୁକୂଲ୍ୟରେ ଦିନିକିଆ ପ୍ରତୀକ ଧାରଣା ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ସୁରକ୍ଷା ସମିତିର ସଭାପତି ତଥା କୋଣାର୍କ ଏନ୍‌ଏସି କାଉନସିଲର ସୌମ୍ୟ ସୌରଭ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରତୀକ ଧାରଣା କାର୍ଯ୍ୟକ୍ରମରେ ସୁରକ୍ଷା ସମିତିର ସମ୍ପାଦକ ରାମକୃଷ୍ଣ ମହାନ୍ତି, ବିଶ୍ୱ ହିନ୍ଦୁ ପରିଷଦ କୋଣାର୍କ ଶାଖା ସଭାପତି ଭାଗୀରଥି ସ୍ୱାଇଁ, ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ ସଦସ୍ୟ ରଘୁନାଥ ମହାପାତ୍ର, ନିରଞ୍ଜନ ତ୍ରିପାଠୀ, ଭାଜପା କୋଣାର୍କ ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପିଙ୍କ କୋଣାର୍କ ଏନ୍‌ଏସି ପ୍ରତିନିଧି ମଙ୍ଗରାଜ ମୁଦୁଲି, ମଙ୍ଗରାଜ ସାହୁ, ଶରତ ମଲ୍ଲ, ପ୍ରିୟରଞ୍ଜନ ରଥ, ଆଭାସ ମୁଦୁଲି, ବିରଞ୍ଚି ନାରାୟଣ ରଥ, ସମିତିର ମିଡିଆ ସଂଯୋଜକ ପ୍ରତାପ କୁମାର କାଣ୍ଡି, ଜ୍ଞାନରଞ୍ଜନ ବିଶ୍ୱାଳ ଓ ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁ ଦୀର୍ଘ ୨୯ ବର୍ଷର ଦାବିପୂରଣ ଦିଗରେ ବିଳମ୍ବିତ ହେଉଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ପ୍ରତି ଶନିବାର ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼, ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ, ସୂର୍ଯ୍ୟ ମନ୍ଦିରର ସଂରକ୍ଷଣ, ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ, ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଥଇଥାନ, ଫଟୋଗ୍ରାଫର ଓ ଗାଇଡ୍‌ମାନଙ୍କୁ ନିଶୁଳ୍କ ମନ୍ଦିର ପ୍ରବେଶ ଆଦି ଦାବି ନେଇ ଏହି ପ୍ରତୀକ ଧାରଣା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୫ଦଫା ଦାବି ସମ୍ବଳିତ ଦାବିପତ୍ର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ, ଏଏସ୍‌ଆଇ ମହାନିର୍ଦ୍ଦେଶକ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ପୁରୀ ଜିଲାପାଳଙ୍କ ଉଦ୍ଦେଶରେ ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶଙ୍କୁ କୋଣାର୍କ ସୁରକ୍ଷା ସମିତି ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ପ୍ରଦାନ କରିଥିଲେ। ଏହି ପ୍ରତୀକ ଧାରଣା କାର୍ଯ୍ୟକ୍ରମରେ କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ନିମାପଡ଼ା,୧୭।୧୧(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆୟୋଜିତ ୩ ଦିନିଆ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ଯୋଜନା ଯୁବନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଭାରତ ସରକାରଙ୍କ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଗୋଲକ ବିହାରୀ ପଲେଇ, ଉତ୍କଳ ବିଶ୍ୱବିଦ୍ୟାଳୟର ସଂଯୋଜକ ଡ. ବ୍ରଜନାରାୟଣ ପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ନିମାପଡ଼ା କଲେଜର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ବିଷ୍ଣୁପ୍ରସାଦ ସାହୁ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ପ୍ରାଧ୍ୟାପକ ପ୍ରଦୀପ ଦାଶ, ପ୍ରବୀର କୁମାର ବେହେରା ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନାରେ ସାମିଲ୍ ହୋଇ କାମ କରୁଥିବା ଶିବିରାର୍ଥୀମାନେ ସାଧାରଣ ଜନତା, ଗରିବ, ନିରୀହ, ଅସହାୟମାନଙ୍କ ସେବାକୁ ବ୍ରତ ଭାବେ ଗ୍ରହଣ କରିବା ସହ ସମସ୍ତ ଶିବିରାର୍ଥୀ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ଓ ଉତ୍ତମ ନାଗରିକ ହୋଇ ଦେଶ ଓ ରାଜ୍ୟର ଯଶ ରଖିବାକୁ ଆହ୍ୱାନ ଦେଇଥିଲେ। ଶିବିରର ବିଭିନ୍ନ ଦିବସରେ ଶିବିରାର୍ଥୀଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, କୁଇଜ୍, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୨ କୃତୀ ପ୍ରତିଯୋଗୀ ଓ ବେଷ୍ଟ ଭଲ୍ୟୁଣ୍ଟିୟରମାନଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି, ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ସମାରୋହରେ ମଞ୍ଚାସୀନ ଅତିଥି ଓ ଜିଲାର ବିଭିନ୍ନ କଲେଜରୁ ଆସିଥିବା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନିମାପଡ଼ା କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାର ବିଭିନ୍ନ କଲେଜରୁ ପ୍ରାୟ ୧୫୦ ଶିବିରାର୍ଥୀ ଯୋଗଦେଇଥିଲେ। ସବ୍ୟସାଚୀ ସେନାପତି, ମିତେଶ ପ୍ରଧାନ, ସ୍ୱରୂପ କୁମାର ବେଉରା, ଦିବ୍ୟଜ୍ୟୋତି ଦିଗ୍‌ଦର୍ଶନ, ଗାୟତ୍ରୀ ତ୍ରିପାଠୀ, ସ୍ମୃତିପ୍ରଜ୍ଞା ନାୟକ ପ୍ରମୁଖ ଶିବିରର ସଂଯୋଜନା ଓ ପରିଚାଳନା କରିଥିଲେ।



ଶିବିରର ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

# ୧ରୁ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା

**ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି)**





ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ପୁରୀ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା କୋଣାର୍କ ଚନ୍ଦ୍ରଭାଗାଠାରେ ଡିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଳାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କୋଣାର୍କ ନୃତ୍ୟ ମହୋତ୍ସବ, ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ ସହ ସୁଭଦ୍ରା ଶକ୍ତି ମେଳା ଏକ ସମୟରେ ଆୟୋଜନ ହେଉଥିବାରୁ ଗହଳିର ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଗମନାଗମନ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦିକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁ ବିଭାଗର ଯାହା ଦାୟିତ୍ୱ, ତାହାକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ ସହ ଚଳିତବର୍ଷର ସୁଭଦ୍ରା ଶକ୍ତି ମେଳା ଚନ୍ଦ୍ରଭାଗାଠାରେ ଆୟୋଜିତ ହେବ ଓ ହସ୍ତଶିଳ୍ପ ସହ ପ୍ରାୟ ୨୦୦ ଷ୍ଟଲ୍‌ର ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଥିଲେ। ପାର୍କିଂ ସ୍ଥଳ ଚିହ୍ନଟ, ବ୍ୟବହାର ଉପଯୋଗୀ, ଆବଶ୍ୟକ ସୁବିଧା ବ୍ୟବସ୍ଥା କରିବା, ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ରାସ୍ତାଘାଟ ସମତୁଲ ବ୍ୟବସ୍ଥା, କଳାକାର ଓ ଷ୍ଟଲ୍ ପାଇଁ ଆସିଥିବା ବ୍ୟକ୍ତିମାନଙ୍କ ରହଣି ବ୍ୟବସ୍ଥା, ସୂଚନା ପ୍ରଦାନ, ପ୍ରଚାର ପ୍ରସାର ବ୍ୟବସ୍ଥା, ଆଇନ ଶୃଙ୍ଖଳା, ଟ୍ରାଫିକ ଇତ୍ୟାଦି ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀଙ୍କୁ ସମସ୍ତ ବ୍ୟବସ୍ଥାକୁ ଚୂଡ଼ାନ୍ତ କରିବାକୁ ପରାମର୍ଶ ଦିଆଯାଇଥିଲା।

ସେହିପରି ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡିଆଇଜିଙ୍କ ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ, କୋଣାର୍କ ବିଡିଓ ଛବିରାଣୀ ସାହୁ, କୋଣାର୍କ ଏନ୍‌ଏସିର ପୌରନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଓରମାସର ଡେପୁଟି ସିଇଓ ନିଗମ ଚରଣ ଦାସ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମିଶନ ଶକ୍ତିର ଡିପିସି ସ୍ୱାଗତିକା ପରିଡ଼ା ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଆବାସ ଚୟନରେ ପକ୍ଷପାତିତା ଅଭିଯୋଗ

**ଟାଙ୍ଗୀ,୧୭।୧୧(ରଘୁନାଥ ସାହୁ):** ବଡ଼ପାରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଚୟନରେ ପକ୍ଷପାତିତା ହୋଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଚୟନ ତାଲିକାରେ କେତେଜଣ ଧନୀକଶ୍ରେଣୀର ବ୍ୟକ୍ତିଙ୍କ ନାମ ଥିବାବେଳେ କେତେଜଣ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

### ମହାପ୍ରଭୁଙ୍କ ପଇତା ଲାଗି ନୀତି ସମ୍ପନ୍ନ

**ପୁରୀ,୧୭।୧୧(ଅଜିତ୍ କୁମାର ମହାନ୍ତି):** ମାର୍ଗଶୀର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ପଇତା ଲାଗି ନୀତି ଅନ୍ୟତମ। ଶ୍ରୀବିଗ୍ରହଙ୍କ ଏହି ଗୁପ୍ତନୀତି ଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ସୁରକ୍ଷା ଦିଆଯାଇଥାଏ। ଶ୍ରୀବିଗ୍ରହମାନଙ୍କ ଠାରେ ଦୈନନ୍ଦିନ ଲାଗି ହେଉଥିବା ଚନ୍ଦନରୁ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଏହି ପଇତାଲାଗି କରାଯାଇଥିଲା। ମହାପ୍ରଭୁଙ୍କ ଏହା ଗୁପ୍ତନୀତି ସମୟରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ସୋମବାର ଦ୍ୱିତୀୟ ଭୋଗମଣ୍ଡପ ସରି ମଇଲମ ହୋଇ ପାଣି ପଡ଼ିଥିଲା। ପରେ ୫ଟା ୫୫ରେ ଲକ୍ଷ୍ମୀ ଏବଂ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିଥିଲେ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପଇତା ଲାଗି ନୀତି ସମ୍ପାଦନ କରିବା ନିମନ୍ତେ ଦଇତାପତି ସେବକମାନେ ସନ୍ଧ୍ୟାରେ ଶ୍ରୀମନ୍ଦିର ଗର୍ଭଗୃହ ମଧ୍ୟକୁ ପ୍ରବେଶ କରିଥିଲେ। ଏହି ସମୟରେ ଶ୍ରୀମନ୍ଦିର ଜୟବିଜୟ ଦ୍ୱାରା ବନ୍ଦ ରହିଥିଲା। ବିଳମ୍ବିତ ରାତିରେ ଦଇତାପତି ସେବକ ମାନେ ନୀତି ସମ୍ପାଦନ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହା ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି କରାଯାଇ ନୀତି ସମ୍ପାଦନ କରାଯାଇଥିଲା। ପରେ ଭକ୍ତମାନଙ୍କ ଦର୍ଶନ ପୁନଃବାର ଆରମ୍ଭ ହୋଇଥିଲା। ଆଗକୁ ମହାପ୍ରଭୁଙ୍କ ଓଢଣ ଷଷ୍ଠୀ ଆସୁଥିବାରୁ ମହାପ୍ରଭୁଙ୍କ ଏହି ପଇତାଲାଗି ନୀତି ସମ୍ପନ୍ନ ହୋଇଛି।

### ମା' ତାରିଣୀ ମନ୍ଦିର ବାର୍ଷିକୋତ୍ସବ

**ବେଗୁନିଆ,୧୭।୧୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମସ୍ଥିତ ମା' ତାରିଣୀ ମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ଗତ ବୁଧବାର ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। କର୍ମାଚାର୍ଯ୍ୟ ଶିବ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗଗନ ବିହାରୀ ପଣ୍ଡା କର୍ତ୍ତାଭାବେ ଉପବେଶନ କରିଥିଲେ। ବୈଦିକ ରୀତି ଅନୁସାରେ ହୋମ କାର୍ଯ୍ୟ ସମ୍ପାଦନ ହୋଇଥିଲା।

# 'ଲୋକେ ଖୁସିରେ ରହିବା ହିଁ ଦେଶର ପ୍ରକୃତ ବିକାଶ'

## ଉତ୍କଳ କେଶରୀଙ୍କ ୧୨୫ତମ ଜୟନ୍ତୀ, ଜାତୀୟ ମାନବ ସମ୍ବଳ ସମ୍ମିଳନୀ

**ଭୁବନେଶ୍ୱର,୧୭।୧୧ (ସୌମ୍ୟରଞ୍ଜନ ରାଉତ)**



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କେବଳ ବଡ଼ କୋଠାବାଡ଼ି ଓ ପ୍ରଶସ୍ତ ରାସ୍ତାଘାଟ ହୋଇଗଲେ ତାକୁ ବିକାଶ କୁହାଯିବ ନାହିଁ। ସବୁ ଘରେ ଲୋକେ ଖୁସିରେ ରହିଲେ ତାହା ହିଁ ଗୋଟିଏ ରାଜ୍ୟ ଓ ଦେଶର ପ୍ରକୃତ ବିକାଶ। ମାନବ ସମ୍ବଳ ହିଁ ସବୁଠୁ ଶ୍ରେଷ୍ଠ ସମ୍ବଳ। ଲୋକଙ୍କୁ ନେଇ ବିକାଶ କରିବା ଓଡ଼ିଶାରେ ଖୁସିର ଇଣ୍ଡେକ୍ସ ବଢ଼ିବା ଆବଶ୍ୟକ। ଲୋକେ ଖୁସି ରହିଲେ ବିକଶିତ ଓଡ଼ିଶା ଗଠନର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ ଏବଂ ଏହା ବିକଶିତ ଭାରତ ପ୍ରତି ଅବଦାନ ରଖିବ। ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଓ ଜାତୀୟ ମାନବ ସମ୍ବଳ ସମ୍ମିଳନୀରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। କଳିଙ୍ଗ ଭାରତୀ ଫାଉଣ୍ଡେଶନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ସୋମବାର ଫାଉଣ୍ଡେଶନ୍‌ର ଜାତୀୟ ଅଧ୍ୟକ୍ଷ ଇଂ. ଅକ୍ଷୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅନିଲ କୁମାର ସାମଲ, ଜିନ୍ଦଲ୍ ଷ୍ଟିଲ୍‌ର ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ ହେଡ୍ (ସିଏସ୍ଆର୍) ପ୍ରଶାନ୍ତ କୁମାର ହୋତା, ବେଦାନ୍ତ ଆଲୁମିନିୟମ୍ ଆଣ୍ଡ ପାୱାରର ପୂର୍ବତନ ସିଏଚ୍ଆରଓ ସଞ୍ଜୟ ପଟ୍ଟନାୟକ, ଟାଟା ଷ୍ଟିଲର ପୂର୍ବତନ ସିଏଚ୍ଆରଓ ଡ. ପାର୍ଥସାରଥି ମିଶ୍ର ଏବଂ ଅମିତ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିନ୍ଦଲ୍ ଷ୍ଟିଲ୍‌ର ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ୍ ହେଡ୍ ହୋତା କହିଥିଲେ ଓଡ଼ିଶାର ଟେକ୍ନୋକ୍ରାଟ୍ ଏବଂ ବୈଜ୍ଞାନିକମାନେ ଦେଶ ବିଦେଶରେ କାର୍ଯ୍ୟ କରି ଖ୍ୟାତି ଅର୍ଜନ କରୁଛନ୍ତି। ସେମାନଙ୍କୁ ଓଡ଼ିଶାରେ କାମ କରିବାକୁ ସୁଯୋଗ ସୃଷ୍ଟି କରାଯାଉ। ଏହାଦ୍ୱାରା ଆମେ ଜ୍ଞାନକୌଶଳରେ ଆତ୍ମନିର୍ଭର ହୋଇପାରିବା। ବିକାଶ କ୍ଷେତ୍ରରେ ଅଧିକ ଗ୍ରୀନ୍ ଟେକ୍ନୋଲୋଜି ବ୍ୟବହାର ଉପରେ ହୋତା ମତ ରଖିଥିଲେ। ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଅକ୍ଷୟ ଓଡ଼ିଶାର କଳା, ସଂସ୍କୃତିକୁ ଜାତୀୟ ସ୍ତରରେ ପ୍ରଚାର ପ୍ରସାର କରିବା ଫାଉଣ୍ଡେଶନର ଲକ୍ଷ୍ୟ ବୋଲି କହିଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ୨୫ରୁ ଅଧିକ ବକ୍ତା ଓ ୩୦୦ରୁ ଅଧିକ ପ୍ରତିନିଧି ଯୋଗଦେଇ ଏଆଇ ଯୁଗରେ ମାନବ ସମ୍ବଳ ଓ ଏହାର ବିଭିନ୍ନ ଦିଗ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ବେଦାନ୍ତ କୋଲ୍ ମାଇନ୍ସ, ଆଲୁମିନିୟମ୍ ଆଣ୍ଡ ପାୱାର, ଓଡ଼ିଶାକୁ ଶ୍ରେଷ୍ଠ ସିଏସ୍ଆର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଓଡ଼ିଶାର କଳା, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚିତ କରାଯାଇଥିଲା। ସମ୍ମିଳନୀରେ ହରେକୃଷ୍ଣ ମହତାବଙ୍କ ଉପରେ ଫଟୋ ପ୍ରଦର୍ଶନୀ ଓ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ କୁମାର ମିଶ୍ର, ମନୋଜ ପାଣିଗ୍ରାହୀ, ବିଜୟ କୁମାର ସାମଲ, ମନୋରଞ୍ଜନ ରଥଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

## ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, କଟର ମେଶିନ ଜବତ

**ନିରାକାରପୁର,୧୭।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**



ନିରାକାରପୁର ଏବଂ ଜଙ୍କିଆ ଥାନା ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଖଣି ଚାଲିଛି। ନିରାକାରପୁର ଥାନା ପକ୍ଷରୁ ସୋମବାର ଅପରାହ୍ନ ୩ଟାରେ ବୋଡ଼ଙ୍ଗରାଠାରେ ଥିବା ଖଣିରେ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ କଟର ମେଶିନ ଜବତ ହୋଇଥିବା ବେଳେ ଖଣି ମାଫିଆମାନେ ଚମ୍ପଟ ମାରିଛନ୍ତି। ବେଆଇନଭାବେ ଉକ୍ତ ଖଣି ଚଳାଇଥିବା ଦୁଇ ମାଲିକଙ୍କ ନାମରେ ଏକ ମାମଲା(ନଂ.୨୯୭/୨୫) ରୁଜୁ ହୋଇଛି ବୋଲି ସବ୍‌ଇନ୍ସପେକ୍ଟର ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

## ଜାନୁଆରୀ ୨୩ରୁ ଖଣ୍ଡଗିରି କୁମ୍ଭମେଳା

**ଭୁବନେଶ୍ୱର,୧୭।୧୧(ସୌମ୍ୟରଞ୍ଜନ ରାଉତ)**

ଖଣ୍ଡଗିରି ସାଧୁସନ୍ଥ କୁମ୍ଭମେଳା-୨୦୨୬ ଆଗାମୀ ଜାନୁଆରୀ ୨୩ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ସହ ୧୪୪ ଜଣ ସାଧୁସନ୍ଥଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। କୁମ୍ଭମେଳାରେ ଭାରତର ବିଭିନ୍ନ ପ୍ରାନ୍ତରୁ ୧ହଜାରରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେବେ। ମାଘ ପୂର୍ଣ୍ଣିମାରେ ରବି ପୁଷ୍ୟା ଯୋଗ ପଡୁଥିବାରୁ ଏହା ଏକ ମହାନ ଯୋଗ। ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର ସୁବର୍ଣ୍ଣ ଜୟନ୍ତୀ ତଥା କଳି ପ୍ରବେଶ ୫୧୨୬ ବର୍ଷ ପୂର୍ତ୍ତି ପାଳନ କରାଯିବ। ସୋମବାର ପରିଷଦର ଅଧ୍ୟକ୍ଷ ବାବା ପଞ୍ଚଦେବ ଖଣ୍ଡଗିରିସ୍ଥିତ ପାଦୁକା ଆଶ୍ରମରେ କୁମ୍ଭମେଳା ପ୍ରସ୍ତୁତି ବୈଠକରେ ଏହି ସୂଚନା ଦେଇଛନ୍ତି। ସନାତନ ବୈଦିକ ଧର୍ମ ସଂସ୍କୃତି ଓ ରୀତିନୀତି ସାଧୁସନ୍ଥମାନେ ପାଳନ କରିବେ। କୌଣସି ଗୁଣିଗାରେଡ଼ି, ଝଡ଼ାଫୁଙ୍କାରେ ରୋଗ ପ୍ରଭୃତି ଭଲ ହେବା ଆଦି ଅନ୍ଧବିଶ୍ୱାସ ଏବଂ ଅପସଂସ୍କୃତିକୁ କୁମ୍ଭମେଳାରେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବାବା କହିଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ଜୟନ୍ତୀ ପାଳନ କରାଯାଇଥିଲା। ପାଦୁକାଶ୍ରମ ମଠର ବାବା ଉଦ୍ଧବ ଦାସଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳନ କରାଯିବା ସହ ନୀଳକଣ୍ଠେଶ୍ୱର ଆଞ୍ଚଳିକ ସଂକୀର୍ତ୍ତନ ସଂଘ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ସେହିପରି ଖଣ୍ଡଗିରିରେ ଯୋଗଦେଇଥିବା ସାଧୁସନ୍ଥଙ୍କ ପକ୍ଷରୁ ସାଧୁ ସମ୍ମିଳନୀ ହୋଇଥିଲା।

## ବରିଷ୍ଠ ନାଗରିକ ସଂଘ ଗଠିତ

**ଟାଙ୍ଗୀ,୧୭।୧୧(ରଘୁନାଥ ସାହୁ):** ଚିଲିକା ବ୍ଲକ ଅନ୍ତର୍ଗତ କଳକଳେଶ୍ୱର ପଞ୍ଚାୟତର ବରିଷ୍ଠ ନାଗରିକ କମିଟି ଗଠନ ହୋଇଛି। ଦିଲୀପ କୁମାର ନାଥଙ୍କ ଆବାହକତ୍ୱ ଏବଂ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟବେକ୍ଷକଭାବେ ବଡ଼ପାରୀ କମିଟି ସଭାପତି ବିଚ୍ଛେଦ ଜୟସିଂ, ଖବରଦାତା ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ ପାଇଁ ସମସ୍ତଙ୍କୁ ଏକତ୍ରିତ ହେବାକୁ ପଡ଼ିବ ବୋଲି ପର୍ଯ୍ୟବେକ୍ଷକମାନେ କହିଥିଲେ। ବୈଠକରେ କଳକଳେଶ୍ୱର, ଜରିପଡ଼ା, ଚଣ୍ଡେଶ୍ୱର ପଞ୍ଚାୟତର ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଛି। ଖଲେଶ୍ୱର ବିଶ୍ୱାଳ, ସୁକାନ୍ତ ସାହୁ, ପଦ୍ମନାଭ ଦଳାଇ, ପ୍ରଫୁଲ୍ଲ ଜେନା, ସୁକାନ୍ତ ସ୍ୱାଇଁ, ପ୍ରଭାତ ସାମନ୍ତ, ଦୀପକ ନାଥ, ପ୍ରଶାନ୍ତ ମହାନ୍ତି, ହେମନ୍ତ ନାଥ ପ୍ରମୁଖ ଯୋଗଦେଇଥିଲେ।

# ମହିଳାଙ୍କୁ ଲୁହାରଡ୍‌ରେ ପିଟି ମରଣାନ୍ତକ ଆକ୍ରମଣ

## ଅଧିକ ଯୌତୁକ ଦାବି ଅଭିଯୋଗ

**ବାଲୁଗାଁ,୧୭।୧୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଥାନା ଅଧୀନ ଆଙ୍କୁଲା ଗ୍ରାମରେ ଗତ ୧୫ ତାରିଖରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅଧିକ ଯୌତୁକ ଅର୍ଥ ଦାବିରେ ଶାଶୁଘର ଲୋକେ ଜଣେ ମହିଳାଙ୍କୁ ନିର୍ଯାତନା ଦେବା ସହ ଲୁହାରଡ୍‌ରେ ପିଟି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ମଧୁସ୍ମିତା ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୮୧/୨୫) ରୁଜୁହୋଇଛି। ଅନ୍ୟପଟେ ଗିରଫ ଭୟରେ ଘରେ ତାଲା ପକାଇ ଅଭିଯୁକ୍ତ ସ୍ୱାମୀ, ଶାଶୁ, ଦେଢ଼ଶୁର ଏବଂ ଯାଆ ଫେରାର ଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ, ବାଣପୁର ଥାନା ଓଡ଼ଗାଁର ମଧୁସ୍ମିତା ଗତ ଜୁନ୍‌ରେ ବାଲୁଗାଁ ଥାନା ଆଙ୍କୁଲା ଗ୍ରାମର ମନୋଜ ଜେନାଙ୍କୁ ବିବାହ କରିଥିଲେ। ବରପକ୍ଷ ଦାବି ମୁତାବକ ସମସ୍ତ ଯୌତୁକ ଅର୍ଥ, ସୁନାଅଳଙ୍କାର ଏବଂ ଆସବାବ ସାମଗ୍ରୀ କନ୍ୟାଘର ପକ୍ଷରୁ ଦିଆଯାଇଥିଲା। ତେବେ ବିବାହର କିଛିଦିନ ପରେ ଅଧିକ ୫ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ଶାଶୁଘର ଲୋକେ କହିବାରୁ ମଧୁସ୍ମିତା ଏଥିରେ ଅସମର୍ଥ ପ୍ରକାଶ କରିଥିଲେ। ଏହାପରେ ମଧୁସ୍ମିତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇଆସୁଥିଲେ। ଏନେଇ ଗତ ଅକ୍ଟୋବର ୧୨ରେ ଆଖପାଖ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ ବୈଠକ ବସି ସମାଧାନ ହୋଇଥିଲା। ତେବେ ଗତ ୧୫ ତାରିଖରେ ସ୍ୱାମୀଙ୍କ ପରକୀୟା ପ୍ରୀତି ଥିବା ଜାଣିପାରି ମଧୁସ୍ମିତା ଏହାକୁ ବିରୋଧ କରିଥିଲେ। ପରେ ସ୍ୱାମୀ ମନୋଜ ଏବଂ ଶାଶୁଘର ଲୋକେ ମିଳିମିଶି ମଧୁସ୍ମିତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏପରିକି ଏକ ଲୁହାରଡ୍‌ରେ ଆକ୍ରମଣ କରିବାରୁ ତାଙ୍କ ଶରୀରର ଏକାଧିକ ସ୍ଥାନରେ ଆଘାତ ଲାଗି ସେ ଗୁରୁତର ହୋଇଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମଧୁସ୍ମିତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ବାଲୁଗାଁ ଥାନା ତଦନ୍ତକାରୀ ଅଫିସର ସୌମ୍ୟରଞ୍ଜନ ପାଣିଗ୍ରାହୀ କହିଛନ୍ତି ଘଟଣାର ତଦନ୍ତ ଚାଲିଛି, ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ଖୁବ୍‌ଶୀଘ୍ର ବନ୍ଦ ହେବ ସୈନିକ ସ୍କୁଲ ଡମ୍ପିଂୟାର୍ଡ

## ପ୍ରତିଶ୍ରୁତି ଦେଲେ ନଗର ଉନ୍ନୟନ ପ୍ରମୁଖ ସଚିବ



**ଭୁବନେଶ୍ୱର, ୧୭।୧୧ (ବନ୍ଦନା ସେଠୀ):** ସୈନିକ ସ୍କୁଲ ନିକଟସ୍ଥ ଡମ୍ପିଂୟାର୍ଡ ସମ୍ପୂର୍ଣ୍ଣ ବନ୍ଦ ହେବ। ଏଥିସହ ସମ୍ପୃକ୍ତ ସ୍ଥାନରେ ବ୍ୟାପକ ପ୍ଲାଣ୍ଟେଶନ୍ ସହ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢୀ ପ୍ରତିଶ୍ରୁତି ଦେଇଥିବା 'ସୈନିକ ସ୍କୁଲ ବଞ୍ଚାଅ ଅଳିଆଗଦା ହଟାଅ' ଅଭିଯାନ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଅଭିଯାନର କର୍ମକର୍ତ୍ତା ପ୍ରମୁଖ ଖାରବେଳ ଭବନରେ ସଚିବ ପାଢ଼ୀଙ୍କ ସହ ଆଲୋଚନା କରି ଅଳିଆଗଦାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଦାବି କରିଥିଲେ। ଅଭିଯାନର ଅଭିଯୋଗ ଅନୁଯାୟୀ, ଦୀର୍ଘ ୨୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଭୁବନେଶ୍ୱର ମହାନଗର ନିଗମ ପ୍ରତିଦିନ ଶହ ଶହ ଟ୍ରକ ଅଳିଆ ଡମ୍ପିଂୟାର୍ଡରେ ପକାଉଛି। ଏହାଦ୍ୱାରା ସ୍ଥାନୀୟ ଏବଂ ଆଖପାଖ ଅଞ୍ଚଳ ବିଷାକ୍ତମୟ ହୋଇସାରିଲାଣି। ସେହିପରି ଏହାକୁ ଅସ୍ଥାୟୀ ଅଳିଆଗଦା କହି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଠିକ୍ ଅନୁମୋଦନ ବିନା ଅଳିଆ ପ୍ରକ୍ରିୟାକରଣ ୟୁନିଟ୍ ବହୁଦିନ ଧରି ବେଆଇନ ଭାବେ ଅଳିଆ ପ୍ରକ୍ରିୟାକରଣ ହେଉଛି। ସେହିପରି ୱିଣ୍ଡୋ କମ୍ପୋଷ୍ଟିଂ, ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର, ରି-ସାଇକ୍ଲିଂ ପ୍ଲାଣ୍ଟ ଏବଂ ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସମୂହକୁ ଜନବସତିପୂର୍ଣ୍ଣ ଅଞ୍ଚଳରେ ଚଳାଇ ଆସୁଛି। ସୈନିକ ସ୍କୁଲର ପାଚେରିକୁ ଲାଗି ତଥା ଅନେକ ସ୍କୁଲ, ୟୁନିଭର୍ସିଟି, ଆର୍‌ଆର୍‌ଏଲ୍, କେନ୍ଦ୍ରୀୟ ବିଦ୍ୟାଳୟର ଅତି ନିକଟତର ହୋଇଥିବା ସତ୍ତ୍ୱେ ବିଏମ୍‌ସି ବେଖାତିର କରିଚାଲିଛି। ଏପରିକି ପ୍ରଦୂଷଣ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟଗତ ବିପଦକୁ ବିଏମ୍‌ସି ହେୟଜ୍ଞାନ କରିଚାଲିଛି ବୋଲି ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି। ଆଲୋଚନା ସମୟରେ ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ ଅଭିଯାନର ଆବାହକ ଦିଲ୍ଲୀପ ଦାଶଶର୍ମା, ମୁଖ୍ୟ ଉପଦେଷ୍ଟା ଭିକ୍ଷାକାରୀ ତ୍ରିପାଠୀ, ଲଲାଟ କେଶରୀ ଜେନା, ଚିନ୍ତାମଣି ବାରିକ, ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇଂଲିଶ୍ ଶିକ୍ଷାଦାନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଟାଙ୍ଗୀ,୧୭।୧୧(ରଘୁନାଥ ସାହୁ):** ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଚାଲିଥିବା ପାଞ୍ଚଦିନିଆ ଇଂଲିଶ ଶିକ୍ଷାଦାନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗତ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ତାଲିମ ଶିବିରରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମସ୍ତ କ୍ଲଷ୍ଟରରୁ ୫୩ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣି ମଙ୍ଗରାଜ, ପୂର୍ବତନ ପ୍ରଧାନଶିକ୍ଷକ ରମେଶ କୁମାର ବଳବନ୍ତରାୟ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁକ୍ତା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ହେମ୍ବ୍ରମ ଯୋଗଦେଇ ତାଲିମ ସମୟରେ ଶିକ୍ଷାଲାଭ କରିଥିବା କୌଶଳକୁ ପ୍ରୟୋଗ କରି ଇଂଲିଶ୍ ଶିକ୍ଷାଦାନ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ରାଜ୍ୟସ୍ତରୀୟ ରିସୋର୍ସ ପର୍ସନ ଗଦାଧର ବେହୁରା, ଡ. ବସନ୍ତ କୁମାର ରଥ, ବିରଞ୍ଚି ନାରାୟଣ ରଥ, ବିଜୟ କୁମାର ସେଠୀ ପ୍ରମୁଖ ତାଲିମ ଶିବିରରେ ଶିକ୍ଷାଦାନ କରିଥିଲେ। ଇଂଲିଶ୍ ଭାଷାର କଥନ, ଲିଖନ, ପଠନ ସମ୍ପର୍କରେ ଶିକ୍ଷାଦାନ ଦିଆଯାଇଥିଲା।


**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
INVITATION FOR BIDS (IFB)
E-mail : pwdoff_khd@yahoo.com
Tender Call Notice
Bid Identification No. S.E.-KHD-(R&B)-27/25-26
Letter No. 6375 dtd. 10.11.2025

**No.B-685** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage rate bids in Single Cover System from appropriate Class of contractors as detailed below** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **Civil**. The bidder not registered under the State Government has to register under the State PWD & ELBO in appropriate class of eligiblity before signing of the agreement.

1. Nature of Work : **Civil Work**
2. No. of Work : 2 Nos.
3. Tender Cost : Rs.6000.00 (Online)
4. Class of Contractor : Sl. No.01-C & B Class Contractor; Sl. No.02-'D' & C Class Contractor
5. Available of Bid documents in the Website : From Dt.18.11.2025 at 12.00 Noon to Dt.27.11.2025 at 5.00 P.M.
6. Date of opening of Bids : Dt.28.11.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

OIPR- Sd./- Superintending Engineer, Khordha (R&B) Division, Khordha

**OFFICE OF THE PANCHAYAT SAMITI, KUSUMI,**
Dist.-Mayurbhanj
Panchayati Raj & DW Department
Govt. of Odisha
Short Tender Call Notice
Tender Notice No.1/2025 Dt.15.11.2025

**No.i-381** : The Block Development Officer, Kusumi on behalf of Government of Odisha invites sealed tender on percentage rate basis from registered contractor of Odisha PWD/WR/RWD/NH/MI/CPWD for the following work in conformity with the detail tender call notice.

| Sl. No. | Name of Work | Estimated Amount Put to Tender | Class of Contractor |
|---|---|---|---|
| 1 | Development of Model Hato at Hatbadra G.P | 6355962 | B |

Time Line
Availability of tender document at **http://mayurbhanj.odisha.gov.in** from on dt.18.11.2025 to 05.12.2025
Last date of submission of tender document : Dt.09.12.2025 upto 05.00 P.M.
Date of Opening of Tender Paper : Dt.11.12.2025
Interested Contractors/bidders are requested to follow up the schedule given above.

OIPR- Sd./- BDO, Kusumi

**GOVERNMENT OF ODISHA** No.A-899
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BARGARH IRRIGATION DIVISION, BARGARH**
e-mail : eecanalbgh11@gmail.com
e-Procurement Notice No. BID-05/2025-26 dt.13.11.2025

1. Name of the work : Improvement of canal
2. Total No. of works : 1 No.
3. Estimated cost : Rs.36.78 Lakh (approx)
4. Class of contractor : "C" and "B" class
5. Period of completion : 60 days excluding canal opening period
6. EMD required : Rs.36,800.00
7. Online for bidding : 19.11.2025 at 10.00 A.M. to 28.11.2025 up to 05.00 P.M.
8. Last date & time of seeking of tander clarification : Dt.25.11.2025 upto 01:00 P.M.
ସମାଜକୁ ଆଗକୁ ନେବାରେ ଖବରଦାତାଙ୍କର ଭୂମିକା ଅତୁଳନୀୟ। ନିଜ ଗୁରୁଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କଲେ ସମାଜ ଆଗକୁ ବଢ଼ିବ ବୋଲି ଜାତୀୟ ପ୍ରେସ ଦିବସ ଅବସରରେ ପିପିଲିରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ମତବ୍ୟକ୍ତ କରିଛନ୍ତି। ଏଥିସହ ଖବରଦାତାଙ୍କର ସମସ୍ୟା ସମ୍ପର୍କରେ ଭାରତୀୟ ସାମ୍ବାଦିକ ମହାସଂଘ(ଆଇଏଫଡବ୍ଲ୍ୟୁଜେ) ସହ ଆଲୋଚନା କରାଯାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଡା. ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଖବରଦାତାଙ୍କର ଯେଉଁସବୁ ନ୍ୟାଯ୍ୟ ଦାବି ରହିଛି, ତାହାକୁ ପୂରଣ କରାଯିବାରେ ସରକାର ଯତ୍ନବାନ ଅଛନ୍ତି ବୋଲି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ସଭାରେ ଯୋଗଦେଇ ଖବରଦାତାଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଆନ୍ତରିକତା ଦେଖାଇବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏନେଇ ଆଗାମୀ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଜାତୀୟ ପ୍ରେସ ଦିବସ ଅବସରରେ କଳିଙ୍ଗ ୟୁନିୟନ ଅଫ୍ ୱାର୍କିଂ ଜର୍ନାଲିଷ୍ଟସ (କେୟୁଡବ୍ଲ୍ୟୁଜେ) ଓ ପିପିଲିର କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ମଙ୍ଗଳପୁର ନିକଟସ୍ଥ ରାଞ୍ଚ ରିସର୍ଟଠାରେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ରାଜ୍ୟ ସଂଘର ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଉପରୋକ୍ତ ଅତିଥିଙ୍କ ସମେତ ବରିଷ୍ଠ କର୍କଟରୋଗ ବିଶେଷଜ୍ଞ ଡା. ନବଘନ ପରିଡ଼ା, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ, ସର୍ବଭାରତୀୟ ପେସାଦାର ସାମ୍ବାଦିକ ମହସଂଘ (ଆଇଏଫ୍‌ଡବ୍ଲ୍ୟୁଜେ)ର ଉପସଭାପତି ଗୋପାଲ୍ ମିଶ୍ରା ଓ ମୋହନ କୁମାର, ପୂର୍ବତନ ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ଗଣମାଧ୍ୟମର ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। କେୟୁଡବ୍ଲ୍ୟୁଜେର ରାଜ୍ୟ ସଭାପତି ମନୋଜ ଦାସ ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପିପିଲିର ବରିଷ୍ଠ ଖବରଦାତା ଦୁର୍ଗାମାଧବ ମିଶ୍ର ଓ ୨୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଖବରକାଗଜ ବିତରଣ କରୁଥିବା ବରିଷ୍ଠ ବିତରକ ଧର୍ମାନନ୍ଦ ପୂଜାରୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନେ ସାମ୍ବାଦିକତା, ଚାଷ, ଚିକିତ୍ସା ସେବା, ସଙ୍ଗୀତ, କଳା ନୈପୁଣ୍ୟତାରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାମାନଙ୍କୁ ସଭା ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ। କୋରାପୁଟ, କେନ୍ଦୁଝର, ରାଇରଙ୍ଗପୁର, ସୁକିନ୍ଦା, ଆନନ୍ଦପୁର, ମୁନିଗୁଡ଼ା, ରାୟଗଡ଼ା, ଯାଜପୁର, ଚଣ୍ଡିଖୋଲ, ଖଣ୍ଡପଡ଼ା, ନୟାଗଡ଼ ଆଦି ଅଞ୍ଚଳର ସାମ୍ବାଦିକ ସଂଘରୁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ପିପିଲି ସଂଘର ବିଚିତ୍ର ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପିପିଲି ସଂଘର ସଭାପତି ଦୁର୍ଗାମାଧବ ପରିଡ଼ା, ଚନ୍ଦ୍ରମାଧବ ମିଶ୍ର, ପ୍ରଦୀପ ସାହୁ, ପ୍ରଶାନ୍ତ ଦାସ, ରାଜପ୍ରସାଦ ଦାଶ, ଗଦାଧର ପରିଡ଼ା, ଅରୁଣ ରାଉତ, ପ୍ରତାପ ବାରିକ, ଦିବାକର ପ୍ରଧାନ, ପ୍ରଶାନ୍ତ ଦୀକ୍ଷିତ, ସୁବୀର ପାଣ୍ଡେ, ଚନ୍ଦ୍ରଶେଖର ବିଶ୍ୱାଳ, ସନ୍ତୋଷ ପ୍ରଧାନ, ସତ୍ୟଜିତ ମିଶ୍ର, ସନ୍ତୋଷ ବରାଳ, ତପନ ପ୍ରଧାନ, ରାଜୀବ ପୃଷ୍ଟି, ତ୍ରିନାଥ ବାରିକ ପ୍ରମୁଖ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହି ଶୃଙ୍ଖଳିତ ପରିଚାଳନାରେ ସହଯୋଗ କରିଥିଲେ।


**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**

**INVITATION FOR BIDS (IFB)**

E-mail : pwdoff_khd@yahoo.com

**Tender Call Notice**

**Bid Identification No. S.E.-KHD-(R&B)-27/25-26**

**Letter No. 6375 dtd. 10.11.2025**

**No.B-685** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage rate bids in Single Cover System from appropriate Class of contractors as detailed below** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **Civil**. The bidder not registered under the State Government has to register under the State PWD & ELBO in appropriate class of eligiblity before signing of the agreement.

1. Nature of Work : **Civil Work**
2. No. of Work : 2 Nos.
3. Tender Cost : Rs.6000.00 (Online)
4. Class of Contractor : Sl. No.01-C & B Class Contractor; Sl. No.02-'D' & C Class Contractor
5. Available of Bid documents in the Website : From Dt.18.11.2025 at 12.00 Noon to Dt.27.11.2025 at 5.00 P.M.
6. Date of opening of Bids : Dt.28.11.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

OIPR-

**Sd./- Superintending Engineer**
**Khordha (R&B) Division, Khordha**



**OFFICE OF THE PANCHAYAT SAMITI, KUSUMI,**

**Dist.-Mayurbhanj**
**Panchayati Raj & DW Department**
**Govt. of Odisha**
**Short Tender Call Notice**

Tender Notice No.1/2025 Dt.15.11.2025

**No.i-381** : The Block Development Officer, Kusumi on behalf of Government of Odisha invites sealed tender on percentage rate basis from registered contractor of Odisha PWD/WR/RWD/NH/MI/CPWD for the following work in conformity with the detail tender call notice.

| Sl. No. | Name of Work | Estimated Amount Put to Tender | Class of Contractor |
|---|---|---|---|
| 1 | Development of Model Hato at Hatbadra G.P | 6355962 | B |

**Time Line**

Availability of tender document at **http://mayurbhanj.odisha.gov.in** from on dt.18.11.2025 to 05.12.2025

Last date of submission of tender document : Dt.09.12.2025 upto 05.00 P.M.

Date of Opening of Tender Paper : Dt.11.12.2025

Interested Contractors/bidders are requested to follow up the schedule given above.

OIPR- **Sd./- BDO, Kusumi**



No.A-899

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BARGARH IRRIGATION DIVISION, BARGARH**

e-mail : **eecanalbgh11@gmail.com**

**e-Procurement Notice No. BID-05/2025-26 dt.13.11.2025**

1. Name of the work : Improvement of canal
2. Total No. of works : 1 No.
3. Estimated cost : Rs.36.78 Lakh (approx)
4. Class of contractor : "C" and "B" class
5. Period of completion : 60 days excluding canal opening period
6. EMD required : Rs.36,800.00
7. Online for bidding : 19.11.2025 at 10.00 A.M. to 28.11.2025 up to 05.00 P.M.
8. Last date & time of seeking of tander clarification : Dt.25.11.2025 upto 01:00 P.M.
9. Date & time of opening of tender : Dt.29.11.2025 at 11.00 A.M.

Other details can be seen from the website **https://tendersodisha.gov.in**

OIPR-

**Sd./- Superintending Engineer**
**Bargarh Irrigation Division, Bargarh**



No.C-1462

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**

E-mail : eephchpr@gmail.com

**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding | | Name & adderss of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Supply of ISI marked Centrifugally Cast (Spun) Ductile Iron socket & spigot (DI K-7 & K-9) pipes of 100mm to 350mm dia for water supply to Baliguda and Purusottampur NAC under AAP 2025-26 SUJAL | Bid Identification No. 53/03/ SPH(C)/2025-26 dt.12.11.2025 | **187.66** | 60 (Sixty) days | 11.00 Hrs of **18.11.2025** | 17.30 Hrs of **06.12.2025** | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.08.12.2025 at 01.00 P.M.**

Further details can be seen from the e-procurement portal https://www.tenderorissa.gov.in

OIPR-

**Sd./- Additional Chief Engineer (PH)**
**P.H. Division, Bhanjanagar at Chatrapur**



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/PO-Ambapua, Near Income Tax Office, Berhampur-760011, Ganjam, Odisha)

**(E-Mail : serwbpr2004@yahoo.com, Tel No.: 0680-2404287)**

**No. e-tender : // 4131 // RWC // BAM // Dated.07.11.2025**

**OFFICE ORDER**

**Bid Identification No. Online Tender/37-2025-26/BPR**

**No.O-1494** : Due to unavoidable circumstances, the tender invited vide this office Bid Identification No. Online Tender/37-2025-26/BPR is hereby cancelled.

OIPR- **Sd./- Chief Construction Engineer, R.W. Circle, Berhampur**



**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**

**TENDER CALL NOTICE**

**Notice No. : LXVI-27/2022 16911** **Date : 15.11.2025**

**No.JJ-66** : Bidders are invited for submission of bids for Selection of Agency for Providing Manpower for the office of Transport Commissioner and Sub-Ordinate Offices by the office of Transport Commissioner for online submission latest by **08.12.2025.**

For details, please visit the websites www.odishatransport.gov.in and www.gem.gov.in.

**By the orders of Transport Commissioner, Odisha**

OIPR- **Sd./- Additional CommissionerTransport (Admin.) STA, Odisha, Cuttack**



No.C-1492

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No. 14876 (PW) Date : 15.11.2025**

**Tender ID : 2025_ORULB_121312**

**Bid Value : Rs.3.29 Lakhs to Rs.13.28 Lakhs**

Date and Time schedule :

| Start | End | Opening |
|---|---|---|
| 11.00 A.M. on dt.18.11.2025 | 5.00 P.M. on dt.27.11.2025 | 11.00 A.M. on dt.01.12.2025 |

Tender Details : Can be seen from the procurement portal : **www.tendersorissa.gov.in**

**Sd./- Executive Engineer City Division-II, CMC**

OIPR-



**DISTRICT PROJECT OFFICE, SAMAGRA SHIKSHA, BALANGIR**

**AT - COLLEGE CHOWK, PO-DIST : BALANGIR, 767001**

**Email ID : dpcbolangirssa.opepa@nic.in**

**No. XXIII / KGBV / 01 / 2025 / 3469/Dt: 15.11.2025**

**NOTIFICATION FOR PUBLICATION OF PROVISIONAL MERIT LIST AND FINAL REJECT LIST OF THE APPLICANTS APPLIED FOR DIFFERENT VACANT POSTS UNDER KGBV HOSTELS (TYPE-III) - 2025**

**No.n-195** : In continuance to this Office Advertisement No. 1880 dated 25.06.2025 & Notification No.2539 dated 06.09.2025, it is hereby informed to all Applicants concerned, who had applied for different vacancies under KGBV Hostels (Type-III) of Balangir District, that **the Provisional Merit List and Final Reject List of the Applicants** are available in OSEPA and Balangir District websites i.e. www.osepa.odisha.gov.in and www.balangir.odisha.gov.in. All applicants are hereby requested to go through the list accordingly. The detail schedule of the **Written Test, Viva-voce Test and Original Certificates / Documents Verification**, as the case may be, for selection of the posts advertised, is enclosed herewith at **ANNEXURE-1** and all candidates, found place in the Provisional Merit List, are requested to go through the date schedule carefully and attend the same as per schedule, without fail. If any candidate, found place in the Prov. Merit List, failed to attend the Written Test, Viva-voce Test and Original Certificates / Documents verification, as the case may be, as per date schedule fixed for the purpose, her candidature shall not be taken into consideration, whatsoever the reason may be.

**By Order of the Collector-cum-Chairman, Samagra Shiksha, Balangir**

OIPR- **Sd./- District Education Officer & DPC, Samagra Shiksha, Balangir**

# ସିବିଆଇକୁ ସମସ୍ତ ଦସ୍ତାବିଜ ଦେଇପାରିନି କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୧୭।୧୧(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣା**
- ୨ଦିନ ମଧ୍ୟରେ ମାମଲା ସମ୍ପର୍କିତ ସମସ୍ତ ଦସ୍ତାବିଜ ହସ୍ତାନ୍ତର
- ଓପିଆର୍‌ବିର ୩ ଅଧିକାରୀଙ୍କୁ ସିବିଆଇର ପଚରାଉଚରା
- ବ୍ରହ୍ମପୁରରେ ଖୋଳତାଡ଼ କରୁଛି ସିବିଆଇ ଟିମ୍

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ଯେଉଁମାନଙ୍କୁ ପଚରାଉଚରା କରାଯିବା କଥା ସେମାନଙ୍କୁ ପଚାରି ନାହିଁ। ଏପରି କି ମାଷ୍ଟରମାଇଣ୍ଡ ଶଙ୍କର ଏବଂ ମୁନାଙ୍କ ଲିଙ୍କ୍‌ରେ ଥିବା ଆଉ କେତେଜଣ ବ୍ୟକ୍ତିଙ୍କୁ ଗିରଫ ମଧ୍ୟ କରାଯାଇନାହିଁ। ସେମାନେ ପିଲା ଯୋଗାଡ଼ କରି ଶଙ୍କର ଏବଂ ମୁନାଙ୍କ ନିକଟକୁ ପଠାଉଥିଲେ। ଆଉ ଏହି ଦଲାଲମାନଙ୍କ ଆକାଉଣ୍ଟରୁ ଶଙ୍କର ଏବଂ ମୁନାଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଯାଇଛି। ତେଣୁ ସିବିଆଇ କ୍ରାଇମବ୍ରାଞ୍ଚ ଛାଡ଼ି ଦେଇଥିବା ଦଲାଲମାନଙ୍କ ତାଲିକା କରୁଛି। ଆହୁରି ମଧ୍ୟ ସିବିଆଇ ମାଗିଥିବା ସମସ୍ତ ଦସ୍ତାବିଜ କ୍ରାଇମବ୍ରାଞ୍ଚ ସିବିଆଇକୁ ଦେଇନାହିଁ। ଯେଉଁଥିପାଇଁ ସିବିଆଇର ତଦନ୍ତ ଆଗକୁ ବଢ଼ିପାରି ନାହିଁ। କେବଳ ଏତଲା କପି, ପଚରାଉଚରା ସମୟର ବୟାନ ରେକର୍ଡ ଆଦି ଦସ୍ତାବିଜ ସିବିଆଇକୁ ଦେଇଛି। କିନ୍ତୁ ଗିରଫ ଦଲାଲ, ଶଙ୍କର, ମୁନା, ସିଲିକନ୍ ଟେକ୍ ଲ୍ୟାବ୍‌ର ମାଲିକ ସୁରେଶ ନାୟକଙ୍କ ସିଡିଆର ରିପୋର୍ଟ, ବ୍ୟାଙ୍କ୍ ଟ୍ରାଞ୍ଜାକ୍ସନ ଏବଂ ଅନ୍ୟାନ୍ୟ ଦସ୍ତାବିଜ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଦେଇନାହିଁ, ଯାହାକୁ ନେଇ ମଧ୍ୟ ସିବିଆଇ ଅସନ୍ତୋଷ ବ୍ୟକ୍ତ କରିଥିବା ବିଶେଷସୂତ୍ରରୁ ସୂଚନା ମିଳିଛି।

ସିବିଆଇର ତଦନ୍ତକାରୀ ଅଧିକାରୀ କ୍ରାଇମବ୍ରାଞ୍ଚର ଅଧିକାରୀଙ୍କ ସହ ଆଲୋଚନା କରିବା ସହ ୨ଦିନ ମଧ୍ୟରେ ସମସ୍ତ ଦସ୍ତାବିଜ୍ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସିବିଆଇ ଓପିଆର୍‌ବି(ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ)ର ୩ଜଣ ଅଧିକାରୀଙ୍କୁ ପଚରାଉଚରା କରିଛି। ଏସ୍ଆଇ ସ୍କାମ୍ ସମ୍ପର୍କରେ ସେମାନେ ଜାଣିଥିଲେ କି ନାହିଁ, ଶଙ୍କର ପୃଷ୍ଟି ଏବଂ ମୁନାଙ୍କୁ ଚିହ୍ନିଛନ୍ତି କି ନାହିଁ, ସେ ବିଷୟରେ ପଚରାଉଚରା କରିଛନ୍ତି। ଆହୁରି ମଧ୍ୟ ଗିରଫ ହୋଇ ଜେଲରୁ ଜାମିନରେ ଆସିଥିବା କେତେଜଣ ପରୀକ୍ଷାର୍ଥୀଙ୍କୁ ସିବିଆଇ ପଚରାଉଚରା କରିଥିବା ଜଣାପଡ଼ିଛି। ବଡ଼ କଥା ହେଲା ଶଙ୍କର ପୃଷ୍ଟିଙ୍କ ଏକାଧିକ ଅଫିସରୁ କ୍ରାଇମବ୍ରାଞ୍ଚ କିଛି ଜବତ ନ କରିବାକୁ ନେଇ ସନ୍ଦେହ ବଢ଼ିଛି। ଶଙ୍କରଙ୍କ ବ୍ରହ୍ମପୁର ଏବଂ ଭୁବନେଶ୍ୱରରେ ୨ଟି ଅଫିସ୍‌ରେ ସବୁ କିଛି ଡିଲ୍ ହେଉଥିଲା। କିନ୍ତୁ ଉକ୍ତ ଅଫିସର ସିସିଟିଭି ଫୁଟେଜ ନାହିଁ, ଅଫିସରେ ଥିବା କମ୍ପ୍ୟୁଟରରେ ମଧ୍ୟ କିଛି ତଥ୍ୟ ନାହିଁ। କ୍ରାଇମବ୍ରାଞ୍ଚ ଏହି ର୍ୟାକେଟ୍ ପଛରେ ଥିବା କିଛି ବଡ଼ ଅଧିକାରୀଙ୍କୁ ସହଯୋଗ କରିଥିବା ତଦନ୍ତରୁ ଜଣାପଡୁଛି। ସିବିଆଇ ହାତରେ ସମସ୍ତ ଦସ୍ତାବିଜ ଏବଂ ଫୋରେନ୍‌ସିକ୍ ରିପୋର୍ଟ ହାସଲ ହେଲେ ମାମଲା ଆଗକୁ ବଢିବ। କାରଣ ଏହି ମାମଲାରେ ଏକାଧିକ ବଡ଼ବଡ଼ିଆଙ୍କ ହାତ ରହିଛି। ତେଣୁ ସେମାନଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ସିବିଆଇ ହାତରେ ଡିଜିଟାଲ ପ୍ରମାଣ ଲାଗିବା ନିହାତି ଜରୁରୀ। ଏବେ ସିବିଆଇ ସ୍କାନରରେ ୧୦ରୁ ଅଧିକ ବଡ଼ ଅଧିକାରୀ ରହିଛନ୍ତି।

ଅନ୍ୟପଟରେ ସିବିଆଇର ଆଉ ଏକ ଟିମ୍ ବ୍ରହ୍ମପୁର ଯାଇଥିବା କୁହାଯାଉଛି। ସେଠାରେ ତଦନ୍ତ ଅଧିକାରୀ ଏବଂ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ତେବେ ଏନେଇ ସିବିଆଇ ପକ୍ଷରୁ କିଛି ବିସ୍ପଷ୍ଟ କରାଯାଇନାହିଁ। ଆହୁରି ମଧ୍ୟ ଶଙ୍କର, ମୁନା ଏବଂ ଅନ୍ୟମାନଙ୍କୁ ଜେଲରେ ଜେରା କରିବା ପାଇଁ ସିବିଆଇ ବ୍ରହ୍ମପୁର କୋର୍ଟରେ ଆବେଦନ କରିଥିବା କୁହାଯାଉଛି। କୋର୍ଟ ଅନୁମତି ଦେବା ପରେ ଜେଲ ଭିତରେ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି। ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚରା କରିଥିଲେ ମଧ୍ୟ ତଦନ୍ତରେ ସେ ସହଯୋଗ କରି ନ ଥିଲେ। ଅନ୍ୟତମ ମାଷ୍ଟରମାଇଣ୍ଡ ସିଲିକନ ଟେକ୍ ପ୍ରାଇଭେଟ ଲିମିଟେଡର ମାଲିକ ସୁରେଶ ନାୟକଙ୍କୁ ଗିରଫ ପରେ ଲାଗୁଥିଲା ଶଙ୍କର ଓ ସୁରେଶଙ୍କୁ ମୁହାଁମୁହିଁ ଜେରା ପରେ ଏହି ର୍ୟାକେଟର ଗୁମର ଖୋଲିବ। ତାହା ମଧ୍ୟ ହେଲା ନାହିଁ। ସ୍ଥିତି ଏଭଳି ହୋଇଛି ଯେ, ସେମାନଙ୍କ ପଲିଗ୍ରାଫ ପରୀକ୍ଷା ପାଇଁ କୋର୍ଟରେ କ୍ରାଇମବ୍ରାଞ୍ଚ ଆବେଦନ କରିଛି। ହେଲେ ଏପର୍ଯ୍ୟନ୍ତ ଏହାର ଶୁଣାଣି ହୋଇନାହିଁ।

# ବେଙ୍ଗାଲୁରୁରେ ଓଡ଼ିଶା ପରବ ଉଦ୍‌ଯାପିତ


ଓଡ଼ିଶା ପରବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

ଭୁବନେଶ୍ୱର,୧୭।୧୧(ସୁଚିସ୍ମିତା ସାହୁ)

ପର୍ଯ୍ୟଟନ ବିଭାଗ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ଆଦିବାସୀ ବିକାଶ ସମବାୟ ନିଗମ ଅଫ୍ ଓଡ଼ିଶା ଲିମିଟେଡ୍, ମିଶନ ଶକ୍ତି, ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି (ଓର୍‌ମାସ)ର ମିଳିତ ଆନୁକୂଲ୍ୟରେ ବେଙ୍ଗାଲୁରୁ ଦି ଲଳିତ ଅଶୋକଠାରେ ଆୟୋଜିତ ତିନିଦିନିଆ ଓଡ଼ିଶା ପରବ-୨୦୨୫ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ପରବର ଶେଷଦିନରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପର୍ଯ୍ୟଟନ ବିଭାଗର କମିଶନର ବଲୱନ୍ତ ସିଂ ବିଭିନ୍ନ ଲଜ୍ ଓ ରିସର୍ଟ, ଫାର୍ମା, ରିଅଲ ଇଷ୍ଟେଟ, ହୋଟେଲ ଏବଂ ଡେଷ୍ଟିନେଶନ ମ୍ୟାନେଜମେଣ୍ଟ କମ୍ପାନୀ କ୍ଷେତ୍ରର ସମ୍ଭାବ୍ୟ ନିବେଶକଙ୍କ ସହିତ ଆଲୋଚନା କରିଥିଲେ। ଓଡ଼ିଶାର ବିସ୍ତାରିତ ପର୍ଯ୍ୟଟନ ଇକୋ ସିଷ୍ଟମ ମଧ୍ୟରେ ଉଦୀୟମାନ ସୁଯୋଗ ସୃଷ୍ଟି ନେଇ ମତ ପ୍ରକାଶ ପାଇଥିଲା। ପରେ ଓଡ଼ିଶା ପର୍ଯ୍ୟଟନ ରୋଡ୍ ଶୋ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ଣ୍ଣାଟକର ପ୍ରମୁଖ ଟୁର୍ ଅପରେଟର, ଯାତ୍ରା ବାଣିଜ୍ୟ ପେସାଦାର, ଯାତ୍ରା ସଂଘ ଏବଂ ଆତିଥ୍ୟ ଅଂଶୀଦାର ଏକତ୍ର ହୋଇଥିଲେ। ଏହି ଅଧିବେଶନରେ ଓଡ଼ିଶାର ସଦ୍ୟତମ ପର୍ଯ୍ୟଟନ ପଦକ୍ଷେପ, ସମ୍ଭାବ୍ୟ ପର୍ଯ୍ୟଟନ କ୍ଷେତ୍ର, ଉନ୍ନତ ସଂଯୋଗ ଏବଂ ପ୍ରମୁଖ ଭିତ୍ତିଭୂମି ବିକାଶ ପ୍ରଦର୍ଶିତ ହୋଇଥିଲା। ଏହି ରୋଡ୍ ଶୋ' ଓଡ଼ିଶା ପର୍ଯ୍ୟଟନ ଏବଂ ବେଙ୍ଗାଲୁରୁର ଯାତ୍ରା ଇକୋସିଷ୍ଟମ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ସେତୁ ସୃଷ୍ଟି କରିଥିଲା। ସହଭାଗିତା, ସହଯୋଗ ଏବଂ ରୁଟ୍ ବିକାଶ ପାଇଁ ପଥ ଉନ୍ମୁକ୍ତ କରିଥିଲା। ଭାରତର ସବୁଠାରୁ ରୋମାଞ୍ଚକର ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ମଧ୍ୟରୁ ଓଡ଼ିଶା ପ୍ରମୁଖ ବୋଲି ସ୍ପଷ୍ଟ କରୁଥିଲା। ଓଡ଼ିଶା ପରବ-୨୦୨୫ ଦକ୍ଷିଣଭାରତରେ ଓଡ଼ିଶାର ଉପସ୍ଥିତିକୁ ସୁଦୃଢ଼ କରିବା ସହିତ ସଂସ୍କୃତି, ସୃଜନଶୀଳତା ଏବଂ ସମ୍ପ୍ରଦାୟକୁ ପାଳନ କରି ଏକ ଉଚ୍ଚମାନର ସ୍ମୃତିରେ ଶେଷ ହୋଇଥିଲା। ସାରା ଦେଶରେ ଓଡ଼ିଶାର ସାଂସ୍କୃତିକ ଓ ପର୍ଯ୍ୟଟନ ପାଦଚିହ୍ନକୁ ବିସ୍ତାର କରିବା ପାଇଁ ଚାଲିଥିବା ପ୍ରୟାସରେ ବେଙ୍ଗାଲୁରୁର ଉତ୍ସାହୀ ପ୍ରତିକ୍ରିୟା ଆଉ ଏକ ମାଇଲଖୁଣ୍ଟ ସାଜିଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ବେଙ୍ଗାଲୁରୁ ବାସିନ୍ଦା, ଓଡ଼ିଆ ସମ୍ପ୍ରଦାୟର ସଦସ୍ୟ, ଯାତ୍ରୀ, କାରିଗର ଏବଂ ସଂସ୍କୃତିପ୍ରେମୀ ଯୋଗଦେଇଥିଲେ। ଏହି ମହୋତ୍ସବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା, ବିବିଧ ଖାଦ୍ୟ, ଉତ୍କୃଷ୍ଟ ହସ୍ତଶିଳ୍ପ ଏବଂ ନିମଜ୍ଜିତ ପର୍ଯ୍ୟଟନ ଅଭିଜ୍ଞତା ପ୍ରଦର୍ଶିତ ହୋଇଥିଲା, ଯାହା ପ୍ରଦର୍ଶନୀରେ ପରିଦର୍ଶକମାନଙ୍କଠାରୁ ଅପୂର୍ବ ପ୍ରଶଂସା ପାଇଥିଲା।

# ଜଳସମ୍ପଦ ମୁଖ୍ୟ ଯନ୍ତ୍ରୀଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା ଖାରଜ

କଟକ,୧୭।୧୧(କାର୍ତ୍ତିକ ସାହୁ)

**ଆବେଦନକାରୀଙ୍କୁ ୨ ଲକ୍ଷ ଜରିମାନା କଲେ ହାଇକୋର୍ଟ**

ଅଭିଯୋଗ ମୁତାବକ ତଥ୍ୟ ନ ଥାଇ ମାମଲା କରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ଜଳସମ୍ପଦ ବିଭାଗର ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ରୁଜୁ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଖାରଜ ହୋଇଛି। ଜଣେ ସରକାରୀ ଅଧିକାରୀଙ୍କୁ ଅଯଥାରେ ହଇରାଣ କରିବା, ତଥ୍ୟ ଲୁଚାଇବାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ମାମଲାର ଶୁଣାଣି କରି ଆବେଦନକାରୀ ଏମ୍.କେ. ଇଣ୍ଡଷ୍ଟ୍ରିଜ୍ ଉପରେ ୨ ଲକ୍ଷ ଟଙ୍କାର ଜରିମାନା କରିଛନ୍ତି। ଆବେଦନକାରୀ ଜରିମାନା ଅର୍ଥ ରାଜ୍ୟ ଆଇନସେବା ପ୍ରାଧିକରଣରେ ପୈଠ କରିବା ସହ ଉକ୍ତ ଅର୍ଥ ଅସହାୟ ପିଲାଙ୍କ ପାଇଁ ଖର୍ଚ୍ଚ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଆବେଦନକାରୀ ସଂସ୍ଥା ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ଏନ୍. କେ. ମିଶ୍ରଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମିଶ୍ର ହୀରାକୁଦ ଜଳସମ୍ପଦ ଡିଭିଜନ୍‌ରେ ନିର୍ବାହୀ ଯନ୍ତ୍ରୀ ଥିଲାବେଳେ ସେଠାରେ ଅନେକ ଦୁର୍ନୀତି କରିଥିଲେ। ୨୦୧୭ରୁ ୨୦୨୧ ମଧ୍ୟରେ ସେହି ଡିଭିଜନ୍‌ରେ ଟେଣ୍ଡର ଦୁର୍ନୀତିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକଳ୍ପରେ ଅନେକ କୋଟି ଟଙ୍କା ଲୁଟ୍ କରାଯାଇଥିଲା। ଆବେଦନକାରୀ ଏକଥା ଆର୍ତ୍ତତ୍ରାଣ ଭୂୟାଁ ନାମକ ଠିକାଦାରଙ୍କଠାରୁ ଜାଣିବାକୁ ପାଇଥିଲେ ବୋଲି ଆବେଦନରେ ଉଲ୍ଲେଖ କରିଥିଲେ। ସମ୍ପୃକ୍ତ ଇଞ୍ଜିନିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ସୋମବାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବରେ ଦର୍ଶାଯାଇଥିଲା ଯେ, ଆବେଦନକାରୀ ଅନେକ ତଥ୍ୟ ଲୁଚାଇଛନ୍ତି। ଆର୍ତ୍ତତ୍ରାଣ ଭୂୟାଁ କେବଳ ଜଣେ ଠିକାଦାର ନୁହନ୍ତି ତାଙ୍କ ନାମରେ ଅନେକ ଆପରାଧୀକ କାର୍ଯ୍ୟକଳାପର ଅଭିଯୋଗ ରହିଛି। ସେ ହୀରାକୁଦ ଡିଭିଜନ୍‌ରେ ଠିକାଦାରି ମଧ୍ୟ କରୁଥିଲେ। ସେ ଠିକାଦାରି କାର୍ଯ୍ୟରେ ଅନେକ ହେରଫେର କରିବାରୁ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ତାଙ୍କ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଥିଲେ। ଫଳରେ ଆର୍ତ୍ତତ୍ରାଣ ଭୂୟାଁ ରାଜ୍ୟ ସରକାରଙ୍କ ନିକଟରେ ନିର୍ବାହୀ ଯନ୍ତ୍ରୀ ମିଶ୍ରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ତଦନ୍ତ କରି ରାଜ୍ୟ ସରକାର ମିଶ୍ରଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। ତତ୍‌ପରେ ମିଶ୍ର ପଦୋନ୍ନତି ପାଇ ଏବେ ଚିଫ୍ ଇଞ୍ଜିନିୟର ଅଛନ୍ତି। ଏହାବାଦ ମିଶ୍ରଙ୍କ ବିରୋଧରେ ଆର୍ତ୍ତତ୍ରାଣ ଲୋକାୟୁକ୍ତରେ ମାମଲା ରୁଜୁ କରିଥିଲେ। ଲୋକାୟୁକ୍ତଙ୍କ ଶୁଣାଣିରେ ଉପରେ ହାଇକୋର୍ଟ ସ୍ଥିତାବସ୍ଥା ମଧ୍ୟ ଜାରି କରିଛନ୍ତି। ଜଣେ ସରକାରୀ ଅଧିକାରୀଙ୍କୁ ଅଯଥାରେ ହଇରାଣ କରିବା ପାଇଁ ଏଭଳି ଏକ ମାମଲା ରୁଜୁ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ଏପରି କି ବ୍ୟକ୍ତିଗତ ମାମଲା ରୁଜୁ କରାଯାଇ ଜନସ୍ୱାର୍ଥ ମାମଲା କୁହାଯାଇଛି। ଏଥିସହ ଆବେଦନକାରୀ ପିଟିଶନ୍‌ରେ ଅନେକ ତଥ୍ୟ ଲୁଚାଇଛନ୍ତି। ତେଣୁ ଏହି ମାମଲାକୁ ଖାରଜ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ମାମଲା ଖାରଜ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ଓଡ଼ିଆ ଶିକ୍ଷାଦାନ ପଦ୍ଧତିର ପରିମାର୍ଜିତ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର,୧୭।୧୧(ସୌମ୍ୟରଞ୍ଜନ ରାଉତ)

ଡ. ନାରାୟଣ ବାରିକ ଏବଂ ଡ. କୁଞ୍ଜଲତା ଦାସଙ୍କ ପୁସ୍ତକ 'ଓଡ଼ିଆ ଶିକ୍ଷାଦାନ ପଦ୍ଧତି'ର ପରିମାର୍ଜିତ ସଂସ୍କରଣ ଉତ୍କଳ ବିଶ୍ୱବିଦ୍ୟାଳୟ ସିଡିଓଇ କ୍ୟାମ୍ପସ୍‌ରେ ସୋମବାର ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ କଟକର ଶିକ୍ଷା ବିଭାଗ ଅଧ୍ୟାପିକା ଡ. ସୁନୀତା ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଏହି ପୁସ୍ତକଟି ୟୁକ୍ତ୍ରୀ ସିଲାବସ୍ କମିଟି ଦ୍ୱାରା ଅନୁମୋଦନପ୍ରାପ୍ତ ହୋଇ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଗହଣରେ ବେଶ୍ ଆଦୃତ ଲାଭ କରିଛି। ଏହି ନୂତନ ସଂସ୍କରଣରେ ବି.ଇଡି ଏବଂ ଏମ୍.ଏ. ପାଇଁ କେତେକ ସ୍ୱତନ୍ତ୍ର ଅଧ୍ୟାୟ ଅତି ସରଳ ଭାବରେ ସ୍ରଷ୍ଟା ଦ୍ୱୟ ସ୍ଥାନିତ କରି ଓଡ଼ିଆ ପ୍ରଶିକ୍ଷଣ କ୍ଷେତ୍ରରେ ଅନେକ କ୍ଲିଷ୍ଟ ଧାରଣାକୁ ସ୍ପଷ୍ଟ କରିଛନ୍ତି। ଆଗାମୀ ପିଢ଼ିର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଓଡ଼ିଆ ଶିକ୍ଷାଦାନ ପାଇଁ ପରିବର୍ଦ୍ଧିତ ପାଠ୍ୟକ୍ରମର ଏକ ନୂତନ ଅଧ୍ୟାୟ ଏହି ପୁସ୍ତକ ଖୋଲିପାରିବ ବୋଲି ଡ. ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି। ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପୁସ୍ତକଟି ଆଦୃତ ହେଲେ ଶ୍ରମ ସାର୍ଥକ ହେବ ବୋଲି ଡ. ବାରିକ କହିଥିଲେ। ସିଡିଓଇର କର୍ମଚାରୀ ମଙ୍ଗରୁ ମୁଣ୍ଡାଗଡ଼ିଆ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବାବୁ


@ ମାନସ


@ ପ୍ରଶାନ୍ତ


@ ରାଜକିଶୋର


@ ପ୍ରଜ୍ଞାଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟ୍ରାଞ୍ଜିଟ୍ ହାଉସ୍‌କୁ ସ୍ଥାନାନ୍ତର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୭।୧୧(କାର୍ତ୍ତିକ ସାହୁ)

**ଭୁବନେଶ୍ୱର ଶାନ୍ତିପଲ୍ଲୀ ବସ୍ତି ଉଚ୍ଛେଦ ରୋକିବା ମାମଲା ଖାରଜ**

ଭୁବନେଶ୍ୱର ଶାନ୍ତିପଲ୍ଲୀ ବସ୍ତି ଜବରଦଖଲ ଉଚ୍ଛେଦ ରୋକିବା ଉପରେ ରୁଜୁ ମାମଲାରେ ହାଇକୋର୍ଟ ସମସ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ପୁନର୍ବାସ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ଥଇଥାନ ଆଇନ ସମ୍ମତ ବୋଲି ହାଇକୋର୍ଟ କହିଛନ୍ତି। ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଏ ସଂକ୍ରାନ୍ତୀୟ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ସୋମବାର ବସ୍ତିବାସିନ୍ଦାଙ୍କୁ ଟ୍ରାଞ୍ଜିଟ୍ ହାଉସକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଏମ୍‌ସି ଓ ବିଡିଏ ବସ୍ତିବାସିନ୍ଦାଙ୍କୁ ବ୍ୟାଙ୍କ ଋଣ ସହିତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଭୁବନେଶ୍ୱର ଶାନ୍ତିପଲ୍ଲୀ ବସ୍ତିରେ ପ୍ରାୟ ୪୦୦ରୁ ଅଧିକ ପରିବାର ଦୀର୍ଘ ବର୍ଷ ଧରି ରହିଆସୁଥିଲେ। ଆବେଦନକାରୀ କ୍ଷେତ୍ରବାସୀ ବେହେରା ଓ ଅନ୍ୟମାନେ ଦାବି କରିଥିଲେ ଯେ, ସେମାନେ ଜାଗା ମିଶନ୍‌ରେ ଭୂମି ଅଧିକାର ପାଇବାକୁ ଯୋଗ୍ୟ ଅଟନ୍ତି। କିନ୍ତୁ ବିଏମ୍‌ସି ଓ ବିଡିଏ ପକ୍ଷରୁ ବିନା ନୋଟିସ ଦେଇ ମାଇକ ଜରିଆରେ ଜବରଦଖଲ ଉଚ୍ଛେଦ କରିବାକୁ ପ୍ରସ୍ତୁତି କରୁଛନ୍ତି। ତେଣୁ ଏହି ବସ୍ତି ହଟା ନ ଯାଉ ବୋଲି ପ୍ରାର୍ଥନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ବସ୍ତି ଗଢ଼ି ଉଠିଥିବା ଜମିରେ ୨୦୧୬ରେ ବିଡିଏ ଶାନ୍ତିନଗର ଆବାସ ଆଇଏସ୍‌ଏସ୍ଆର ପ୍ରକଳ୍ପ ପାଇଁ ଯୋଜନା କରିଛି। ଏଥିରେ ୧୩୦୦ ଫ୍ଲାଟ ତିଆରି କରାଯାଉଛି। ୮୪୯ ଜଣ ପରିବାରଙ୍କ ତାଲିକା ପ୍ରସ୍ତୁତ ହୋଇଛି। କିଛି ପରିବାର ନୂଆ ଘର ମିଳିଲେ ମଧ୍ୟ ପୁରୁଣା ବସ୍ତି ଛାଡ଼ି ଯାଉ ନାହାନ୍ତି, ଯେଉଁଥିପାଇଁ ଦ୍ୱିତୀୟ ପର୍ଯ୍ୟାୟ କାମ ଅଟକିଛି। ମାମଲାର ବିଚାର କରି ହାଇକୋର୍ଟ ସରକାରୀ ଜମିରେ ଦଖଲ କରି ରହିବା ବେଆଇନ ବୋଲି କହିଛନ୍ତି। ଏଥିସହ ସରକାରଙ୍କ ପୁନର୍ବାସ ଯୋଜନା ଆଇନସମ୍ମତ ବୋଲି ରାୟରେ ଦର୍ଶାଇଛନ୍ତି। ବିଏମ୍‌ସି ଓ ବିଡିଏ ଲୋକମାନଙ୍କୁ ସମସ୍ତ ସୁବିଧା ସହଯୋଗ ଯୋଗାଇଦେବେ ଓ ଫ୍ଲାଟ ଆବଣ୍ଟନ ପର୍ଯ୍ୟବେକ୍ଷଣ ପାଇଁ ଏକ ମନିଟରିଂ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶିଶୁଭବନରେ ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ

କଟକ,୧୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଶିଶୁଭବନରେ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖା ଦେଇଛି । ସୋମବାର ଚିକିତ୍ସା ଅବହେଳାରୁ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ ଉଠାଇ ପିପିଲି ଅଞ୍ଚଳର କିଛି ଲୋକ ହୋହଲ୍ଲା କରିଥିଲେ। ତେବେ ସେଠାରେ ନିୟୋଜିତ ସୁରକ୍ଷାକର୍ମୀ ଓ ସ୍ଥାନୀୟ ଲାଲବାଗ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ସୂଚନାନୁଯାୟୀ, ପିପିଲି ଅଞ୍ଚଳର ୭ବର୍ଷର ଶିଶୁପୁତ୍ର ଶିଶୁଭବନରେ ୪ଦିନ ହେବ ଚିକିତ୍ସିତ ହେଉଥିଲା। ଅସୁସ୍ଥ ଶିଶୁକୁ ଭେଷଜ ବିଭାଗରେ ରଖାଯାଇଥିଲା। ତା'ର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସତ୍ତ୍ୱେ ଡାକ୍ତରମାନେ ବିଶେଷ ଦୃଷ୍ଟି ଦେଉ ନ ଥିଲେ ବୋଲି ମୃତ ଶିଶୁର ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

# କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ



ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବରେ ଅତିଥିମାନେ 'କ୍ଲାଉଡ୍ ନାଇନ'ର ଡିଜିଟାଲ ସଂସ୍କରଣ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୭।୧୧ (ଅନୁରାଧା ମହାରଣା)

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୧ତମ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ-୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ଓ ରବିବାର ଦୁଇଦିନ ଧରି ମହାସମାରୋହରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଏହି ମହୋତ୍ସବ କେବଳ ପିଲାଙ୍କ ପାଇଁ ପରିକଳ୍ପନା କରାଯାଇଥିଲା। ଭାରତରେ ଅନେକ ସାହିତ୍ୟ ମହୋତ୍ସବ ହେଉଥିବାବେଳେ, ଆମେ ପ୍ରଥମ ଥର ପାଇଁ ଶିଶୁ ସାହିତ୍ୟ ମହୋତ୍ସବ ଆରମ୍ଭ କରିଥିଲୁ। ୨୦୧୬ରେ ଆମେ ଏଥିରେ 'ଜାତୀୟ' ଶବ୍ଦ ଯୋଡ଼ି କୁନି କୁନି ପିଲାଙ୍କୁ ଜାତୀୟସ୍ତରରେ ପରିଚୟ ସୃଷ୍ଟି କରାଇବାରେ ଚେଷ୍ଟା କରି ସଫଳ ହୋଇଛୁ। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ତଥା କ୍ଲାଉଡ୍ ନାଇନର ସମ୍ପାଦିକା ଡ. ମୋନାଲିସା ବଳ କହିଲେ, ସାହିତ୍ୟ କେବେ ମରେ ନାହିଁ। ତେବେ ସାହିତ୍ୟ ପରବର୍ତ୍ତୀ ପିଢ଼ି ଦ୍ୱାରା ପୁନଃଆବିଷ୍କାର, ପୁନଃବ୍ୟାଖ୍ୟା ଏବଂ ପୁନଃପ୍ରଶଂସିତ ହେବାକୁ ଅପେକ୍ଷା କରୁଛି ବୋଲି ସେ ମତ ଦେଇଥିଲେ। ଅତିଥି ଭାବେ ଅଭିନେତା ବିକ୍ରାନ୍ତ ମାସେ ଯୋଗଦେଇ କହିଥିଲେ, ସଫଳତା କେବେ ଏକୁଟିଆ ଆସେନାହିଁ। ଜେନ୍ ଜେଡ୍ ହେଉଛି ମୁଁ ଦେଖିଥିବା ସବୁଠାରୁ ନିର୍ଭୀକ ପିଢ଼ି। ସେହିପରି ପ୍ରସିଦ୍ଧ ଲେଖକ ତଥା କାହାଣୀକାର କୋରାଲ ଦାସଗୁପ୍ତା, ପୂର୍ବତନ କ୍ରିକେଟର ହରଭଜନ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଦୁଇଦିନିଆ ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ପ୍ରକାଶ ପାଉଥିବା ପତ୍ରିକା 'କ୍ଲାଉଡ୍ ନାଇନ'ର ଡିଜିଟାଲ ସଂସ୍କରଣ ଉନ୍ମୋଚିତ ହୋଇଥିଲା।

# ଯୁବପିଢ଼ିଙ୍କ ପ୍ରିୟ

ଯୁବପିଢ଼ିଙ୍କ ପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅକାଳ ମୃତ୍ୟୁ ଓଡ଼ିଆ ସଙ୍ଗୀତ ପାଇଁ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଚଳଚ୍ଚିତ୍ର ହେଉ ବା ମେଲୋଡ଼ି ଯୁବପିଢ଼ିଙ୍କୁ ମତୁଆଲା କରୁଥିଲା ହ୍ୟୁମାନଙ୍କ ଗୀତ। ଓଡ଼ିଶା ସଙ୍ଗୀତ ଜଗତ ତାଙ୍କଠାରୁ ଢେର କିଛି ଆଶା ରଖିଥିବାବେଳେ ତାଙ୍କର ଅବେଳରେ ପରପାରିକୁ ଯାତ୍ରା ହ୍ୟୁମାନ ପ୍ରେମୀଙ୍କ ମନରେ ଦୁଃଖ ଭରି ଦେଇଛି।



ହ୍ୟୁମାନ ସାଗର

## ଇସ୍କ ତୁ ହି ତୁ ... ରୁ ଆରମ୍ଭ କ୍ୟାରିୟର

ହ୍ୟୁମାନ ସାଗର ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ୧୯୯୦ ନଭେମ୍ବର ୨୫ ତାରିଖରେ ଜନ୍ମ ହୋଇଥିଲେ। ଓଡ଼ିଆ ସିନେ ଜଗତରେ ଜଣେ ପ୍ରଚ୍ଛଦପଟ ଗାୟକ ଭାବେ ସେ ନିଜକୁ ବେଶ୍ ସୁଦୃଢ଼ କରିପାରିଥିଲେ। ସ୍ୱଳ୍ପ ବୟସରେ ତାଙ୍କର ପରଲୋକ ଓଡ଼ିଆ ସିନେମା ଜଗତ ତଥା ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି ହୋଇଛି। ୨୦୧୨ରେ ତରଙ୍ଗ ଟିଭିର ରିଏଲିଟି ଶୋ ଭଏସ୍ ଅଫ୍ ଓଡ଼ିଶା ସିଜନ୍-୨ରେ ବିଜେତା ହେବା ପରେ ଓଡ଼ିଶାବାସୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ୨୦୧୫ରେ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମ୍ଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଇସ୍କ ତୁ ହି ତୁ ସିନେମାର ଶୀର୍ଷକ ଗୀତ, ଯାହାକି ପ୍ରଥମରୁ ହିଟ୍ ହୋଇ ତାଙ୍କ କ୍ୟାରିୟରର ମୂଳଦୁଆ ପକାଇଥିଲା। ଏହା ପରେ ସେ ଆଉ ପଛକୁ ଫେରି ନାହାନ୍ତି। ସେ ପ୍ରାୟ ୧୦୦ଟି ସିନେମାରେ କଣ୍ଠଦାନ କରି ଓଡ଼ିଆ ଦର୍ଶକ ଓ ଶ୍ରୋତାଙ୍କ ମନ ଜିଣିପାରିଛନ୍ତି। ତାଙ୍କ ମାଆ ଓ ବାପା କଣ୍ଠଶିଳ୍ପୀ ଥିଲେ। ସେହିପରି ଜେଜେ ବାପା ମଧ୍ୟ ଜଣେ ସଙ୍ଗୀତଜ୍ଞ ଥିଲେ। ଏକ ସଙ୍ଗୀତ ପରିବାରରୁ ଆସିଥିବାରୁ ତାଙ୍କ ମନ ସର୍ବଦା ସଙ୍ଗୀତରେ ହିଁ ମଜ୍ଜି ରହୁଥିଲା। ଡାକ୍ତରୀ ପାଠ ଏମ୍‌ବିବିଏସ୍ ପଢ଼ିଥିଲେ ବି ତାଙ୍କର ମନ ରୋଗୀସେବାରେ ନ ଥିଲା। ତେଣୁ ସେ ଡାକ୍ତର ହେବାର ଭାବନା ମନରୁ ପୋଛି ଜଣେ କଣ୍ଠଶିଳ୍ପୀ ଭାବେ ନିଜ ଦକ୍ଷତାକୁ ପ୍ରମାଣିତ କରିପାରିଥିଲେ। ସେ ଏକ ହିନ୍ଦୀ ଆଲବମ୍ ମେରା ୟେ ଜହାଁ ନିର୍ମାଣ କରିଥିଲେ। ଏଥିସହ ୨୦୧୭ ମସିହାରେ ତୁମ ଓଠ ତଳେ, ନିଃଶ୍ୱାସ, ବେଖୁଦି ଓ ଚେହେରା ଭଳି ୪ଟି ଓଡ଼ିଆ ଆଲବମ୍‌ରେ ନିଜ କଣ୍ଠସ୍ୱରରୁ ଯାଦୁ ଭରି ଚର୍ଚ୍ଚିତ ହୋଇଥିଲେ। ଏହାବାଦ୍ ଏକକ ଭାବେ ୨୦୧୭ରେ ଏ ମନ ମୋ ମନ, ତୋ ମନରେ ଥିଲା ଯଦି ଆଉ ଲୋ କେହି, ୨୦୧୮ରେ କେମିତି ଭୁଲିବି ସେ ଅଭୁଲା ଦିନ, ୨୦୨୦ରେ ତୋ ଘର ଆଗରେ କରିବି ମୁଁ ଧମାକା ଭଳି ହିଟ୍ ଗୀତ ଗାଇ ଯୁବପିଢ଼ିଙ୍କ ହୃଦୟରେ ଉଷ୍ମତା ଭରିଦେଇଥିଲେ।

ଓଡ଼ିଆ ସିନେମାରେ ସେ ନିଜର ଦବଦବା ବଜାୟ ରଖିଥିଲେ। ୨୦୧୫ରେ ଇସ୍କ ତୁହି ତୁ, ଅଗସ୍ତ୍ୟ, ୨୦୧୬ରେ ବେବି, ଗୋଟେ ଶୁଆ ଗୋଟେ ଶାରୀ, ୨୦୧୭ରେ ଅଭୟ, ହାପି ଲକ୍କି, କାବୁଲା ବାରବୁଲା, ନିଝୁମ ରାତିର ସାଥୀ, ମୁଁ ଖାଣ୍ଟି ଓଡ଼ିଆ ଝିଅ, ଦିଲ ଦିୱାନା ହେଇଗଲା, ସୀତା ରାମଙ୍କ ବାହାଘର କଳିଯୁଗରେ, ତୁ ମୋ ହିରୋ, ତୋ ପ୍ରେମରେ ପଡ଼ିଲା ପରେ, ୨୦୧୮ରେ ପ୍ରେମ କୁମାର ସେଲସ ମ୍ୟାନ ଅଫ୍ ଦି ଇୟର, ଶ୍ରୀମାନ ସୁରଦାସ, ସୁନ୍ଦରଗଡ଼ର ସଲମାନ୍ ଖାନ, ଟୋକାଟା ଫସିଗଲା ଏବଂ ୨୦୨୫ରେ ଚାରିଧାମ - ଏ ଜର୍ନି ୱିଥ୍ ଭଳି ଲୋକପ୍ରିୟ ଓଡ଼ିଆ ସିନେମାର ବହୁ ଗୀତରେ ଦର୍ଶକ ହ୍ୟୁମାନ ସାଗରଙ୍କ କଣ୍ଠସ୍ୱରରେ ମତୁଆଲା ହୋଇଛନ୍ତି।

ତରଙ୍ଗ ଟିଭିର ରିଏଲିଟି ଶୋ ଭଏସ୍ ଅଫ୍ ଓଡ଼ିଶା ସିଜନ୍-୨ରେ ପ୍ରତିଯୋଗୀ ଥିବା ଶ୍ରୀୟା ମିଶ୍ରଙ୍କୁ ସେ ୨୦୧୭ରେ ବିବାହ କରିଥିଲେ। ତାଙ୍କର ଗୋଟିଏ କନ୍ୟା ସନ୍ତାନ ରହିଛି। ଏଥିସହ ସେ ୨୦୧୯ ମାର୍ଚ୍ଚ ୩ ତାରିଖରେ ବିଜୁ ଜନତା ଦଳରେ ଯୋଗଦେଇ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ରାଜନୀତିରେ ସେ ଏତେ ଚର୍ଚ୍ଚିତ ହୋଇ ନ ଥିଲେ ବି ଦଳର ଷ୍ଟାର ପ୍ରଚାରକ ଭାବେ ବହୁ କାମ କରିଛନ୍ତି। ତେବେ ସଙ୍ଗୀତରେ ତାଙ୍କର ଲୋକପ୍ରିୟତା ତାଙ୍କୁ ଓଡ଼ିଶାର କୋଣ ଅନୁକୋଣରେ ଥିବା ମେଲୋଡି ମଞ୍ଚରେ ଦର୍ଶକଙ୍କୁ ଜବରଦସ୍ତ ମନୋରଞ୍ଜନର ଖୋରାକ ଯୋଗାଇ ଦେବାରେ ସହାୟକ ହୋଇଛି। କଟକ ବାଲିଯାତ୍ରା ମଞ୍ଚଠାରୁ ଆରମ୍ଭ କରି ବହୁ ମଞ୍ଚ ତାଙ୍କ ଆଗମନକୁ ଅପେକ୍ଷା କରିଥାଏ। ସବୁଠି ଦର୍ଶକଙ୍କ ଅଜସ୍ର କରତାଳି ଗୋଟାଇବାରେ ସେହିଁ ଭାଗ୍ୟବାନ ଥିଲେ। ଏଭଳି ଅଳ୍ପ ବୟସରୁ ଏତେ ଲୋକପ୍ରିୟତା ହାସଲ କରିବା ଖୁବ୍ କମ୍ ପ୍ରତିଭାଙ୍କ ଭାଗ୍ୟରେ ଜୁଟେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

**-ରିପୋର୍ଟ: କାର୍ତ୍ତିକ ସାହୁ, କଟକ**

## ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

### ରାଜ୍ୟପାଳ

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଓଡ଼ିଆ ସଙ୍ଗୀତ ଓ ସିନେମା ଜଗତକୁ ତାଙ୍କ ଅବଦାନ ସଦା ସ୍ମରଣୀୟ ରହିବ ବୋଲି ସେ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

### ମୁଖ୍ୟମନ୍ତ୍ରୀ

ହ୍ୟୁମାନ ସାଗରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କର ବିୟୋଗ ଆମ ସଙ୍ଗୀତ ଓ ସିନେମା ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ଶାନ୍ତି ପାଇଁ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

### ସଂସ୍କୃତି ମନ୍ତ୍ରୀ

ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅକାଳ ବିୟୋଗ ଖବର ମତେ ବ୍ୟଥିତ କରିଛି। ମହାପ୍ରଭୁ ତାଙ୍କ ଆତ୍ମାକୁ ସଦ୍‌ଗତି ଦେବା ସହିତ ପରିବାରଜନଙ୍କୁ ସାହା ହୁଅନ୍ତୁ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ହ୍ୟୁମାନ ସାଗରଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ହ୍ୟୁମାନ ଅନେକ ଗୀତରେ କଣ୍ଠଦାନ କରି ବହୁ କମ୍ ସମୟ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତର ଜଣେ ଉଜ୍ଜ୍ୱଳ ତାରକାଙ୍କୁ ହରାଇଲା। ତାଙ୍କ ସ୍ୱରର ଯାଦୁ ସବୁଦିନ ପାଇଁ ଓଡ଼ିଆ ଶ୍ରୋତାଙ୍କ ମନରେ ଅମର ହୋଇ ରହିବ।

### କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍

ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଦେହାନ୍ତ ଖବରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ ସୁମଧୁର ସ୍ୱର ଦ୍ୱାରା ଆମ ହୃଦୟରେ ସ୍ଥାନ ନେଇଥିଲେ। ତାଙ୍କର ସୁନ୍ଦର କୃତିଗୁଡ଼ିକ ସଦା ଶ୍ରୋତାଙ୍କ ମନରେ ଅବିଚ୍ଛିନ୍ନ ରହିବ ବୋଲି ଜୁଏଲ ପ୍ରକାଶ କରିଛନ୍ତି।

### ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

ହ୍ୟୁମାନ ସାଗରଙ୍କ ଦେହାନ୍ତରେ ଗଭୀର ଭାବେ ଦୁଃଖିତ ଥିବା ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ X ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ତାଙ୍କର ଭାବପୂର୍ଣ୍ଣ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି ଏବଂ ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି ପଟ୍ଟନାୟକ ଉଲ୍ଲେଖ କରିଛନ୍ତି।

## ନିଃଶ୍ୱାସ ତୋ ବିନା ମୋର ଚାଲେନା...

ଓଡ଼ିଆ ସଙ୍ଗୀତ ଜଗତର ସୁପରିଚିତ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ସିନେମା, ଭଜନ, ମ୍ୟୁଜିକ୍ ଭିଡିଓରେ କଣ୍ଠଦାନ କରିବା ସହ ସମ୍ବଲପୁରୀ ଗୀତ ଗାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ନିଃଶ୍ୱାସ ତୋ ବିନା ମୋର ଚାଲେନା, ତୋ ପ୍ରେମରେ ପାଗଳ ମୁଁ ଆଜି, ହାଏ ତୋ ପ୍ରେମ, ଫାଷ୍ଟ ଟାଇମ ଗୋଟେ ଝିଅ ତୁ, ବେଖୁଦି, ରାଗିଛ କି ବାପା ତମେ ପ୍ରଭୃତି ମନଛୁଁଆ ସଙ୍ଗୀତ ଓଡ଼ିଶାବାସୀଙ୍କୁ ପରଷି ଦେଇଥିଲେ। ଇସ୍କ ତୁହି ତୁ, ଗପ ହେଲେ ବି ସତ, ରକ୍‌ଷ୍ଟାର, ଲଭ୍ ୟୁ ହମେଶା, ପିଲାଟା ବିଗିଡ଼ି ଗଲା, ଆଶିକ୍, ଗଳ୍ପ ନୁହେଁ ଅଳ୍ପ ଦିନର, ଗୋଟେ ଶୁଆ ଗୋଟେ ଶାରୀ, ଜବରଦସ୍ତ ପ୍ରେମିକ, ଅଗସ୍ତ୍ୟ, ଝିଅଟା ବିଗିଡ଼ିଗଲା, ବେବି, ମୁଁ ଗାନ୍ଧୀ ନୁହେଁ, ପ୍ରେମର ନିଶା ନିଆରା ନିଆରା, ନିଝୁମ ରାତିର ସାଥୀ, ଦିଲ୍ ଦିୱାନା ହେଇଗଲା, ସୀତାରାମଙ୍କ ବାହାଘର କଳିଯୁଗରେ, ତୁ ମୋ ଲଭ ଷ୍ଟୋରୀ, ଟିକେ ଖରା ଟିକେ ଛାଇ, ମିଠା ମିଠା, ଅଭୟ, ରୋମିଓ ଜୁଲିଏଟ୍, ମୁଁ ଖାଣ୍ଟି ଓଡ଼ିଆ ଝିଅ, ହିରୋ ନଂ ୱାନ୍, ଟିକେ ଅନାଡ଼ି ପୂରା ଖିଲାଡ଼ି, ତୋ ପ୍ରେମରେ ପଡ଼ିଲା ପରେ, ଲୈଲା ଓ ଲୈଲା, ଓନ୍ଲି ପ୍ୟାର୍, ହାପି ଲକି, ମନର ମାନସୀ, ଲଭ ପ୍ରମିଜ, ୪ ଇଡିଅଟସ୍, ଟୋକାଟା ଫସିଗଲା, ଲୋକାଲ ଟୋକା ଲଭ ଚୋଖା, ବ୍ଲାକ୍‌ମେଲ୍, ଇସ୍କ ପୁଣିଥରେ ଆଦି ଗୀତ ଗାଇଥିଲେ। ସେହିପରି ଦଣ୍ଡବତ ହେଲି ମୁଁ କାଳିଆ ପାଖରେ, ମୋ ଶେଷ ଠିକଣା ତୁ, ଜଗା ତୁ ଓଡ଼ିଆର ଗର୍ବ, ହେ ଜଗନ୍ନାଥ ଭଳି ଭଜନ ଗାଇ ଶ୍ରୋତାଙ୍କ ମନ ଜିଣିଥିଲେ।

**ପାରିବାରିକ ଜୀବନ**

ହ୍ୟୁମାନ୍ ୨୦୧୭ରେ ଶ୍ରୀୟା ମିଶ୍ରଙ୍କୁ ବିବାହ କରିଥିବାବେଳେ ତାଙ୍କର ଏକ ଛୋଟ ଝିଅ ରହିଛି। ତାଙ୍କ ବାପା ଗତ ୨୦୨୧ରେ କୋଭିଡ୍‌ରେ ମୃତ୍ୟୁବରଣ କରିଥିବାବେଳେ ପୂର୍ବରୁ ତାଙ୍କର ଜଣେ ଭାଇଙ୍କର ୨୨ବର୍ଷରେ ଦେହାନ୍ତ ହୋଇଥିଲା।

**-ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର**

### ସମାନ ଦିନରେ ଚାଲିଗଲେ ଅକ୍ଷୟ, ହ୍ୟୁମାନ୍

ଓଡ଼ିଆ ସଙ୍ଗୀତ ଜଗତ ପାଇଁ ନଭେମ୍ବର ୧୭ ଏକ ଦୁଃଖଦ ଦିନ। ଏହି ଦିନ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପରଲୋକ ଘଟିଥିବା ବେଳେ ଠିକ୍ ୨୩ ବର୍ଷ ତଳେ ଅର୍ଥାତ୍ ୨୦୦୨ ନଭେମ୍ବର ୧୭ରେ ଚିର ସବୁଜ ଗାୟକ ଅକ୍ଷୟ ମହାନ୍ତିଙ୍କର ଦେହାନ୍ତ ହୋଇଥିଲା। ସମାନ ତାରିଖରେ ଦୁଇ ମହାନ୍ କଳାକାରଙ୍କ ବିୟୋଗ ଘଟିବା ସମ୍ଭବତଃ ସଙ୍ଗୀତକୁ ଭଲ ପାଇବାର ଏକ ବିରଳ ସଂଯୋଗ ବୋଲି କୁହାଯାଉଛି।

## ପିଏଙ୍କୁ ଦାୟୀ କଲେ ହ୍ୟୁମାନଙ୍କ ମା'

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ହରାଇ ସଙ୍ଗୀତ ଜଗତ ସ୍ତବ୍ଧ ହୋଇଯାଇଥିବାବେଳେ ତାଙ୍କ ମା' ଶେଫାଳୀ ସୁନା କୋହଭରା କଣ୍ଠରେ ଗଣମାଧ୍ୟମରେ ବିସ୍ଫୋରକ ବୟାନ ଦେଇଛନ୍ତି। ପୁଅର ମୃତ୍ୟୁ ପାଇଁ ସେ ହ୍ୟୁମାନଙ୍କ ପିଏଙ୍କୁ ଦାୟୀ କରିଛନ୍ତି। ଦୁଇ ଜଣ ପିଏ ହ୍ୟୁମାନଙ୍କୁ ୟୁଜ୍ କରିଥିଲେ। ମେଲୋଡି ପ୍ରୋଗ୍ରାମରେ ମୋ ପୁଅକୁ ବ୍ୟବହାର କରାଯିବାରୁ ତା'ର ସ୍ୱାସ୍ଥ୍ୟ ଅତି ଖରାପ ହୋଇଥିଲା ବୋଲି ଶେଫାଳି ଅଭିଯୋଗ ଆଣିଛନ୍ତି। ପୁଅର ମୃତ୍ୟୁ ପାଇଁ ଯେଉଁମାନେ ଦୋଷୀ, ସେମାନଙ୍କୁ ଧରାଯାଉ। ତାଙ୍କୁ ନ୍ୟାୟ ଦିଆଯାଉ ବୋଲି ଶେଫାଳୀ କହିଛନ୍ତି।

ଶେଫାଳି କହିଛନ୍ତି, ମୋ ପୁଅକୁ ଏତେ ବ୍ୟବହାର କରିଥିଲେ ଯେ, ସେ ଡରି ଡରି ରହୁଥିଲା। ୨୦୨୧ରୁ ମୁଁ ଶିକ୍ଷୟିତ୍ରୀ ପେସାରୁ ଛୁଟି ନେଇ ପୁଅକୁ ଜଗିକି ବସୁଥିଲି।

### 'ପୁଅର ସ୍ୱାସ୍ଥ୍ୟ ବିଷୟରେ ମୋତେ ଲୁଚାଯାଇଥିଲା'

ପୁଅର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ମତେ କିଛି କୁହାଯାଉ ନ ଥିଲା। ତାକୁ ଲୁଚେଇକି ହସ୍ପିଟାଲକୁ କେବେ ନିଅନ୍ତି, ମୁଁ ଜାଣିପାରୁ ନ ଥିଲି। ଯେଉଁଦିନ ତା'ର ପ୍ରୋଗ୍ରାମ୍ ଥିଲା, ସେହିଦିନ ହିଁ ତାକୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତା' ଶରୀର ନଷ୍ଟ ହୋଇଯାଇଥିବାବେଳେ ତାକୁ ମେଲୋଡି କାର୍ଯ୍ୟକ୍ରମ ପାଇଁ ନିଆଯାଉଥିଲା। ନଭେମ୍ବର ୧୧ରେ ତାକୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାକୁ ଆଡ୍‌ମିଟ୍ କରାଯାଉ ବୋଲି କହିଥିଲେ। ହେଲେ ପ୍ରୋଗ୍ରାମ ପରିଚାଳନାରେ ଥିବା ଦୁଇଜଣ ପିଲା ଏଥିପାଇଁ ମନା କରିଥିଲେ। ପ୍ରୋଗ୍ରାମ ସରିଲେ ହ୍ୟୁମାନଙ୍କୁ ହସ୍ପିଟାଲକୁ ଆଣିବୁ ବୋଲି କହିଥିଲେ। ପୁଅର ସ୍ୱାସ୍ଥ୍ୟବସ୍ଥା ବିଷୟରେ ମତେ ଲୁଚାଯାଉଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବେ ବୋଲି ଶେଫାଳୀ କହିଛନ୍ତି।

**-ରିପୋର୍ଟ: ସତ୍ୟଜିତ ରାଉତ, ଭୁବନେଶ୍ୱର**

## ଅନ୍ୟାନ୍ୟ ଖବର

## ଢେଙ୍କାନାଳ ବନ୍ଦ ଶାନ୍ତିପୂର୍ଣ୍ଣ, ସଫଳ

ଢେଙ୍କାନାଳ,୧୭।୧୧(ରତନ ନାୟାର)



ବନ୍ଦ ପାଳନ ସମୟରେ ଢେଙ୍କାନାଳ ସହର ଶୁନ୍‌ଶାନ୍।

ଟିପିସିଓଡିଏଲ୍‌ର ମନମୁଖି କାର୍ଯ୍ୟ ଓ ଶୋଷଣ ପ୍ରତିବାଦରେ ସୋମବାର ଜିଲା ଓକିଲ ସଂଘ ଆବାହାକତ୍ୱରେ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଢେଙ୍କାନାଳ ବନ୍ଦ ପାଳିତ ହୋଇଛି। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଓ ସଫଳ ହୋଇଥିବା ଜିଲା ଓକିଲ ସଂଘ ସଭାପତି ତଥା ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟିର ଆବାହକ ଗୋପାଳଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ବନ୍ଦ ସମୟରେ ରେଳରୋକୋ, ବିଭିନ୍ନ ରାସ୍ତା ଅବରୋଧ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଅଦାଲତ କାର୍ଯ୍ୟ ଓ ବ୍ୟାଙ୍କ ସେବା ବନ୍ଦ ରହିଥିଲା। ୧୨ଘଣ୍ଟିଆ ବନ୍ଦ ଡାକରାରେ ଜିଲା ଓକିଲ ସଂଘ, ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଏବଂ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସମର୍ଥନ ମିଳିଥିଲା। ସମସ୍ତ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବନ୍ଦପାଳନକାରୀମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରି ଟିପିସିଓଡିଏଲ୍ ବିରୋଧରେ ସ୍ଲୋଗାନବାଜି ଦେଇଥିଲେ। ସମଗ୍ର ସହର ଖାଁଖାଁ ହୋଇଯାଇଥିଲା । ଜିଲା ଓକିଲ ସଂଘ ପକ୍ଷରୁ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ସାମିଲ ହୋଇଥିଲେ। ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ଏଏପି ପକ୍ଷରୁ ଭରତ ଦାସ ଓ ପଙ୍କଜ ନାୟକ, ବିଜେଡି ପକ୍ଷରୁ ପୂର୍ବତନ ଏମ୍‌ପି ମହେଶ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା ।

## ବାରିପଦା ରେଳଷ୍ଟେଶନର ପୁନର୍ବିକାଶ

ଭୁବନେଶ୍ୱର,୧୭।୧୧
(ଅନୁରାଧା ମହାରଣା)

ଅମୃତ ଭାରତ ଷ୍ଟେଶନ ଯୋଜନା ଅନ୍ତର୍ଗତ ଦକ୍ଷିଣ-ପୂର୍ବ ରେଳପଥର ୭୨ଟି ଷ୍ଟେଶନର ପୁନର୍ବିକାଶ କରାଯାଉଛି। ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦେଇ ଆବଶ୍ୟକ ଅନୁଯାୟୀ ପର୍ଯ୍ୟାୟକ୍ରମେ ବିଭିନ୍ନ ରେଳଷ୍ଟେଶନର ଉନ୍ନତୀକରଣ କରାଯାଉଛି। ଖଡ଼ଗପୁର ରେଳ ଡିଭିଜନ ଅନ୍ତର୍ଗତ ମୟୂରଭଞ୍ଜ ଜିଲାର ବାରିପଦା ରେଳଷ୍ଟେଶନ ମଧ୍ୟ ନୂଆ ରୂପ ନେଉଛି। ବାରିପଦା ରେଳଷ୍ଟେଶନ ସ୍ଥାନୀୟ ଯାତ୍ରୀଙ୍କଠାରୁ ଆରମ୍ଭକରି ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେଶନ ହୋଇଥିବାରୁ ଏହାର ପୁନର୍ବିକାଶକୁ ଅଗ୍ରାଧିକାର ଦିଆଯାଇଛି। ବିଶେଷକରି ଶିମିଳିପାଳ ଅଭୟାରଣ୍ୟ ପରିଦର୍ଶନ କରିବାକୁ ଆସୁଥିବା ବ୍ୟକ୍ତିଙ୍କ ପାଇଁ ଏହି ଷ୍ଟେଶନ ବେଶ୍ ସହାୟକ ହୋଇଥାଏ। ନୂଆ ରେଳଷ୍ଟେଶନ ଯାତାୟାତକୁ ସୁଗମ କରିବା ସହ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେବେ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଏଠାରେ ନୂଆ ଷ୍ଟେଶନ ବିଲ୍ଡିଂ ନିର୍ମାଣ ସହ ନୂଆ ଟିକେଟ ବୁକିଂ କାଉଣ୍ଟର ରହିବ। ଦିବ୍ୟାଙ୍ଗଜନଙ୍କ ସୁବିଧା ସକାଶେ ସ୍ୱତନ୍ତ୍ର ବୁକିଂ କାଉଣ୍ଟର, ଶୌଚାଳୟ, ର୍‍ୟାମ୍ପ, ୱାଟର ବୁଥ୍, ପାର୍କିଂ ଅଞ୍ଚଳର ବ୍ୟବସ୍ଥା କରାଯିବ। ଏଥିସହ ନୂଆ ପ୍ଲାଟ୍‌ଫର୍ମ ଶେଲ୍ଟର, ନୂଆ ପାର୍କିଂ ଅଞ୍ଚଳ, ପ୍ରତୀକ୍ଷାସ୍ଥଳ, ସର୍ବସାଧାରଣ ୱାଟର ବୁଥ୍, ଏଟିଭିଏମ୍, ପ୍ରବେଶ ଓ ପ୍ରସ୍ଥାନ ଗେଟ୍‌କୁ ବିକଶିତ କରାଯିବ।

## ଓଏମ୍‌ସି ପାଇଁ ୯୦% ; ଅନ୍ୟମାନେ ଦେବେ ୩୦%

ଭୁବନେଶ୍ୱର,୧୭।୧୧(ରବିନାରାୟଣ ଜେନା)

ରାଜ୍ୟରେ ଥିବା ସରକାରୀ ଉଦ୍ୟୋଗ ପାଇଁ ଅର୍ଥ ବିଭାଗ ପକ୍ଷରୁ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି ; ଯେଉଁଥିରେ କେବଳ ରାଜ୍ୟ ଖଣି ନିଗମ(ଓଏମ୍‌ସି) ତା'ର ପ୍ରତିବର୍ଷ ଲାଭାଂଶର ୯୦ପ୍ରତିଶତ ସରକାରଙ୍କୁ ଦେବାକୁ ରହିଥିବାବେଳେ ଅନ୍ୟ ନିଗମଗୁଡ଼ିକ ଲାଭାଂଶର ୩୦ ପ୍ରତିଶତ ସରକାରଙ୍କୁ ଦେବେ। ଅର୍ଥ ବିଭାଗ ପକ୍ଷରୁ ଏଭଳି ଦୋଫାଙ୍କିଆ ନିର୍ଦ୍ଦେଶନାମାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି।

ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ନଭେମ୍ବର ୭ରେ ଜାରି କରିଥିବା ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ରାଜ୍ୟରେ ପୁଞ୍ଜି ନିବେଶକୁ ଦୃଷ୍ଟିରେ ରଖି ସରକାରୀ ଉଦ୍ୟୋଗଗୁଡ଼ିକ ପାଇଁ ସରକାର ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି। ଓଏମ୍‌ସି ତା'ର ଲାଭାଂଶର ୯୦ପ୍ରତିଶତ ସରକାରଙ୍କୁ ଦେବ। ମାତ୍ର ଅନ୍ୟ ଉଦ୍ୟୋଗଗୁଡ଼ିକ ତାଙ୍କ ଲାଭାଂଶର ପ୍ରତିବର୍ଷ ସରକାରଙ୍କୁ ୩୦ପ୍ରତିଶତ ଦେବେ। ଉଦ୍ୟୋଗଗୁଡ଼ିକ ଏକାଥରକେ ଚାହିଁଲେ ତାଙ୍କର ଲାଭାଂଶ ଦେଇପାରିବେ ନଚେତ୍ ପର୍ଯ୍ୟାୟକ୍ରମେ ଦେଇପାରିବେ।

## ରାଜମୌଳିଙ୍କ ଫିଲ୍ମରେ ପ୍ରିୟଙ୍କା ଚୋପ୍ରା

ମୁମ୍ବାଇ



ଏସ୍ଏସ୍ ରାଜମୌଳିଙ୍କ ଆଗାମୀ ଫିଲ୍ମ 'ବାରାଣସୀ'ର ନିର୍ମାତା ନିକଟରେ ପ୍ରଥମ ଲୁକ୍ ରିଲିଜ କରିଛନ୍ତି, ଯାହା ପ୍ରଶଂସକଙ୍କୁ ବହୁ ଉତ୍ସାହିତ କରିଛି। ଏହି ଫିଲ୍ମରେ ପ୍ରଥମ ଥର ପାଇଁ ପ୍ରିୟଙ୍କା ଚୋପ୍ରା ଏବଂ ମହେଶ ବାବୁ ଏକାଠି ସ୍କ୍ରିନ୍ ଶେୟାର କରିବାର ଦେଖାଯିବେ। ସୋମବାର ଅଭିନେତ୍ରୀଙ୍କ ସ୍ୱାମୀ ନିକ୍ ଜୋନ୍ସ ଏହି ଫିଲ୍ମ ବିଷୟରେ ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଫିଲ୍ମଟି ଶେୟାରକରି ଲେଖିଛନ୍ତି, 'ବାରାଣସୀର ଚମତ୍କାର ଟିମ୍‌କୁ ଅଭିନନ୍ଦନ।

ପ୍ରଥମ ଲୁକ୍‌ରେ ଜଙ୍ଗଲ, ପଶୁପକ୍ଷୀ ଏବଂ ଏକ ରହସ୍ୟମୟ ଗୁମ୍ଫାର ଦୃଶ୍ୟ ରହିଛି, ମହେଶ ବାବୁ ନନ୍ଦୀଙ୍କ ଉପରେ ବସି ହାତରେ ତ୍ରିଶୂଳ ଧରିଛନ୍ତି, ଯାହା ପ୍ରଶଂସକଙ୍କୁ ବହୁ ଉତ୍ସାହିତ କରିଛି। ସେମାନେ ଏହାକୁ ଏସ୍ଏସ୍ ରାଜମୌଳିଙ୍କ ଐତିହାସିକ ଏବଂ ପୌରାଣିକ ଚଳଚ୍ଚିତ୍ରର ପରବର୍ତ୍ତୀ ବଡ଼ ପଦକ୍ଷେପ ବୋଲି କହୁଛନ୍ତି।

ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଖଳନାୟକ ଅବତାର ଫିଲ୍ମକୁ ବେଶ୍ ଆକର୍ଷଣ କରିବ। ଏହି ଫିଲ୍ମ ସହ ରାଜମୌଳି ପୁଣି ଥରେ ଦର୍ଶକଙ୍କୁ ପାରମ୍ପରିକ ଐତିହାସିକ କାଳ୍ପନିକ ଜଗତକୁ ଫେରାଇ ଆଣିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

# ବିଭୀଷଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲେ ମୂଳପୋଛ ହୋଇଯିବ କଂଗ୍ରେସ: ମୁଖ୍ୟମନ୍ତ୍ରୀ

- ନୂଆପଡ଼ା ଦାୟିତ୍ୱରେ ଥିବା ମନ୍ତ୍ରୀମାନେ ସ୍ଥାନୀୟ ସମସ୍ୟାର ତାଲିକା କରିବେ
- ଉପନିର୍ବାଚନ ଦାୟିତ୍ୱରେ ଥିବା ନେତାଙ୍କୁ ପ୍ରଶଂସାରେ ପୋତିଲେ ମୋହନ


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଧନ୍ୟବାଦ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ ସିଂ ତୋମାର, ମନ୍ତ୍ରୀ, ଏମ୍‌ପି ଓ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)

ଦିନ ଥିଲା ସବୁ ପୋଲିଂ ବୁଥ୍‌ରେ ଦଳର ଏଜେଣ୍ଟ ନ ଥିଲେ। ପରାଜୟରୁ ଶିକ୍ଷା ଗ୍ରହଣ କରି ଓ ତା'ର ସମୀକ୍ଷା କରି ବର୍ତ୍ତମାନ ଦଳ ବିଜୟୀ ହୋଇଛି। ନୂଆପଡ଼ା ଉପନିର୍ବାଚନରେ ଦଳର ସମସ୍ତେ ଏକାଠି ହୋଇ ଲଢ଼ିଲେ ଏବଂ ଐତିହାସିକ ବିଜୟ ଲାଭ କଲେ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ନିଜ ଆସନ ପରାଜୟ ଭୟରେ ଅନେକ ମିଛ କଥା କହି ଆମକୁ ଆକ୍ରମଣ କଲେ। ଏପରିକି ଭୋଟ ଚୋରି, ବେଇମାନ ଭଳି ଅପଶବ୍ଦ ମଧ୍ୟ ବ୍ୟବହାର କରିବାକୁ ପଛାଇଲେ ନାହିଁ। କିନ୍ତୁ ବିରୋଧୀଙ୍କ ମିଛ କାମ ଦେଲାନି ଏବଂ ନୂଆପଡ଼ାବାସୀ ସେମାନଙ୍କୁ ଉଚିତ ଜବାବ ଦେଲେ।

ଅପରେଶନ ସିନ୍ଦୁର ଭଳି ଅପରେଶନ ନୂଆପଡ଼ା ହେଲା। ବିଭୀଷଣଙ୍କ ପାଇଁ କଂଗ୍ରେସ ପରାଜୟବରଣ କରିଲା ଏବଂ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଂଗ୍ରେସ ସଭାପତି ଭକ୍ତ ଦାସ କହିଛନ୍ତି। ଯଦି ତାହା ହୁଏ ତେବେ ୭୦% ବିଭୀଷଣ ଥିବା କଂଗ୍ରେସ ଦଳ ସମ୍ପୂର୍ଣ୍ଣ ମୂଳପୋଛ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ନୂଆପଡ଼ା ବିଜୟ ପରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଧନ୍ୟବାଦ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ନୂଆପଡ଼ାବାସୀ ରେକର୍ଡ ପରିମାଣରେ ନିଜ ମତଦାନ ସାବ୍ୟସ୍ତ କରି ଐତିହାସିକ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରାଇଛନ୍ତି, ଯାହା ରାଜ୍ୟରେ ରାଜନୈତିକ ମୋଡ ବଦଳାଇ ଦେଇଛି। ନୂଆପଡ଼ା ଉପନିର୍ବାଚନରେ ଦଳର କାର୍ଯ୍ୟକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମ କାରଣରୁ ଭାଜପାର ବିଶାଳ ବିଜୟ ହୋଇଛି। ଯେଉଁ ନେତା, ବିଧାୟକ, ସାଂସଦ, ମନ୍ତ୍ରୀମାନେ ଯେଉଁସବୁ ଅଞ୍ଚଳରେ ଥିଲେ ସେଠାର ସ୍ଥାନୀୟ ସମସ୍ୟାଗୁଡ଼ିକର ତାଲିକା ପ୍ରସ୍ତୁତ କରିବେ, ସବୁର ସମାଧାନ କରାଯିବ। ଯାହା ଘୋଷଣା ହୋଇଛି ସେସବୁକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବେ। ନୂଆପଡ଼ାରେ ଜଳସେଚନଠାରୁ ଆରମ୍ଭ କରି ଶିଳ୍ପ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଅତିଶୀଘ୍ର ନୂଆପଡ଼ାବାସୀଙ୍କୁ ଭେଟି ଧନ୍ୟବାଦ ଜଣାଇବି ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଭାଜପା ସଙ୍ଗଠିତ ହୋଇ ନିର୍ବାଚନ ଲଢ଼ିଲା। ପ୍ରଥମେ ୫ଟି ସଂସଦୀୟ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କୁ ନେଇ ନିର୍ବାଚନ ଲଢ଼ିବାର ରଣକ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା। ପରବର୍ତ୍ତୀ ସମୟରେ ମନ୍ତ୍ରୀମାନଙ୍କୁ ମଣ୍ଡଳ, ବିଧାୟକମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦିଆଗଲା। ଯେଉଁ କାର୍ଯ୍ୟକର୍ତ୍ତାଙ୍କୁ ଯେଉଁଠି ଦାୟିତ୍ୱ ମିଳିଲା ସେମାନେ ନିଜ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କଲେ। ୨୦୨୪ ନିର୍ବାଚନରେ ୩ୟ ସ୍ଥାନରେ ଥିବା ଭାଜପା ପ୍ରତି ନୂଆପଡ଼ାବାସୀଙ୍କ ବିଶ୍ୱାସ ବୃଦ୍ଧି ପାଇଲା ବୋଲି ସେ କହିଛନ୍ତି। ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର କହିଛନ୍ତି, ନୂଆପଡା ଉପନିର୍ବାଚନରେ ଅକ୍ଲାନ୍ତ ପରିଶ୍ରମ କରି ବୃହତ୍ ବିଜୟ ପ୍ରଦାନ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଏହି ଅବସରରେ ଦଳର ବହୁ ବରିଷ୍ଠ ମନ୍ତ୍ରୀ, ବିଧାୟକ, ଦଳର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଚିକିତ୍ସା ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

ଉମରକୋଟ,୧୭।୧୧
(ସନ୍ତୋଷ ଶତପଥ)


ଭବାନୀ ହରିଜନ।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ ସିଲାଟି ଗ୍ରାମ ପଞ୍ଚାୟତ ଢେପଗୁଡା ଗ୍ରାମର ଭବାନୀ ହରିଜନ। ଚିକିତ୍ସା ଅବହେଳାରୁ ଝିଅର ମୃତ୍ୟୁ ହୋଇଥିବା ଭବାନୀଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ହଷ୍ଟେଲରେ ରହୁଥିବା ୪ ଜଣ ଛାତ୍ରୀ ସୋମବାର ଅସୁସ୍ଥ ଅନୁଭବ କରିବାରୁ ପୂଜାରିଗୁଡା ମେଡ଼ିକାଲରୁ ଏକ ଡାକ୍ତରୀ ଟିମ୍ ଯାଇ ସେମାନଙ୍କୁ ଚିକିତ୍ସା କରିଥିଲେ। କିନ୍ତୁ ପରେ ପୁଣି ଛାତ୍ରୀମାନେ ଅସୁସ୍ଥ ଅନୁଭବ କରିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ୪ ଛାତ୍ରୀଙ୍କୁ ଏକ ଅଟୋ ଯୋଗେ ଉମରକୋଟ ହସ୍ପିଟାଲ ଆଣିଥିଲେ। ତେବେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଭବାନୀଙ୍କ ମୃତ୍ୟୁ ଘଟିଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି। ରବିବାରଠାରୁ ଭବାନୀଙ୍କ ଦେହ ଖରାପ ଥିଲେ ସୁଦ୍ଧା ସ୍କୁଲ କର୍ତ୍ତୃପକ୍ଷ କାହିଁକି ଖବର ନ ଦେଇ ଲୁଚାଇ ରଖିଲେ ବୋଲି ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ସୋମବାର ସ୍କୁଲ କର୍ତ୍ତୃପକ୍ଷ ଭବାନୀଙ୍କ ଦେହ ଭଲ ନାହିଁ ବୋଲି ପରିବାର ଲୋକଙ୍କୁ ଜଣାଇଥିଲେ। ଭବାନୀଙ୍କ ମରଶରୀର ଉମରକୋଟ ହସ୍ପିଟାଲରେ ଅଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ ହେବ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ଖବରପାଇ ଉମରକୋଟ ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି ହସ୍ପିଟାଲରେ ପହଞ୍ଚି ଅନୁସନ୍ଧାନ କରି ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ସମସ୍ତ ଘଟଣା ଅବଗତ କରାଇଛନ୍ତି। ତେବେ ତଦନ୍ତ ପରେ ଛାତ୍ରୀଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ମାଝି କହିଛନ୍ତି।

## ସ୍ୱଦେଶୀ ଜିନିଷ ଆପଣେଇବାକୁ ପ୍ରୋତ୍ସାହିତ କରିବୁ: ମନମୋହନ

ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସ୍ୱଦେଶୀ ସଂକଳ୍ପ ମାଧ୍ୟମରେ ଆତ୍ମନିର୍ଭରଶୀଳ ଭାରତ ଲକ୍ଷ୍ୟ ଏବେ ଆନ୍ଦୋଳନରେ ପରିଣତ ହୋଇଛି। ବିଦେଶୀ ସାମଗ୍ରୀ ଛାଡ଼ି ଭାରତରେ ପ୍ରସ୍ତୁତ ସାମଗ୍ରୀ ଆପଣାଇବାକୁ ପ୍ରୋତ୍ସାହିତ କରିବା ପାଇଁ ଗତ ସେପ୍ଟେମ୍ବର ୨୫ ତାରିଖ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀଠାରୁ ଡିସେମ୍ବର ୨୫ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ୯୦ ଦିନ ପର୍ଯ୍ୟନ୍ତ ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ସମୀକ୍ଷା ବୈଠକରେ ଯୋଗଦେଇ ମନମୋହନ କହିଛନ୍ତି, ଭାଜପା ସହ ଦେଶର ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତା ଯୋଗଦେଇ ସ୍ୱଦେଶୀ ଉତ୍ପାଦ ଆପଣେଇବା ପାଇଁ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିବେ। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଦଳ ତରଫରୁ ଅନେକ କାର୍ଯ୍ୟକ୍ରମ ଓ ଅଭିଯାନ ଆୟୋଜନ କରାଯାଉଛି ବୋଲି ସେ କହିଛନ୍ତି।

## ଅର୍ଥବଳ, ଭୋଟ ଚୋରି ସତ୍ତ୍ୱେ ଦ୍ୱିତୀୟସ୍ଥାନ ପାଇଛୁ: ଭକ୍ତ

### ନୂଆପଡ଼ାର ମତ ସାରା ରାଜ୍ୟକୁ ବ୍ୟାପିବ

ଭୁବନେଶ୍ୱର,୧୭।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଭାଜପାର ଅର୍ଥବଳ, ସରକାରୀକଳର ଅପବ୍ୟବହାର ଓ ଭୋଟ୍ ଚୋରି ସତ୍ତ୍ୱେ କଂଗ୍ରେସ ୪୦ ହଜାରରୁ ଅଧିକ ଭୋଟ ପାଇଛି ଏବଂ ନୂଆପଡ଼ାବାସୀ କଂଗ୍ରେସକୁ ଦ୍ୱିତୀୟସ୍ଥାନରେ ବସାଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସୋମବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ବିଜେଡିର ଅସ୍ତିତ୍ୱ ଉପରେ ଜନତା ପ୍ରଶ୍ନ ଉଠାଇଲେଣି। ବିଧାନସଭାରେ ନାରୀ ନିର୍ଯାତନା ହେଉ କିମ୍ବା ଅନାସ୍ଥା ପ୍ରସ୍ତାବ ଆଣିବାରେ କଂଗ୍ରେସ ହିଁ ଗୋଟିଏ ଦଳ; ଯିଏ କି ପ୍ରମୁଖ ବିରୋଧୀଦଳ ଭାବେ ଲୋକଙ୍କ ସ୍ୱର ଶାଣିତ କରିଛି। ସେ କହିଛନ୍ତି, ମହାନଦୀ ସମସ୍ୟାର ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ର ଦୁଇ ମୁଖ୍ୟମନ୍ତ୍ରୀଙ୍କ ସମୟ ନ ଥିବାବେଳେ ନୂଆପଡ଼ାରେ ନିର୍ବାଚନ ପାଇଁ ଅଧିଆ ପଡ଼ିଲେ। ଏକଥା ସାରା ରାଜ୍ୟ ଦେଖିଛି। ଆମେ ଭୋଟ୍ ଚୋରି କଥା ଉଠେଇଲୁ, ସେମାନେ ଭୋଟ୍ ଲୁଟ୍ କରିକି ଦେଖେଇ ଦେଲେ। ୪୧ ଗୋଟି ବୁଥ୍‌ରେ ୯୦ରୁ ଅଧିକ ପ୍ରତିଶତ ଭୋଟ୍ ପଡ଼ିଛି।


ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଦାସ।

ଭକ୍ତ କହିଛନ୍ତି, ନୂଆପଡ଼ାବାସୀଙ୍କ ମତ ସାରା ରାଜ୍ୟକୁ ବ୍ୟାପିବ। ଏଥିପାଇଁ ନୂଆପଡ଼ାବାସୀଙ୍କ ସହିତ କଂଗ୍ରେସର ସମସ୍ତ ବରିଷ୍ଠ ନେତୃବୃନ୍ଦ, ବିଧାୟକ ଗଣ, ପଦାଧିକାରୀ ଏବଂ କର୍ମୀଙ୍କୁ ଧନ୍ୟବାଦ ଜଣାଉଛି। ତେବେ ନିର୍ବାଚନ ସମୟରେ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଅବ୍ୟାହତି ଦେଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱ ଦିଆଗଲା। ହିମାଂଶୁ ସିଧାସଳଖ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିଲେ; ଯାହା ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କ ହିମାଂଶୁ ଲାଲଙ୍କୁ ମୁଣ୍ଡିଆ ମାରିବା ସୂଚାଇ ଦେଉଛି। ଅନ୍ୟପକ୍ଷରେ ନିର୍ବାଚନ କମିଶନଙ୍କ ଏକ ପାଖିଆ କାର୍ଯ୍ୟକଳାପ ଆମକୁ ବ୍ୟଥିତ କରିଛି। ବିଭିନ୍ନ ସମୟରେ ସରକାରୀ ଦଳର ଆଦର୍ଶ ଆଚରଣବିଧିର ଉଲ୍ଲଂଘନକୁ ନେଇ ନିର୍ବାଚନ ଅଧିକାରୀଙ୍କ ପାଖରେ ତଥ୍ୟ ପ୍ରମାଣ ସହିତ ଅଭିଯୋଗ କରିଛୁ। କିନ୍ତୁ ପରିତାପର ବିଷୟ, କଂଗ୍ରେସର କୌଣସି ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କର୍ଣ୍ଣପାତ କଲେ ନାହିଁ। ଏହି ଅବସରରେ ସେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଥିଲେ, ସମସ୍ତ ରାଜନୈତିକ ଦଳରେ ବିଭୀଷଣ ଅଛନ୍ତି। କଂଗ୍ରେସରେ ମଧ୍ୟ ଅଛନ୍ତି। ଯେଉଁମାନେ ଦଳରେ ରହି ଆତ୍ମଘାତୀ କାର୍ଯ୍ୟ କରି ନିର୍ବାଚନକୁ ପ୍ରଭାବିତ କରିଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ।

## ଶୃଙ୍ଖଳା କମିଟିରେ ମୋକିମ ଫେରାଦ

ଭୁବନେଶ୍ୱର,୧୭।୧୧
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କ ବିପୁଳ ବିଜୟ ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ପରାଜୟକୁ ପିସିସି ସଭାପତି ନିଜ ମୁଣ୍ଡକୁ ନ ନେଇ ଗଣମାଧ୍ୟମରେ ମୋତେ ଦାୟୀ କରାଯିବାକୁ ନେଇ ସୋମବାର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଶୃଙ୍ଖଳା କମିଟିରେ ଫେରାଦ ହୋଇଛନ୍ତି।

ସେ ଅଭିଯୋଗପତ୍ର ଦେବା ସହିତ କହିଛନ୍ତି, ମୋ ବିରୋଧରେ କରାଯାଇଥିବା ଇଙ୍ଗିତ ସମ୍ପୂର୍ଣ୍ଣ ଭୁଲ୍ ଓ କପୋଳକଳ୍ପିତ। ପିସିସି ସଭାପତି ଯେଉଁ କଥା ଗଣମାଧ୍ୟମରେ ରଖିଛନ୍ତି ତାହାର କୌଣସି ଆଧାର ନାହିଁ। କଂଗ୍ରେସର ଜଣେ ଦାୟିତ୍ୱବାନ ସଦସ୍ୟ ଭାବେ ମୁଁ କେବେବି ଏମିତି କୌଣସି କାମ କରିନାହିଁ, ଯେଉଁଥିରେ କଂଗ୍ରେସର ଛବି କଳଙ୍କିତ ହେବ। ଏହାକୁ ଦୃଷ୍ଟିରେ ରଖି ମୋର ଅଭିଯୋଗ ଉପରେ କମିଟି ଉପଯୁକ୍ତ ପଦକ୍ଷେପ ନେବ ବୋଲି ମୋକିମ କହିଛନ୍ତି।

## କନ୍ଧମାଳର ଗରିବ ଛାତ୍ରୀଙ୍କ ଏମ୍‌ବିବିଏସ୍ ଆଡ୍‌ମିଶନ ଫି' ଦେଲେ ଏମ୍‌କେସିଜି ଡାକ୍ତର


ମୋନାଲିସାଙ୍କ ସହ ଡାକ୍ତର ଜଗଦୀପ ନାୟକ(ଡାହାଣ)।

ବ୍ରହ୍ମପୁର,୧୭।୧୧(ସୁବାସ ଚନ୍ଦ୍ର ପାଢ଼ୀ)

କନ୍ଧମାଳ ଜିଲାର ଏକ ଗରିବ ପରିବାରରୁ ଆସିଥିବା ମୋନାଲିସା ପ୍ରଧାନ(୨୧)ଙ୍କୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ଡାକ୍ତର ସହାୟତାର ହାତ ବଢ଼ାଇଛନ୍ତି। ଏମ୍‌କେସିଜି ମେଡିକାଲ ଆନାସ୍ଥେସିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା. ଜଗଦୀପ ନାୟକ ନିଟ୍ ୟୁଜି ପରୀକ୍ଷା ପାସ୍ କରିଥିବା ମୋନାଲିସାଙ୍କ ଏମ୍‌ବିବିଏସ୍ ପାଠ ପଢ଼ିବାର ସ୍ୱପ୍ନ ପୂରଣ କରିଛନ୍ତି। ଡା. ନାୟକ ଦାରିଙ୍ଗବାଡ଼ି ସିର୍କାବାଡ଼ି ଗ୍ରାମର ମୋନାଲିସାଙ୍କ କୋରାପୁଟ ସରକାରୀ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଆଡ୍‌ମିଶନ ପାଇଁ ୬୨,୯୫୦ ଟଙ୍କା ଦେଇଛନ୍ତି। ଯୁକ୍ତ ୨ରେ ପଢୁଥିବା ସମୟରେ ମୋନାଲିସା ବ୍ରହ୍ମପୁରର ଏକ ଗାର୍ମେଣ୍ଟ୍ସ ଦୋକାନରେ କାମକରି ବଡ଼ଭାଇଙ୍କ ମେଡିକାଲ ପାଠପଢ଼ା ପାଇଁ ସାହାଯ୍ୟ କରୁଥିଲେ। ଅନ୍ୟପଟେ ୭୫ ବର୍ଷୀୟ ତାଙ୍କ ବାପା କେରଳରୁ ଅସୁସ୍ଥ ହୋଇ ଘରକୁ ଫେରି ଆସିଥିବାରୁ ପରିବାରର ଆର୍ଥିକ ଅବସ୍ଥା ଖରାପ ହୋଇଯାଇଥିଲା। ଭାଇଙ୍କୁ ସାହାଯ୍ୟ କରିବା ସମୟରେ ନିଜେ ବି ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ ମୋନାଲିସା। ଭାଇଙ୍କ ମୋବାଇଲ ଫୋନ୍‌ରୁ ପାଠ ପଢ଼ାପଢ଼ି କରି ଦ୍ୱିତୀୟ ଚୟନରେ ନିଟ୍ ୟୁଜି ପାସ୍ କଲେ ବୋଲି ମୋନାଲିସା କହିଛନ୍ତି। ପଢ଼ିବା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ଡା. ନାୟକ ସାହାଯ୍ୟ କରିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ଦାରିଦ୍ର୍ୟତା ଶିକ୍ଷାରେ ବାଧକ ହେବା ଉଚିତ୍ ନୁହେଁ ବୋଲି ଡା. ନାୟକ ଯୋଗାଯୋଗ ବେଳେ କହିଛନ୍ତି।

## ପରାଜୟ ପରେ ଦଳ ଭିତରେ ଟଣାଓଟରା

### ୨ ଦିନ ପରେ ନବୀନଙ୍କୁ ଭେଟିଲେ ବରିଷ୍ଠ ନେତୃବୃନ୍ଦ

ଭୁବନେଶ୍ୱର, ୧୭।୧୧(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନରେ ବିଜେଡି ୩ ନମ୍ବର ସ୍ଥାନରେ ରହିବା ପରେ ସେମାନଙ୍କ ଦଳ ଭିତରେ ଏବେ ପୁଣିଥରେ କାଦୁଆ ଫିଙ୍ଗା ଆରମ୍ଭ ହୋଇଯାଇଛି। କାହିଁକି ଜିଲା ବାହାରୁ ଆଣି ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦଳ ପ୍ରାର୍ଥୀ କଲା ବୋଲି ବିଜେଡି ନେତା ସମ୍ବିତ ରାଉତରାୟ ପ୍ରଶ୍ନ ଉଠାଇଛନ୍ତି। ନୂଆପଡ଼ାକୁ ପ୍ରଚାର କରିବା ଲାଗି ଦଳର ସଭାପତି ନବୀନ ପଟ୍ଟନାୟକ ୨ ଥର ଯାଇଥିବାରୁ ତାଙ୍କ ଲୋକପ୍ରିୟତା କଥାକୁ ନେଇ ମଧ୍ୟ ଆଲୋଚନା ଜୋର୍ ଧରିଛି। ଫଳାଫଳ ବାହାରିବାର ୨ ଦିନ ପରେ ଦଳର କେତେଜଣ ବରିଷ୍ଠ ନେତା ନବୀନଙ୍କୁ ସୋମବାର ସନ୍ଧ୍ୟାରେ ଯାଇ ଭେଟିଥିବା ଶୁଣିବାକୁ ମିଳିଛି।

ଏଭଳି ସ୍ଥିତିରେ ସମ୍ବିତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପ୍ରାର୍ଥୀ ଚୟନ ସମୟରେ ବିଚାରବିମର୍ଷ କରାଯିବା କଥା। କିନ୍ତୁ ବାହାର ନେତାଙ୍କୁ ନେଇ ଛିଡ଼ା କରାଯିବା ଭଳି ଏକ୍ସପରିମେଣ୍ଟ ହେବାରୁ ଦଳ ବିଫଳ ହେଲା। ଏହାସହ ଯେଉଁମାନେ ନିର୍ବାଚନ ପ୍ରଚାରରେ ଯାଇଥିଲେ ସେମାନଙ୍କୁ କିଏ ପଠାଇଥିଲା ବୋଲି ପ୍ରଶ୍ନ କରିଛନ୍ତି। ଯାହାକୁ ନେଇ ତାହାକୁ ପଠାଇବାର ଲାଭ କଣ ମିଳିଲା ବୋଲି ପ୍ରଶ୍ନ କରିବା ସହ ବିପର୍ଯ୍ୟୟର କାରଣ ଖୋଜିବା ଲାଗି ସମୀକ୍ଷା ନିହାତି ଦରକାର ବୋଲି ସେ କହିଛନ୍ତି। ବରିଷ୍ଠ ନେତା ତଥା ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଯଦି ନବୀନ ପ୍ରଚାରକୁ ଯାଇ ନ ଥାଆନ୍ତେ ତାହାଲେ କୁହାଯାଇ ଥାଆନ୍ତା ଭାଜପା ସହିତ ବୁଝାମଣା ହୋଇଗଲା। ନୂଆପଡ଼ା ପରାଜୟର ସମୀକ୍ଷା ଦଳ ପକ୍ଷରୁ କରାଯିବ। ଯେଉଁମାନେ ନୂଆପଡ଼ା ଯାଇଥିଲେ ସେମାନେ ନବୀନଙ୍କ ଲୋକପ୍ରିୟତା କଥା ଜାଣିଛନ୍ତି। ଆଗାମୀ ସମୟ କହିବ ନବୀନ ବାବୁ କେତେ ଲୋକପ୍ରିୟତା। ଗୋଟିଏ ବିପର୍ଯ୍ୟକୁ ନେଇ ସିଦ୍ଧାନ୍ତରେ ପହଞ୍ଚିବା ବୁଦ୍ଧିମାନର କାମ ନୁହେଁ। ଦଳର ସଭାପତି କଣ ତାଙ୍କ ପ୍ରାର୍ଥୀ ପାଇଁ ପ୍ରଚାର କରି ନ ଥାଆନ୍ତେ କି ବୋଲି ଗଣେଶ୍ୱର ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ନବୀନ ନିବାସରେ ଦଳର ୫ ଜଣ ବରିଷ୍ଠ ନେତା ଯାଇ ନବୀନଙ୍କୁ ଭେଟି ନୂଆପଡ଼ା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଦଳ ଯେତିକି ଅର୍ଥ ଖର୍ଚ୍ଚ କରିବାକୁ ଦେବା କଥା ସେହି ଅନୁସାରେ ଟଙ୍କା ପହଞ୍ଚି ନ ଥିବା ଆଦି ବିଷୟ ଆଲୋଚନା ହୋଇଛି। ଦଳର ଯୋଉ ନେତାମାନେ ନୂଆପଡ଼ା ଦାୟିତ୍ୱରେ ଥିଲେ ସେମାନଙ୍କୁ ଏବେ ପରାଜୟ ପାଇଁ ଦାୟୀ କରାଯାଉଥିବା ବେଳେ ସେହି ନେତାମାନେ ନବୀନଙ୍କୁ ଭେଟିବା ବିଷୟକୁ ନେଇ ଦଳରେ ଆହୁରି ଅସନ୍ତୋଷ ଜୋର୍ ଧରିଲାଣି।

## ବୋର୍ଡ, ନିଗମରେ ନିଯୁକ୍ତି ଲାଗି ତାଲିକା ପ୍ରସ୍ତୁତ ସରିଛି: ତୋମାର

ଭୁବନେଶ୍ୱର, ୧୭।୧୧ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଫଳାଫଳ ଆସିବା ପରେ ପୁଣିଥରେ ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ ଆଲୋଚନା ଆରମ୍ଭ ହୋଇଛି। ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏନେଇ ତାଙ୍କ ପ୍ରତିକ୍ରିୟା ରଖିବା ପରେ ଏହି ବିଷୟକୁ ନେଇ ଚର୍ଚ୍ଚା ବଢ଼ିଯାଇଛି। ତେବେ ତୋମାରଙ୍କ ପ୍ରତିକ୍ରିୟା ପରେ ଶାସକ ଦଳର ବୋର୍ଡ ଏବଂ ନିଗମ ପଦ ପାଇବାକୁ ଆଶା ରଖିଥିବା ନେତାଙ୍କ ଭିତରେ ଉତ୍ସାହ ମଧ୍ୟ ବଢ଼ିଛି। ହେଲେ ସେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବାର ନାହିଁ ବୋଲି ସିଧାସଳଖ ମନା କରିଦେଇଛନ୍ତି। ତୋମାର ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତି କାର୍ଯ୍ୟ ବାକି ଅଛି। ରାଜ୍ୟର ସବୁ ବିଷୟ କେନ୍ଦ୍ର ଉପରେ ନିର୍ଭର କରେ। ବୋର୍ଡ ଏବଂ ନିଗମରେ ନିଯୁକ୍ତି ନେଇ ତାଲିକା ପ୍ରସ୍ତୁତ ସରିଛି। ଏ ବିଷୟରେ ସବୁପ୍ରକାର ଚର୍ଚ୍ଚା ଏବଂ ଆଲୋଚନା ମଧ୍ୟ ସରିଛି। ଖୁବ୍‌ଶୀଘ୍ର କେନ୍ଦ୍ରକୁ ପଠାଯିବ ଏବଂ ସେଠାରୁ ମଞ୍ଜୁରୀ ମିଳିଲେ ଘୋଷଣା କରାଯିବ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବେ ହେବାର ନାହିଁ। ସଙ୍ଗଠନରେ ବାକିଥିବା କାର୍ଯ୍ୟ ଏବେ କରାଯିବ। ନୂଆପଡ଼ା ଫଳାଫଳ ଲାଗି ସମସ୍ତ କର୍ମୀ ଏବଂ ନେତାଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

ନୂଆପଡ଼ା ଉପନିର୍ବାଚନ ଫଳାଫଳକୁ ନେଇ ବିରୋଧୀଙ୍କୁ ଟାର୍ଗେଟ କରି ତୋମାର କହିଛନ୍ତି, ଦଳର କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ଏବଂ ୧୬ ମାସ ଭିତରେ ସରକାର ଯେଉଁ ଜନହିତକର କାର୍ଯ୍ୟ କରିଛନ୍ତି ତା'ର ପ୍ରଭାବରେ ଏହି ଏକତରଫା ବିଜୟ ହୋଇଛି। ୫୮ ପ୍ରତିଶତରୁ ଅଧିକ ଭୋଟ ଭାଜପାକୁ ମିଳିଛି। ବିଜେଡି ଏବଂ କଂଗ୍ରେସ ମିଶିକି ମଧ୍ୟ ଭାଜପାର ଭୋଟ ପାଖକୁ ଆସିପାରିଲେ ନାହିଁ।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ଶାସନକୁ ଆସିବାର ୧୬ ମାସ ବିତିଯାଇଛି। ଦଳ କ୍ଷମତାକୁ ଆସିବା ପରେ ଯେଉଁମାନେ ଗତ ସାଧାରଣ ନିର୍ବାଚନରେ ପରିଶ୍ରମ କରିଥିଲେ ଏବଂ ଦୀର୍ଘଦିନ ଧରି ସଙ୍ଗଠନ ପାଇଁ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ପଦ ପଦବୀରେ ରଖିବା ଲାଗି ଦଳ ପକ୍ଷରୁ ପ୍ରକ୍ରିୟା ଚାଲିଛି। ଏଥିରେ ବିଳମ୍ବ କାରଣରୁ ବହୁ ନେତାଙ୍କ ଭିତରେ ଅସନ୍ତୋଷ ରହିଥିବା ଚର୍ଚ୍ଚା ହେଉଛି। ତେଣୁ ବୋର୍ଡ ଏବଂ ନିଗମରେ ଦଳର ବହୁ ନେତାଙ୍କୁ ଥଇଥାନ କରିବାକୁ ଭାଜପା ଶୀର୍ଷ ନେତୃତ୍ୱ ଚିନ୍ତା କରିଥିବା ଶୁଣିବାକୁ ମଧ୍ୟ ମିଳୁଛି।

## ଜନଗଣନା ବେଳେ ସହଯୋଗ କରନ୍ତୁ: ଜନଗଣନା ନିର୍ଦ୍ଦେଶକ



ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟ ଅଧିକାରୀଙ୍କ ସହ ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ।

ଭୁବନେଶ୍ୱର,୧୭।୧୧(ରବିନାରାୟଣ ଜେନା)

ସାରା ରାଜ୍ୟରେ ଏବେ ଜନଗଣନା ଆରମ୍ଭ ହୋଇନାହିଁ। ମାତ୍ର ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ରାଜ୍ୟର ୪ଟି ସ୍ଥାନରେ ଜନଗଣନା ଆରମ୍ଭ ହୋଇଥିଲେ ହେଁ ଲୋକେ ସହଯୋଗ କରୁ ନାହାନ୍ତି। ଏହାଦ୍ୱାରା ଜନଗଣନା କାର୍ଯ୍ୟ ବ୍ୟାହତ ହେଉଛି। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟରେ ଲୋକେ ସହଯୋଗ କରିବା ଲାଗି ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଅନୁରୋଧ କରିଛନ୍ତି।

ସୋମବାର ନିର୍ଦ୍ଦେଶାଳୟ ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିଖିଲ କହିଛନ୍ତି, ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଓ ଗୃହତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମର ପ୍ରାକ୍-ପରୀକ୍ଷଣ ଆରମ୍ଭ ହୋଇଛି। ଜନଗଣନା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ସରକାରଙ୍କ ମିଳିତ ସମନ୍ୱୟରେ ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ତହସିଲର ୨୦ଟି ରାଜସ୍ୱ ଗ୍ରାମରେ ଓ ମୟୂରଭଞ୍ଜ ଠାକୁରମୁଣ୍ଡା ତହସିଲର ୪୪ଟି ରାଜସ୍ୱ ଗ୍ରାମରେ ଏବଂ ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୨୨ ସହିତ କଟକ ମହାନଗର ନିଗମ ୱାର୍ଡ ନଂ-୧୭ରେ ନଭେମ୍ବର ୧୦ ତାରିଖରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେଲାଣି। ହେଲେ ଲୋକେ ସହଯୋଗ କରୁ ନ ଥିବା ପରିଲକ୍ଷିତ ହୋଇଛି। ପ୍ରାକ୍ ଗଣନାରେ ଏହି ୪ଟି ସ୍ଥାନରେ ନଭେମ୍ବର ୩୦ ତାରିଖ ମଧ୍ୟରେ ଜନଗଣନା ଶେଷ ହେବାକୁ ଲକ୍ଷ୍ୟ ରହିଥିଲା। ହେଲେ କାର୍ଯ୍ୟରେ ବିଳମ୍ବ ହେଉଛି।

ସେ କହିଛନ୍ତି, ଏହି ଜନଗଣନା ସମୟ ଅବଧି ମଧ୍ୟରେ ଗଣନାକାରୀମାନେ ଘରକୁ ଯାଇ ଗୃହରେ ନମ୍ବର ଦେବେ ଓ ଗୃହଗଣନା ତଥ୍ୟ ସଂଗ୍ରହ କରିବେ। ଏହାସହିତ ଡିଜିଟାଲ ତଥ୍ୟ ସଂଗ୍ରହ ଓ ସ୍ୱ-ଗଣନା ପୋର୍ଟାଲର ବ୍ୟବହାର କରି ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବାର ବ୍ୟବସ୍ଥା ରହିଛି। ତେଣୁ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଶାସନ ଓ କର୍ତ୍ତବ୍ୟରତ ଜନଗଣନା ଅଧିକାରୀଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ଉପନିର୍ଦ୍ଦେଶକ ଡ. ଅଭୟ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଇଇଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ଡିଇଓ

### ବହିବସ୍ତାନି ବୋଝ ପ୍ରସଙ୍ଗ
### ୩ ମାସରେ ୪ ଥର ରିପୋର୍ଟ ମାଗି ବିଫଳ

ଯାଜପୁର,୧୭।୧୧
(ହର୍ଷବର୍ଦ୍ଧନ ବେହେରା)

ଛାତ୍ରୀଛାତ୍ରମାନଙ୍କ ପୁସ୍ତକ ବ୍ୟାଗ୍‌ର ଓଜନ ସେମାନଙ୍କ ଶରୀର ଓଜନର ୧୦% ଅଧିକ ହେଉଛି, ଯାହା ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)ର ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରୁଛି। ଏହି ମର୍ମରେ ଓଏଚ୍‌ଆର୍‌ସି ୧୮୪୩/୨୦୨୪ରେ ଏକ ମାମଲା ରୁଜୁ କରି ୧୨।୭।୨୦୨୪ରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ଏବଂ ଗଣଶିକ୍ଷା ବିଭାଗର ସଚିବଙ୍କୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସରକାର ଓଏଚ୍‌ଆର୍‌ସିର ଏହି ନିର୍ଦ୍ଦେଶ ଉପରେ ସେତେଟା ଗୁରୁତ୍ୱ ଦେଇନାହାନ୍ତି। ଏହି ନିର୍ଦ୍ଦେଶକୁ ୧ ବର୍ଷ ୪ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଖାରସୁଗୁଡ଼ା ଓ ବରଗଡ଼ ଜିଲାକୁ ବାଦ୍ ଦେଲେ ଅନ୍ୟ କୌଣସି ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଏହି ସମ୍ବେଦନଶୀଳ ମାମଲା ଉପରେ ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ପୁଣି ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ଡେପୁଟି ଡାଇରେକ୍ଟର ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ୧୫।୧୧।୨୦୨୫ରେ ସମ୍ପୃକ୍ତ ଡିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ ୧।୮।୨୦୨୫, ୧୧।୯।୨୦୨୫ ଓ ୧୦।୧୦।୨୦୨୫ରେ ଡିଇଇ ପକ୍ଷରୁ ରିପୋର୍ଟ ମଗାଯାଇଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିବା ପତ୍ରରୁ ସ୍ପଷ୍ଟ ଜଣାପଡୁଛି।

ଅଭିଯୋଗ ଅନୁସାରେ, ଏନ୍‌ସିଇଆର୍‌ଟି ପୁସ୍ତକ ବଦଳରେ ଘରୋଇ ପ୍ରକାଶନ ପୁସ୍ତକ କିଣିବା ଯୋଗୁ ଛାତ୍ରୀଛାତ୍ରମାନଙ୍କ ବହିବସ୍ତାନି ବୋଝ ବଢ଼ିବାରେ ଲାଗିଛି। ବୟସ ଅନୁପାତରେ ସେମାନଙ୍କ ବସ୍ତାନି ବୋଝ ଯୋଗୁ ଛାତ୍ରୀଛାତ୍ରମାନେ ଶାରୀରିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘରୋଇ ସ୍କୁଲ ପ୍ରଶାସନ ପିଲାମାନଙ୍କ ମାଧ୍ୟମରେ ଅଭିଭାବକମାନଙ୍କୁ ଏପରି ଅନାବଶ୍ୟକ ପୁସ୍ତକ କିଣିବାକୁ ବାଧ୍ୟ କରୁଛନ୍ତି, ଯାହାର ସମୁଦାୟ ମୂଲ୍ୟ ୩ ହଜାରରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। କେତେକ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ନିଜେ ପୁସ୍ତକ ବିକ୍ରି କରୁଛନ୍ତି। ଏହାଦ୍ୱାରା ସେମାନଙ୍କୁ ଏବଂ ସ୍କୁଲ ପ୍ରଶାସନକୁ ଆର୍ଥିକ ଲାଭ ମିଳୁଛି। ଦୁର୍ଭାଗ୍ୟବଶତଃ ସମ୍ପୃକ୍ତ ସରକାରୀ ଅଧିକାରୀମାନେ ମଧ୍ୟ ଏଥିରେ ସିଧାସଳଖ ଜଡ଼ିତ ରହୁଛନ୍ତି। ତେଣୁ ଡିଇଇ ପକ୍ଷରୁ ଡିଇଓମାନଙ୍କୁ ଯେତେଥର ବିହିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲେ ବି ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷେ ଯେଉଁ ଡିଇଓମାନେ ଜାଣିଶୁଣି ରିପୋର୍ଟ ଦେବାରେ ଅବହେଳା କରୁଛନ୍ତି, ସେମାନଙ୍କ ବିରୋଧରେ ସରକାରୀ ଆଇନ ଅନୁସାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଡିଇଓମାନେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ମତପ୍ରକାଶ ପାଉଛି। ଏଥିରେ ଶିକ୍ଷା ବିଭାଗ, ପ୍ରଶାସକ ଓ ସ୍କୁଲ ମାଲିକମାନେ ଲାଭବାନ ହେଉଛନ୍ତି ସିନା, ଛାତ୍ରୀଛାତ୍ରମାନଙ୍କ ପ୍ରତି ଶାରୀରିକ ଓ ମାନସିକ ଯନ୍ତ୍ରଣା ବଢ଼ିଚାଲିଛି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ନିୟମାନୁସାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ର ଦେଢ଼ କେଜି, ତୃତୀୟରୁ ପଞ୍ଚମ ପର୍ଯ୍ୟନ୍ତ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ପାଇଁ ୪ କେଜି, ଅଷ୍ଟମ ଓ ନବମ ପାଇଁ ସାଢେ ୪ କେଜି ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୫ କେଜି ବହିବସ୍ତାନିର ଓଜନ ରହିବାକୁ ନୀତି ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ଏହାକୁ ଅଧିକାଂଶ ବିଦ୍ୟାଳୟ ପାଳନ କରୁ ନ ଥିବା ଦେଖାଯାଇଛି।

# ପଶ୍ଚିମବଙ୍ଗରୁ ବାଲେଶ୍ୱର ଦେଇ ଆସୁଛି ବ୍ରାଉନ୍‌ସୁଗାର

**୪୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ଏଜେଣ୍ଟ ଗିରଫ**

- ଦିନରେ ଅଟୋ ଚାଳନା, ରାତିରେ ବ୍ରାଉନ୍‌ସୁଗାର କାରବାର
- ମାଛ ପେଟରେ ଲୁଚାଇ ଓ ବୁଲା ବିକାଳିଙ୍କ ଜରିଆରେ ଚାଲାଣ




ଗିରଫ ଅଭିଯୁକ୍ତ ଏସ୍.କେ. ଆକବର ଏବଂ ଜବତ ବ୍ରାଉନସୁଗାର ସହ ଟଙ୍କା।

ଭୁବନେଶ୍ୱର,୧୭ା୧୧(ତ୍ରିନାଥ ମହାନ୍ତି)

ପଶ୍ଚିମବଙ୍ଗରୁ ଭାୟା ବାଲେଶ୍ୱର ଦେଇ ରାଜଧାନୀ ଭୁବନେଶ୍ୱରକୁ ବ୍ରାଉନ୍ ସୁଗାର ଚାଲାଣ ହେଉଛି। ବାଲେଶ୍ୱରରେ ଥିବା ସ୍ଲିପରସେଲ ଏହାକୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପହଞ୍ଚାଉଛନ୍ତି। ଏହିଭଳି ଜଣେ ବେପାରୀ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ରାଜଧାନୀରେ ବିକ୍ରି କରିବାକୁ ଆସିଥିବାବେଳେ ଖବର ପାଇ ସ୍ପେଶାଲ କ୍ରାଇମ ୟୁନିଟ୍ ଟିମ୍ ତାଙ୍କୁ କାବୁ କରିଛନ୍ତି। ଗିରଫ ବେପାରୀ ଜଣଙ୍କ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଆଜାଦ ବଜାରର ଏସ୍.କେ. ଆକ୍‌ବର। ତାଙ୍କ ନିକଟରୁ ପୋଲିସ ୪୦୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଛି, ଯାହାର ମୂଲ୍ୟ ୪୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ କମିଶନର ସିଂ ଆହୁରି କହିଛନ୍ତି ଯେ, ଆକବରଙ୍କ ସହଯୋଗୀ ତଥା ଅନ୍ୟତମ ଅଭିଯୁକ୍ତ ଏସ୍.କେ. ସାଦିକ୍ ମହମ୍ମଦ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଏକ ଟିମ୍ ବାଲେଶ୍ୱର ଓ ଭୁବନେଶ୍ୱରରେ ଛାନ୍‌ଭିନ କରୁଛି। ଏହି ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ୍ କୋଲକାତାରେ ବସି ର୍ୟାକେଟ୍ ଚଳାଉଛନ୍ତି। ଜଳପଥରେ ଏକାଧିକ ବୋଟ୍ ମାଧ୍ୟମରେ ପଶ୍ଚିମବଙ୍ଗରୁ ବାଲେଶ୍ୱରକୁ ବ୍ରାଉନ୍‌ସୁଗାର ପଠାଯାଉଛି। ଏପରିକି ବୋଟରେ ଆସୁଥିବା ମାଛ ପେଟରେ ବ୍ରାଉନ୍‌ସୁଗାର ପ୍ୟାକ୍ କରି ଚାଲାଣ କରାଯାଉଛି। ବାଲେଶ୍ୱରରେ ପହଞ୍ଚିବା ପରେ ସେଠାରେ ଥିବା ଏଜେଣ୍ଟ ଏହାକୁ ନେଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପଠାଉଛନ୍ତି। ସେହିପରି ପଶ୍ଚିମବଙ୍ଗ ସୀମାକୁ ବାଲେଶ୍ୱର ଲାଗିଥିବାରୁ ସ୍ଥଳପଥରେ ମଧ୍ୟ ବ୍ରାଉନ୍‌ସୁଗାର ଚାଲାଣ କରାଯାଉଛି। ସ୍ଥଳପଥରେ ବୁଲାବିକାଳି ତଥା ଫେରିବାଲାଙ୍କ ମାଧ୍ୟମରେ ବ୍ରାଉନ୍ ସୁଗାର ବାଲେଶ୍ୱରରେ ପହଞ୍ଚୁଛି। ଏହିଭଳି ଏସ୍.କେ ଆକ୍‌ବର ମାଷ୍ଟରମାଇଣ୍ଡଙ୍କ ଜଣେ ଏଜେଣ୍ଟ ହୋଇ କାମ କରୁଥିଲେ। ଦିନରେ ଅଟୋ ଚଳାଉଥିବାବେଳେ ରାତିରେ ଅର୍ଡର ଆସୁଥିବା ସ୍ଥାନରେ ପହଞ୍ଚି ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ଆକବରଙ୍କ ଉପରେ ଗତ କିଛି ମାସ ହେବ ସ୍ପେଶାଲ କ୍ରାଇମ ୟୁନିଟ୍ ନଜର ରଖିଥିଲା। ସେ ସପ୍ତାହରେ ଥରେ ଭୁବନେଶ୍ୱର ଆସି ବିଭିନ୍ନ ସ୍ଥାନରେ ବ୍ରାଉନ୍ ସୁଗାର ଦେଇ ଫେରିଯାଉଥିଲେ। ସେ ରବିବାର ଅପରାହ୍ନରେ ବାଲେଶ୍ୱରରୁ ୪୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ଧରି ବିକ୍ରି ପାଇଁ ଭୁବନେଶ୍ୱର ଆସିଥିଲେ। ହେଲେ ତାହା ପୂର୍ବରୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖବର ପାଇ ଜଗିରହିଥିଲା। ସେ ଟ୍ରେନ୍‌ରେ ଆସି ଲିଙ୍ଗରାଜ ଷ୍ଟେଶନରେ ଓହ୍ଲାଇବା ମାତ୍ରେ ପୂର୍ବରୁ ଜଗିରହିଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ତାଙ୍କୁ ଗିରଫ କରିଥିଲା। ତାଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ୪୦୦ ଗ୍ରାମ୍ ବ୍ରାଉନସୁଗାର ମିଳିଥିଲା। ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା କରିବା ପରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପାଇଛି। ତାଙ୍କୁ ଭୁବନେଶ୍ୱରରେ ବ୍ରାଉନସୁଗାର ଦେବାକୁ ଏସ୍.କେ. ସାଦିକ୍ କହିଥିବା ଆକବର ପୋଲିସ ଆଗରେ ପ୍ରକାଶ କରିଛନ୍ତି। ସେ ପୂର୍ବରୁ ମଧ୍ୟ ଏକାଧିକ ସ୍ଥାନକୁ ବ୍ରାଉନ୍‌ସୁଗାର ଚାଲାଣ କରିଥିବା ସ୍ୱୀକାର କରିଛନ୍ତି। ୪୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ବିକିଲେ ତାଙ୍କୁ ୧ଲକ୍ଷ ଟଙ୍କା ଏବଂ ୧କେଜି ବ୍ରାଉନ୍‌ସୁଗାର ବିକ୍ରି କଲେ ୩ଲକ୍ଷ ଟଙ୍କା ମିଳୁଥିବା ଆକବର ପୋଲିସ ଆଗରେ କହିଛନ୍ତି। ଏବେ ପୋଲିସ ତାଙ୍କ ଆପରାଧିକ ରେକର୍ଡ ଖୋଜିବା ସହ ଲିଙ୍କ୍‌ରେ ଥିବା ବେପାରୀଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ଏହି ର୍ୟାକେଟ୍‌ର ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ସ୍ପେଶାଲ କ୍ରାଇମ ୟୁନିଟ୍‌ର ଏକ ଟିମ୍ ପଶ୍ଚିମବଙ୍ଗ ଯିବ ବୋଲି ଜଣାପଡ଼ିଛି।

# ଡିଜିଟାଲ ଆରେଷ୍ଟରେ ମହିଳା ହରାଇଲେ ୩୨ କୋଟି

ବେଙ୍ଗାଲୁରୁ,୧୭।୧୧

ସାଇବର ଅପରାଧୀମାନେ ନିଜକୁ ବଡ଼ ବଡ଼ ଅଧିକାରୀର ପରିଚୟ ଦେବା ସହ ଡିଜିଟାଲ୍ ଆରେଷ୍ଟର ଭୟ ଦେଖାଇ ଲୋକମାନଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରି ନେଉଛନ୍ତି। ଏଭଳି ଘଟଣା ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥିବାବେଳେ ନିକଟରେ ବେଙ୍ଗାଲୁରର ଜଣେ ୫୫ବର୍ଷୀୟା ମହିଳା ୬ମାସ ମଧ୍ୟରେ କିପରି ୩୧.୮୩ କୋଟି ଟଙ୍କା ହରାଇଛନ୍ତି ତାହା ଜଣାପଡ଼ିଛି। ଅପରାଧୀମାନେ ନିଜକୁ ଡିଏଚ୍‌ଏଲ୍, ସାଇବର ଅପରାଧ ନିୟନ୍ତ୍ରଣ, ସିବିଆଇ ଏବଂ ଏବଂ ଆର୍‌ବିଆଇର ଏବଂ ଡିଏଚ୍‌ଏଲ୍‌ର ବଡ଼ ଅଧିକାରୀ ବୋଲି ପରିଚୟ ଦେଇ ୧୮୭ ଥରରେ ମହିଳାଙ୍କଠାରୁ ଠକେଇ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି।

ଥାନାରେ ଗତ ୧୪ତାରିଖରେ ହୋଇଥିବା ଅଭିଯୋଗ ଅନୁଯାୟୀ, ୨୦୨୪ ସେପ୍ଟେମ୍ବର ୧୫ରେ ପୀଡ଼ିତା ମହିଳା ଏକ ଫୋନ୍ କଲ୍ ପାଇଥିଲେ। ଜଣେ ବ୍ୟକ୍ତି ନିଜକୁ ପାର୍ସଲ ପରିବହନକାରୀ ସଂସ୍ଥା ଡିଏଫ୍‌ଏଲ୍‌ର ଅଧିକାରୀ ବୋଲି ପରିଚୟ ଦେଇ ମହିଳାଙ୍କ ନାମରେ ମୁମ୍ବାଇରୁ ଏକ ପାର୍ସଲ ଆସିଥିବା କହିଥିଲେ। ଉକ୍ତ ପାର୍ସଲ୍‌ରେ ୪ଟି ପାସ୍‌ପୋର୍ଟ, ୩ଟି କ୍ରେଡିଟ କାର୍ଡ ଏବଂ ଏମ୍‌ଡିଏମ୍‌ଏ ଥିବା କହିଥିଲେ। ଏହା ଶୁଣିବା ପରେ ମହିଳା ଜଣକ ମୁମ୍ବାଇ କେବେ ଯାଇ ନ ଥିବା କହିବାରେ, ଫୋନ୍ କଲର ତାଙ୍କୁ ଭୟଭୀତ କରିବା ସହ ଏହା ସାଇବର ଅପରାଧ ମାମଲା ଭାବେ ଗ୍ରହଣ କରାଯାଇଥିବା କହିଥିଲେ। ଏପରି କି ଫୋନ୍ କଲ୍‌ରଙ୍କୁ ମହିଳା ଜଣକ ଆଉ କିଛି କହିବା ପୂର୍ବରୁ ଅନ୍ୟ ଜଣେ ବ୍ୟକ୍ତି ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଉଭୟେ ମହିଳାଙ୍କୁ ଡିଜିଟାଲ ଆରେଷ୍ଟ ଧମକ୍ ଦେବା ସହ ତାଙ୍କ ବିରୋଧରେ ଯଥେଷ୍ଟ ଆପରାଧିକ ପ୍ରମାଣ ରହିଥିବା କହିବା ସହ ଏସମ୍ପର୍କରେ ସ୍ଥାନୀୟ ପୋଲିସକୁ ସୂଚନା ଦିଆଯିବ ବୋଲି କହିଥିଲେ। ଅପରାଧୀମାନେ ମହିଳାଙ୍କୁ ଦୁଇଟି ସ୍କାଇପି ଆଇଡି ଇନ୍‌ଷ୍ଟଲ କରିବାକୁ କହିଥିଲେ। ଏହି ସବୁ ଘଟଣାକୁ ମୋହିତ୍ ହାଣ୍ଡା ନାମକ ଜଣେ ବ୍ୟକ୍ତି କ୍ୟାମେରାରେ ଅନୁଧ୍ୟାନ କରୁଥିଲେ। ୨ଦିନ ଧରି ଅପରାଧୀମାନେ ପୀଡ଼ିତା ମହିଳାଙ୍କୁ ଘର ଭିତରେ ନଜରବନ୍ଦୀ ଭାବେ ରଖି ଭୟ ସୃଷ୍ଟି କଲାଭଳି ପରିସ୍ଥିତି ସୃଷ୍ଟି କରିଥିଲେ। ଏପରି କି ପ୍ରଦୀପ ସିଂ ନାମକ ଜଣେ ବ୍ୟକ୍ତି ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ଗିରଫ କରିବାର ଭୟ ସୃଷ୍ଟି କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ। ଅଭିଯୁକ୍ତମାନେ ମହିଳାଙ୍କ ଫୋନ ଲୋକେଶନ ଟ୍ରାକ୍ କରିବା ସହ ସେ କାହା କାହା ସହିତ କଥା ହେଉଛନ୍ତି, ତାକୁ ନଜରରେ ରଖୁଥିଲେ। ମହିଳାଙ୍କୁ ତାଙ୍କର ସମ୍ପୂର୍ଣ୍ଣ ଠିକଣା ସହ ବ୍ୟାଙ୍କ ଡିଟେଲ୍ସ ଏବଂ ସମ୍ପତ୍ତି ତାଲିକା ପ୍ରଦାନ କରିବାକୁ ଅଭିଯୁକ୍ତମାନେ କହିଥିଲେ। ୨୦୨୪ ସେପ୍ଟେମ୍ବର ୨୪ ରୁ ଅକ୍ଟୋବର ୨୨ ମଧ୍ୟରେ ଅଭିଯୁକ୍ତମାନେ ମହିଳାଙ୍କ ସମ୍ପୂର୍ଣ୍ଣ ବ୍ୟାଙ୍କ ଡିଟେଲ୍‌ସ ନେଇଯାଇଥିଲେ। ଏଥିସହିତ ତାଙ୍କୁ ତାଙ୍କ ସମ୍ପତ୍ତିର ୯୦ ପ୍ରତିଶତ ଦାବି କରିଥିଲେ। ମହିଳା ଜଣଙ୍କ ଭୟରେ ଅଭିଯୁକ୍ତଙ୍କ ଦାବି ପୂରଣ କରିଥିଲେ। ପରେ ୨କୋଟି ଟଙ୍କା ଟିକସ ପାଇଁ ଦେବାକୁ କହିଥିଲେ। ଏଭଳି ଭାବେ ମାର୍ଚ୍ଚ ୨୦୨୫ ମଧ୍ୟରେ ୧୮୭ ଥରରେ ୩୧.୮୩ କୋଟି ଟଙ୍କା ଅଭିଯୁକ୍ତମାନେ ନେଇଯାଇଛନ୍ତି। ଅଭିଯୁକ୍ତଙ୍କ ଏଭଳି କାର୍ଯ୍ୟରେ ମହିଳା ପୀଡ଼ିତା ଦୀର୍ଘଦିନ ଧରି ମାନସିକ ଓ ଶାରୀରିକ ଅସୁସ୍ଥ ହୋଇପଡ଼ିଥିଲେ। ଗତ ଜୁନ୍ ମାସରେ ତାଙ୍କ ପୁଅ ବାହାଘର ଥିବାରୁ ସେନେଇ କାହାକୁ କିଛି ଜଣାଇ ନ ଥିଲେ। ବାହାଘର ପରେ ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସୁସ୍ଥ ଅନୁଭବ କରିବା ପରେ ଏବେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

**ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ଘଟଣା**

# ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନାଙ୍କ ପତ୍ତା ପାଉନି ପୋଲିସ

ଭୁବନେଶ୍ୱର,୧୭ା୧୧
(ସତ୍ୟଜିତ ରାଉତ)

ଟ୍ୟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁ ଘଟଣାରେ କମିଶନରେଟ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଏହା ପଛରେ ଥିବା ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନା ଖୁଣ୍ଟିଆ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ବଡ଼ଗଡ଼ ଥାନା ପୋଲିସ ତାଙ୍କୁ ଖୋଜୁଥିବାବେଳେ ଜ୍ୟୋତ୍ସ୍ନା ରାଜ୍ୟ ବାହାରକୁ ଫେରାର ହୋଇଯାଇଥିବା ଚର୍ଚ୍ଚା ହେଉଛି। ଜ୍ୟୋତ୍ସ୍ନା ଧରାପଡ଼ିଲେ ମାମଲାର ଅଧିକ ଗୁମର ଖୋଲିପାରିବ। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାକୁ ୪ମାସ ବିତିଥିବାବେଳେ ମୁଖ୍ୟ ଖଳନାୟିକା ଜ୍ୟୋତ୍ସ୍ନା ଧରାପଡ଼ି ନ ଥିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ବିଦ୍ୟାଧର ଓଲା/ଉବର ଡ୍ରାଇଭର ଭାବେ କାମ କରୁଥିବାବେଳେ ଜ୍ୟୋତ୍ସ୍ନାଙ୍କ ବରମୁଣ୍ଡାସ୍ଥିତ କନ୍‌ସଲଟାନ୍ସି ସଂସ୍ଥା ପାଇଁ ମଧ୍ୟ କାମ କରୁଥିଲେ। ସମୟକ୍ରମେ ସେ ଚାକିରି ଠକେଇ ର୍ୟାକେଟ୍‌ରେ ଫସି ଯାଇଥିଲେ। ଜ୍ୟୋତ୍ସ୍ନାଙ୍କ ନିର୍ଦ୍ଦେଶ ଅନୁଯାୟୀ, ବହୁ ଚାକିରି ଆଶାୟୀଙ୍କଠାରୁ ସେ ଟଙ୍କା ଓ ସାର୍ଟିଫିକେଟ୍ ଆଦି ନେଇଥିଲେ। ତେବେ ଠକେଇର ଶିକାର ଲୋକେ ଜ୍ୟୋତ୍ସ୍ନାଙ୍କୁ ନ ପାଇ ବିଦ୍ୟାଧରଙ୍କୁ ଅଭିଯୁକ୍ତମାନେ ଅପହରଣ କରିନେଇ ଯାଜପୁରରୋଡ ନେଇଯାଇଥିଲେ। ସେଠାରେ ଅପହର୍ତ୍ତାଙ୍କ ନଜରବନ୍ଦୀରେ ଥିବା ସମୟରେ ବିଦ୍ୟାଧର ଆତ୍ମହତ୍ୟା କରିଥିଲେ। ଅପରପକ୍ଷରେ ସ୍ୱାମୀଙ୍କ ନିଖୋଜ ନେଇ ବିଦ୍ୟାଧରଙ୍କ ସ୍ତ୍ରୀ ବଡ଼ଗଡ ଥାନାରେ ଏତଲା ଦେଇଥିଲେ। ପରେ ଅଭିଯୁକ୍ତମାନେ ବିଦ୍ୟାଧରଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ସେପ୍ଟେମ୍ବର ୧୯ ବିଳମ୍ବିତ ରାତିରେ ବାରଙ୍ଗ–ପିତାପଲ୍ଲୀ ରୋଡରେ ଫିଙ୍ଗିଦେଇଥିଲେ। ପୋଲିସ ତାଙ୍କ ମୃତଦେହ ଜବତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବାବେଳେ ଏପର୍ଯ୍ୟନ୍ତ ଜ୍ୟୋତ୍ସ୍ନାଙ୍କ ଟେର୍ ପାଇପାରୁନାହିଁ।

# ଜେଲରେ ୪ ଅଭିଯୁକ୍ତଙ୍କୁ ଚିହ୍ନଟ କଲେ ସାକ୍ଷୀ

**ପୀତବାସ ପଣ୍ଡା ହତ୍ୟା ମାମଲା**

ବ୍ରହ୍ମପୁର, ୧୭ା୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ସୋମବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ୪ ଜଣ ଅଭିଯୁକ୍ତଙ୍କ ଟିଆଇ ପରେଡ କରାଯାଇଛି।

ମାଜିଷ୍ଟ୍ରେଟ, ୨ ଜଣ ସାକ୍ଷୀ ଜେଲ ଭିତରକୁ ଯାଇ ୪ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛନ୍ତି। ଜେଲ ଭିତରେ ମୁଖ୍ୟ ଅଭିଯୁକ୍ତ ଉମା ବିଷୋୟୀ, ସାର୍ପସୁଟର କୁରୁପତି ଭୂୟାଁ ଓ ବାଇକ ଚାଳକ ଚିଣ୍ଟୁ ପ୍ରଧାନ ଏବଂ ଯୋଗୀ ରାଉତଙ୍କୁ ଧାଡ଼ିରେ ଠିଆ କରାଯାଇଥିଲା। ସମସ୍ତଙ୍କ ଉପସ୍ଥିତିରେ ସାକ୍ଷୀମାନେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଦୁଇଜଣ ସାକ୍ଷୀ ଅଭିଯୁକ୍ତଙ୍କୁ ଦେଖି ତଦନ୍ତ ଅଧିକାରୀ ଓ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନିଜ ମତ ରଖୁଥିଲେ । ଚିଣ୍ଟୁ ଓ କୁରୁପତିଙ୍କୁ ଯୋଗୀ ବ୍ରହ୍ମନଗର ଆଣି ଗୋଟିଏ ଭଡ଼ା ଘରେ ରଖିଥିଲା। ସେହି ଭଡ଼ାଘରେ ଆଉଜଣେ ଡିପ୍ଲୋମା ଛାତ୍ର ରହୁଥିଲେ। ତେଣୁ ୩ଜଣ ଅଭିଯୁକ୍ତଙ୍କୁ ସେ ଚିହ୍ନଟ କରିଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀ ଉମା ବିଷୋୟୀଙ୍କୁ ଚିହ୍ନଟ କରିଥିଲେ। ସେମାନେ ମାଜିଷ୍ଟ୍ରେଟ ଆଗରେ କ'ଣ ମତ ଦେଇଛନ୍ତି ସୂଚନା ମିଳିପାରି ନାହିଁ। ପୀତବାସ ପଣ୍ଡା ହତ୍ୟା ଘଟଣାରେ ବୈଦ୍ୟନାଥପୁର ପୋଲିସ ମାମଲା ନଂ୫୧୮/୨୫ ରେ ମୋଟ ୧୬ଜଣଙ୍କୁ ଗିରଫ କରି ଜେଲ ପଠାଇଛି। ସୁରକ୍ଷା ଦୃଷ୍ଟିରୁ ଉକ୍ତ ଜେଲରେ ଥିବା ପୂର୍ବତନ ମେୟର ଶିବଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ଫୁଲବାଣୀ ସର୍କଲ ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବ୍ରହ୍ମପୁର ସର୍କଲ ଜେଲ୍‌ରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇଙ୍କ ସହ ୧୫ଜଣ ଥିବା ଜଣାପଡିଛି । ଏହି ମାମଲାର ତଦନ୍ତ ଅଧିକାରୀଙ୍କୁ ସହଯୋଗ କରିବାକୁ ବ୍ରହ୍ମପୁର ପୋଲିସ ଜିଲାର ବଛା ବଛା ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି।

## Business

# ଜିଏସ୍‌ଟି ୨.୦ ଭାରତୀୟ ଅଟୋମୋବାଇଲ ପାଇଁ ପରିବର୍ତ୍ତନକାରୀ

**ଗ୍ରାଣ୍ଟ ଥର୍ଣ୍ଟନ ଭାରତ ଓ ଆଇଜେସିସିଆଇ ରିପୋର୍ଟ**

ଭୁବନେଶ୍ୱର,୧୭ା୧୧(ଅନୁରାଧା ମହାରଣା)

ଭାରତର ଜିଏସ୍‌ଟି ୨.୦ ସୁଧାର, କଷ୍ଟମ ଡ୍ୟୁଟିରେ ହ୍ରାସ ଏବଂ ଭାରତ–ଜାପାନ ମୁକ୍ତ ବାଣିଜ୍ୟ ଚୁକ୍ତି ମିଳିତ ଭାବରେ ଭାରତର ଅଟୋମୋବାଇଲ ଇଣ୍ଡଷ୍ଟ୍ରିର ଦିଗ ନିର୍ଦ୍ଧାରଣ କରୁଛନ୍ତି। ଗ୍ରାଣ୍ଟ ଥର୍ଣ୍ଟନ ଭାରତ ଏବଂ ଇଣ୍ଡୋ–ଜାପାନ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଆଇଜେସିସିଆଇ) ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ସେପ୍ଟେମ୍ବରରେ ଦେଶରେ ଲାଗୁ ହୋଇଥିବା ଜିଏସଟି ୨.୦ ଭାରତର ଅଟୋମୋବାଇଲ ସେକ୍ଟର ପାଇଁ ପରିବର୍ତ୍ତନକାରୀ ଅଟେ। ଏହାଦ୍ୱାରା ଟ୍ୟାକ୍ସ ସଂରଚନା ସରଳ ହୋଇଛି ଏବଂ ଉତ୍ପାଦଗୁଡ଼ିକର ମୂଲ୍ୟରେ ହ୍ରାସ ଘଟିଛି। ସେହିପରି ସମସ୍ତ ସେଗମେଣ୍ଟର ଯାନଗୁଡ଼ିକର ଚାହିଦାରେ ବୃଦ୍ଧି ଘଟିଛି। ନୂତନ ଜିଏସ୍‌ଟି ହାର ଅନୁଯାୟୀ, ଛୋଟ କାର୍ ଏବଂ ୩୫୦ ସିସିରୁ କମ କ୍ଷମତା ବିଶିଷ୍ଟ ମୋଟରସାଇକେଲଗୁଡ଼ିକ ଉପରେ ଏବେ ୧୮% ଜିଏସଟି ଲାଗୁ ହେଉଛି, ଯାହା ପୂର୍ବର ୨୮% ଟ୍ୟାକ୍ସ ପ୍ଲସ ସେସରୁ କମ ଅଟେ। ଅନେକ ମଡେଲର ମୂଲ୍ୟରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ଦେଖାଯାଇଛି। ଅନ୍ୟପକ୍ଷରେ ଏସୟୁଭି ଏବଂ ହାଇ–ଏଣ୍ଡ ମୋଟରସାଇକେଲ ସମେତ ପ୍ରିମିୟମ ଯାନଗୁଡ଼ିକ ଉପରେ ଏବେ ୪୦% ଜିଏସଟି ଲାଗୁ ହେଉଛି, ଯେତେବେଳେ ଇଲେକ୍ଟ୍ରିକ ଯାନଗୁଡ଼ିକ ଉପରେ ଜିଏସଟି ୫% ଅଟେ। ରିପୋର୍ଟରେ କୁହାଯାଇଛି ଯେ ଜିଏସଟି ହାର କମ ହେବା ପରେ ଗାଡ଼ିଗୁଡ଼ିକ ପ୍ରତି ଗ୍ରାହକମାନଙ୍କର ଆଗ୍ରହରେ ଯଥେଷ୍ଟ ବୃଦ୍ଧି ଘଟିଛି ଏବଂ ଏହାଦ୍ୱାରା ଛୋଟ କାର୍ ସେଗମେଣ୍ଟରେ ବୁକିଂ ଭଲ୍ୟୁମରେ ୫୦%ର ବୃଦ୍ଧି ଘଟିଛି। ଜିଡିପିରେ ୭.୧% ଯୋଗଦାନ ଭାରତୀୟ ଅଟୋମୋବାଇଲ ଇଣ୍ଡଷ୍ଟ୍ରିର ଜିଡିପିରେ ଯୋଗଦାନ ୭.୧% ଅଟେ ଏବଂ ମ୍ୟାନ୍ୟୁଫାକ୍ଚରିଂ ଜିଡିପିରେ ଏହାର ଅଂଶ ୫୦%ରୁ ଅଧିକ ଅଟେ। ଦେଶର ଅଟୋମୋବାଇଲ ଇଣ୍ଡଷ୍ଟ୍ରି ୨୦୨୪ରେ ୨୮ ମିଲିୟନ ଯାନର ଉତ୍ପାଦନ କରିଛି ଏବଂ ଏହା ୨୦୨୩ର ତୁଳନାରେ ୮% ଅଧିକ ଥିଲା। ଗ୍ରାଣ୍ଟ ଥର୍ଣ୍ଟନ ଭାରତର ସୋହ୍ରାବ ବରାରିୟା କହିଛନ୍ତି, କମ୍ ଟ୍ୟାକ୍ସ ହାର, ସରଳୀକୃତ ଅନୁପାଳନ ଏବଂ ଯୋଗାଣ ଶୃଙ୍ଖଳା–କୈନ୍ଦ୍ରିକ ରିବେଟଗୁଡ଼ିକ କେବଳ ଭାରତର ମୂଲ୍ୟ ପ୍ରତିଯୋଗିତାକୁ ବଢ଼ାଇବ ନାହିଁ, ବରଂ ଜାପାନୀ ଯାନ ନିର୍ମାତାମାନଙ୍କ ପାଇଁ ଏକ ମ୍ୟାନ୍ୟୁଫ୍ୟାକ୍ଚରିଂ ଏବଂ ରପ୍ତାନି କେନ୍ଦ୍ର ଭାବରେ ଏହାର ସ୍ଥିତିକୁ ମଧ୍ୟ ସୁଦୃଢ଼ କରିବ। ରିପୋର୍ଟରେ କୁହାଯାଇଛି ଯେ ଏହି ସୁଧାରଗୁଡ଼ିକ ଦ୍ୱାରା ଦେଶରେ ନିବେଶ ବଢ଼ିବ, ବୈଦ୍ୟୁତିକ ଯାନ (ଇଭି)କୁ ଲୋକେ ଅଧିକ ଗ୍ରହଣ କରିବେ। ସେହିପରି ମୋବିଲିଟି ଏବଂ ଆଡଭାନ୍ସ ମ୍ୟାନ୍ୟୁଫାକ୍ଚରିଂ କ୍ଷେତ୍ରରେ ଭାରତ–ଜାପାନର ସହଭାଗିତା ଆହୁରି ସୁଦୃଢ଼ ହେବ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭ା୧୧

ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନୟାଗଡ ଜିଲାର ରାଜସୁନାଖଲାଠାରେ 'ସତର୍କତା ଆମର ଭାଗିଦାରୀ ଦାୟିତ୍ୱ' ସମ୍ପର୍କୀତ ଏକ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ–ମହାପ୍ରବନ୍ଧକ ବିଜୟ କୁମାର ମଲିକ, ନୟାଗଡ ଜିଲାର ଅଗ୍ରଣୀ ଜିଲା ପ୍ରବନ୍ଧକ ଲୋହିତ ନନ୍ଦ, ବ୍ଲକ୍ ପ୍ରୋଜେକ୍ଟ ମ୍ୟାନେଜର ଝୁନୁ ମିଶ୍ର, କାସନ୍ଦା ସରପଞ୍ଚ କୃଷ୍ଣଚନ୍ଦ୍ର ସାମନ୍ତରାୟ, ସୁର୍କାବାଡି ସରପଞ୍ଚ ସୁନିତା ମହାପାତ୍ର, ବିଓଆଇ ରାଜସୁନାଖଲା ଶାଖାର ଶାଖା ପ୍ରବନ୍ଧକ ଦିବାକର ସାମନ୍ତରାୟ ଏବଂ ସନାତନ ମେମୋରିଆଲ କଲେଜ, ସୁର୍କାବାଡିର ପ୍ରିନ୍ସିପାଲ ସହଦେବ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ଶାଖାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକ ଏବଂ ଭୁବନେଶ୍ୱର ଅଞ୍ଚଳର ସତର୍କତା ଅଧିକାରୀ ନିରଜ କୁମାର ପ୍ରସାଦ ଉପସ୍ଥିତ ଥିଲେ।

# ଅରୁନ୍ଧତୀ ଜୁଏଲର୍ସର ବିବାହ ମହୋତ୍ସବ ଜୁଏଲେରି ପ୍ରଦର୍ଶନୀ



ଭୁବନେଶ୍ୱର,୧୭ା୧୧(ଅନୁରାଧା ମହାରଣା)

ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସ ଚଳିତ ବିବାହ ଋତୁ ପାଇଁ ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସର ପୁରୀ ଶାଖାରେ ବିବାହ ମହୋତ୍ସବ ଗହଣା ପ୍ରଦର୍ଶନୀ ଶୁଭାରମ୍ଭ କରାଯାଇଛି। ଗ୍ରାହକମାନଙ୍କ ଉପସ୍ଥିତିରେ ରିବନ କଟା ଯାଇ ଏହି ଗହଣା ପ୍ରଦର୍ଶନୀକୁ ଉଦଘାଟନ କରାଯାଇଛି । ବିବାହ ଅବସର ପାଇଁ ବିଶେଷ ଭାବରେ ପ୍ରସ୍ତୁତ, ପାରମ୍ପରିକ ସୁନା ଗହଣାର କମ୍ ଓଜନ ଯୁକ୍ତ ସର୍ବୋତ୍ତମ ଡିଜାଇନ ଓ କଲେକ୍ସନ ପ୍ରସ୍ତୁତ ରଖାଯାଇଛି। ଏହାସହ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଛି। ଯେଉଁଥିରେ ୫୦ଗ୍ରାମ୍‌ରୁ ଅଧିକ ସୁନା ଗହଣା କ୍ରୟ ଉପରେ ଫ୍ଲାଟ ୫୦% ରିହାତି, ୨୫ରୁ ୫୦ ଗ୍ରାମ୍ ଭିତରେ ଯେତିକି ଗ୍ରାମ୍ ସୁନା ଗହଣା କ୍ରୟ କରିବେ ସେତିକି ପ୍ରତିଶତ ଗଢ଼ାମଜୁରିରେ ରିହାତି ସହ ପ୍ରତି କ୍ୟାରେଟ ହୀରା ମୂଲ୍ୟରେ ୨୦,୦୦୦ ଟଙ୍କାର ମହାବଚତ ରିହାତି ପାଇପାରିବେ। ଏହାସହ ୫୧ ଜଣ ଲକ୍ଷପତି ହବାର ସୁଯୋଗ ମଧ୍ୟ ପାଇପାରିବେ।

# ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ କିଷାନ ମେଳା




ଭୁବନେଶ୍ୱର,୧୭ା୧୧(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ବରୋଦା କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କଟକସ୍ଥିତ ପଟ୍ଟାମୁଣ୍ଡାଇ ପୌରପାଳିକା ଟାଉନହଲରେ ଏକ ମେଗା କିଷାନ ମେଳା ଅନୁଷ୍ଠିତ ହୋଇଯାଇଛି। କୃଷକମାନଙ୍କୁ ଆଧୁନିକ କୃଷି ସୁବିଧା, ସରକାରୀ ଯୋଜନା ଏବଂ ସମନ୍ୱିତ ବ୍ୟାଙ୍କିଙ୍ଗ ସେବା ସହିତ ଯୋଡ଼ି ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ଲକ୍ଷ୍ୟରେ ଏହି ମେଳା କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜୋନର ମହାପ୍ରବନ୍ଧକ ଏବଂ ଜୋନାଲ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, କଟକ କ୍ଷେତ୍ରର ଏଜିଏମ୍ ଏବଂ କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା, କଟକ କ୍ଷେତ୍ରର ଡିଆରଏମ୍ ଗୌତମ ପାଲ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ହାତିନା, କେରାଗଡ଼, ଚାଣ୍ଡି ଇତ୍ୟାଦି ବିଭିନ୍ନ ଶାଖାର କର୍ମଚାରୀଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୩୫୦ରୁ ଅଧିକ ଚାଷୀ ଏବଂ ମହିଳା ମେଳାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସମୟରେ ବ୍ୟାଙ୍କ ଅଫ ବରୋଦା ମୋଟ ୨୯.୧୪ କୋଟି ଟଙ୍କାର କୃଷି ଋଣ ମଞ୍ଜୁର ଏବଂ ବଣ୍ଟନ କରିଥିଲା, ଯାହା ମଧ୍ୟରୁ ୨୦ କୋଟି ଟଙ୍କା ଘଟଣାସ୍ଥଳରେ ପ୍ରଦାନ କରାଯାଇଥିଲା। ମେଳାରେ କୃଷକମାନଙ୍କ ପାଇଁ ବ୍ୟାଙ୍କର ପ୍ରମୁଖ ଆର୍ଥିକ ସେବା ଯେପରିକି ଡିଜିଟାଲ କିଷାନ କ୍ରେଡିଟ୍ କାର୍ଡ, ଟ୍ରାକ୍ଟର ଋଣ, କୃଷି, କାର ଋଣ, ଦୁଗ୍ଧ ଋଣ, ଖାଦ୍ୟ ପ୍ରକ୍ରିୟାକରଣ ଯୋଜନା, କୃଷି ଭିତ୍ତିଭୂମି ଋଣ ଏବଂ ଡିଜିଟାଲ ସୁନା ଋଣ ପ୍ରଦର୍ଶିତ ହୋଇଥିଲା।

# ୱାକାରୁ ଭାରତର ନମ୍ବର ୧ ପିୟୁ ଫୁଟ୍‌ୱିୟର ବ୍ରାଣ୍ଡ୍

ଭୁବନେଶ୍ୱର,୧୭ା୧୧

ଘରୋଇ ଫୁଟ୍‌ୱିୟର ବ୍ରାଣ୍ଡ୍ ୱାକାରୁକୁ ଭାରତର ନମ୍ବର ୧ ପିୟୁ ଫୁଟ୍‌ୱିୟର ବ୍ରାଣ୍ଡ୍ ଭାବେ ସ୍ୱୀକୃତି ମିଳିଛି। ବିଶ୍ୱସ୍ତରୀୟ ଗବେଷଣା ସଂସ୍ଥା କାଡେନ୍ସ ଇଣ୍ଟରନ୍ୟାଶନାଲ ଦ୍ୱାରା କରାଯାଇଥିବା ଏକ ରାଷ୍ଟ୍ରୀୟ ସର୍ଭେ ଆଧାରରେ ୱାକାରୁକୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ୱାକାରୁ ଇଣ୍ଟରନ୍ୟାଶନାଲ ଲିମିଟେଡର ଏମ୍‌ଡି ନୌଶାଦ୍ କହିଛନ୍ତି, ୱାକାରୁ ଭାରତର ନମ୍ବର ୧ ପିୟୁ ଫୁଟ୍‌ୱିୟର ବ୍ରାଣ୍ଡ୍। ଏହା ଏକ ଉପଲବ୍ଧି ନୁହେଁ ବରଂ ଏହା ଏକ କୃତଜ୍ଞତାର ମୁହୂର୍ତ୍ତ। ଏହା ଆମ ପାର୍ଟନର, ଡିଲର, ଖୁଚୁରା ବିକ୍ରେତା ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବ ପାଇଁ ସମ୍ଭବ ହୋଇପାରିଛି। ୨୦୧୨ରେ ୱାକାରୁ ସ୍ଥାପନ ହେବା ପରଠାରୁ ଭାରତର ସବୁଠାରୁ ବଡ଼ ପିୟୁ ଫୁଟ୍‌ୱିୟର ଅପରେଶନ୍ ନିର୍ମାଣ କରିଛି। ଦୈନିକ ୫ଲକ୍ଷ ହଳ ଜୋତା ଉତ୍ପାଦନ କ୍ଷମତା ରଖୁଥିବା ୱାକାରୁ ୭୦୦ରୁ ଅଧିକ ଡିଲର ଏବଂ ଏକ ଲକ୍ଷରୁ ଅଧିକ ଖୁଚୁରା ଆଉଟଲେଟ୍ ବିସ୍ତାର କରିପାରିଛି।

# ଭାରତ ବଜାରକୁ ଆସିବ ୟୁରୋପର 'ଏସେନ୍ସ'



ଭୁବନେଶ୍ୱର,୧୭ା୧୧

ୟୁରୋପର ନମ୍ବର ୧ କସମେଟିକ୍ସ ବ୍ରାଣ୍ଡ୍ 'ଏସେନ୍ସ' ଭାରତୀୟ ବଜାରରେ ଉପଲବ୍ଧ ହେବ। ଭାରତର ସର୍ବବୃହତ ଖୁଚୁରା ବିକ୍ରେତା ରିଲାଏନ୍ସ ରିଟେଲ ଲିମିଟେଡ ଓ ଜର୍ମାନୀଭିତ୍ତିକ ବିଶ୍ୱ କସମେଟିକ୍ସ କମ୍ପାନୀ କସନୋଭା ବିୟୁଟି ସହିତ ଏନେଇ ସହଭାଗିତା ଘୋଷଣା କରାଯାଇଛି। ରିଲାଏନ୍ସ ରିଟେଲର ସମନ୍ୱିତ ଓମନିଚ୍ୟାନେଲ ଇକୋସିଷ୍ଟମ ଦ୍ୱାରା ଏହି ଲଞ୍ଚ ସକ୍ଷମ ହେବ, ଯାହା ଅନଲାଇନ ପ୍ଲାଟଫର୍ମ, ବିୟୁଟି ଷ୍ଟୋର ଏବଂ ପାର୍ଟନର ରିଟେଲ ଫର୍ମାଟରେ ଦେଶବ୍ୟାପୀ ଉତ୍ପାଦଗୁଡ଼ିକ ଉପଲବ୍ଧ ହେବ। ୨୦୦୨ ମସିହାରେ ଜର୍ମାନୀରେ ପ୍ରତିଷ୍ଠିତ ଏସେନ୍ସ ପ୍ରାୟ ୯୦ଟି ଦେଶରେ ବ୍ୟବସାୟ ବିସ୍ତାର କରିଛି। ୟୁରୋପରେ ଉତ୍ପାଦିତ ଏହାର ୮୦%ରୁ ଅଧିକ ଉତ୍ପାଦ ବେଶ୍ ଲୋକପ୍ରିୟତା ସାଉଁଟିଛି। ଏସେନ୍ସ ୧୦୦% ଭେଗାନ ଉପାଦାନ, ପରିବେଶ ଅନୁକୂଳ ପ୍ୟାକେଜିଂ ଏବଂ ମାଇକ୍ରୋପ୍ଲାଷ୍ଟିକ କଣିକା ମୁକ୍ତ ଫର୍ମୁଲା ଯୋଗୁ ଲୋକାଦୃତ ହୋଇପାରିଛି।

# ମଣିପାଲ ହସ୍ପିଟାଲକୁ ଶ୍ରେଷ୍ଠ ମଲ୍ଟି–ସ୍ପେଶିଆଲିଟି ପ୍ରାଇଭେଟ ହସ୍ପିଟାଲ ପୁରସ୍କାର

ଭୁବନେଶ୍ୱର,୧୭ା୧୧




ଦି ଉଇକ–ହନ୍ସା ରିସର୍ଚ୍ଚ ସର୍ଭେ ୨୦୨୫: ବେଷ୍ଟ ହସ୍ପିଟାଲ୍‌ସ ଇନ୍ ଇଣ୍ଡିଆ ଅନୁସାରେ ଭୁବନେଶ୍ୱରର ଶ୍ରେଷ୍ଠ ମଲ୍ଟି–ସ୍ପେଶିଆଲିଟି ପ୍ରାଇଭେଟ ହସ୍ପିଟାଲ ଭାବେ ମଣିପାଲ ହସ୍ପିଟାଲଙ୍କୁ ସମ୍ମାନିତ କରାଯାଇଛି । ଗତ ୩ ବର୍ଷ ଧରି ମଣିପାଲ ହସ୍‌ପିଟାଲ ଭୁବନେଶ୍ୱର ଏହି ପୁରସ୍କାର ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ଉପସ୍ଥିତିରେ ଦିଲ୍ଲୀ ଲୋକ ସଭା ଏମପି ବନସୁରୀ ସ୍ୱରାଜ ପୁରସ୍କାର ପ୍ରଦାନ କରିଥିଲେ । ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ମଣିପାଲ ହସ୍ପିଟାଲ କ୍ଲଷ୍ଟର ଡାଇରେକ୍ଟର ସାଉଥ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର, ଡାଇରେକ୍ଟର ଅର୍ଥୋପେଡିକ୍ସ ଡା. ସୁନୀଲ ଦାଶ ଏବଂ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗର ସିନିୟର କନସଲଟାଣ୍ଟ ଡାକ୍ତର ହରପ୍ରୀତ କୌର ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ । ଏହି ସମ୍ମାନ ଅବସରରେ ମଣିପାଲ ହସ୍ପିଟାଲ ଚେୟାରମ୍ୟାନ, ଡା. ସୁଦର୍ଶନ ବଲ୍ଲାଲ କହିଥିଲେ, ଏହି ସମ୍ମାନ ଆମ ଡାକ୍ତରଙ୍କ ଅଭିଜ୍ଞତା, ନିଷ୍ଠା ଓ କ୍ଲିନିକାଲ ଉତ୍କର୍ଷରେ ଆଧାରିତ । ଜାତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଡା. ଶକ୍ତିମୟ ମହାପାତ୍ର କହିଥିଲେ, ଆମ ସଫଳତାର ରହସ୍ୟ ହେଉଛି ଅଭିଜ୍ଞ ଡାକ୍ତରୀ ଟିମ୍, ଆଧୁନିକ ଜ୍ଞାନ କୌଶଳ ଏବଂ ପ୍ରତ୍ୟେକ ରୋଗୀ ପାଇଁ ଶ୍ରେଷ୍ଠ ଚିକିତ୍ସା ଦେବା ପ୍ରତି ଆମର ନିୟମିତ ଚେଷ୍ଟା ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆକାଶଙ୍କୁ ହରାଇଲେ ରୁମିତ

**ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର**

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

ପଟିଆସ୍ଥିତ ୬ପକେଟ୍ସ କ୍ଲବରେ ଚାଲିଥିବା ୩୧ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ରେ ସୋମବାର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ରୁମିତ ଗୁପ୍ତା। ସେ ସିନିୟର ସ୍ନୁକର ଟୁର୍ନାମେଣ୍ଟର ଏକ ମ୍ୟାଚରେ ପୂର୍ବତନ ଚାମ୍ପିୟନ ତଥା ବର୍ତ୍ତମାନର ୬ଷ୍ଠ ସିଡ୍ ଆକାଶ ମହାପାତ୍ରଙ୍କୁ ୩-୨ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଅନ୍ୟ ମ୍ୟାଚ ଗୁଡ଼ିକରେ ଆଜଲାନ ଅଲୀଙ୍କୁ ୩-୦ରେ ସୁଦୀପ୍ତ ଦାସ, ଅଲତାଫ ଅଲୀଙ୍କୁ ୩-୨ରେ ଅନୁଜ ପଣ୍ଡା, ଆଦିତ୍ୟ ହାଲଦାରଙ୍କୁ ୩-୧ରେ ସମୀର ଅଲୀ, ବରୁଣ ପୂର୍ବାଙ୍କୁ ୩-୦ରେ ସିଦ୍ଧାର୍ଥ ସେନ୍, ରାହୁଲ ହାଲିଙ୍କୁ ୩-୧ରେ ରୁମିତ ଗୁପ୍ତା, ରାକେଶ ମହାନ୍ତିଙ୍କୁ ୩-୦ରେ ଜଗଦୀଶ ମହାନ୍ତି, ଶାରଦା ବେହେରାଙ୍କୁ ୩-୨ରେ ନିଶି ପ୍ରକାଶ, ଅଭିଷେକ ମହାନନ୍ଦଙ୍କୁ ୩-୧ରେ ଚିରଞ୍ଜୀବ ସିଂ, ପ୍ରିୟ ଗୋବିନ୍ଦା ମହାପାତ୍ରଙ୍କୁ ୩-୦ରେ ଉଭାସ ମହାପାତ୍ର ଶିବ ପ୍ରସାଦ ଶେଠିଙ୍କୁ ୩-୧ରେ ସାଗର ସ୍ୱାଇଁ ପରାସ୍ତ କରିଛନ୍ତି। ବିଲିୟାର୍ଡ୍ସ: ସିନିୟର ବିଲିୟାର୍ଡ୍ସର ପ୍ରଥମ ସେମିଫାଇନାଲରେ ସୁବ୍ରତ ଦାସ ୩-୦ରେ ଚିରଞ୍ଜୀବ ସିଂ ଏବଂ ଦ୍ୱିତୀୟ ସେମିରେ ଆଶୁତୋଷ ପାଢ଼ୀ ୩-୦ରେ ସମୀର ଅଲୀଙ୍କୁ ହରାଇ ଦେଇଛନ୍ତି। ସୁବ୍ରତ ଓ ଆଶୁତୋଷଙ୍କ ମଧ୍ୟରେ ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହେବ।


ଆକାଶ ମହାପାତ୍ରଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ରୁମିତ ଗୁପ୍ତା।

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୨୬ ପଦକ


ପଦକ ହାସଲକାରୀ ଓଡ଼ିଶା ପାରା ସୁଇମରମାନେ।

**ପାରା ସୁଇମିଂ**

ଭୁବନେଶ୍ୱର, ୧୭।୧୧(ବିଜୟ ରଣା)

ହାଇଦ୍ରାବାଦରେ ଚାଲିଥିବା ପାରା ସୁଇମିଂ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ରେକର୍ଡ ସଂଖ୍ୟକ ୨୬ଟି ପଦକ ହାସଲ କରିଛି। ତନ୍ମଧ୍ୟରେ ୪ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୯ ବ୍ରୋଞ୍ଜ୍ ପଦକ ରହିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ୩୩କୁ ବୃଦ୍ଧି ପାଇଛି। ପ୍ରଥମ ଦିବସରେ ଦଳ ୭ ପଦକ ସହ ଅଭିଯାନ ଆରମ୍ଭ କରିଥିଲା। ପୁରୁଷ ଏସ୍-୫ କାଟେଗୋରିର ୫୦ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ଓଡ଼ିଶାର ନରହରି ବେହେରା ସ୍ୱର୍ଣ୍ଣ ପାଇଥିବା ବେଳେ ବିକାଶ ରଞ୍ଜନ ବାର୍ଲା ବ୍ରୋଞ୍ଜ ପଦକ ପାଇଛନ୍ତି।

ଓଡ଼ିଶାର ଲିନା ସ୍ୱାଇଁ ମହିଳା ଏସ୍-୧୩ କାଟେଗୋରି ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏବଂ ଏସ୍‌ବି-୧୩ କାଟେଗୋରି ୫୦ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ଇଭେଣ୍ଟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ଆହୁରି ମଧ୍ୟ ଏସ୍-୧୩ କାଟେଗୋରି ୫୦ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ସେହିପରି ସଙ୍ଗୀତା ନାୟକ ଜୁନିୟର ବାଳିକା ଏସ୍-୧୦ କାଟେଗୋରି ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରାଜ୍ୟ ପାଇଁ ଏକ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ପ୍ରଦୀପ୍ତ କୁମାର ସ୍ୱାଇଁ ଏସ୍-୪ କାଟେଗୋରି ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏବଂ ପୁରୁଷ ୫୦ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ପଦକ ପାଇଛନ୍ତି। ଓଡ଼ିଶାର ଆକାଶ ବନ୍‌ଛୋର ପୁରୁଷ ଏସ୍-୫ କାଟେଗୋରି ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ରଞ୍ଜନ କୁମାର ହାଁସ୍‌ଦା ଏସ୍-୧୧ କାଟେଗୋରି ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏବଂ ୫୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ପଦକ ଲାଭ କରିଛନ୍ତି। ସେହିପରି ଓଡ଼ିଶାର କବିତା ଦଳାଇ ମହିଳା ଏସ୍-୬ କାଟେଗୋରି ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏବଂ ୫୦ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ରୌପ୍ୟ ଜିତିଛନ୍ତି। ସେହିପରି ଭାନୁମତି ବେହେରା ଏସ୍-୯ କାଟେଗାରି ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ରୌପ୍ୟ ଏବଂ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ଜିତିଛନ୍ତି। ସେହିପରି ଗୋଲାପୀ ସିରକା ଏସ୍‌ବି-୪ କାଟେଗୋରି ୫୦ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ମୋନାଲି ସ୍ୱାଇଁଙ୍କୁ ଏସ୍-୮ କାଟେଗୋରି ୫୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ରୌପ୍ୟ ମିଳିଛି। ସେହିପରି ପୁରୁଷ ଏସ୍‌ବି-୧୩ କାଟେଗୋରି ୫୦ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ଓଡ଼ିଶାର କାହ୍ନା ପାତ୍ର ରୌପ୍ୟ ପାଇଛନ୍ତି। ଚୈତନ୍ୟ ମାରାଣ୍ଡି ଏସ୍-୭ କାଟେଗୋରି ୫୦ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ପଦକ ପାଇଛନ୍ତି।

# ଗ୍ଲୋବାଲ ଫିଜିଓ, ନୀତା ଏକାଡେମୀ ବିଜୟୀ


କୃଷ୍ଣ ନାୟକଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

**ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍**

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ ଗ୍ଲୋବାଲ ଫିଜିଓ ସେଲ୍ ଏଫ୍‌ସି ଏବଂ ନୀତା ଫୁଟବଲ ଏକାଡେମୀ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଗ୍ଲୋବାଲ ଫିଜିଓ ଦଳ ୨-୧ ଗୋଲରେ ଓଡିଏମ୍ ଗ୍ଲୋବାଲକୁ ପରାସ୍ତ କରିଛି। ବିଜୟୀ ଦଳର ମୁସ୍ତାକିମ୍ ଖାଁ ଓ ବିଷ୍ଣୁ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ଅତିଥିଭାବେ ଯୋଗଦେଇ ମୁସ୍ତାକିମ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୭-୦ ଗୋଲରେ ମା' ମଙ୍ଗଳା ଏଫ୍‌ସିକୁ ହରାଇ ଦେଇଛି। ଆୟୋଜକ ଆସୋସିଏଶନର ସିନିୟର ସଦସ୍ୟ ନିକୁଞ୍ଜ ମହାନ୍ତି ଅତିଥିଭାବେ ଯୋଗଦେଇ ନୀତା ଏକାଡେମୀର କୃଷ୍ଣ ନାୟକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ସର୍ବଭାରତୀୟ ରେଲୱେ ବ୍ରିଜ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

ସର୍ବଭାରତୀୟ ରେଲୱେ ବ୍ରିଜ୍ ଚାମ୍ପିୟନଶିପ୍‌ର ୪୭ତମ ସଂସ୍କରଣ ସୋମବାର ମଞ୍ଚେଶ୍ୱରର ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି. ଏସ୍. କେ. ରାଜକୁମାରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଥର ପାଇଁ ରେଳବାଇ କ୍ରୀଡ଼ା ପ୍ରମୋଶନ ବୋର୍ଡ (ଆରଏସପିବି) ପକ୍ଷରୁ ପୂର୍ବତଟ ରେଳପଥକୁ ଏହି ପ୍ରତିଷ୍ଠିତ ଜାତୀୟ ସ୍ତରୀୟ ଚାମ୍ପିୟନଶିପ୍ ଆୟୋଜନ ଦାୟିତ୍ୱ ଦିଆଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ମାର୍ଗଦର୍ଶନରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି ଏବଂ ପୂର୍ବତଟ ରେଳପଥ ପ୍ରମୁଖ ରେଲୱେ କ୍ରୀଡ଼ା ଇଭେଣ୍ଟ ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବେ ଉଭା ହୋଇଛି। ଓଡ଼ିଶା ବ୍ରିଜ୍ ଆସୋସିଏଶନ୍‌ର ସମର୍ଥନ ଏହି ଚାମ୍ପିୟନଶିପ୍ ଆୟୋଜନକୁ ସହଜ କରିଛି। ପୂର୍ବ, ଦକ୍ଷିଣ ପୂର୍ବ, ମେଟ୍ରୋ, କେନ୍ଦ୍ରୀୟ ଏବଂ ପୂର୍ବତଟ ରେଲୱେ ଦଳଗୁଡ଼ିକ ଏଥିରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାରେ ସୁମିତ ମୁଖାର୍ଜୀ, ଦେବବ୍ରତ ମଜୁମଦାର, ସାଗ୍ନିକ୍ ରାୟ, ଗୋପୀନାଥ ମାନ୍ନା, ସାୟନ୍ତନ କୁସୁରୀ ଏବଂ ସନ୍ଦୀପ ଦତ୍ତଙ୍କ ପରି ପ୍ରତିଷ୍ଠିତ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି; ଯେଉଁମାନେ ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ଏବଂ ବିଶ୍ୱକପ୍ ଭଳି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରି ସାରିଛନ୍ତି। ପ୍ରତିଯୋଗିତାରେ ଦଳଗତ ଇଭେଣ୍ଟ, ବୋର୍ଡ-ଏ ମ୍ୟାଚ୍ ଏବଂ ପେୟାର୍ ସମେତ ଅନେକ ଇଭେଣ୍ଟ ରହିଛି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ (ଇକୋର୍ସା)ର ସଭାପତି ହେମନ୍ତ କାଗ୍ରାଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ଦଳର ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

# ଖେଲୋ ଇଣ୍ଡିଆ ପେନ୍‌ଚାକ୍ ସିଲାଟ ଲିଗ୍

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

ପେନ୍‌ଚାପ୍ ସିଲାଟ ଆସୋସିଏଶନ୍ ଖୋର୍ଦ୍ଧା ତରଫରୁ ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ୍ ସିଲାଟ ଲିଗ୍ ସ୍ଥାନୀୟ ଏସ.ଏସ. ମାର୍ଶାଲ ଆର୍ଟ ସ୍କୁଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାର ବିଭିନ୍ନ ବର୍ଗରେ ୧୦୦ରୁ ଊର୍ଦ୍ଧ୍ୱ ବାଳିକା ଭାଗ ନେଇଥିଲେ। ପେନଚାକ ସିଲାଟ ଆସୋସିଏଶନ୍ ସଭାପତି ଶୁଭ୍ରଜିତ ଜେନା, ଉପ ସଭାପତି ନାରାୟଣ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ଧଳଙ୍କ ସମେତ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।


# Classified Everyday
0674-2580101, 9692975378


REAL ESTATE




**SALE**

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- **9438362273.** D-12

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। -7008634668 ଧ-୦୮

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

The massage felt totally professional! & comfortable at all times- 7978109255. D-211

Full body massage by odia therapist in homely atmosphere. 907861337. D-2596

**AFFIDAVIT**

I, Goutam Charan Sahoo, S/o.- Late Udayanath Sahoo, Resident of Plot No.- 356, N- 4 IRC Village, Nayapali, P.S.- Nayapali, Bhubaneswar, Dist.- Khordha, PIN- 751015, Odisha declare by this affidavit No.- 2299, Dtd.- 12.11.2025 that now onwards I shall be known as GAUTAM SAHOO for all future purposes. D2591

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

By virtue of an affidavit sworn before Notary Public, Bhubaneswar, dated- 13.11.2025, I, Anima Panigrahy, W/o.- Chittaranjan Panigrahy, Vill./P.O.- Bipulingi, Dist.- Ganjam, Odisha- 761026, declare that I have changed my name from Anima Kumari Behera to Anima Panigrahy. Henceforth, I shall be known as Anima Panigrahy for all purposes.
Anima Panigrahy D-2592

By virtue of an affidavit sworn before Executive Magistrate, Kutra, Dated- 17.11.25, I, Sushmita Lakra, Address Vill.- Alanda, P.O.- Alanda, P.S.- Rajgangpur,Dist.- Sundargarh, Odisha,PIN- 770017 declare that I have changed my name from Sushmita Majhi to Sushmita Lakra. Henceforth,I shall be known as Sushmita Lakra for all purposes.
Sushmita Lakra D-2595

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before The Executive Magistrate, Bhubaneswar, Dated- 17.11.2025, I, Keshab Digal, At- Sadanmendi, Gumagarh, Dist.- Kandhamal, Odisha- 762029, declare that I have changed my Daughter's name from Angel Digal to K. Anshika Digal. Henceforth, She shall be known as K. Anshika Digal for all purposes.
Keshab Digal D-2593

By virtue of an affidavit sworn before Executive Magistrate, Erasama, dated- 10.09.2025, I, Rabi Chandra Samal (New name), Address At-Kiada, P.O.- Ambik, P.S.- Erasama, Dist.- Jagatsinghpur, PIN- 754139, declare that I have changed my name from RABINDRA SAMAL (Old name) to Rabi Chandra Samal (New name). Henceforth, I shall be known as Rabi Chandra Samal (New name) for all purposes.
Rabi Chandra Samal D-2594

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com**

By virtue of an affidavit sworn before Notary Public, Borigumma, dated- 13.11.2025, I, RINKI RANI PARIDA (New Name) Address: At- Pallai Sahi, Kathamunda, P.O.- Shyamsundarpur, P.S.- Tihidi, Dist.- Bhadrak, Odisha- 756119 declare that have changed my name from RINKIRANI PALLAI (Old Name) to RINKI RANI PARIDA (New Name). Henceforth, I shall be known as RINKI RANI PARIDA (New Name) for all purposes. D-2567

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତ ଡ. ଗୋବିନ୍ଦ ଚନ୍ଦ୍ର ନାୟକ
ସ୍ଥାନ- ଭୁବନେଶ୍ୱର
ଆବିର୍ଭାବ- ୦୧.୦୭.୧୯୪୪
ତିରୋଧାନ- ୩୦.୧୧.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟର ପ୍ରାର୍ଥନା । ତାଙ୍କର ଆଦର୍ଶ, କର୍ତ୍ତବ୍ୟବୋଧ, ସ୍ନେହ, ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ ।
-:ଶୋକସନ୍ତପ୍ତ ;-
ପତ୍ନୀ- ନମିତା, ଝିଅ- ଜ୍ୱାଇଁ, ନାତି ଓ ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ


# ଆନ୍ତଃବିଦ୍ୟାଳୟ ଭଲିବଲ ଉଦ୍‌ଯାପିତ

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତଃବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ବାଳିକା ବିଭାଗ ଫାଇନାଲରେ ମଦର୍ସ ପବ୍ଲିକ୍ ସ୍କୁଲକୁ ହରାଇ କିସ୍ ଏବଂ ବାଳକ ବର୍ଗ ଫାଇନାଲରେ କିସ୍ ସ୍କୁଲକୁ ହରାଇ କେନ୍ଦ୍ରୀୟ ବିଦ୍ୟାଳୟ-୧ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସର୍ବଭାରତୀୟ କ୍ରୀଡ଼ା ଭାରତୀର ସାଧାରଣ ସମ୍ପାଦକ ରାଜ କୁମାର, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ରଗ୍‌ବୀ ସଂଘ ଉପସଭାପତି ଉପେନ୍ଦ୍ର ମହାନ୍ତି, ହକି ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ସନାତନ ସାହୁ, ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ଭଲିବଲ ସମ୍ପାଦକ ରାଜେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟ ନନ୍‌ଚାକୁ ସଂଘର ବେଲ୍ଟ ଗ୍ରେଡିଂ



ବେଲ୍ଟ ଗ୍ରେଡିଂ ଟେଷ୍ଟରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ନନଚାକୁ ସଂଘ ଆନୁକୂଲ୍ୟରେ ୟେଲୋ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୪୦ ଜଣ ଅଂଶ ଗ୍ରହଣ କରିଥିଲେ। ପରୀକ୍ଷାକୁ ଜାତୀୟ ନନଚାକୁ ସଂଘର ସମ୍ପାଦକ ବାବୁଲ ଭର୍ମା ପ୍ରତ୍ୟକ୍ଷ ଭାବେ ପର୍ଯ୍ୟବେକ୍ଷଣ କରିଥିଲେ। ଦୀପକ କୁମାର ସାମନ୍ତରା, ସପନ କୁମାର ମିଶ୍ର, ମୁକୁନ୍ଦ ବର୍ଦ୍ଧନ ଓ ଶୁଭେନ୍ଦୁ ଲେଙ୍କା ପରୀକ୍ଷା ପରିଚାଳନା କରିଥିଲେ। ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ମାନଙ୍କୁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପ୍ରସାଦ ପଟ୍ଟନାୟକ, ଖାରବେଳ ମଲ୍ଲିକ ଓ ଗୌରୀ ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି।

# ଏମ୍୧୫ ଭୁବନେଶ୍ୱର ଟେନିସ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୧୧(ଅନାଦି କର)

ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର ଏମ୍୧୫ ଭୁବନେଶ୍ୱର ୨୦୨୫ ଟୁର୍ନାମେଣ୍ଟ ସୋମବାର କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଏହି ଅବସରରେ ଅତିରିକ୍ତ ପୋଲିସ ଡିଜି ଦୟାଲ ଗଙ୍ଗୱାର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ନାଲକୋର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଆଶୁତୋଶ ରଥ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଟିଏ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ତଥା ଟୁର୍ନାମେଣ୍ଟ ଡାଇରେକ୍ଟର ସମ୍ବିତ ପଟ୍ଟନାଏକ, ଉପ ସଭାପତି ବ୍ରହ୍ମାନନ୍ଦ ମିଶ୍ର, ଶୁଭ୍ରାଂଶୁ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ସତ୍ୟଜିତ ମହାନ୍ତି ଓ ଆଇଟିଏଫ୍ ସୁପରଭାଇଜର ଧାରକା ଏଲାୱାଲା ଯୋଗ ଦେଇଥିଲେ।

ଏହି ଟୁର୍ନାମେଣ୍ଟରେ ଭାରତ, ଆମେରିକା, ଋଷିଆ, କାଜଖସ୍ତାନ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ ଓ ୟୁକ୍ରେନର ମୋଟ ୮୮ ଖେଳାଳି ଭାଗ ନେଇଛନ୍ତି। ସ୍ଥାନୀୟ ଖେଳାଳି ଭାବେ ସିଙ୍ଗଲ୍ସ ବିଭାଗର ମୁଖ୍ୟ ଡ୍ର'ରେ କବିର ହଂସ ଓ ଦେବାଶିଷ ସାହୁଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ସେହିଭଳି ପୁରୁଷ ଡବଲ୍ସରେ କବିର ହଂସ ଓ ଇଶାକ ଇକବାଲ ସିଧାସଳଖ ଖେଳିବାକୁ ଯୋଗ୍ୟତା ପାଇଥିବାବେଳେ ଦେବାଶିଷ ସାହୁ ଓ ଶଙ୍କର ହିସନାମ, ପ୍ରତ୍ୟୁଷ ମହାନ୍ତି ଓ ଭଦ୍ୟମ କୋନୋଭଚୁକ୍ (ୟୁକ୍ରେନ), ଅମୃତଜୟ ମହାନ୍ତି ଓ ଆଦିତ୍ୟ ଶତପଥୀଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି।

# ଜାରି ରଖନ୍ତୁ ସଫଳତା

**ସଫଳତା ହାସଲ କରିବା ଏତେଟା ସହଜ ନୁହେଁ। ଏଥିପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିଥାଏ। ତା'ସହ ସକାରାତ୍ମକ ମାନସିକତା ସହ ଆଗେଇବାକୁ ପଡ଼େ। ଏହି ବାଟରେ ଆସୁଥିବା ବାଧାବିଘ୍ନକୁ ସାହସର ସହ ମୁକାବିଲା କରିପାରିଲେ ଲକ୍ଷ୍ୟ ହାସଲ ଅନେକାଂଶରେ ସହଜ ହୋଇଥାଏ। ତେବେ ସଫଳତା ମିଳିବା ପରେ ତାହାକୁ ଜାରି ରଖିବାକୁ ପଡ଼ିଥାଏ। ଏହି ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକୁ ଧ୍ୟାନ ଦେଇପାରନ୍ତି...**



ସଫଳତା ଏମିତିରେ କାହାକୁ ସହଜରେ ମିଳିଯାଏନାହିଁ। ଏହାକୁ ପାଇବାକୁ ହେଲେ କେତେ ସଂଘର୍ଷ କରିବା ସହ ଏହାର ଯାତ୍ରା କଠିନମୟ ହୋଇଥାଏ। ଏହାଠୁ କେତେ କଠିନ ହୋଇଥାଏ ହାସଲ କରିଥିବା ସଫଳତାକୁ ବଜାୟ ରଖିବା। ପରିଶ୍ରମକରି ସଫଳତା ପାଇବା ଏଇଠି ସ୍ଥିର ରହିବା ପ୍ରଫେସନାଲ ଫ୍ରଣ୍ଟରେ ନିଜକୁ ନିରନ୍ତର ଭାବେ ସଜାଡ଼ି ରଖିବା। ଅସଲରେ ସଫଳତା ପାଇବା ପରେ ଏହାକୁ ସମ୍ଭାଳି ରଖିବା ଦୁଇଟି ଯାକ ବହୁ କଠିନ କାମ। ବେଳେବେଳେ ନିଜର ଅହଂକାର ଏବଂ ଅସହଯୋଗୀ ବ୍ୟବହାର କାରଣରୁ ଏହି ସଫଳତାକୁ ହରାଇବାକୁ ବେଶି ସମୟ ଲାଗି ନ ଥାଏ। ବହୁଚର୍ଚ୍ଚିତ ଏବଂ ସଫଳ ଲୋକ ଅଧିକ ସଂଘର୍ଷ ପରେ ପାଇଥିବା ସଫଳତା ଛୋଟ ଛୋଟ ଭୁଲ୍ ପାଇଁ ହରାଇ ବସନ୍ତି। ଏଥିରୁ ତାଙ୍କୁ ଅନେକ ଶିକ୍ଷା ମିଳିଥାଏ ଆଉ ନିଜର ଦୋଷତ୍ରୁଟି ପାଇଁ ସେମାନେ ସଚେତନ ରହିବା ବଡ଼ କଥା। ସଫଳତାର ଶିଖରରେ ପହଞ୍ଚିବା ପରେ ସଜାଗ ରହିବା ଆବଶ୍ୟକ।

**ସହଯୋଗିତା ଭାବନା**

ସଫଳତା ଜାରି ରଖିବା ପାଇଁ ସହଯୋଗୀ ଭାବନାର ଆବଶ୍ୟକତା ରହିଛି। ଯଦି ଏହି ସମୟରେ କେହି ସହଯୋଗର ହାତ ବଢ଼ାଉଛନ୍ତି ତେବେ ସେନେଇ ଭଲ ଭାବରେ ତର୍ଜମା କରନ୍ତୁ। ନିଜର ସଫଳତା ବଜାୟ ରଖିବାକୁ ହେଲେ ନିଜ ବ୍ୟବହାରରେ ସକାରାତ୍ମକ ଏବଂ ସହଯୋଗିତା ଭାବନା ରହିବା ଆବଶ୍ୟକ। ଏଥିପାଇଁ ନିଜ ଆତ୍ମବିଶ୍ୱାସକୁ ଯେତେ ସମ୍ଭବ ଦୃଢ଼ ରଖନ୍ତୁ। ଅନ୍ୟର ଭାବନାକୁ ସମ୍ମାନ କରନ୍ତୁ। ସଫଳତା ହାସଲକରିବା ପରେ ନିଜ ଦୋଷ ଦୁର୍ବଳତାକୁ ହେୟ ମନେକରନ୍ତୁ ନାହିଁ।

**କୃତଜ୍ଞତା ଭାବନା**

କୃତଜ୍ଞତା ଭାବନା ସଫଳତାକୁ ଆହୁରି ସାର୍ଥକ ଏବଂ ସଫଳ କରିଥାଏ। ଏଥିପାଇଁ ନିଜ ସଫଳତାରେ ଉତ୍ସବ ପାଳନ କରୁଥିଲେ ଏହି ଯାତ୍ରାରେ ସହଯୋଗୀ ରହିଥିବା ଲୋକଙ୍କୁ କେବେ ବି ଭୁଲନ୍ତୁ ନାହିଁ। ନିଜ ସଫଳତା ପାଇଁ ମାତାପିତା ହୁଅନ୍ତୁ କି ଶିକ୍ଷକ, ମିତ୍ର କିମ୍ବା ସହକର୍ମୀ ସମସ୍ତଙ୍କୁ ଧନ୍ୟବାଦ ଜଣାନ୍ତୁ। ସାଧାରଣତଃ ସଫଳତା ପାଇବା ପରେ ଲୋକ ଆତ୍ମକୈନ୍ଦ୍ରିକ ହୋଇଯାଇଥାନ୍ତି। ଜୀବନଟା ହେଉଛି ସାପ-ଶିଡ଼ି ଖେଳ ଭଳି। ତେଣୁ ଅସଫଳ ହେଲେ ଭାଙ୍ଗିପଡ଼ନ୍ତୁ ନାହିଁ କିମ୍ବା ସଫଳତା ହାସଲ ପରେ ଖୁସିରେ ଆତ୍ମହରା ହୁଅନ୍ତୁ ନାହିଁ। କେତେବେଳେ ଉଚ୍ଚତାର ରାସ୍ତା ତ ବିଫଳତାର ସମୟ ଏପରି ପରିସ୍ଥିତି ବଦଳିଚାଲେ। ଏମିତିରେ ନିଜର ଭଲ ସମୟରେ ଅନ୍ୟ ସହ ଭଲ ଭାବେ ରୁହନ୍ତୁ,ସକାରାତ୍ମକ ବ୍ୟବହାର କରନ୍ତୁ , କାହାକୁ ଦୁର୍ବଳ ବୋଲି ଭାବନ୍ତୁ ନାହିଁ। ସଫଳତା ପାଇବା ପରେ ବି ଭଲ ବ୍ୟବହାରର ଗୁରୁତ୍ୱ ସରିଯିବନାହିଁ। ସତ କଥା ଏଇଆ ଯେ ନିଜ ସଫଳତା ବିଶେଷ ହୋଇଯାଏ। ଚେଷ୍ଟା କରନ୍ତୁ , ଆପଣ ଯଦି ପାରିବେ ସଂଘର୍ଷ କରୁଥିବା ବ୍ୟକ୍ତି ସେ ନିଜର ହୁଅନ୍ତୁ କି ପର ସମସ୍ତଙ୍କୁ ସାହାଯ୍ୟ କରିବାର ମନୋବୃତ୍ତି ରଖନ୍ତୁ। ଆଗକୁ ବଢ଼ିବା ଲାଗି ଭଲ ହେବା ପାଇଁ କାହାର ମାର୍ଗଦର୍ଶନକୁ ମଧ୍ୟ ଆପଣେଇପାରନ୍ତି। ଏପରି କରିବା ଦ୍ୱାରା ଆପଣ ନିଜେ ବି କିଛି ଶିଖିପାରିବେ। କେବେ କେବେ କିଛି ଭାଗରେ ଲକ୍ଷ୍ୟ ଉପରେ କାମକଲେ ଏହି ରଣନୀତି ଆପଣଙ୍କୁ ନୂଆ ଉଚ୍ଚତା ପର୍ଯ୍ୟନ୍ତ ନେଇପାରିବ। କାହାକୁ ଦିଆଯାଇଥିବା ସହଯୋଗ, ଆପଣଙ୍କ କୌଣସି ସମସ୍ୟାର ସମାଧାନର ମାର୍ଗ ବି ବାହାର କରିପାରେ। କୁହାଯାଏ ସହଯୋଗ ଦ୍ୱାରା ପୂରା ସମାଜର ଉନ୍ନତି ହୋଇଥାଏ। ସହଯୋଗୀ ବ୍ୟବହାର ଦ୍ୱାରା କେବଳ



ଆତ୍ମୀୟତା ବଢ଼ିବା ସହ ପ୍ରଫେସନାଲ କ୍ଷେତ୍ରରେ ସମ୍ବନ୍ଧ ଆହୁରି ମଜଭୁତ ହୋଇଥାଏ।

**ନିଜ ଉପରେ ଭରସା ରଖନ୍ତୁ**

କୌଣସି କ୍ଷେତ୍ରରେ ସଫଳ ହେବାର ଅର୍ଥ ନୁହେଁ ଯେ ଏଇଠାରେ ହିଁ ସବୁକିଛି ଶେଷ ହୋଇଗଲା। ଆପଣଙ୍କୁ ପୁଣି ଆଗକୁ ଆଗେଇବାକୁ ପଡ଼ିବ। ଜୀବନ ରାସ୍ତାରେ ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ସମୟରେ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି। ତା'ସହ ବିପଦ ସମୟରେ ନିଜକୁ ସମ୍ଭାଳି ନେବାର ଆବଶ୍ୟକତା ରହିଛି। ଅହଙ୍କାର ଠାରୁ ଦୂରେଇ ରହିବା ଭଲ। ସଫଳତାକୁ କଦାପି ଅହଙ୍କାରରେ ବଦଳିବାକୁ ଦିଅନ୍ତୁ ନାହିଁ। ସଫଳତା ରାସ୍ତାରେ ଚାଲିବା ବେଳେ ହେଉ ଅବା ନିଜ ଲକ୍ଷ୍ୟ ହାସଲ ପରେ ସବୁବେଳେ ବିନମ୍ର ରୁହନ୍ତୁ। ଅନ୍ୟମାନଙ୍କ ପ୍ରତି କୃତଜ୍ଞତାର ମନୋଭାବ ପୋଷଣ କରନ୍ତୁ। ଏହି ସମୟରେ ନିଜର ଆତ୍ମବିଶ୍ୱାସ ଯେତେ ଦୃଢ଼ ହେବ ସେହି ଅନୁସାରେ ଆପଣ ହାସଲ କରିଥିବା ସଫଳତାକୁ ବଜାୟ ରଖିପାରିବେ।

**ଖରାପ ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ**

ସଫଳତା ରାସ୍ତାରେ ଖରାପ ଅଭ୍ୟାସ ଦ୍ୱାରା ଘେରିହୋଇ ରହୁଥିବା ଲୋକଙ୍କୁ ଅଧିକାଂଶ ଦେଖିବାକୁ ମିଳିଥାଏ। ଏଥିପାଇଁ ସଫଳତାକୁ କୌଣସି ସଂଜ୍ଞାହୀନ ବୋଲି କୁହନ୍ତୁ ନାହିଁ। ନିଜକୁ ଖାସ୍ ଦେଖାଇବାକୁ ହେଲେ ଅଜବ ପ୍ରକାର ଅଭ୍ୟାସର ଜାଲରେ ଫସନ୍ତୁ ନାହିଁ। ପ୍ରତିଥର ଆଜି କାମ ଆଜି ନ କରି କାଲିକୁ କରିବି-ପ୍ରଥମେ ଏଭଳି ମନୋଭାବ ଦୂର କରନ୍ତୁ। ପ୍ରତିଟି କାମକୁ ଯେଉଁ ସମୟରେ ତୁଲାଇବାର ଅଛି ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ।

**ଚିନ୍ତାଧାରା ବଦଳାନ୍ତୁ**

ସଫଳତା ହାସଲ କରିବା ପରେ କେତେକେ ଆବଶ୍ୟକତାଠାରୁ ଅଧିକ ଖୁସି ହୋଇଯାଆନ୍ତି। ସଫଳତା ବଜାୟ ରଖିବା ସହଜ କଥା ନୁହେଁ। ସେଥିପାଇଁ ନିଜର ଚିନ୍ତାଧାରାକୁ ବଦଳାନ୍ତୁ। ନିଜ ମନୋଭାବକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟାକରନ୍ତୁ। ସଫଳତା ପରେ ନିଜର ଆତ୍ମସମୀକ୍ଷା କରନ୍ତୁ। ଏହି ସମୟରେ ନିଜର ଦୋଷତ୍ରୁଟି ବିଷୟରେ ଅନେକାଂଶରେ ସୂଚନା ପାଇପାରିବେ।





ଫ୍ୟାଶନ

# ଭଇଣ୍ଟର ଫ୍ୟାଶନ

**ମହିଳାଙ୍କ ଲାଗି ବିଭିନ୍ନ ଡିଜାଇନ୍‌ର ସ୍ୱେଟର ଦେଖିବାକୁ ମିଳୁଛି, ଯାହାର ଏବେ ଟ୍ରେଣ୍ଡ ଚାଲିଛି। ତାଙ୍କ ଲାଗି କେତେକ ଅପ୍ସନ୍ ରହିଛି। ଶୀତ ଆସିଲା ମାନେ ମାର୍କେଟରେ ଗରମ କପଡ଼ାର ବହୁ ଡିଜାଇନ ଦେଖିବାକୁ ମିଳିଥାଏ। ସ୍ୱେଟର ଏପରି ଏକ ପରିଧାନ ଯାହା ଶୀତଦିନରେ ଷ୍ଟାଇଲ୍ ଓ କମ୍ଫର୍ଟ ଦୁଇଟି ଯାକ ଦେଇଥାଏ। ଏପରି କିଛି ସ୍ୱେଟର ବିଷୟରେ ସୂଚନା ଦିଆଯାଉଛି ଯାହାକୁ ଆପଣାଇ ପାରିବେ ...**



**କ୍ଲାସିକ୍ ଫୁଲ୍ ସ୍ଲିଭ୍ ସ୍ୱେଟର**

କ୍ଲାସିକ୍ ଫୁଲ୍ ସ୍ଲିଭ୍ ସ୍ୱେଟର ଏହା ସବୁ ବୟସର ମହିଳାଙ୍କ ଲାଗି ପର୍‌ଫେକ୍ଟ। ଏହା ଦେଖିବାକୁ ଷ୍ଟାଇଲିଶ୍ ହୋଇଥାଏ। ଏହି ସିଜିନରେ ହାଲ୍‌କା ରଙ୍ଗ ପେଷ୍ଟାଲଟୋନ୍ ସବୁଠାରୁ ଅଧିକ ପପୁଲାର। ଏହା ସବୁ ପ୍ରକାର ଆଉଟ୍‌ଫିଟ୍ ସହ ସହଜରେ ମ୍ୟାଚ୍ କରିଥାଏ।

**ଓଭର ସାଇଜ୍ ସ୍ୱେଟର**

କୁଲ୍ ଲୁକ୍ ସହ ଆରାମଦାୟକ ବି ହୋଇଥାଏ। ଏହାକୁ ଲେଗିଂସ୍ କିମ୍ବା ଟାଇଟ୍ ଜିନ୍ସ ସହ କ୍ୟାରି କରିବା ସବୁଠୁ ସହଜ। ଏହା ମଧ୍ୟ ଷ୍ଟାଇଲିଶ୍ କମ୍ବିନେସନ। ଏଥିସହ ଲଙ୍ଗ୍‌ବୁଟ୍ସ, ୱିଣ୍ଟର ଷ୍ଟାଇଲ୍‌କୁ ଆହୁରି ବଢ଼ାଇଥାଏ।

**କାର୍ଡିଗନ୍ ସ୍ୱେଟର**

ହାଲ୍‌କା ଏବଂ ସ୍ଲିମ୍ ଫିଟ୍ କାର୍ଡିଗନ କୌଣସି ବି ଶାଢ଼ି,ସ୍କର୍ଟ,ଟ୍ରାଉଜର ସହିତ ଖୁବ୍ ସହଜରେ ମ୍ୟାଚ୍ ହୋଇଯିବ। ଏହା ଲେୟାରିଂ ପାଇଁ ମଧ୍ୟ ବହୁ ପର୍‌ଫେକ୍ଟ।

**ହାଇବ୍ରିଡ୍ ସ୍ୱେଟର**

ହାଇବ୍ରିଡ୍ ସ୍ୱେଟର କହିଲେ ଯେମିତିକି ହୁଡ୍ ଥିବା ଜ୍ୟାକେଟ୍ । ଏହା ଷ୍ଟାଇଲିଶ୍ ହେବା ସହ ଥଣ୍ଡାରୁ ମଧ୍ୟ ରକ୍ଷା କରିଥାଏ। ଏହାକୁ ଜିନ୍ସ ଏବଂ ସ୍ନିକର ସହ ପିନ୍ଧି ସ୍ପୋର୍ଟି ଲୁକ୍ ଦେଇପାରିବେ।

**କଟ୍ ଆଉଟ୍ ସ୍ୱେଟର**

କଟ୍ ଆଉଟ୍ ସ୍ୱେଟରରେ ହାଲ୍‌କା କାନ୍ଧ ଥାଏ। ପଛ ଭାଗ ସମ୍ପୂର୍ଣ୍ଣ ଥାଏ। ଯାହା ଲୁକ୍‌କୁ ଆହୁରି ଷ୍ଟାଇଲିଶ୍ କରିଥାଏ। ଏହାକୁ ଜିନ୍ସ ଏବଂ ସ୍କର୍ଟ ସହ ପାର୍ଟି କାଜୁଆଲ ଦୁଇଟି ଲୁକ୍‌ରେ ପିନ୍ଧିପାରିବେ।

# ଗୃହିଣୀଙ୍କ ପାଇଁ...

**ଆଜିକାଲି ଫ୍ରିଜ୍ ବା ରେଫ୍ରିଜିରେଟର ବ୍ୟବହାର ଏକ ସାଧାରଣ କଥା ପାଲଟି ଗଲାଣି। ବିଭିନ୍ନ ଋତୁରେ ଏହାକୁ ଭିନ୍ନ ଭିନ୍ନ ମୋଡ୍‌ରେ ରଖି ଚଳାଇବାକୁ ପଡିଥାଏ। ତେବେ ବିଶେଷଭାବରେ ଶୀତଦିନେ ଏଥିପ୍ରତି ଅଧିକ ଗୁରୁତ୍ୱ ଦେବାକୁ ହୁଏ। ଜାଣନ୍ତୁ ସମ୍ପର୍କରେ...**



-ଫ୍ରିଜ୍‌ରେ ଖାଦ୍ୟ ପଦାର୍ଥ କେବେ ବି ଗରମ ଥିବା ଅବସ୍ଥାରେ ରଖନ୍ତୁ ନାହିଁ। ଗରମ ବାସନ ଫ୍ରିଜ୍ ଭିତରେ ରଖିବା ଦ୍ୱାରା ଫ୍ରିଜ୍ ମଧ୍ୟରେ ତାପମାନ ଅଚାନକ ବଢ଼ିଯାଏ। ଯାହା ଫଳରେ ବିଜୁଳିର ଖର୍ଚ୍ଚ ଅଧିକ ହୋଇଥାଏ। ଏହାଦ୍ୱାରା ଫ୍ରିଜ୍‌ର କମ୍ପ୍ରେସର ଉପରେ ପ୍ରଭାବ ପଡିଥାଏ।

-ଅଧିକାଂଶ ଲୋକ ଫ୍ରିଜ୍‌ରେ ଫଳରେ ପାଚିଲା କଦଳୀ ସେଓ,ନାସପାତି ଏଥିଲିନ୍ ଗ୍ୟାସ ଛାଡିଥାଏ। ଯାହା ପ୍ରାକୃତିକ ଗ୍ୟାସ ଫଳ ଏବଂ ପନିପରିବାକୁ ପଚାଉଥିବାରେ ସାହାଯ୍ୟ କରେ । ଫଳ ଏବଂ ପନିପରିବାକୁ ଅଲଗା ଅଲଗା କରି ରଖନ୍ତୁ।

-ଶୀତଦିନରେ ଫ୍ରିଜ୍‌ରେ ଆମେ ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ରଖି ଦେଇଥାଉ। ଏହାର ଓଭରଲୋଡ୍ କରିବା ଦ୍ୱାରା ଭିତରର ଥଣ୍ଡା ପବନର ସର୍କୁଲେସନ୍ ଠିକ୍ ଭାବେ ହୋଇ ନଥାଏ। ଫ୍ରିଜ୍‌ରେ ସବୁବେଳେ କିଛି ଖାଲି ସ୍ଥାନ ରଖନ୍ତୁ ।

-ଫ୍ରିଜ୍‌ରେ ଡୋର ସବୁବେଳେ ଖୋଲା ବନ୍ଦ କଲେ ତାହାର ପ୍ରଭାବ ଫ୍ରିଜ୍‌ର ତାପମାତ୍ରା ଉପରେ ପଡିଥାଏ। ଏଥିପାଇଁ ଚେଷ୍ଟା କରନ୍ତୁ ଫ୍ରିଜ୍‌କୁ ବେଶୀ ସମୟ ଖୋଲା ରଖନ୍ତୁ ନାହିଁ।

-ଶୀତଦିନରେ ଏହାର ମୋଡକୁ ସବୁବେଳେ ମିନିମମ୍ ରଖିବାକୁ ଚେଷ୍ଟା କରନ୍ତୁ।

ଖାଦ୍ୟରୁଚି

# ମିନି ପିଜା ପକେଟ୍ସ



**ଆବଶ୍ୟକ ସାମଗ୍ରୀ:** ଗହମ କିମ୍ବା ମଇଦା ୧ କପ୍, ଦହି ୨ ବଡ଼ ଚାମଚ, ବେକିଂ ପାଉଡର ଅଧା ଛୋଟ ଚାମଚ, ଛୋଟ ଆକାରରେ କଟାଯାଇଥିବା ମନପସନ୍ଦର ପନିପରିବା ଅଧାକପ୍, ଏବଂ ପିଆଜ, ପିଜା ସସ୍ ତିନୋଟି ବଡ଼ ଚାମଚ, ଅରେଗାନୋ ଏବଂ ଚିଲି ଫ୍ଲେକ୍ସ, ସ୍ୱାଦ ଅନୁସାରେ ଲୁଣ, ତେଲ ୨ ବଡ଼ ଚାମଚ ଏବଂ ଘିଅ ସେକିବା ଲାଗି।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଅଟାରେ ପାଣି, ଲୁଣ, ଛୋଟ ଚାମଚ ବେକିଂ ପାଉଡର, ଦହି ପକାଇ ଭଲଭାବେ ମିଶାଇ ପକାଇ ଚକଟି ତାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହି ଚକଟା ଅଟାକୁ ଏବେ ୧୦-୧୫ ମିନିଟ୍ ଢାଙ୍କି ରଖିଦିଅନ୍ତୁ। ଷ୍ଟଫିଙ୍ଗ୍ ଲାଗି ଏକ ପ୍ୟାନ୍ ନିଅନ୍ତୁ। ସେଥିରେ ପନିପରିବାକୁ ଭଲ ସେ ଭାଜି ଦିଅନ୍ତୁ। ଏବେ ଏଥିରେ ପିଜା ସସ୍, ଲୁଣ ଏବଂ ମସଲା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ ଅଟାର ଛୋଟ ଛୋଟ ଗୁଳାକରି ବେଲନ୍ତୁ। ମଝିରେ ପକେଟ୍ ପରି ଖୋଲା ରଖିଥିବା ସ୍ଥାନରେ ଷ୍ଟଫିଙ୍ଗ୍ ପୂରାନ୍ତୁ। ଏବେ ଏହାକୁ ତାୱାରେ ତେଲ ଦେଇ ସେକନ୍ତୁ। ଏହାକୁ ଏୟାର ଫ୍ରାୟରରେ କରିପାରିବେ କିମ୍ବା ମାଇକ୍ରୋୱେଭ୍‌ରେ ୧୦-୧୨ମିନିଟ୍ ପର୍ଯ୍ୟନ୍ତ ଫ୍ରାଏ କରିପାରିବେ।

ସୌନ୍ଦର୍ଯ୍ୟ

# ଶୀତଦିନରେ କେଶର ଯତ୍ନ

**ଶୀତଦିନ ଆରମ୍ଭ ହୋଇଗଲାଣି। ଏହା ସହ କେତେକଙ୍କ ପାଇଁ କେଶ ଝଡ଼ିବା ସମସ୍ୟା ଦେଖାଦେଉଛି। ଥଣ୍ଡା ଏବଂ ହାଲୁକା ପବନ ଆଦି କାରଣରୁ ସ୍କାଲ୍ପର ଶୁଖାପଣ କେଶକୁ ଦୁର୍ବଳ କରାଇଦିଏ। କିନ୍ତୁ ଚିନ୍ତା କରନ୍ତୁ ନାହିଁ। କେତୋଟି ଘରୋଇ ଉପାୟ ଆପଣାଇ ଏସବୁ ସମସ୍ୟାର ସମାଧାନ କରିପାରିବେ...**

**ଶୀତଦିନରେ କାହିଁକି ଅଧିକ କେଶ ଝଡ଼େ:** ଶୀତଦିନରେ କେଶ ଓଦାପଣ କମ୍ ହେବାକୁ ଲାଗେ। ଫଳରେ ସ୍କାଲ୍ପ ଡ୍ରାଏ ହୋଇଯାଏ ଏବଂ କେଶ ଛିଡ଼ିବା ଆରମ୍ଭକରେ। ଶୁଖିଲା ହେବା କାରଣରୁ ସ୍କାଲ୍ପରେ ମଇଳା ଜମାହେବାକୁ ଲାଗେ, ଯାହା ରୂପିର ରୂପ ନେଇଥାଏ। ଏହା ହେୟାର ଫଲ୍‌କୁ ଅଧିକ ବଢ଼ାଇ ଦେଇଥାଏ। ଏହିଦିନରେ ମେଟାବୋଲିଜମ୍ ଧୀରହେବା ସହ କମ୍ ପାଣି ପିଇବା ଦ୍ୱାରା କେଶକୁ ପର୍ଯ୍ୟାପ୍ତ ପରିମାଣରେ ପୋଷଣ ମିଳି ନ ଥାଏ।

**ନଖ ଉଷୁମ ତେଲରେ କରନ୍ତୁ ମାଲିସ୍:** ଏହିଦିନରେ କେଶକୁ ମସାଜ୍ କରିବା କେଶ ଲାଗି ବରଦାନ ତୁଲ୍ୟ ହୋଇଥାଏ। ଆପଣ ଏହିଦିନରେ ନଡ଼ିଆତେଲ, ବାଦାମତେଲକୁ ହାଲ୍‌କା ଗରମକରି ମୁଣ୍ଡରେ ଧୀରେଧୀରେ ମସାଜ୍ କରନ୍ତୁ। ଆଙ୍ଗୁଳି ସାହାଯ୍ୟରେ ଧୀରେ ପ୍ରତ୍ୟେକ କେଶକୁ ହାଲ୍‌କା ମସାଜ୍ କରନ୍ତୁ।

**ଏହିଦିନରେ ଲଗାନ୍ତୁ ହେୟାର ମାସ୍କ :** ସପ୍ତାହରେ ଥରେ କେଶକୁ ଡିପ୍ କଣ୍ଡିସନିଂ ଦେବା ଜରୁରୀ। ଅଣ୍ଡାର ଧଳା ଅଂଶ , ଦହି,ମହୁକୁ ଭଲଭାବେ ମିଶାଇ ଏକ ହେୟାର ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ୩୦ମିନିଟ୍ ପର୍ଯ୍ୟନ୍ତ କେଶରେ ଲଗାଇ ରଖନ୍ତୁ। ପୁଣି ମାଇଲ୍ଡ ସାମ୍ପୋ ଦ୍ୱାରା କେଶକୁ ଧୋଇଦିଅନ୍ତୁ। ଦହି ରୂପି ହେବାକୁ ଦିଏ ନାହିଁ, ଅଣ୍ଡା କେଶକୁ ପ୍ରୋଟିନ୍ ଦେଇଥାଏ ଏବଂ ମହୁ କେଶକୁ ଓଦାଳିଆ ରଖିବାରେ ସାହାଯ୍ୟ କରେ।

**ଶୀତଦିନରେ ପାଣି ଅଧିକ ପିଅନ୍ତୁ:** ଶୀତଦିନରେ ସାଧାରଣତଃ ଆମେ କମ୍ ପାଣି ପିଇଥାଉ। କିନ୍ତୁ ଏହି ଡିହାଇଡ୍ରେସନ୍ କାରଣରୁ ହେୟାର ଫଲ୍ ହୋଇଥାଏ। ଦିନକ ମଧ୍ୟରେ ପର୍ଯ୍ୟାପ୍ତ ପାଣି ପିଅନ୍ତୁ।

**ଗେଣ୍ଡୁଫୁଲ ଏବଂ ପିଆଜରସ ଲଗାନ୍ତୁ:** ଗେଣ୍ଡୁଫୁଲର ଏକ ପେଷ୍ଟ ନଡ଼ିଆତେଲରେ ମିଶାଇ ଲଗାନ୍ତୁ। ପିଆଜରୁ ରସ କାଢ଼ି ଏହାକୁ ସ୍କାଲ୍ପରେ ଲଗାଇ ୧ ଘଣ୍ଟା ପରେ ମୁଣ୍ଡକୁ ଭଲଭାବେ ଧୋଇଦିଅନ୍ତୁ। ଏହା କେଶ ଝଡ଼ିବା ସମସ୍ୟାକୁ କିଛି ମାତ୍ରାରେ କମ୍ କରିବାରେ ସାହାଯ୍ୟ କରିଥାଏ।





ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୮/୨୦୨୫ Bhubaneswar, Tuesday, November 18/ 2025


# ଅନିଲଙ୍କ ଶତକ: ଓଡ଼ିଶା ଅଗ୍ରଣୀ

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ନାଗାଲାଣ୍ଡ ବିପକ୍ଷ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି। ଚଳିତ ସିଜନରେ କୌଣସି ଦଳ ବିପକ୍ଷରେ ପ୍ରଥମଶ୍ରେଣୀ ଅଗ୍ରଣୀ ନେବା ଓଡ଼ିଶା ପାଇଁ ଏହା ପ୍ରଥମ। ଯୁବ ବ୍ୟାଟର ଅନିଲ ପରିଡ଼ା ନିଜ ରଣଜୀ କ୍ୟାରିୟରରେ ପ୍ରଥମ ଶତକ ହାସଲ କରିଛନ୍ତି। ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନ ସଂଗ୍ରହ କରିଥିବାବେଳେ ନାଗାଲାଣ୍ଡ ପ୍ରଥମ ଇନିଂସ ୧୬୧ ରନରେ ସୀମିତ

## ରଣଜୀ ଟ୍ରଫି

- ଦ୍ୱିତୀୟ ଦିବସରେ ୧୫ ଉଇକେଟର ପତନ
- ନାଗାଲାଣ୍ଡ ପ୍ରଥମ ଇନିଂସ ୧୬୧ରେ ସୀମିତ

ରହିଛି। ଘରୋଇ ପରିବେଶରୁ ଓଡ଼ିଶା ବୋଲରମାନେ ପ୍ରଥମଥର ପାଇଁ ଫାଇଦା ଉଠାଇ ନାଗାଲାଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରଥମ ଇନିଂସରେ ୧୧୪ ରନରେ ଅଗ୍ରଣୀ ରହିଥିବା ଓଡ଼ିଶା ସୋମବାର ଦ୍ୱିତୀୟ ଦିବସ ଶେଷ ବେଳକୁ ୧୬ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଫଳରେ ୮ ଉଇକେଟ ହାତରେ ଥାଇ ଓଡ଼ିଶା ମୋଟ ୧୩୦ ରନରେ ଅଗ୍ରଣୀଲାଭ କରିଛି। ଗୌରବ ଚୌଧୁରୀ ୭ ଓ ସାୱନ ପହାରିଆ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଛନ୍ତି। ନାଗାଲାଣ୍ଡର ଇମ୍‌ଲିୱାତି ଲେମଟୁର ଓ ଭିନୋ ଝିମୋନି ଗୋଟିଏ ଲେଖାଏ


ଶତକ ହାସଲ ପରେ ଅନିଲ ପରିଡ଼ା।

ଉଇକେଟ ନେଇଛନ୍ତି। ଦ୍ୱିତୀୟ ଦିବସରେ ୧୫ ଉଇକେଟର ପତନ ଘଟିଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ଆଶା କରାଯାଉଛି। ତୃତୀୟ ଦିବସର ପ୍ରଥମ ଦୁଇ ସେସନରେ ଦୃଢ଼ ବ୍ୟାଟିଂ କରି ବଡ଼ ଟାର୍ଗେଟ ଛିଡ଼ା କରିପାରିଲେ ଓଡ଼ିଶା ଫାଇଦାରେ ରହିପାରିବ।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୪୩/୭ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଦିବସ ପୂର୍ବାହ୍ନରେ ଆଉ ୩୨ ରନ ଯୋଗକରି ଅବଶିଷ୍ଟ ୩ ଉଇକେଟ ହରାଇଥିଲା। ଶତକ ହାସଲକାରୀ ଅନିଲ ପରିଡ଼ା ୧୧୮ ରନରେ ଅପରାଜିତ ରହିଥିବାବେଳେ ରାଜେଶ ମହାନ୍ତି ୧୪ ଏବଂ ତାପସ ଦାସ ଓ ବାଦଲ ବିଶ୍ୱାଳ ଖାତା ଖୋଲିପାରି ନ ଥିଲେ। ନାଗାଲାଣ୍ଡର ରଙ୍ଗସେନ ଜୋନାଥନ, ରୋନିତ ମୋରେ ଓ ଇମଲିୱାତି ଲେମଟୁର ଉଇକେଟ ୩ଟି ବାଣ୍ଟି ନେଇଥିଲେ।

ନାଗାଲାଣ୍ଡ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲା। ଓପନିଂ ଯୋଡ଼ିରେ ୫୨ ରନର ଭାଗୀଦାରି ପରେ ସେଦେଝାଲି ରୁପେରୋ (୧୭)ଙ୍କୁ ସମ୍ବିତ ବରାଳ ଆଉଟ କରିବାପରେ

## କିଟ୍ ଗ୍ରାଉଣ୍ଡ ଅନିଲଙ୍କ ପାଇଁ ସ୍ମରଣୀୟ

କିଟ୍ କ୍ରିକେଟ ଗ୍ରାଉଣ୍ଡ ଅନିଲ ପରିଡ଼ାଙ୍କ ପାଇଁ ସ୍ମରଣୀୟ ହୋଇଛି। କାରଣ ନିଜର ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ସେ ଏଠାରେ ପ୍ରଥମଥର ପାଇଁ ଶତକ ହାସଲ କରିଛନ୍ତି। ଚଳିତ ସିଜନରେ କୌଣସି ଓଡ଼ିଶା ଖେଳାଳିଙ୍କ ପାଇଁ ମଧ୍ୟ ଏହା ପ୍ରଥମ ରଣଜୀ ଶତକ। ୨୧୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅନିଲ ୧୨ ଚୌକା ଓ ୧ ଛକା ସହାୟତାରେ ୧୧୮ ରନରେ ଅପରାଜିତ ରହିଥିବାବେଳେ ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ପୂର୍ବରୁ ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବୋଚ୍ଚ ସ୍କୋର ଥିଲା ୯୯* ରନ। ଚଳିତବର୍ଷ ପ୍ରାରମ୍ଭରେ ଜାନୁଆରୀ ୩୦ରୁ ଫେବୃଆରୀ ୨ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ଏକମାତ୍ର ମ୍ୟାଚର ଦ୍ୱିତୀୟ ଇନିଂସରେ ଓଡ଼ିଶା ଅଲ୍‌ଆଉଟ ହେବା ବେଳକୁ ସେ ୯୯ ରନରେ ଅପରାଜିତ ରହିଥିଲେ। ଚଳିତ ସିଜନରେ ନାଇଣ୍ଟିଜ୍ ମଧ୍ୟରେ ପ୍ରବେଶ କରି ଶତକ ହାସଲ କରିପାରି ନ ଥିବା ଅନ୍ୟ ୨ ଖେଳାଳି ହେଲେ ରାଜେଶ ଧୂପର (୯୪ ରନ) ଓ ବିପ୍ଳବ ସାମନ୍ତରାୟ (୯୨)।

ନାଗାଲାଣ୍ଡ ଇନିଂସ ଦିଗହରା ହୋଇଯାଇଥିଲା। ଓପନର ଡେଗା ନିଶ୍ଚଳ ୭୨ ରନର ଦୃଢ଼ ଇନିଂସ ଖେଳିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ନାଗାଲାଣ୍ଡ ୫୭.୩ ଓଭରରେ ୧୬୧ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ରୋନିତ ମୋରେ ଦ୍ୱିତୀୟ ସର୍ବାଧିକ ୨୫ ରନ କରିଥିବାବେଳେ ୭ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଓଡ଼ିଶାର ସବୁ ବୋଲର ଭଲ ବୋଲିଂ କରିଥିଲେ। ରାଜେଶ ମହାନ୍ତି, ସମ୍ବିତ ବରାଳ ଓ ଗୋବିନ୍ଦ ପୋଦ୍ଦାର ୩ଟି ଲେଖାଏ ଏବଂ ତାପସ ଦାସ ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/ଅଲଆଉଟ (ଅନିଲ ପରିଡ଼ା–୧୧୮*, ବିପ୍ଳବ ସାମନ୍ତରାୟ–୯୨, ରଙ୍ଗସେନ ଜୋନାଥନ–୩/୬୭, ରୋନିତ ମୋରେ–୩/୬୪, ଇମଲିୱାତି ଲେମଟୁର–୩/୨୬, ଦୀପ ବୋରା–୧/୩୪)। ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ (ଡେଗା ନିଶ୍ଚଳ–୭୨, ରୋନିତ ମୋରେ–୨୫, ରାଜେଶ ମହାନ୍ତି–୩/୪୯, ସମ୍ବିତ ବରାଳ–୩/୩୩, ଗୋବିନ୍ଦ ପୋଦ୍ଦାର–୩/୨୨, ତାପସ ଦାସ–୧/୧୭)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୬/୨।

# ଡିସେମ୍ବର ୧ରୁ ଅନ୍‌ଲାଇନ, ୫ରୁ ଅଫ୍‌ଲାଇନ ଟିକେଟ ବିକ୍ରି


ସମୀକ୍ଷା ବୈଠକରେ ଉପସ୍ଥିତ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

କଟକ,୧୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

- ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦
- ୬ କାଉଣ୍ଟରରେ ମିଳିବ ଟିକେଟ
- ଗ୍ୟାଲେରି କାର୍ଯ୍ୟ ଚାଲିଥିବା ଯୋଗୁ କମିବ ଟିକେଟ ସଂଖ୍ୟା

ଭାରତ ଓ ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ଡିସେମ୍ବର ୧ରୁ ଅନ୍‌ଲାଇନ ଟିକେଟ ବିକ୍ରି କରାଯିବ। ସେହିପରି ଡିସେମ୍ବର ୩ ଓ ୪ରୁ ଅନୁବନ୍ଧିତ ଅନୁଷ୍ଠାନଗୁଡ଼ିକୁ ଟିକେଟ ପ୍ରଦାନ କରାଯିବ ଏବଂ ୫ ତାରିଖରେ ଅଫ୍‌ଲାଇନ ଟିକେଟ ବିକ୍ରି କରାଯିବ। ଗୋଟିଏ ଦିନରେ ୬ଟି କାଉଣ୍ଟରରେ ଟିକେଟ ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଛି। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନ ଓ ୱେବସାଇଟରେ ଅନଲାଇନ ଟିକେଟ ଉପଲବ୍ଧ ହେବ। ୭ଟି ଗ୍ୟାଲେରୀ ସିଟକୁ ଚଉଡା କରାଯାଉଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ ଗୁଡିକୁ ୨୨ଇଞ୍ଚ କରାଯାଉଛି। ଗ୍ୟାଲେରୀ ନଂ ୫ ଓ ୬ରେ ଏହି ନିର୍ମାଣ କାମ ଶେଷ ହୋଇଥିବାବେଳେ ଅବଶିଷ୍ଟ ଗ୍ୟାଲେରୀ ଗୁଡିକର ନବୀକରଣ କାର୍ଯ୍ୟ ଜାରି ରହିଛି। ତେଣୁ ଏଥର ଟିକେଟ୍ ସଂଖ୍ୟା କମିବ ବୋଲି ସୂଚନା ମିଳିଛି। ଟି୨୦ ମ୍ୟାଚ୍‌କୁ ନଜରରେ ରଖି କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗତ ମ୍ୟାଚ୍ ସମୟରେ ବିଦ୍ୟୁତ୍ ବିଭ୍ରାଟ ଓ ଟିକେଟ କାଉଣ୍ଟରରେ ଅବ୍ୟବସ୍ଥାର ଯେପରି ପୁନରାବୃତ୍ତି ନ ହେବ ଏବଂ ସୁବ୍ୟବସ୍ଥିତ ଭାବେ ଏହାକୁ ପରିଚାଳନା କରାଯିବା ସହ ଅନ୍ୟାନ୍ୟ ବିଷୟ ଉପରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ)ର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଛି।

ଏନେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ଷ୍ଟାଡିୟମରେ ବିଦ୍ୟୁତ୍ ଓ ଷ୍ଟ୍ରକ୍‌ଚରାଲ ସେଫ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହାସହ ଖାଦ୍ୟ, ମେଡିକାଲ ସୁବିଧା, ସାନିଟାଇଜେଶନ ଆଦି ଉପରେ ନଜର ରଖାଯିବ। ଟିକେଟ କାଉଣ୍ଟର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ସୁରକ୍ଷା କଡ଼ାକଡ଼ି କରାଯିବ। ଟିକେଟ କିଣିବାକୁ ଆସୁଥିବା ଲୋକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯିବ। ମୁଖ୍ୟତଃ ପିଇବା ପାଣିର ବ୍ୟବସ୍ଥା କରାଯିବ। ଗତ ମ୍ୟାଚ୍ ସମୟରେ ଯେପରି ବିଦ୍ୟୁତ୍ ସମସ୍ୟା ହୋଇଥିଲା ତାହାକୁ ନଜରରେ ରଖି ପାୱାର ବ୍ୟାକ୍‌ଅପ ଓ ଡିଜି ରଖାଯିବ। ଏବେଠୁ ଷ୍ଟାଡିୟମରେ ସମସ୍ତ କାମର ଯାଞ୍ଚ କରାଯିବ ଏବଂ ଯାହା ଆବଶ୍ୟକ ଥିବ ତାହା ସମ୍ପୂର୍ଣ୍ଣ କରାଯିବ। ଏହାସହ ବିଦ୍ୟୁତ୍ ମରାମତି ଟିମ୍, ସାନିଟାଇଜେଶନ ଟିମ୍, ମେଡିକାଲ ଟିମ୍ ଆଦି ଅନ୍ୟାନ୍ୟ ୫ଟି ଟିମ୍ ପାଇଁ ଗ୍ରୀନ୍ କରିଡରର ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମ୍ୟାଚ୍‌କୁ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସିନ୍ଦେ କହିଛନ୍ତି। ଅନ୍ୟପଟେ ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି, ଦର୍ଶକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବ। ଚଳିତଥର ସିନିୟର ସିଟିଜେନଙ୍କ ପାଇଁ କାର୍ଟର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ସୁରୁଖୁରୁରେ ଗ୍ୟାଲେରିକୁ ଯାଇପାରିବେ। ଟିକେଟ ପାଇଁ ପୂର୍ବ ରାତିରୁ ଧାଡ଼ିରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯିବ। ଚଳିତଥର ବାଉଁଶ ବ୍ୟାରିକେଡ୍ ନୁହେଁ ବରଂ ଲୁହା ବ୍ୟାରିକେଡ୍ କରାଯିବ। ଆଗାମୀ ମ୍ୟାଚ୍‌ରେ କୌଣସି ଗଣ୍ଡଗୋଳ ହେବ ନାହିଁ ବୋଲି ଆଶା କରୁଛୁ। ଏହାସହ ୧, ୩, ୫ ଓ ୬ ନଂ. ଗ୍ୟାଲେରିରେ ସିଟ୍ ସଂଖ୍ୟା କମିବ ଏବଂ କେଉଁ ଗ୍ୟାଲେରିରେ କେତେ ସଂଖ୍ୟାର ଟିକେଟ କରାଯିବ ସେ ନେଇ ଆଲୋଚନା କରାଯାଇ ବ୍ୟବସ୍ଥା କରାଯିବ ବୋଲି ବେହେରା କହିଛନ୍ତି।

# ଅଧିନାୟକ, ଅମ୍ପାୟର, ଅଫିସିଆଲ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୭।୧୧ (ତପନ ସ୍ୱାଇଁ)

କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଶେଷରେ ଓଡ଼ିଶା ଓ ନାଗାଲାଣ୍ଡ ଦଳର ଖେଳାଳି ଓ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଉପସ୍ଥିତ ରହି ଅମ୍ପାୟର ଏବଂ ଦୁଇ ଦଳର ଅଧିନାୟକ ଓ ମ୍ୟାନେଜରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କିଟ୍ ଗ୍ରାଉଣ୍ଡରେ ରଣଜୀ ଟ୍ରଫି ମ୍ୟାଚ ଆୟୋଜନର ସୁଯୋଗ ଦେଇଥିବାରୁ ଅଚ୍ୟୁତ ଓସିଏ ସଭାପତି ପଙ୍କଜ


ଓଡ଼ିଶା ଓ ନାଗାଲାଣ୍ଡ ଦଳର ଖେଳାଳି ଓ ଅଫିସିଆଲଙ୍କ ସହ ଅତିଥିବୃନ୍ଦ।

ଲୋଚନ ମହନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ଧନ୍ୟବାଦ ଦେଇଛନ୍ତି। ବର୍ତ୍ତମାନ ନାଗାଲାଣ୍ଡ ଦଳର କୋଚ୍ ଥିବା ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏହି ଅବସରରେ ଭାବପ୍ରବଣ ହୋଇଥିଲେ। ତାଙ୍କ ନାମରେ ଷ୍ଟାଡିୟମର ଏକ ଗ୍ୟାଲେରିକୁ ନାମିତ କରାଯାଇଥିବାରୁ ସେ ଅଚ୍ୟୁତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସେ କିଟ୍ ଓ କିସ୍ ପରିସରରେ ଉପଲବ୍ଧ ଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିର ପ୍ରଶଂସା କରିଥିଲେ। ପ୍ରକାଶଯୋଗ୍ୟ, ଆଇକନିକ କିଟ୍ କ୍ରିକେଟ ଷ୍ଟାଡିୟମରେ ପୂର୍ବରୁ ୧୨ ରଣଜୀ ଟ୍ରଫି ମ୍ୟାଚ ହୋଇସାରିଛି।

## ଅନୁୟା ସ୍ୱର୍ଣ୍ଣ, ପ୍ରାଞ୍ଜଳିଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୧୭।୧୧ (ପି.ଟି.): ଭାରତର ଅନୁୟା ପ୍ରସାଦ ଓ ପ୍ରାଞ୍ଜଳି ପ୍ରଶାନ୍ତ ଧୂମଲ ଟୋକିଓଠାରେ ଚାଲିଥିବା ବଧିର ଅଲିମ୍ପିକ୍ସର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ହାସଲ କରିଛନ୍ତି। ଅନୁୟା ବଧିର ଫାଇନାଲ ବିଶ୍ୱ ରେକର୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରାଞ୍ଜଳି କ୍ୱାଲିଫିକେଶନ ବିଶ୍ୱ ରେକର୍ଡ ସ୍କୋର ସହ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଅନ୍ୟପକ୍ଷରେ ପୁରୁଷ ୧୦ମିଟର ଏୟାର ପିସ୍ତଲରେ ଅଭିନବ ଦେଶୱାଲ କ୍ୱାଲିଫିକେଶନ ବିଶ୍ୱ ରେକର୍ଡ ସହ ରୌପ୍ୟ ଜିତିଥିଲେ।

# ଜାନୁଆରୀ ୭ରୁ ହୋଇପାରେ ଡବ୍ଲ୍ୟୁପିଏଲ୍

ନୂଆଦିଲ୍ଲୀ, ୧୭।୧୧

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ସଂସ୍କରଣ ଆସନ୍ତା ବର୍ଷ ଜାନୁଆରୀ ୭ରୁ ଫେବୃଆରୀ ୩ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ହେବାର ବିଶେଷ ସମ୍ଭାବନା ରହିଛି। ଡବ୍ଲ୍ୟୁପିଏଲ୍‌ର ଚତୁର୍ଥ ସଂସ୍କରଣ ଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁମ୍ବାଇ ଓ ବରୋଦାକୁ ଭେନ୍ୟୁ ଭାବେ ଚୟନ କରିଛି। ପ୍ରଥମ ପର୍ଯ୍ୟାୟ ନଭି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମରେ ହେବ। ଯଦି ସବୁ କିଛି ଯୋଜନା ମୁତାବକ ଚାଲେ, ତେବେ ଫାଇନାଲ ବରୋଦାସ୍ଥିତ କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ।

# ଟାଇଟଲ ବଜାୟ ରଖିଲେ ସିନର

ତୁରିନ୍, ୧୭।୧୧ (ଏପି)

ଜାନିକ ସିନର ଏଟିପି ଫାଇନାଲ୍ସ ଟାଇଟଲ ବଜାୟ ରଖିଛନ୍ତି। ରବିବାର ରାତିରେ ଅନୁଷ୍ଠିତ ଟାଇଟଲ ମୁକାବିଲାରେ ସେ

## ଏଟିପି ଫାଇନାଲ୍ସ

ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ କାର୍ଲୋସ ଅଲ୍‌କାରାଜଙ୍କୁ ୭–୬ (୪), ୭–୫ ସେଟ୍‌ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ଏହି ଦୁଇ ଖେଳାଳିଙ୍କର ପୁରୁଷ ଟେନିସରେ ଆଧିପତ୍ୟ ରହିଛି। ଚଳିତବର୍ଷ ଦୁହେଁ ବିଭିନ୍ନ ଟୁର୍ନାମେଣ୍ଟରେ ପରସ୍ପରକୁ ୬ଥର ଭେଟିଛନ୍ତି। ସିନର ତାଙ୍କ ଦେଶ ଇଟାଲୀରେ ଘରୋଇ ସମର୍ଥକଙ୍କ ଉପସ୍ଥିତିରେ ଏହି ବିଜୟ ଲାଭ କରିଛନ୍ତି। ଚଳିତବର୍ଷ ଅଲ୍‌କାରାଜଙ୍କ ବିପକ୍ଷରେ ଏହା ଥିଲା ଦ୍ୱିତୀୟ ବିଜୟ। ପୂର୍ବରୁ ସ୍ପାନିଶ ଖେଳାଳିଙ୍କୁ ୱିମ୍ବେଲଡନ ଫାଇନାଲରେ ପରାସ୍ତ କରିଥିଲେ। ବର୍ଷର ଶ୍ରେଷ୍ଠ ୮ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇ ଆସୁଥିବା ଏହି ଇଭେଣ୍ଟରେ ପ୍ରଥମଥର ଫାଇନାଲକୁ ଉନ୍ନୀତ ହୋଇପାରିଥିଲେ। ଏଥିରେ ପରାଜିତ ହୋଇଥିଲେ ମଧ୍ୟ ପୂର୍ବରୁ ସେ ବର୍ଷ ଶେଷର ନମ୍ବର–୧ ର୍‍ୟାଙ୍କିଂ ହାସଲ କରିସାରିଛନ୍ତି।

# ଗୁରପ୍ରୀତଙ୍କୁ ରୌପ୍ୟ ପଦକ

କାଇରୋ, ୧୭।୧୧ (ପି.ଟି.)

ଅଲିମ୍ପିଆନ ତଥା ଭାରତୀୟ ଶୁଟର ଗୁରପ୍ରୀତ୍ ସିଂ ସ୍ଥାନୀୟ ଅଲିମ୍ପିକ ଶୁଟିଂ ରେଞ୍ଜ୍‌ରେ ଚାଲିଥିବା ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍‌ର ପୁରୁଷ ୨୫ମିଟର ସେଣ୍ଟର ଫାୟର ପିସ୍ତଲ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନ ହେବାଲାଗି ସମ୍ଭାବନା ସୃଷ୍ଟି କରିଥିଲେ, ମାତ୍ର ୟୁକ୍ରେନ୍‌ର ପାଭଲୋ କୋରୋସ୍ତିଲୋଭଙ୍କଠାରୁ ଇନର ୧୦ଏସ୍‌ରେ ପରାଜିତ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଗୁରପ୍ରୀତଙ୍କର ଏହା ହେଉଛି ଦ୍ୱିତୀୟ ପଦକ। ପୂର୍ବରୁ ୨୦୧୮ରେ ଚାଙ୍ଗଓନ୍‌ଠାରେ ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ମଧ୍ୟ ସେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ଏଠାରେ ଫ୍ରାନ୍ସର ୟାନ ପିଏରେ ଲୋଇସି ଫ୍ରିଦ୍ରିସି ବ୍ରୋଞ୍ଜ ପଦକ ପାଇଛନ୍ତି। ଭାରତ ମୋଟ ୧୩ ପଦକ ସହ ତୃତୀୟ ସ୍ଥାନ ଅଧିକାର କରିଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ